ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୪/୨୦୧୯ (୨୦ ପୃଷ୍ଠା) Bhubaneswar, Friday, January 4/ 2019 | ★★★★★★

୪୫ଶ ଭାଗ ୪୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

ଟମ୍ବଏ ଭୂମିକାରେ ସୋନମ୍ ଅରୋରା

ୱେବ୍ ସିରିଜ୍ 'ଗାନ୍ଧୀ ବାତ୍ ୨'ର ଏକ ଏପିସୋଡ୍‌ରେ ଅଭିନେତ୍ରୀ ସୋନମ୍ ଅରୋରା ଟମ୍ବଏ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ।

୦୮

୧୯

ଚେତେଶ୍ୱର ପୂଜାରାଙ୍କ ଶତକ

ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାର ଆରମ୍ଭ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ଭାରତର ଚେତେଶ୍ୱର ପୂଜାରା ।

୧୮ରେ ଓଡ଼ିଶା ଆସିବେ ଶାହ



ଅମିତ ଶାହ

ଭୁବନେଶ୍ୱର, ୩।୧(ବ୍ୟୁରୋ)

ଭାଜପାକୁ ଓଡ଼ିଶାରେ ଶକ୍ତିଶାଳୀ କରିବା ପାଇଁ ଦଳର କେନ୍ଦ୍ରୀୟ ନେତୃତ୍ୱ ଜୋର୍‌ଦାର୍ ଉଦ୍ୟମ ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘନଘନ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ନିକଟରେ ମୋଦି ଖୋର୍ଦ୍ଧା ଗସ୍ତରେ ଆସିଥିବାବେଳେ ଆସନ୍ତା ୫ରେ ପୁଣି ବାରିପଦା ☞ପୃଷ୍ଠା–୧୪

■ ହୀରାକୁଦ ଜଳଭଣ୍ଡାରରେ ଡଙ୍ଗା ବୁଡ଼ି

ମତ୍ସ୍ୟଜୀବୀ ମୃତ

ଲଖନପୁର,୩।୧(ଡି.ଏନ୍.ଏ.)

ଗୁରୁବାର ହୀରାକୁଦ ଜଳଭଣ୍ଡାରରେ ମାଛମାରିବା ବେଳେ ଏକ ଦୁର୍ଘଟଣା ଘଟିଛି। ଡଙ୍ଗା ବୁଡିଯିବାରୁ ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଗମୁଣ୍ଡା ଲମ୍‌ଟକ୍ରାପଡାର ମଗତିରି ସେଠ୍(୬୫)। ଲଖନପୁର ଥାନା ପୋଲିସ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ଡାକ୍ତରଖାନା ପଠାଇଛି। ମତ୍ସ୍ୟଜୀବୀ ସେଠ୍ ଗୁରୁବାର ସକାଳ ୮ଟାରେ ନିଜ ଡଙ୍ଗାଧରି ଜଳଭଣ୍ଡାରକୁ ମାଛ ମାରିବା ପାଇଁ ଯାଇଥିଲେ। ସେ ଜାଲ ବିଛାଉ ଥିବାବେଳେ ଅସାବଧାନତାବଶତଃ ଡଙ୍ଗାଟି ପାଣିରେ ବୁଡି ଯାଇଥିଲା। ସେଠ୍ ଜାଲରେ ଛନ୍ଦି ହୋଇଯାଇଥିବାରୁ ଆଉ ପହଁରି ପାରି ନ ଥିଲେ। କିଛି ଦୂରରେ ମାଛ ମାରୁଥିବା ☞ପୃଷ୍ଠା–୧୪

ଡଙ୍ଗାବୁଡ଼ି ଘଟଣାରେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ଗୁରୁବାର କୁଜଙ୍ଗଠାରେ ହସିଣା ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

■ ନିପାଣିଆ ଡଙ୍ଗାବୁଡ଼ିରେ ୯ମୃତ୍ୟୁ ଘଟଣା

ଏକ ସଙ୍ଗେ ଜଳିଲା ୮ଜୁଇ

କୁଜଙ୍ଗ,୩।୧(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ହୁକିଟୋଲାରୁ ବଣଭୋଜି ସାରି ବୁଧବାର ସନ୍ଧ୍ୟାରେ ଫେରୁଥିବାବେଳେ ମହାକାଳପଡ଼ା ବ୍ଲକ ବଡିଘର ପଞ୍ଚାୟତ ଅଧୀନ ନିପାଣିଆ ଗ୍ରାମ ବାଲିଘାଟ ନିକଟ ଖୋଲାନଦୀରେ ଏକ ଡଙ୍ଗା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୭ଶିଶୁଙ୍କ ସମେତ ୯ଜଣଙ୍କ ମୃତ୍ୟୁ ଘଟିଛି। ଏପରି କି ଜଣେ ୬ବର୍ଷର ଶିଶୁ କନ୍ୟା ଏବେବି ନିଖୋଜ ଅଛନ୍ତି। ମୃତକଙ୍କ ମଧ୍ୟରୁ ୮ଜଣଙ୍କ ଘର ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ହସିଣା ଗ୍ରାମରେ ହୋଇଥିବାବେଳେ ଅନ୍ୟ ଜଣଙ୍କ ଘର ଗଣ୍ଡିଳିପୁରରେ ବୋଲି ଜଣାପଡ଼ିଛି। ଗୁରୁବାର ସନ୍ଧ୍ୟାରେ ଶୋକାକୁଳ ପରିବେଶ ମଧ୍ୟରେ ହସିଣା ଗ୍ରାମର ଶ୍ମଶାନରେ ଏକ ସଙ୍ଗେ ୮ଟି ଜୁଇ ଜଳିଥିବାବେଳେ ଗଣ୍ଡିଳିପୁରରେ ଗୋଟିଏ ଜୁଇ ଜଳିଛି। ଓଡ୍ରାଫ୍ ଟିମ୍ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଗୁରୁବାର ସକାଳ ସୁଦ୍ଧା ୯ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପରେ ମୃତଦେହଗୁଡ଼ିକୁ କୁଜଙ୍ଗ ଡାକ୍ତରଖାନାକୁ ଅଣା ଯାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମାତ୍ର ମୃତକଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଦାବିରେ ହସିଣା ଗ୍ରାମବାସୀ ଜିଦ୍ ଧରିଥିଲେ। ପ୍ରତ୍ୟେକ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ୪ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଥିବାବେଳେ ଗ୍ରାମବାସୀ କିନ୍ତୁ ଏହାକୁ ସର୍ବନିମ୍ନ ୧୦ଲକ୍ଷ ଟଙ୍କାକୁ ବୃଦ୍ଧିକରିବାକୁ ଦାବି କରିଥିଲେ। ଏପରି କି ଗ୍ରାମବାସୀ କଟକ–ପାରାଦୀପ ରାସ୍ତାର ୧୫ନମ୍ବର ଛକଠାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। କଟକ–ପାରାଦୀପ ରାସ୍ତା ଅବରୋଧ ଯୋଗୁ ଶହ ଶହ ସଂଖ୍ୟାରେ ଗାଡ଼ିମୋଟର ଅଟକି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଥିଲା। ଅପରାହ୍ନ ୩ଘଟିକା ସମୟରେ ଜଗତ୍‌ସିଂହପୁର ଜିଲାପାଳ ଯାମିନୀ ଷଡ଼ଙ୍ଗୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ସହ ଦୁର୍ଘଟଣା ଘଟିଥିବା ମାଛଧରା ଡଙ୍ଗାର ୨ଜଣ ନାଉରିଙ୍କୁ ☞ପୃଷ୍ଠା–୪

- କ୍ଷତିପୂରଣ ଦାବିରେ ରାସ୍ତାରେ ବସିଲେ ଗ୍ରାମବାସୀ
- ପ୍ରଶାସନ ସହ ଆଲୋଚନା ପରେ ସନ୍ଧ୍ୟା ୭ଟାରେ ହଟିଲା ରାସ୍ତାରୋକୋ
- ମୃତକଙ୍କୁ ୧୦ଲକ୍ଷ ଲେଖାଏ ଦେବାକୁ ଦାବି
- ୧୧ରେ ପୁଣି ଆଲୋଚନା
- ଡଙ୍ଗା ଚାଳକଙ୍କୁ ଛାଡ଼ିଲା ପୋଲିସ

ସାବରିମାଲାରେ ମହିଳାଙ୍କ ପ୍ରବେଶକୁ ବିରୋଧ

କେରଳ ବନ୍ଦ ବେଳେ ହିଂସା

ଥିରୁଭାନନ୍ତପୁରମ୍,୩।୧

ସାବରିମାଲା ମନ୍ଦିରରେ ୫୦ ବର୍ଷରୁ କମ୍ ବୟସର ଦୁଇ ମହିଳାଙ୍କ ପ୍ରବେଶକୁ ବିରୋଧ କରି ଗୁରୁବାର କେରଳରେ ବନ୍ଦ ପାଳନ ବେଳେ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଛି। ଏଥିରେ ୩୮ ପୋଲିସ କର୍ମଚାରୀଙ୍କ ସମେତ ଶତାଧିକ ଆହତ ହୋଇଛନ୍ତି। ମହିଳା ପ୍ରବେଶକୁ ନେଇ ବୁଧବାର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷରୁ ଜଣେ ଭାଜପା କର୍ମୀଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ

ଜଣେ ମୃତ, ଶତାଧିକ ଆହତ

ଉତ୍ତେଜନା ତୀବ୍ର ହୋଇଥିଲା।

ମହିଳାଙ୍କୁ ମନ୍ଦିର ପ୍ରବେଶ କରାଇବାରେ ସରକାର ସହାୟତା କରିଥିବା ଅଭିଯୋଗ କରି ସାବରିମାଲା କର୍ମ ସମିତି ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଭାଜପା ଏହି ବନ୍ଦକୁ ସମର୍ଥନ କରିଥିବାବେଳେ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ୟୁଡିଏଫ) କଳାଦିବସ ପାଳନ କରିଥିଲା। ଏଭଳି ହିଂସାତ୍ମକ ବନ୍ଦ ପାଳନ କେରଳରେ ପୂର୍ବରୁ କେବେ ଦେଖାଯାଇ ନ ଥିଲା।

ଥ୍ରିସୁରରେ ବନ୍ଦ ପାଳନ କରୁଥିବା ୪ ଭାଜପା କର୍ମୀଙ୍କୁ ଛୁରାମାଡ଼ ହୋଇଥିଲା। ପଣ୍ଡଲମ, କୋଝିକୋଡେ, କସରଗୋଡେ ଏବଂ ଓଟ୍ଟାପାଲାମଠାରେ ☞ପୃଷ୍ଠା–୪

କେତେ ମଲେ ଚେତିବେ

ଭୁବନେଶ୍ୱର,୩।୧(ବ୍ୟୁରୋ)

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକର ଖୋଲାନଦୀ ବାଲିଘାଟଠାରେ ବୁଧବାର ସନ୍ଧ୍ୟାରେ ହୋଇଥିବା ଡଙ୍ଗାବୁଡି ଘଟଣାରେ ୯ ଜଣଙ୍କର ମୃତ୍ୟୁ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାରେ ଗଭୀର ଶୋକପ୍ରକାଶ କରିବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହିତ ଏହି ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କର ମାଗଣା ଚିକିତ୍ସା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ନୃସିଂହ ସାହୁ କହିଛନ୍ତି, ମହାନଦୀର ଶାଖା ନଦୀରେ ବୁଧବାର ହୋଇଥିବା ଡଙ୍ଗାବୁଡି ଘଟଣାରେ ୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ନିଖୋଜ ଅଛନ୍ତି। ଏହା ଅତ୍ୟନ୍ତ ମର୍ମନ୍ତୁଦ ଓ ଦୁଃଖଦାୟକ ଘଟଣା। ଏଥିରେ କୌଣସି ସନ୍ଦେହ ନାହିଁ। ଦୁର୍ଘଟଣା ଅନେକ ସମୟରେ ଘଟୁଛି। ତେବେ କେଉଁ ପରିସ୍ଥିତିରେ ଦୁର୍ଘଟଣା ହେଲା, ଡଙ୍ଗା ପଞ୍ଜୀକୃତ ହୋଇଥିଲା କି ନାହିଁ ତାହାର ତଦନ୍ତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି ଯେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଡଙ୍ଗାର ଲାଇସେନ୍ସ ନ ଥିବା ବେଳେ ସେଥିରେ କୌଣସି ଜୀବନ ରକ୍ଷାକାରୀ ଜ୍ୟାକେଟ ନ ଥିଲା। ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଜିଲା ପ୍ରଶାସନର ବେପରୁଆ ମନୋଭାବ ଯୋଗୁ ଏଭଳି ଦୁର୍ଘଟଣା ଘଟିଛି।

ରାଜ୍ୟରେ ଅନେକ ସମୟରେ ଡଙ୍ଗା ବୁଡି ଭଳି ଦୁର୍ଘଟଣା ଘଟୁଛି। ଗତ ୪ ବର୍ଷ ମଧ୍ୟରେ ଡଙ୍ଗାବୁଡି ଘଟଣାରେ ☞ପୃଷ୍ଠା–୪

ଡଙ୍ଗାବୁଡ଼ି ଦୁର୍ଘଟଣା

- ହୀରାକୁଦରେ ୩୧, ଚିଲିକାରେ ୬, ମହାକାଳପଡ଼ାରେ ୯
- ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟର ଉତ୍ତର ରଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୧(ବ୍ୟୁରୋ)

ସାଧାରଣ ନିର୍ବାଚନ ପୂର୍ବରୁ ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର–ରାଜ୍ୟ ସରକାରଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଦେଖିବାକୁ ମିଳିଛି। ଗତ ଡିସେମ୍ବର ୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ଦଳୀୟ ସଭାରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଏମିତି କି ଓଡ଼ିଶାର ୧୦ ଲକ୍ଷ ହେକ୍ଟର ଚାଷ ଜମିରୁ ମାତ୍ର ୨୨,୦୦୦ ହେକ୍ଟର ଚାଷ ଜମିରେ ଜଳସେଚିତ ହୋଇଥିବା ମନ୍ତବ୍ୟ ଦେଇଥିଲେ। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖଣ୍ଡନ କରିବା ସହ ଉକ୍ତ ମନ୍ତବ୍ୟ ପ୍ରତିବାଦରେ ଗୁରୁବାର ଏକ ଚିଠି ଲେଖିଛନ୍ତି, ଯାହାକୁ ନେଇ ରାଜନୀତି ସରଗରମ ହୋଇଛି।

ଜଳସେଚନ ପ୍ରସଙ୍ଗ

- ନବବର୍ଷର ଶୁଭେଚ୍ଛା ଜଣାଇଲେ
- ଲୋକାର୍ପିତ ପ୍ରକଳ୍ପ ପାଇଁ ସହଯୋଗ ଜାରି ରହିବ

ପ୍ରଧାନମନ୍ତ୍ରୀଙ୍କୁ ଦେଇଥିବା ଚିଠିରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ୨୦୧୪ରୁ ଏଯାବତ୍ ରାଜ୍ୟର ୭.୮ ଲକ୍ଷ ହେକ୍ଟର ଚାଷ ଜମି ଜଳସେଚିତ ହୋଇଛି। ଖୁବ୍‌ଶୀଘ୍ର ପୂର୍ବ ପ୍ରସ୍ତାବିତ ୧୦ ଲକ୍ଷ ହେକ୍ଟର ଜମି ଜଳସେଚନ ଲକ୍ଷ୍ୟ ପୂରଣ ହେବାକୁ ଯାଉଛି। କେବଳ ୨୦୧୪ରୁ ୨୬,୮୮୯ କୋଟି ଟଙ୍କା ଜଳସେଚନ ଏବଂ ଜଳସମ୍ପଦ କ୍ଷେତ୍ରରେ ୧୨୧୧ କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କରାଯାଇଛି। ☞ପୃଷ୍ଠା–୪



NAVEEN PATNAIK
CHIEF MINISTER, ODISHA

STATE SECRETARIAT
BHUBANESWAR

With you a very Happy New Year.

I am grateful for your kind visit to Odisha on 24th December 2018 and laying foundation stone and inaugurating various developmental Projects. My Government will render all the necessary support for speedy completion of these Projects.

There were media reports during the said visit that Odisha has created only 22000 hectares of irrigation out of the 10 lakh hectares promised in 2014. In this regard I would like to furnish the following facts.

Irrigation is the pivotal infrastructure that supports Agriculture. We had promised in 2014 to create an ambitious target of Ten lakh hectares irrigation potential. I am happy to share that since 2014, Odisha has created an additional irrigation potential of 7.8 lakh hectares and we are on course to surpass the 10 lakh hectares target that my Government has set for itself.

From 2014, an amount of Rs.26,889 crores has been spent in the irrigation and water sector with a contribution of Rs.1211 crores (i.e.) 4.5% from the Government of India contribution through PMKSY (AIBP). In fact, in the current year a record amount of Rs.10,196 crores has been provided by the State.

You will be happy to know that with our own programme, 46 Mega Lift Irrigation Projects with Ayacut 54,472Ha, 53576 Deep Bore Wells with Ayacut 2,67,880 Ha, 5837 Community Lift Points

Scanned by CamScanner

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚିଠିର ନକଲ ।

ମୋଦିଙ୍କୁ ଟ୍ରମ୍ପଙ୍କ ଉପହାସ

ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରେ ପାଠାଗାର ପାଇଁ ପାଣ୍ଠି ଯୋଗାଣ ମୂଲ୍ୟହୀନ

ୱାଶିଂଟନ,୩।୧(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଉପହାସ କରିଛନ୍ତି। ଆଫଗାନିସ୍ତାନରେ ଏକ ପାଠାଗାରକୁ ଭାରତ ପକ୍ଷରୁ ପାଣ୍ଠି ଯୋଗାଣକୁ ନେଇ ନୂଆବର୍ଷରେ ଟ୍ରମ୍ପ୍ ତାଚ୍ଛଲ୍ୟ କରିଛନ୍ତି। ଯୁଦ୍ଧ ପ୍ରଭାବିତ ଦେଶରେ ଏହାର କିଛି ମୂଲ୍ୟ ନାହିଁ। ଲାଇବ୍ରେରି ପାଇଁ କିଏ ପାଣ୍ଠି ଯୋଗାଉଛି ତାଙ୍କୁ ଜଣାନାହିଁ ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି। ଏହାସହ ଭାରତ ଓ ଅନ୍ୟ ରାଷ୍ଟ୍ରଗୁଡ଼ିକ ଆଫଗାନିସ୍ତାନର ନିରାପତ୍ତା ପାଇଁ ପର୍ଯ୍ୟାପ୍ତ ଉଦ୍ୟମ କରୁ ନ ଥିବା ନେଇ ସେ ସମାଲୋଚନା କରିଛନ୍ତି। ଟ୍ରମ୍ପ୍‌ଙ୍କ ଏଭଳି ଅଭିଯୋଗକୁ ଭାରତ ପକ୍ଷରୁ ଖଣ୍ଡନ କରାଯାଇଛି। ଡୋନାଲ୍ଡ ଟ୍ରମ୍ପ୍ ନୂଆବର୍ଷରେ ପ୍ରଥମ କ୍ୟାବିନେଟ ବୈଠକରେ

ଡୋନାଲ୍ଡ ଟ୍ରମ୍ପ୍ ନରେନ୍ଦ୍ର ମୋଦି

ଭାରତ, ରୁଷିଆ, ପାକିସ୍ତାନ ଓ ଅନ୍ୟ ପଡ଼ୋଶୀ ଦେଶଗୁଡ଼ିକୁ ଆଫଗାନିସ୍ତାନର ନିରାପତ୍ତା ପାଇଁ ଉତ୍ତରଦାୟୀ ହେବାକୁ ପରାମର୍ଶ ଦେଇଛନ୍ତି। ଏହାସହ ସେ ତାଙ୍କର କ୍ୟାବିନେଟ ସହଯୋଗୀମାନଙ୍କୁ

- ଆମେରିକା ରାଷ୍ଟ୍ରପତିଙ୍କ ମନ୍ତବ୍ୟକୁ ଭାରତର ନିନ୍ଦା
- ଭାଜପା, କଂଗ୍ରେସ ମଧ୍ୟ ସମାଲୋଚନା କଲେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦାହରଣ ଦେଇଛନ୍ତି। ସେ କହିଛନ୍ତି, ବିଶ୍ୱ ନେତାମାନେ କିପରି ଆଫଗାନିସ୍ତାନ ପ୍ରତି ନିଜ ଅବଦାନ ସମ୍ପର୍କରେ କହୁଛନ୍ତି, ଯେଉଁଠି ଆମେରିକା ବିଲିୟନ୍ ବିଲିୟନ୍ ଡଲାର ଖର୍ଚ୍ଚ କରୁଛି, ସେଠାରେ ସେମାନଙ୍କ ଅବଦାନ ଆଖିକୁ ଦେଖାଯାଉନାହିଁ। ☞ପୃଷ୍ଠା–୪

ଆଜିର ସମ୍ପାଦକୀୟ

ବନ୍ଧୁର ପ୍ରଥମାର୍ଦ୍ଧ

ଆଜିର ମନ୍ତବ୍ୟ

ରାମମନ୍ଦିର ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ରାୟ ଯାହା ଆସୁନା କାହିଁକି ତାକୁ ସମସ୍ତେ ଗ୍ରହଣ କରିବା ଉଚିତ।

–ରାମବିଳାସ ପାଶ୍ୱାନ, କେନ୍ଦ୍ରମନ୍ତ୍ରୀ

କିଛି ତଥ୍ୟ

୨୦୧୪ରୁ ୨୦୧୮ ମଧ୍ୟରେ ଦେଶର ପ୍ରତିରକ୍ଷା କ୍ଷେତ୍ରକୁ ୧.୨୧ କୋଟି ଟଙ୍କାର ଏଫ୍‌ଡିଆଇ ଆସିଛି।

– ଡିଆଇପିପି

CBSE Exam Mate ପୃଷ୍ଠା–୧୫

NECC NATIONAL EGG CO-ORDINATION COMMITTEE 03.01.2019 Venkobb CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	69	118	128
CTC	70	119	129
DKL	73	123	133
BDK	75	126	136
BLS	76	127	137
ANG	75	126	136

Eggs Retail Price- 56/-Dozen
Issued in the Interest of Consumers
*Conditions Apply

ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ବଙ୍ଗଳା ଲେଖକ ଦିବ୍ୟେନ୍ଦୁ ପାଲିତ୍ (୭୯)ଙ୍କ ଗୁରୁବାର ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଯାଦବପୁରସ୍ଥିତ ହସ୍ପିଟାଲ୍‌ରେ ପୂର୍ବାହ୍ନ ୧୧ଟାରେ ତାଙ୍କର ମୃତ୍ୟୁ ଘଟିଛି। ସେ ଲେଖିଥିବା 'ଅନୁଭବ' ଉପନ୍ୟାସ ୧୯୯୮ରେ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲା। ୧୯୩୯ରେ ବିହାରର ଭାଗଲପୁରଠାରେ ସେ ଜନ୍ମଗ୍ରହଣ କରିଥିଲେ।

୪,୫୦୦ କୋଟିର ପ୍ରକଳ୍ପ ଶୁଭାରମ୍ଭ କରିବେ ମୋଦି

ଭୁବନେଶ୍ୱର,୩।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଓଡ଼ିଶା ଗସ୍ତରେ ଆସୁଥିବା ବେଳେ ବାରିପଦାଠାରେ ରାଜ୍ୟର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିବେ। ଏହି ଅବସରରେ ସେ ଅନ୍ୟ କେତେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିବେ। ଦୁଇ ସପ୍ତାହ ମଧ୍ୟରେ ଏହା ମୋଦିଙ୍କର ଦ୍ୱିତୀୟ ଓଡ଼ିଶା ଗସ୍ତ। ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଟ୍ ୪,୫୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପ୍ରକଳ୍ପ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି ବୋଲି କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ପକ୍ଷରୁ ଏଠାରେ ଏକ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି।

ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ (ଆଇଓସିଏଲ୍) ପକ୍ଷରୁ ୧,୦୮୦ କୋଟି ଟଙ୍କା ବିନିଯୋଗରେ ୫୧୩ କିମି ବିଶିଷ୍ଟ ବାଲେଶ୍ୱର-ହଳଦିଆ-ଦୁର୍ଗାପୁର ଗ୍ୟାସ୍ ପାଇପ୍ ଲାଇନ୍ ସ୍ଥାପନ ହୋଇଛି। ପାରାଦୀପ-ହଳଦିଆ-ଦୁର୍ଗାପୁର ଗ୍ୟାସ୍ ପାଇପ୍ ଲାଇନ୍‌ର ଏହା ଏକ ଅଂଶବିଶେଷ। ପାରାଦୀପଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ଏହି ପାଇପ ଲାଇନ୍‌ର ସେକ୍ସନ ୨୦୧୭ ଏପ୍ରିଲରେ କାର୍ଯ୍ୟକ୍ଷମ ହୋଇଥିଲା। ନୂଆ ପାଇପ୍ ଲାଇନ୍ କାର୍ଯ୍ୟକ୍ଷମ ହେଲେ ପାରାଦୀପଠାରୁ ହଳଦିଆ ଏବଂ ଦୁର୍ଗାପୁର ପର୍ଯ୍ୟନ୍ତ ପାଇପ୍ ଲାଇନରେ ବିଭିନ୍ନ ବଟଲିଂ ପ୍ଲାଣ୍ଟକୁ ଗ୍ୟାସ୍ ଯାଇପାରିବ ବୋଲି ଆଇଓସିଏଲ୍ ପକ୍ଷରୁ ସୂଚନା ରହିଛି।

ଏନ୍‌ଏଚ୍-୨୧୫ର ୪୩.୨ କି.ମି ରିମୁଲି-କୋଇଡ଼ା ସେକ୍ସନର ୪ ଲେନ୍ ବିଶିଷ୍ଟ କାର୍ଯ୍ୟକୁ ମୋଦି ଭିତ୍ତି ପ୍ରସ୍ତର ଦେବେ। ଉକ୍ତ ପ୍ରକଳ୍ପ

ଖବରଦାତା ସମ୍ମିଳନୀରେ ଉପସ୍ଥିତଥିବା ଅଧିକାରୀବୃନ୍ଦ।

- ୩୩୧୮ କୋଟିର ୩ ରାଜପଥ ପ୍ରକଳ୍ପର ଭିତ୍ତିପ୍ରସ୍ତର
- ବାଲେଶ୍ୱର-ଦୁର୍ଗାପୁର-ହଳଦିଆ ଗ୍ୟାସ୍ ପାଇପ୍ ଲାଇନ
- ବାଲେଶ୍ୱରରେ ମଲ୍ଟି ମୋଡ଼ାଲ ପାର୍କ

ଲାଗି ୮୨୮.୩୬ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ୨୦୨୦ ମେ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରହିଛି। ସେହିଭଳି ୧୩୧୩ କୋଟି ଟଙ୍କା ବ୍ୟୟରେ ଏନ୍‌ଏଚ୍-୬ର ସିଙ୍ଗଡ଼ା-ବିଞ୍ଜାବାହାଲ ସେକ୍ସନର ୪ ଲେନିଂ କାର୍ଯ୍ୟ ଏବଂ ୧୧୭୬.୪ କୋଟି ବ୍ୟୟରେ ଏନ୍‌ଏଚ୍-୨୧୫ର ୫୩.୨ କିମି କୋଇଡା-ରାଜାମୁଣ୍ଡା ସେକ୍ସନର ମଧ୍ୟ ଭିତ୍ତି ପ୍ରସ୍ତର ଦିଆଯିବ। ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଯଥାକ୍ରମେ,ମାର୍ଚ୍ଚ ୨୦୨୧ ଏବଂ ମେ ୨୦୨୦ ମଧ୍ୟରେ ଶେଷ କରିବାର ଯୋଜନା ରହିଛି। ଏହି ୩ ରାଜପଥ ପ୍ରକଳ୍ପରେ ମୋଟ୍ ୩୩୧୮ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଏନ୍‌ଏଚ୍‌ଏଆଇ ପକ୍ଷରୁ କୁହାଯାଇଛି।

ଟାଟା ନଗରଠାରୁ ବାଦାମ ପାହାଡ ମଧ୍ୟରେ ୨ ପାସେଞ୍ଜର ଟ୍ରେନ୍‌କୁ ମୋଦି ଶୁଭାରମ୍ଭ କରିବେ। ଏହା ଦ୍ୱାରା ଲୋକମାନେ ହାଓଡାକୁ ରେଳ ସଂଯୋଗ ପାଇପାରିବେ। ଏହା ସହ ମୁମ୍ବାଇ ଭାୟା ଟାଟାନଗର ସପ୍ତାହକୁ ୬ ଦିନ ଟ୍ରେନ ସେବା ଉପଲବ୍ଧ ହେବ। ସେହିଭଳି ଏହି ରେଳ ଲାଇନର ବିଦ୍ୟୁତୀକରଣ କାର୍ଯ୍ୟକୁ ମଧ୍ୟ ଅନୁମୋଦନ ମିଳିଛି। ନରଣପୁର-ବସନ୍ତପୁର ଏବଂ ଚିଲିକିଡରା-ଶଗଡପଟା ଲାଇନ୍‌ର ଦୋହରାକରଣକୁ ଲୋକଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଚିଲିକିଡରା-ଶଗଡପଟା ୧୧.୩ କିମି ଏବଂ ନରଣପୁର-ବସନ୍ତପୁରର ୯କିମି ଲାଇନର ଦୋହରୀକରଣ କାର୍ଯ୍ୟ ୧୩୧.୩୪ କୋଟି ଟଙ୍କା ବିନିଯୋଗରେ ସମ୍ପୂର୍ଣ୍ଣ ହୋଇଛି। ଏହା କେନ୍ଦୁଝର ଏବଂ ଯାଜପୁର ଜିଲାକୁ ସଂଯୋଗ କରିବ।

ବାଲେଶ୍ୱରରେ ୨୫ କୋଟି ଟଙ୍କା ବିନିଯୋଗରେ ସ୍ଥାପନ ହୋଇଥିବା ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ (ଏମ୍‌ଏମ୍‌ଏଲ୍‌ପି) ମଧ୍ୟ ଲୋକାର୍ପଣ ହେବ। ଏଠାରେ ଆମଦାନୀ ତଥା ରପ୍ତାନି ଲାଗି କଷ୍ଟମ୍ ଫାସିଲିଟେଶନ ସେଣ୍ଟର ସ୍ଥାପନ ହୋଇଥିବା ଏହି ଅବସରରେ ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ସେହିଭଳି ରାଜ୍ୟର ଭଦ୍ରକ, କଟକ, ଯାଜପୁର, ଆସ୍କା, କେନ୍ଦୁଝର ଏବଂ ଢେଙ୍କାନାଳ ଭଳି ସ୍ଥାନଗୁଡ଼ିକରେ ପାସ୍‌ପୋର୍ଟ ସେବା କେନ୍ଦ୍ରର ଶୁଭାରମ୍ଭ ହେବ। ଅପରପକ୍ଷରେ ୪୦ ଲକ୍ଷ ଟଙ୍କା ବ୍ୟୟରେ ହରିପୁରଗଡର ପ୍ରାଚୀନ ଦୁର୍ଗର ପୁନରୁଦ୍ଧାର କାର୍ଯ୍ୟ ତଥା ରସିକରାୟ ମନ୍ଦିରର ସଂରକ୍ଷଣ ତଥା ଉନ୍ନତୀକରଣ କାର୍ଯ୍ୟ ଶୁଭାରମ୍ଭ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଖବରଦାତା କାର୍ଯ୍ୟକ୍ରମରେ ଇଣ୍ଡିଆନ୍ ଅଏଲର ଏସ୍‌ଇଆର୍‌ପିଏଲ୍ ଇଡ଼ି ପି.ସି. ଚୌବେ, ଇଣ୍ଡିଆନ୍ ଅଏଲ୍ ଓଡ଼ିଶା ସିଜିଏମ୍ ପ୍ରତୀଶ ଭରତ, ଏଏସ୍‌ଆଇ ଭୁବନେଶ୍ୱର ସର୍କଲର ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଅରୁଣ ମଲ୍ଲିକ, ପୂର୍ବତଟ ରେଳପଥର ମୁଖ୍ୟ ପିଆର୍‌ଓ ଜେ.ପି. ମିଶ୍ର, ଏନ୍‌ଏଚ୍‌ଏଆଇର ଜିଏମ୍ ଏ.କେ ରାଏ, ଆଞ୍ଚଳିକ ପାସ୍‌ପୋର୍ଟ ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଆଇଓସିଏଲ୍ ସିନିୟର କର୍ପୋରେଟ କମ୍ୟୁନିକେଶନ ମ୍ୟାନେଜର ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ହାତୀ ମୃତ୍ୟୁ ମାମଲା, ଶିକାରୀ ଗିରଫ

ଢେଙ୍କାନାଳ ଅଫିସ, ୩।୧: ହିନ୍ଦୋଳ ରେଞ୍ଜ୍ କାଞ୍ଜିମୁଣ୍ଡା ପାହାଡ଼ ହାତୀ ମୃତ୍ୟୁ ଘଟଣାରେ ବନ ବିଭାଗ ଗୁରୁବାର ଦୁଦୁରକୋଟ ଗ୍ରାମର ବାପି ବେହେରା (୨୮)ଙ୍କୁ ଗିରଫ କରିଛି। ଏ ନେଇ ନଂ. ୧୬୨/୧୮-୧୯ରେ ମାମଲା ରୁଜୁ କରାଯାଇଛି।

ଖରାପ ପାଗ ଯୋଗୁ ୩ ବିମାନ ବାତିଲ

ଭୁବନେଶ୍ୱର,୩।୧(ବ୍ୟୁରୋ): ଖରାପ ପାଗ ଯୋଗୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଆସିବାକୁ ଥିବା ୩ ବିମାନକୁ ଗୁରୁବାର ବାତିଲ କରାଯାଇଛି। ବାତିଲ ହୋଇଥିବା ତିନୋଟି ଯାକ ବିମାନ ଇଣ୍ଡିଗୋର ବୋଲି ସୂଚନା ମିଳିଛି। ବେଙ୍ଗାଲୁରୁରୁ ଆସିବାକୁ ଥିବା ଇଣ୍ଡିଗୋ ବିମାନ ନଂ. 6E 411, ହାଇଦ୍ରାବାଦରୁ ଆସୁଥିବା ବିମାନ ନଂ. 6E 6264 ଏବଂ କୋଲକାତାରୁ ଆସିବାକୁ ଥିବା ବିମାନ ନଂ. 6E 3869କୁ ବାତିଲ କରାଯାଇଛି। ଏ ନେଇ ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି। ଏହାସହ ଖରାପ ପାଗ ଯୋଗୁ ପାଖାପାଖି ୧୨ଟି ବିମାନ ଗୁରୁବାର ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ଆସି ପହଞ୍ଚିଛନ୍ତି। ଏହାମଧ୍ୟରେ ଅଧିକାଂଶ ବିମାନ ଦିଲ୍ଲୀରୁ ଆସିଥିବା ବେଳେ ବେଙ୍ଗାଲୁରୁ, ହାଇଦ୍ରାବାଦ, ଚେନ୍ନାଇ, ମୁମ୍ବାଇ ଓ ରାଞ୍ଚିରୁ ଗୋଟିଏ ଲେଖାଏ ବିମାନ ରହିଛି। ତେବେ ବିମାନ ସେବାରେ ବ୍ୟାହତ ତଥା ବିମାନ ବାତିଲ ଓ ବିଳମ୍ବ ନେଇ ସମ୍ପୃକ୍ତ ଏୟାରଲାଇନ୍ସ ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ କାରଣ ଦର୍ଶାଯାଇନାହିଁ। ପାଗରେ ପରିବର୍ତ୍ତନ ଯୋଗୁ ବିମାନ ବାତିଲ ହୋଇଥାଇପାରେ ବୋଲି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା ସୂଚନା ଦେଇଛନ୍ତି।

ଝାଡ଼ଖଣ୍ଡରେ ଗୁରୁବାର ପୃଥକ ଦୁର୍ଘଟଣାରେ ୧୧ଜଣଙ୍କ ଜୀବନ ଯାଇଛି। ୧୭ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ହସ୍ପିଟାଲ୍‌ରେ ସେମାନଙ୍କୁ ଚିକିତ୍ସା କରାଯାଉଛି। ପୋଲିସ ଏ ନେଇ ପୃଥକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସଂକ୍ଷେପରେ

ଅଷ୍ଟମ ଯାଏ ସମସ୍ତଙ୍କୁ ପାସ୍ ନୀତି ବଦଳିବ
ପାର୍ଲାମେଣ୍ଟରେ ବିଲ୍ ଗୃହୀତ

ନୂଆଦିଲ୍ଲୀ,୩।୧(ପି.ଟି.): ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଫେଲ୍ ନ କରିବା ଲାଗି ଥିବା ନିୟମ ଉଚ୍ଛେଦ ହେବାକୁ ଯାଉଛି। ଏହି ଆଇନରେ ସଂଶୋଧନ ଲାଗି ଆସିଥିବା ବିଲ୍ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଛି। ଫଳରେ ଏଣିକି ରାଜ୍ୟ ସରକାର ଅଷ୍ଟମ ଶ୍ରେଣୀ ମଧ୍ୟରେ ପିଲାଙ୍କୁ ଫେଲ୍ କରିପାରିବେ। ଗୁରୁବାର ରାଜ୍ୟ ସଭାରେ ପିଲାଙ୍କୁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର (ସଂଶୋଧନ) ବିଲ୍, ୨୦୧୯ ବାଚନିକ ଭୋଟରେ ଗୃହୀତ ହୋଇଛି। ବାମ ଦଳଗୁଡିକ ବିଲ୍‌କୁ ବିରୋଧକରି କକ୍ଷତ୍ୟାଗ କରିଥିଲେ। ଗତବର୍ଷ ଜୁଲାଇ ୧୮ରେ ଉକ୍ତ ବିଲ୍ ଲୋକ ସଭାରେ ଗୃହୀତ ହୋଇଥିଲା। ସମସ୍ତଙ୍କୁ ପାସ୍ ନୀତିରେ ପରିବର୍ତ୍ତନ ଲାଗି ଅଧିକାର ଦେବାକୁ ୨୫ଟି ରାଜ୍ୟ ଦାବି କରିଥିଲେ ବୋଲି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି।

ଗୋରୁ ଚୋରି ଅଭିଯୋଗରେ ହତ୍ୟା

ଅରାରିଆ(ବିହାର),୩।୧: ଗୋରୁ ଚୋରି ଅଭିଯୋଗରେ ବିହାରର ଅରାରିଆ ଜିଲାରେ ଜଣେ ୫୫ ବର୍ଷୀୟ ବ୍ୟକ୍ତିଙ୍କୁ ଉତ୍ତ୍ୟକ୍ତ ଲୋକେ ଅମାନୁଷିକ ଭାବେ ପିଟି ହତ୍ୟା କରିଛନ୍ତି। କାବୁଲ ମିଆଁ ନାମକ ଉକ୍ତ ବ୍ୟକ୍ତିଙ୍କୁ ଉତ୍ତ୍ୟକ୍ତ ଲୋକେ ବାରମ୍ବାର ଚୋର ଡାକିବା ସହ ତାଙ୍କ ମୁହଁକୁ ଗୋଇଠା ମାରିବା ଓ ବାଡିରେ ପିଟୁଥିବାର ଭିଡିଓ ଚିତ୍ର ଦେଖିବାକୁ ମିଳିଛି। ମୁସଲିମ୍ ମିଆଁ ଏହି ଆକ୍ରମଣର ନେତୃତ୍ୱ ନେଇଥିଲେ। ସେମାନେ କାବୁଲଙ୍କୁ ଉଲଗ୍ନ କରି ଅତି ନିର୍ଦ୍ଦୟ ଭାବେ ପିଟିଥିଲେ। ଏପରିକି ମାଡ଼ ବେଳର ଭିଡିଓକୁ ଅନ୍‌ଲାଇନରେ ଅପ୍‌ଲୋଡ୍ କରିବା ଲାଗି କେତେକେ କହୁଥିବାର ଦେଖାଯାଇଛି। ଡିସେମ୍ବର ୨୯ରେ ପାଟନାଠାରୁ ୩୦୦ କିମି ଦୂର ସିମରବାନି ଗ୍ରାମରେ ଏହି ଘଟଣା ଘଟିଛି। ଭିଡିଓ ଭାଇରାଲ ହେବା ପରେ ଉକ୍ତ ଘଟଣା ସମ୍ପର୍କରେ ପୋଲିସ ଜାଣିବାକୁ ପାଇଥିଲା।

■ ମହିଳା ସଂରକ୍ଷଣ

ନ୍ୟାଶନାଲ କନ୍‌ଫରେନ୍ସକୁ ଭେଟିଲା ବିଜେଡି

ଭୁବନେଶ୍ୱର,୩।୧(ବ୍ୟୁରୋ)

ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ହେଉ। ଏହି ପ୍ରସଙ୍ଗରେ ବିଜେଡି ବିଭିନ୍ନ ରାଜନୈତିକଦଳଗୁଡିକର ସମର୍ଥନ ଲୋଡୁଛି। ଏହି କ୍ରମରେ ଦଳର ପ୍ରତିନିଧି ଜାମ୍ମୁ ଓ କାଶ୍ମୀରର ପ୍ରମୁଖ ଆଞ୍ଚଳିକ ଦଳ ନ୍ୟାଶନାଲ୍ କନ୍‌ଫରେନ୍ସ(ଏନ୍‌ସି)କୁ ଭେଟିଛନ୍ତି। ବିଜେଡି ପକ୍ଷରୁ ଏମ୍‌ପି ପିନାକୀ ମିଶ୍ର ଏବଂ ଲଡୁକିଶୋର ସ୍ୱାଇଁ ଏନ୍‌ସି ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲାଙ୍କୁ ତାଙ୍କ ଦିଲ୍ଲୀସ୍ଥିତ ବାସଭବନରେ ଗୁରୁବାର ଭେଟିଛନ୍ତି। ଏଥିସହିତ ନୀତିଗତ ସମର୍ଥନ ଲୋଡ଼ି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲେଖାଯାଇଥିବା ପତ୍ର ହସ୍ତାନ୍ତର କରିଛନ୍ତି। ବରିଷ୍ଠ ନେତା ଅବଦୁଲ୍ଲା ଏ ପ୍ରସଙ୍ଗରେ ସକାରାତ୍ମକ ମନ୍ତବ୍ୟ ପ୍ରଦାନ କରିବା ସହ ପ୍ରୟାସର ସଫଳତା କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ଉଦ୍ୟମକୁ ସ୍ୱାଗତ କରିଛନ୍ତି। ଏହି ପଦକ୍ଷେପ ଦେଶ ପାଇଁ ବହୁତ ଭଲ ବୋଲି ଅବ୍‌ଦୁଲ୍ଲା କହିଛନ୍ତି।

ପୁରୀ ହିଂସା: ବିନାୟକ ଦାସ ମହାପାତ୍ର, ଭାଇଙ୍କୁ ଆଗୁଆ ଜାମିନ

କଟକ ଅଫିସ, ୩।୧

ପୁରୀ ହିଂସା ମାମଲାରେ ଛନ୍ଦି ହୋଇପଡିଥିବା ବିନାୟକ ଦାସମହାପାତ୍ର ଓ ତାଙ୍କ ଭାଇ ପୁରୀ ଅର୍ବାନ ବ୍ୟାଙ୍କ ଅଧ୍ୟକ୍ଷ ଗୁଣଧର ଦାସମହାପାତ୍ରଙ୍କୁ ହାଇକୋର୍ଟରୁ ଆଗୁଆ ଜାମିନ ମିଳିଛି। ବିଚାରପତି ଜଷ୍ଟିସ ଦେବବ୍ରତ ଦାସ ଜାମିନ ଆବେଦନର ଶୁଣାଣି କରି ଉଭୟଙ୍କୁ ଜାମିନ ମଞ୍ଜୁର କରିଛନ୍ତି। ଗତ ନଭେମ୍ବର ୩ରେ ଶ୍ରୀମନ୍ଦିର ଧାଡ଼ି ଦର୍ଶନକୁ ବିରୋଧ କରି ପୁରୀ ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ଡାକରା ସମୟରେ ହିଂସାକାଣ୍ଡ ଘଟିଥିଲା। ଏହି ଘଟଣାକୁ ନେଇ ପୋଲିସ ବିନାୟକ ଓ ଗୁଣଧରଙ୍କ ବିରୋଧରେ ୧୭ଟି ଲେଖାଏ ମୋଟ ୩୪ଟି ମାମଲା ରୁଜୁ କରିଥିଲା। ପୋଲିସର ଗିରଫଦାରିରୁ ବର୍ତ୍ତିବା ପାଇଁ ଉଭୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଆସୁଛି ବାତ୍ୟା 'ପାବୁକ'

ଭୁବନେଶ୍ୱର,୩।୧(ବ୍ୟୁରୋ)

- ୭ ଉପକୂଳ ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ
- ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ
- କମିଲା ଶୀତ, ୯ ପରେ ପୁଣି ବଢ଼ିବ

ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବାତ୍ୟାରେ ପରିଣତ ହୋଇଛି। ଏହାର ନାମ ରଖାଯାଇଛି 'ପାବୁକ'। ଗୁରୁବାର ଏହା ଆଣ୍ଡାମାନ ରାଜଧାନୀ ପୋର୍ଟ ବ୍ଲେୟାରଠାରୁ ୧୫୦୦ କିଲୋମିଟର ଦୂର ଦକ୍ଷିଣ ପୂର୍ବ ଦିଗରେ କେନ୍ଦ୍ରୀଭୂତ ହୋଇଛି। ଆସନ୍ତା ୫ ତାରିଖ ମଧ୍ୟାହ୍ନ ସୁଦ୍ଧା ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗ ଦେଇ ଗତି କରିବ। ଆସନ୍ତା ୬ ତାରିଖ ରାତିରେ ବାତ୍ୟା ଉତ୍ତର ପଶ୍ଚିମ ଦିଗ ଦେଇ ଆଣ୍ଡାମାନ ଅତିକ୍ରମ କରିବା ସମ୍ଭାବନା ରହିଛି। ଏହା ପରେ ପାବୁକ ଉତ୍ତର- ଉତ୍ତର ପଶ୍ଚିମ ଦିଗ ଦେଇ ଗତି କରିବ। ପୁଣି ଏହା ୭ ଓ ୮ ତାରିଖ ବେଳକୁ ଉତ୍ତର ପୂର୍ବ ଦିଗକୁ ଗତି କରି ମ୍ୟାନ୍‌ମାର ଆଡ଼କୁ ଚାଲିଯିବ ଓ ଏହା ଦୁର୍ବଳ ହୋଇଯିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଓଡିଶା ଉପରେ ଏହାର କୌଣସି ପ୍ରଭାବ ପଡିବ ନାହିଁ। ବାତ୍ୟା ପ୍ରଭାବରେ ରାଜ୍ୟରେ ପାଗ ମେଘୁଆ ରହିବ। ସମୁଦ୍ରରେ ବଡ ବଡ ଢେଉ ଉଠିବା ସମ୍ଭାବନା ରହିଛି। ଆଣ୍ଡାମାନ ସମୁଦ୍ର ଆଡକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ପୁରୀ, ଗଞ୍ଜାମ ଏବଂ ଖୋର୍ଦ୍ଧା ଜିଲାର ଜିଲାପାଳମାନଙ୍କୁ ସତର୍କ କରାଯାଇଛି।

ସମ୍ଭାବ୍ୟ ବାତ୍ୟା ଯୋଗୁ ରାଜ୍ୟରେ ଗତ କିଛିଦିନ ଧରି ଦେଖାଦେଇଥିବା ଶୀତ ପ୍ରକୋପରୁ ଆଶ୍ୱସ୍ତି ମିଳିଛି। ପାରଦ ଉପରମୁହାଁ ହୋଇଛି। ସର୍ବନିମ୍ନ ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲସିୟସ ଉପରକୁ ଉଠି ଯାଇଛି। ଆସନ୍ତା ୫ ଦିନ ଯାଏ ପାଗ ଶୁଖିଲା ରହିବ। ତେବେ ୯ ତାରିଖରୁ ପୁଣି ଶୀତ ପ୍ରକୋପ ବଢିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗୁରୁବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୬.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଅନୁଗୋଳରେ ସର୍ବନିମ୍ନ ତାପମାତ୍ରା ୭.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୯.୮, କେନ୍ଦୁଝର ୯.୧, ସମ୍ବଲପୁର ୯.୫, ସୁନ୍ଦରଗଡ଼ ୯, ଭବାନୀପାଟଣା ୯, କୋରାପୁଟ ୮.୬, ଚିଲିକାଗଡ ୯, ସୋନପୁର ୮.୪ ଏବଂ ଦାରିଙ୍ଗିବାଡିରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

MARUTI SUZUKI ARENA

LAST CHANCE TO BUY, BEFORE PRICE HIKE.

Limited period to avail exciting offers before prices go up.

Offers valid till stocks last.

ALTO 800 SAVE UP TO ₹35,000* | WAGONR SAVE UP TO ₹75,000* | CELERIO SAVE UP TO ₹55,000*

ALTO 800 WAGONR CELERIO

E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

For Institutional Sales/ Bulk Deal / DGS&D/GeM Enquiries, please email at adinath.ray@maruti.co.in

JYOTE MOTORS
• BHUBANESWAR: LEWIS ROAD - 9776615020, 9776615035, 9776615032 NAYAPALLI - 7381355999, 7381366999 • KEONJHAR: 8599019854, 7064493469 • BARIPADA: 9437102597 • BHADRAK: 7381064240 • NAYAGARH: 7381028515 • BALASORE: 7064499108

SKY AUTOMOBILES
• BHUBANESWAR: 9776645711 • CUTTACK: 9776677771, 7381873818 • DHENKANAL: 9776900005 • JAJPUR: 9776900777

NARAYANI MOTORS
• BHUBANESWAR: 7381094890/ 0674-2588474, 0674-2588475, 0674-2588473 • PURI: 9583022035 • PARADEEP: 9583022034/ 06722-228044

ODYSSEY MOTORS
• ANGUL: 7752076136,9776901481 • PALLAHARA: 7873565435,9437831123

*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Offers are applicable on selected car models. Car models and accessories shown may vary from the actual product. Images used are for illustration purpose only. Savings mentioned above includes consumer offer and exchange bonus. All offers and the savings given above are applicable for the month of January'18 only. Offers as shown above may change without any prior notice.

୨୦୧୬ରେ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଭାରତ ପକ୍ଷରୁ କରାଯାଇଥିବା ସର୍ଜିକାଲ୍ ଷ୍ଟ୍ରାଇକ୍‌କୁ ଗୁରୁବାର ପୁଣି ମିଛ ବୋଲି ଦାବି କରିଛି ପାକିସ୍ତାନ। ଇସ୍‌ଲାମାବାଦରେ ପାକିସ୍ତାନ ବହିର୍ବ୍ୟାପାର ମୁଖପାତ୍ର ମହମ୍ମଦ ଫୈଜାଲ କହିଛନ୍ତି, ୨୦୧୬ ସେପ୍ଟେମ୍ବର ୨୯ରେ ଭାରତୀୟ ସେନା ନିୟନ୍ତ୍ରଣରେଖା (ଏଲ୍‌ଓସି) ଅତିକ୍ରମ କରି ପାକିସ୍ତାନ ପଟେ ସାମରିକ କାର୍ଯ୍ୟାନୁଷ୍ଠାନ ନେଇଥିବା କହୁଛି। ଏଥିରେ ସତ୍ୟତା ନାହିଁ। ଏହା କେବଳ ଭାରତର କଳ୍ପନାର ଏକ ଅଂଶ।

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ପାପୁନ୍
ପରିବାରବର୍ଗ

ଉତ୍ତମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

classified

SALE

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65238

Pay 50% get gharabari duplex approved plot near Tankapani bridge, Bhubaneswar, rest after developed and amenities. First ten customers. 9861990662. D-52883

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

Plot sale near AIIMS Hospital Bhubaneswar with 30'road. 8456850883. D-65311

For sale Paradeep town 11000 sqft. gharabari plot with boundarywall in residential area. Contact M: 9938219434. D-10255

Ready to move duplex near Patia Bigbazar, BBSR. Contact: 6371414661. D-65428

Plot sale Rs.450/- 2km. from Gudiapokhari road side BDA area Bhubaneswar. 7978632259. D-59844

ଭୁବନେଶ୍ୱର ହଂସପାଳ, ବାଲିଅନ୍ତା, ଭିଙ୍ଗାରପୁରରେ 100 ଫୁଟ ପିଚୁରୋଡକୁ ଲାଗି ପ୍ଲଟ ବିକ୍ରିହେବ। 8093465134, 9437003399. D-65426

New year offer, ଭୁବନେଶ୍ୱର ପଟିଆ ରେଲୱେ ଷ୍ଟେଶନ ପାଖରେ କୃଷ୍ଣସରଣପୁର ମୌଜା 100' roadକୁଲାଗି 1200 sqft. 5,90,000/-ରେ ପ୍ଲଟ ମିଳୁଅଛି। (boundary/ registration free) 9937542232. D-65318

ଭୁବନେଶ୍ୱର ବାଳକାଟି ବଜାରରୁ 3km. ଦୂରତାରେ 30'ରୋଡ୍, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପାଚେରିସହ ପିଚୁରୋଡ୍‌କୁ ଲାଗି sqft. 480/-, ଜଟଣୀଗେଟ୍‌ରୁ 1km. ଦୂରତାରେ 1200କୁ 2,40,000/-ରେ ବିକ୍ରିହେବ। 9090053827, 9348020724. D-65319

Residential plot with revenue road and electricity near Patia Railway Station. 7978441564. D-10368

10,000 sqft Gharabari plot infront CET Collage, Ghatikia, Bhubaneswar with 30' Road. 9938563585. D-65431

2000 sqft. plot (12Nos.) at Sankarpur, Vipul Garden backside, Ghatikia, Bhubaneswar (electricity, supply water, 30' Road). 7381564227. D-65432

SC/ST Gharabari plot at kalinga Nagar, Bhubaneswar (Back side Tata Ariana) 40' Road, Compoundwalls. 9938563585. D-65433

କଟକ ବାଲିକୁଦାରେ gharabari boundarywall plot yellow zoneରେ କିଣନ୍ତୁ। 9439487505. D-10365

1100 sqft. 1st floor available for Mutual fund, Corporate Office, Private Business at Nidan Building, Bapuji Nagar. 9437070767, 9078694996. D-10858

Shivam logistic packers movers. Household/ car relocation countrywide. 9777044177, 9338461133. D-10223

Fully refreshed/ relaxed body massage by expert therapist, Shastri Nagar. 7377984773. D-65282

Rejuvenate and Ayurvedic full body massage by smart therapist. 9114402304. D-65283

Ayurvedic full body massage ladies/ gents smart experts therapist. 9114697517. D-64675

Herbal full body massage with refreshment by well trained therapist. 7381239385. D-65284

Ayurvedic full body massage ladies/ gents experts therapist. 8338097451 . D-64677

Experience full body massage with us by expert Enquiry: 06742597822, 7377048581. D-65286

Newly opening ayurvedic massage smart therapist, Shree herbal. 7750020754. D-65288

Improving your health, skin care through expert therapist, excellent offer. 9668374480. D-65289

Pamper yourself this Mansoon professional massage. Contact Purple Orchid. 9776598888. D-65290

Physiotherapy fullbody massage by trained Ladies / Gents Therapist. 7008773793. D-65430

Herbal full body massage by smart/ expert therapist. Contact: 8338067247. D-65287

ଘରେ ବସି ୩ ଘଣ୍ଟାରେ ତୁଫାନୀ କଳା ଇଲାମର ଚମତ୍କାର ପାଆନ୍ତୁ ସ୍ପେଶାଲିଷ୍ଟ ଆୟତିକରଣ, ପ୍ରେମବିବାହ, ଶତ୍ରୁମୁକ୍ତି, ଗଡାଧନ ପ୍ରାପ୍ତି, ଲଟେରି ନମ୍ବର ଗ୍ୟାରେଣ୍ଟି। 9521878410. D-10341

AFFIDAVIT

By virtue of affidavit before Notary Public, Bhubaneswar, I Harapriya Moharana changed my name to Harapriya Mohapatra. Henceforth I shall be known as Harapriya Mohapatra for all purpose. D-10367

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ତୃତୀୟ ଜନ୍ମଦିନ ଶୁଭେଚ୍ଛା

(ଇସୀ)

ରୋଶ୍‌ନୀରାଣୀ ସାହୁ

ରାଧାଗୋବିନ୍ଦ ଲେନ୍, ପୁରୀ

ଆଜି ତୋର ୩ୟ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ତୋର ଚଲାପଥକୁ କୁସୁମିତ କରନ୍ତୁ ଏବଂ ତୋତେ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ଅଜା, ଆଈ, ବାବା, ମାମା, ମାମୁ, ମାଇଁ, ଭାଇ, ନାନା, ମାଉସୀ ଓ ପରିବାରବର୍ଗ।

ଧ-୬୪୦୩୩

ଚତୁର୍ଥ ଜନ୍ମବାର୍ଷିକୀ ଶୁଭେଚ୍ଛା

(ମୁନ୍)

ଅମ୍ରିତା କସ୍ତୁରୀ ସାହୁ

ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଭଗବାନ ତୁମକୁ ଦୀର୍ଘାୟୁ କରନ୍ତୁ ଓ ନୀରୋଗ ରଖନ୍ତୁ।

ଶୁଭେଚ୍ଛା ସହ: ଜେଜେମା, ଜେଜେବାପା, ଅଜା, ଆଈ, ବାପା, ମା, ବଡବାପା, ବଡ଼ମା, ସାନବାପା, ସାନମା, ବଡଭାଇ ଓ ଭଉଣୀ।

ଧ-୫୩୨୨୩

ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା

(ଡୁଗୁଲୁ)

ସାଇ ଭବ୍ୟଜିତ୍

ନହରକଣ୍ଠା, ପାଟଣାସାହି, ଭୁବନେଶ୍ୱର

ଆଜି ଦ୍ୱିତୀୟ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥକୁ କୁସୁମିତ କରନ୍ତୁ ଏବଂ ତୋର ପ୍ରତିଟି ମୁହୂର୍ତ୍ତ ଶୁଭମୟ ହେଉ ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ମା, ବଡମାମା, ବଡବାପା, ବାବା, ମାମା, ମାମୁ, ମାଇଁ, ସ୍ୱିଟି, ଡାଡୁଲୁ, ଗୁଗୁଲୁ, ଲିଜା, ଜିତୁ, ବନ୍ଧୁ ଓ ପରିବାରବର୍ଗ।

ଧ-୧୦୩୩୩

ପ୍ରଥମ ଜନ୍ମଦିନ ଶୁଭେଚ୍ଛା

ଶିବାଂଶ (ପାପୁନ୍)

ପଳାଶପୁର, ଖୋର୍ଦ୍ଧା

ଶୁଭ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଚଲାପଥ ପୁଷ୍ପିତ ଓ ନିଷ୍କଣ୍ଟକ କରନ୍ତୁ ଏବଂ ତୁମକୁ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ

ବାବା, ମାମା, ଜେଜେମା, ଅଜା, ଆଈ, ବଡବାପା, ବଡମାମା, ବଡଭାଇ, ମାମୁ, ମାଉସୀ, ବନ୍ଧୁ ଓ ପରିବାରବର୍ଗ।

ଧ-୧୦୩୬୩

ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟର ...

ଚଳିତ ବର୍ଷ ବିଶେଷ ଭାବେ ୧୦,୧୯୬ କୋଟି ଟଙ୍କା ଜଳସେଚନ ପାଇଁ ରାଜ୍ୟ ସରକାର ଯୋଗାଇ ଦେଇଛନ୍ତି। ସେହିପରି ୪୬ଟି ବହୁମୁଖୀ ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ୫୪,୪୭୨ ହେକ୍ଟର, ୫୩,୫୭୬ ଗଭୀର ନଳକୂପ ଦ୍ୱାରା ଆୟାକଟ ୨,୬୭,୮୮୦ ହେକ୍ଟର ଜମିକୁ ଜଳସେଚିତ କରାଯାଇଛି। ଏତଦ୍‌ବ୍ୟତୀତ ୫୮୩୭ଟି ଗୋଷ୍ଠୀ ଉଠାଜଳସେଚନ ପଏଣ୍ଟ ଦ୍ୱାରା ଆୟାକଟ୍ ୧,୨୯,୭୬୪ ହେକ୍ଟର ଏବଂ ୮୩୩୫ ଚେକ୍ ଡ୍ୟାମ୍ ଦ୍ୱାରା ଆୟାକଟ୍ ୯୭,୬୯୪ ହେକ୍ଟର ଜମିକୁ ସିଧାସଳଖ ଜଳସେଚିତ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଓଡିଶାର ଜଳସେଚନକୁ ନେଇ ଗଣମାଧ୍ୟମରେ ପ୍ରକାଶ ପାଇଥିବା ମନ୍ତବ୍ୟ ଉପରେ ମୁଖ୍ୟମନ୍ତ୍ରୀ ଏହି ଉତ୍ତର ରଖିଥିବା ଜଣାପଡିଛି। ଚିଠି ସହିତ ରାଜ୍ୟର ଜଳସେଚନ ସମ୍ପର୍କିତ ଏକ ସାରଣୀ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିଛନ୍ତି। ଉକ୍ତ ସାରଣୀରେ ଏପ୍ରିଲ, ୨୦୧୪ ଠାରୁ ନଭେମ୍ବର ୨୦୧୮ ମଧ୍ୟରେ ହୋଇଥିବା ଜଳସେଚନ ସମ୍ପର୍କିତ ତଥ୍ୟ ରହିଥିବା ଜଣାପଡିଛି। ଏହି ତଥ୍ୟସବୁ ରାଜ୍ୟ ଜଳସମ୍ପଦ ବିଭାଗର ୱେବ୍‌ସାଇଟ୍‌ରେ ଉପଲବ୍ଧ । ସେହିପରି ଜଳସେଚନଭିତ୍ତିକ ନିବେଶ କ୍ଷେତ୍ରରେ ଓଡ଼ିଶା ଏକ ଶୀର୍ଷ ସ୍ଥାନୀୟ ରାଜ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅପରପକ୍ଷରେ ଚିଠିରେ ମୁଖ୍ୟମନ୍ତ୍ରୀ ପ୍ରଥମେ ପ୍ରଧାନମନ୍ତ୍ରୀଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ ଗତ ଡିସେମ୍ବରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଥିବା ସମସ୍ତ ପ୍ରକଳ୍ପ ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ ବୋଲି ମତ ରଖିଛନ୍ତି।

ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ସୁଶାନ୍ତ କୁମାର ସ୍ୱାଇଁ

ଆବିର୍ଭାବ: ୦୬।୦୬।୧୯୮୧
ତିରୋଧାନ: ୦୮।୦୧।୨୦୧୬

ତୃତୀୟ ଶ୍ରାଦ୍ଧବାର୍ଷିକ ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ବାପା, ବୋଉ, ଭାଇ, ଭାଉଜ, ପୁତୁରା, ଭଉଣୀ, ଭିଣୋଇ, ବନ୍ଧୁ ଓ ପରିବାରବର୍ଗ।

ଧ-୧୦୩୮୦

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ରବୀନ୍ଦ୍ର ନାଥ ପ୍ରଧାନ

ବି,ଏଲ୍-୫୭, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର

ଆବିର୍ଭାବ: ୧୫।୦୭।୧୯୫୬
ତିରୋଧାନ: ୨୫।୧୨।୨୦୧୮

ଆପଣଙ୍କପରି ଓଡ଼ିସିଏଲ୍ କର୍ମଚାରୀ ସଂଘର ଜଣେ ସଂଗ୍ରାମୀ, ତ୍ୟାଗୀ, କର୍ମନିଷ୍ଠ, ସଚ୍ଚୋଟ, ସହିଷ୍ଣୁତା ସାଥିର ଆକସ୍ମିକ ବିୟୋଗରେ ଆମ ସମସ୍ତଙ୍କ ପାଇଁ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ
ଓଡ଼ିସିଏଲ୍ କର୍ମଚାରୀ ସଂଘ
ମଞ୍ଚେଶ୍ୱର,ଭୁବନେଶ୍ୱର।

ଧ-୧୦୩୬୪

ପ୍ରଥମ ପୃଷ୍ଠାରୁ...

ଏକ ସଙ୍ଗେ ଜଳିଲା ...

ମହାକାଳପଡ଼ା ପୋଲିସଠାରୁ ମୁକୁଳାଇବାକୁ ଦାବି କରିଥିଲେ। ଜିଲାପାଳ ୨ନାଉରିଙ୍କୁ ଛାଡ଼ିଦେବାକୁ ନିର୍ଦ୍ଦେଶ ଦେଇଥିବାବେଳେ କ୍ଷତିପୂରଣ ବୃଦ୍ଧି ନିମନ୍ତେ କୌଣସି ନିଷ୍କର୍ଷରେ ପହଞ୍ଚି ନ ପାରିବାରୁ ରାସ୍ତାରୋକୋ ଜାରି ରହିଥିଲା। ପରେ ସନ୍ଧ୍ୟାରେ ଜଗତ୍‌ସିଂହପୁର ଏମ୍‌ପି କୁଳମଣି ସାମଲ, ପାରାଦୀପ ଏଡିଏମ୍ କାହ୍ନୁ ଚରଣ ଧୀର, ଉପଜିଲାପାଳ, କୁଜଙ୍ଗ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା ଓ ପୋଲିସ ଅଧିକାରୀମାନେ ଧାରଣାସ୍ଥଳରେ ପହଞ୍ଚି ପୁଣି ଲୋକଙ୍କ ସହିତ ଆଲୋଚନା କରିଥିଲେ। ଲୋକଙ୍କ ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ଏମ୍‌ପି ସାମଲ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ଶୁକ୍ରବାର ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ହସିଣା ଗ୍ରାମରେ ପହଞ୍ଚି ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା କ୍ଷତିପୂରଣ ଅର୍ଥ ମୃତକଙ୍କ ପରିବାରକୁ ପ୍ରଦାନ କରିବେ ବୋଲି ଏମ୍‌ପି ସୂଚନା ଦେଇଥିଲେ। ବର୍ଦ୍ଧିତ କ୍ଷତିପୂରଣ ଦାବି ସମ୍ପର୍କରେ ଆସନ୍ତା ୧୧ତାରିଖରେ ଜିଲା ପ୍ରଶାସନ ସହିତ ପୁଣି ଏକ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ରାସ୍ତାରୋକୋରୁ ହଟିଥିଲେ।

ଏହି ଡଙ୍ଗା ବୁଡ଼ି ଘଟଣାରେ ମୃତକମାନେ ହେଲେ ହସିଣା ଗ୍ରାମର ପ୍ରଭାତୀ ସ୍ୱାଇଁ(୩୬) ସ୍ୱାମୀ-ଅକ୍ଷୟ, ଅନି ତରାଇ ସ୍ୱାମୀ ନରହରୀ, ସାଇ ତରାଇ(୪) ପି-ନରହରି, ଦେବାଶିଷ ସାହୁ(୧୦) ପିତା ବାବୁନି ସାହୁ, ଦେବସ୍ମିତା ପାଣି(୬) ପିତା-ସଚିତ୍ର ପାଣି, ରୋଜାଲିନ୍ ସାହୁ(୧୪) ପିତା-ମଣ୍ଟୁ ସାହୁ, ପଲ୍ଲବୀ ସ୍ୱାଇଁ(୫) ପିତା-ନିର୍ଭୟ ସ୍ୱାଇଁ ଓ ଗଣ୍ଡିଳିପୁର ଗ୍ରାମର ସୋନାକ୍ଷୀ ଦଳେଇ(୩)ପିତା -ଚିନ୍ମୟ କିଶୋର ଦଳେଇ। ଶୁଭଶ୍ରୀ ସ୍ୱାଇଁ(୬)ପିତା ଅକ୍ଷୟ ସ୍ୱାଇଁ ନିଖୋଜ ଥିବାବେଳେ ତାଙ୍କୁ ଠାବ କରିବାକୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

କେତେ ମଲେ ...

୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ଜୀବନ ଗଲାଣି। ଏହାଛଡା ଅନେକ ସମୟରେ ଡଙ୍ଗାବୁଡିରେ ଜଣେ ଦି' ଜଣଙ୍କର ମଧ୍ୟ ମୃତ୍ୟୁ ଘଟୁଛି। ଏ ନେଇ ଜିଲା କିମ୍ବା ରାଜ୍ୟ ପ୍ରଶାସନ ଚେତୁ ନାହାନ୍ତି। ଏଭଳି ଘଟଣାକୁ ଅତି ହାଲୁକା ଭାବେ ନିଆଯାଉଥିବାରୁ ବାରମ୍ବାର ବହୁମୂଲ୍ୟ ଜୀବନ ଚାଲି ଯାଉଛି। କେବଳ କାରଣ ଖୋଜାରେ ସୀମିତ ହୋଇ ଯାଉଛି ଡଙ୍ଗାବୁଡି ଘଟଣା। ରାଜ୍ୟରେ ବହୁ ସଂଖ୍ୟକ ଡଙ୍ଗା ଲାଇସେନ୍ସ ବିହୀନ ଓ ବିନା ଜୀବନ ରକ୍ଷାକାରୀ ଜ୍ୟାକେଟରେ ଅବାଧରେ ଚଳପ୍ରଚଳ କରୁଛି। ଡଙ୍ଗାଗୁଡିକୁ ପଞ୍ଜୀକରଣ କରାଯାଉ ନାହିଁ କିମ୍ବା ବେଆଇନ ଡଙ୍ଗା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ରାଜ୍ୟ ପରିବହନ ବିଭାଗ କିମ୍ବା ଜିଲା ପ୍ରଶାସନ ଏଭଳି ବେଆଇନ ଡଙ୍ଗା ଉପରେ ଅଙ୍କୁଶ ଲଗାଇପାରୁ ନାହାନ୍ତି। ଅନ୍ୟପକ୍ଷରେ ଲୋକମାନେ ମଧ୍ୟ ଜଳପଥରେ ଯାତ୍ରା ବେଳେ ଆଦୌ ସଚେତନ ହେଉ ନାହାନ୍ତି। ପରିବହନରେ ସାମିଲ ହେଉଥିବା ଦେଶୀ ଡଙ୍ଗାଗୁଡିକର ଚାଳକ ତାଲିମ ପ୍ରାପ୍ତ ହୋଇ ନ ଥିବା ବେଳେ ସେମାନେ ଯାତ୍ରୀମାନଙ୍କ ନିରାପତ୍ତା ପ୍ରତି ଆଦୌ ଦୃଷ୍ଟି ଦେଉ ନାହାନ୍ତି। ରାଜ୍ୟର ବିଭିନ୍ନ ନଦୀରେ ଚଳାଚଳ କରୁଥିବା ଡଙ୍ଗାଗୁଡିକରେ ପର୍ଯ୍ୟାପ୍ତ ପରିମାଣରେ ଜୀବନରକ୍ଷାକାରୀ ଜାକେଟ ମଧ୍ୟ ରଖାଯାଉ ନାହିଁ। ଯାହାକି ଡଙ୍ଗାବୁଡିର ଅନ୍ୟ ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି।

ଏଠାରେ ସୂଚନାଯୋଗ୍ୟ ଯେ ୨୦୧୪ ଫେବୃୟାର ୯ରେ ବଣଭୋଜି ସାରି ଫେରୁଥିବା ବେଳେ ହୀରାକୁଦ ଜଳଭଣ୍ଡାରରେ ଏକ ଡଙ୍ଗାବୁଡି ଘଟଣାରେ ୩୧ ଜଣଙ୍କର ଜୀବନ ଚାଲି ଯାଇଥିଲା। ରାଜ୍ୟ ସରକାର ମୃତକମାନଙ୍କ ଆତ୍ମୀୟଙ୍କ ପାଇଁ ଅନୁକମ୍ପା ରାଶି ଘୋଷଣା କରିବା ସହ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କମିଶନର ୨୦୧୪ ଏପ୍ରିଲ ୨୯ରେ ତଦନ୍ତ ରିପୋର୍ଟ ସରକାରଙ୍କୁ ଦେଇଥିଲେ। କମିଶନର ଡଙ୍ଗାବୁଡିର କାରଣ, ଏଥିପାଇଁ କିଏ ଦାୟୀ ଓ ଭବିଷ୍ୟତରେ ଏଭଳି ଦୁର୍ଘଟଣାକୁ କିପରି ଏଡାଯାଇ ପାରିବ ସେ ନେଇ ରିପୋର୍ଟ ଦେଇଥିଲେ। ତେବେ ଏହାକୁ ସାର୍ବଜନୀନ କରାଯାଇ ନ ଥିଲା। ଏହାର ୪ ବର୍ଷ ପରେ ୨୦୧୮ ଜୁନ ୧୬ ତାରିଖରେ ଚିଲିକାରେ ଘଟିଥିବା ଡଙ୍ଗାବୁଡି ଘଟଣାରେ ୬ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାର ମଧ୍ୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ବନ୍ଦର ଏବଂ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟ ଘଟଣାର ତଦନ୍ତ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଇଥିଲା। ଚାଳକଙ୍କ ବେପରୁଆ ଚାଳନା ଓ ଡଙ୍ଗାରେ ଜୀବନ ରକ୍ଷାକାରୀ ଜ୍ୟାକେଟ ନ ରହିବା ଦୁର୍ଘଟଣାର ମୂଳ କାରଣ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଘଟଣା ଶୀତଳ ହୋଇଯିବା ପରେ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଚୁପ ରହି ଯାଉଛନ୍ତି। ରାଜ୍ୟରେ ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ରାଜ୍ୟ ପ୍ରଶାସନର ପଦକ୍ଷେପ ଉପରେ ସାଧାରଣରେ ପ୍ରଶ୍ନ ଉଠିଛି।

ମୋଦିଙ୍କୁ ଟ୍ରମ୍ପଙ୍କ...

ଟ୍ରମ୍ପ୍ ଆହୁରି କହିଥିଲେ, ଆଫଗାନିସ୍ତାନ ଭଳି ଯୁଦ୍ଧ ପ୍ରଭାବିତ ଦେଶରେ ପାଠାଗାରକୁ ପାଣ୍ଠି ଯୋଗାଇବା ନିରର୍ଥକ। କାରଣ ସେଠାରେ କେହି ଲାଇବ୍ରେରିକୁ ପଢ଼ିବା ପାଇଁ ଯାଆନ୍ତି ନାହିଁ। ଭାରତ ଓ ମୋଦିଙ୍କ ସହ ମୋର ସୁସମ୍ପର୍କ ରହିଛି। ମୋଦି ମୋତେ ଅନେକଥର କହିଲେଣି ଯେ ସେ ଆଫଗାନିସ୍ତାନରେ ଏକ ଲାଇବ୍ରେରି ପ୍ରତିଷ୍ଠା କରିଛନ୍ତି। ଏହା ଆଫଗାନିସ୍ତାନରେ ପ୍ରତି ୫ ଘଣ୍ଟାରେ ଆମେରିକା ପକ୍ଷରୁ ଖର୍ଚ୍ଚ କରାଯିବା ସଦୃଶ। ମୋଦି ନିଜକୁ ବହୁତ ସ୍ମାର୍ଟ ବୋଲି ମୋତେ କହିଥାନ୍ତି। ଆମେ ବୋଧେ ତାଙ୍କୁ କହିବା ଉଚିତ ଯେ, ଲାଇବ୍ରେରି ପାଇଁ ଆପଣଙ୍କୁ ଧନ୍ୟବାଦ। କାରଣ ସେହି ପାଠାଗାରକୁ କିଏ ବ୍ୟବହାର କରୁଛି ତାହା ଜଣାନାହିଁ।

ପ୍ରକାଶ ଯେ, ଟ୍ରମ୍ପ୍ ଅନିର୍ଦ୍ଧାରିତ ସମୟ ମଧ୍ୟରେ ଆଫଗାନିସ୍ତାନରୁ ଆମେରିକୀୟ ସୈନ୍ୟଙ୍କ ସଂଖ୍ୟା ହ୍ରାସ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆଫଗାନିସ୍ତାନରେ ୧୪,୦୦୦ ଆମେରିକୀୟ ସୈନ୍ୟ ମୁତୟନ ଥିବାବେଳେ ଏହାର ପ୍ରାୟ ଅଧା ସୈନ୍ୟଙ୍କୁ କୌଣସି ସମୟରେ ପ୍ରତ୍ୟାହାର କରିପାରେ ୱାଶିଂଟନ। ସେପଟେ ଆଫଗାନିସ୍ତାନକୁ ସେନା ପଠାଇବା ପାଇଁ ଆମେରିକା ପକ୍ଷରୁ ଭାରତ ଉପରେ ଚାପ ପକାଯାଉଛି। କିନ୍ତୁ ଭାରତ ଏହାକୁ ବାରମ୍ବାର ପ୍ରତ୍ୟାଖ୍ୟାନ

ଆସାମର ଗୋଲାଘାଟ ଜିଲାରେ ପୋଲିସ ଓ ବିକ୍ଷୋଭକାରୀମାନଙ୍କ ମଧ୍ୟରେ ମୁହାଁମୁହିଁ ହୋଇଛି। ଏଥିରେ ଚା' କମ୍ପାନୀରେ କାମ କରୁଥିବା ୧୦ ଶ୍ରମିକ ଏବଂ ୮ ପୋଲିସ ଆହତ ହୋଇଛନ୍ତି। ଗିରଫ ହୋଇଥିବା ବୋଗିଧୋଲା ଚା କମ୍ପାନୀର ୩ ଶ୍ରମିକଙ୍କୁ ତୁରନ୍ତ ମୁକ୍ତି ଦାବିରେ ଶ୍ରମିକମାନେ ରାସ୍ତା ଅବରୋଧ କରିବା ସହ ପୋଲିସ ଉପରକୁ ଟେକା ପଥର ମାଡ଼ କରିଥିଲେ।

କାନ୍ଦବୋବାଳିରେ ଫାଟିଲା ହସିଣା

ହସିଣା ଗ୍ରାମରେ ଶୋକାକୁଳ ପରିବେଶ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଦେଇ ପ୍ରବାହିତ ମହାନଦୀର ଶାଖା ଖୋଳାନଦୀ ବାଲିଘାଟଠାରେ ବୁଧବାର ଘଟିଥିବା ଡଙ୍ଗାବୁଡ଼ି ଘଟଣା ଉଭୟ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଏହି ଦୁର୍ଘଟଣାରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ହସିଣା ଗ୍ରାମର ୯ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସମସ୍ତ ମୃତଦେହ ବ୍ୟବଚ୍ଛେଦ କରାଯିବାପରେ ହସିଣା ଗାଁ କାନ୍ଦବୋବାଳିରେ ଫାଟି ପଡ଼ିଛି। ସମ୍ପର୍କୀୟଙ୍କୁ ହରାଇ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ନୂତନ ବର୍ଷ ଆରମ୍ଭରୁ ଈଶ୍ୱର ଏତେ ବଡ଼ ଦୁଃଖଦେଲେ ଯେ, ତାହାକୁ ଆମେ ସହି ପାରୁନାହୁଁ ବୋଲି ସମ୍ପର୍କୀୟ କହିଛନ୍ତି। ଘଟଣା ପରେ ବିଭିନ୍ନ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ମୃତକମାନଙ୍କୁ ଡଙ୍ଗାରେ କୂଳକୁ ଅଣାଯାଉଛି।



ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବା ଓଡ୍ରାଫ୍ ଟିମ୍।

୮ ମୃତଦେହ ଉଦ୍ଧାର କଲେ ଭୀମା

ଜିଲା ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ସହିତ ଉଦ୍ଧାର ପାଇଥିବା ଯାତ୍ରୀଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନଦିଆଯାଇଥିଲା। ଏଥିରେ ଅଗ୍ନିଶମ ବାହିନୀ, ବନ ବିଭାଗ ସହିତ ସ୍ଥାନୀୟ ବୋଟ ନିୟୋଜିତ ହୋଇଥିଲା। ଶୀତକୁ ଖାତିର ନ କରି ରାତି ପ୍ରାୟ ୧୨.୩୦ ମିନିଟ ପରେ ଦ୍ୱିତୀୟ ପର୍ଯ୍ୟାୟ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ତଥା ବିପର୍ଯ୍ୟୟ ସମୟରେ ଉଦ୍ଧାର ପାଇଁ ତାଲିମପ୍ରାପ୍ତ ଭୀମା ୪ ଜଣ ସାଥୀଙ୍କ ସହ ସେଠାରେ ପହଞ୍ଚି ମାନବଶୃଙ୍ଖଳ ସୃଷ୍ଟିକରି ରାତି ୨ଟା ସୁଦ୍ଧା ଅବଶିଷ୍ଟ ମୃତଦେହ ଉଦ୍ଧାର କରିଥିଲେ।

ଗୁରୁବାର ସକାଳର ଯନ୍ତ୍ରଣାଦାୟକ ଦୃଶ୍ୟ

ଗୁରୁବାର ସକାଳ ସୁଦ୍ଧା ୪୫ ଯାତ୍ରୀ ଓ ୯ ମୃତଦେହ ଉଦ୍ଧାର ହୋଇସାରିଥିଲା। ଘଟଣାସ୍ଥଳରେ ଉଭୟ କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲା ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। କାନ୍ଦବୋବାଳିରେ ଫାଟି ପଡୁଥିଲା ନଦୀପଠା। ତା'ସହ ୯ଜଣଙ୍କ ଶବ ଏକାଠି ପଡିଥିବା ଦୃଶ୍ୟ ସାଧାରଣଲୋକକୁ ବିବ୍ରତ କରିଥିଲା। ତୁହାକୁତୁହା ଯାତ୍ରୀଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟ ପହଞ୍ଚିବା ପରେ କରୁଣ ପରିସ୍ଥିତି ସୃଷ୍ଟି ହୋଇଥିଲା।

ଭାରସାମ୍ୟ ହରାଇ ଓଲଟି ପଡ଼ିଲା

ମରଣ ମୁହଁରୁ ଫେରିଥିବା ରମେଶ ମୁଦୁଲି ଓ ପ୍ରକାଶ ସ୍ୱାଇଁ କହିଛନ୍ତି, ପିକ୍‌ନିକ୍ ସାରି ଫେରିବା ପର୍ଯ୍ୟନ୍ତ ସବୁ ଠିକ୍‌ଠାକ ଥିଲା। ସନ୍ଧ୍ୟା ୬ଟାରେ ମହାନଦୀ ଅତିକ୍ରମ କରି ଖୋଳାନଦୀରେ ଆସିବା ବେଳେ ନିପାଣିଆଠାରେ ଜଣେ ମହିଳା ଶୌଚ ହେବାକୁ କହିବାରୁ ଏକ ଟାପୁରେ ଡଙ୍ଗା ଲାଗିଥିଲା। ୫ଜଣ ଡଙ୍ଗାରୁ ଓହ୍ଲାଇ ଶୌଚ ହେବାକୁ ଯାଇଥିଲେ। ପରେ ଡଙ୍ଗା କୂଳ ଛାଡୁ ଛାଡୁ ଭାରସାମ୍ୟ ହରାଇ ବସିଥିଲା। ବୋଧହୁଏ ଡଙ୍ଗାର ପଛପାଖ ଏକ ଖୁଣ୍ଟରେ ପିଟି ହୋଇଥିଲା କିମ୍ବା କୌଣସି କାରଣରୁ ଡଙ୍ଗା ଓଲଟି ପଡିଥିଲା। ଆଖି ସାମ୍ନାରେ ନାଉରୀଙ୍କ ଶିଶୁ ପୁତ୍ର ଓ କନ୍ୟା, ପରିବାରର ଛୋଟ ଛୋଟ ପିଲାମାନେ ଭାସି ଯାଇଥିଲେ। ଜୀବନ ବଞ୍ଚେଇବାକୁ ଡଙ୍ଗାରେ ଥିବା ଅନ୍ୟମାନେ କୂଳରେ ଲାଗିଥିଲେ। ସ୍ଥାନୀୟ ଗ୍ରାମବାସୀ ମଧ୍ୟ ସହଯୋଗ କରିଥିଲେ। ଡଙ୍ଗାରେ ବୁଡ଼ି ଯାଇଥିବା ଲୋକେ ନିଜର ସ୍ଥିତି ହରେଇ ବସିଥିଲେ। କାହାର ପୁଅ, ଝିଅ, ସ୍ତ୍ରୀ ବୁଡିଗଲା ହଜିଗଲା କେହି ବୁଝିପାରି ନ ଥିଲେ। ନିପାଣିଆ ଗାଁ ମୁଣ୍ଡରେ ଅଭାବବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା।

ଡଙ୍ଗାରେ ଯାତ୍ରା କରୁଥିବା ହସିଣା ଗ୍ରାମର ଶରତ ସାହୁଙ୍କ କହିବା ହେଲା ଯେ, ଆମେ ଘରୁ ବାହାରି ପନ୍ଦର ନମ୍ବର ପାଖ ନଦୀରେ ଡଙ୍ଗାରେ ଫେରିବା ବେଳେ ଅନୁଭବ କରୁଥିଲୁ ଯେ, ସମସ୍ତେ ଭଲରେ ଭଲରେ ଘରକୁ ଫେରି ଆସିବୁ। ହେଲେ ବିଧିର ବିଧାନ ଅଲଗା ଥିଲା। ନିପାଣିଆ ପାଖରେ ଯେତେବେଳେ ଭାରସାମ୍ୟ ହରାଇ ଡଙ୍ଗା ବୁଡ଼ିଗଲା, ସେତେବେଳେ ଆମେ କିଛି ବୁଝି ପାରି ନଥିଲୁ। ଏପରିକି କେଉଁପଟେ କୂଳ ଅଛି ଜାଣି ପାରିଲୁ ନାହିଁ। ମୋ ଆଖି ଆଗରେ କେତେଜଣ ଭାସି ଯାଇଥିଲେ ସେମାନଙ୍କୁ ଦେଖି ସୁଦ୍ଧା କିଛି କରି ପାରି ନ ଥିଲି। କିଛି ସମୟ ପରେ ନିଜେ କୂଳରେ ଲାଗି ଜୀବନ ବଞ୍ଚାଇଥିଲି।

ଅନ୍ଧାର ରାତିରେ ଦେବଦୂତ ପାଲଟିଲେ ସବିତା ଓ ପୂର୍ଣ୍ଣିମା

ଡଙ୍ଗା ବୁଡ଼ି ବେଳେ ନଦୀ ଭିତରେ ଲୋକଙ୍କ ଆର୍ତ୍ତଚିତ୍କାର ଶୁଣି ସେମାନଙ୍କୁ ଉଦ୍ଧାର କରିବାକୁ ନଦୀ ଭିତରକୁ ଡେଇଁ ପଡ଼ିଥିଲେ ଦୁଇ ଭଉଣୀ। ନଦୀଠାରୁ ମାତ୍ର ୫୦ମିଟର ଦୂରରେ ବସବାସ କରୁଥିବା ଉତ୍ତମ ଗିରିଙ୍କ ଝିଅ ପୂର୍ଣ୍ଣିମା ଓ ବୁଦ୍ଧଦେବ ଗିରିଙ୍କ ଝିଅ ସବିତା ନଦୀ ମଧ୍ୟରୁ ପ୍ରାୟ ୩୦ରୁ ୩୫ ଯାତ୍ରୀଙ୍କୁ ଉଦ୍ଧାର କରି ଉପରକୁ ଆଣିଥିଲେ। ଖୋଳାନଦୀରେ କୁମ୍ଭୀର ଭୟ ଥିବା ବଳେ ସବିତା ଓ ପୂର୍ଣ୍ଣିମା ଏହାକୁ ଖାତିର ନ କରି ନଦୀରେ ପଶି ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଅନ୍ଧାର ରାତିର ସେହି ଭୟଙ୍କର ଦୃଶ୍ୟ ସମ୍ପର୍କରେ ସବିତା ଓ ପୂର୍ଣ୍ଣିମା କୁହନ୍ତି, ଯାତ୍ରୀଙ୍କ ଚିତ୍କାର ଶୁଣି ନଦୀ କୂଳକୁ ଧାଇଁ ଆସିଥିଲୁ। ସେତେବେଳେ କୁମ୍ଭୀର ଭୟ ମନକୁ ଆସି ନ ଥିଲା। ବହୁ ଚେଷ୍ଟା କରି ଲୋକମାନଙ୍କୁ ଉଦ୍ଧାର କଲୁ। କିନ୍ତୁ ଆଖି ଆଗରେ ଆଉ ୧୦ଜଣଙ୍କ ମୃତ୍ୟୁ ହୋଇଗଲା। ସେମାନଙ୍କୁ ଉଦ୍ଧାର କରି ନ ପାରିବାରୁ ବହୁ ଦୁଃଖ ଲାଗୁଛି ବୋଲି ଦୁଇ ଭଉଣୀ କୋହଭରା କଣ୍ଠରେ କହିଛନ୍ତି। ଏହି ଦୁଇ ଭଉଣୀଙ୍କ ସାହିସିକତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇବା ସହ ସେମାନେ ବାସ୍ତବରେ ଯୁବ ଓଡ଼ିଶାର ହିରୋ ବୋଲି କହିଛନ୍ତି।

ସବିତା ଓ ପୂର୍ଣ୍ଣିମା

ମାସକ ତଳେ କିଣା ହୋଇଥିଲା ଡଙ୍ଗା

ସମୁଦ୍ରରୁ ମାଛ ମାରିବା ପାଇଁ ମାସକ ତଳେ ଏହି ଡଙ୍ଗା କିଣା ହୋଇଥିଲା। ଗାଁର ମତ୍ସ୍ୟଜୀବୀ ଟୁଟୁ ସାହୁ ଓ ନିର୍ଭୟ ସ୍ୱାଇଁଙ୍କ ସମେତ ୫ଜଣ ଗ୍ରୁପ୍ ହୋଇ ଏକ ନୂଆ ଡଙ୍ଗା କିଣିଥିଲେ। ଯାହାଫଳରେ ମହାନଦୀର ତଳି ଅଞ୍ଚଳ ଓ ମୁହାଣ ମୁହଁରୁ ବେଶ୍ ମାଛ ମାରିଥିଲେ। ହେଲେ ପୋଷଣାହାରୀ ଡଙ୍ଗା ଯେ ଦିନେ ଏପରି ଧୋକା ଦେବ, ଗାଁରୁ ୧୦ଜଣଙ୍କ ଜୀବନ ନେବ ଏକଥା କେବେ କେହି ଭାବି ନ ଥିଲେ।

୨୧ରେ ଚୂଡ଼ାନ୍ତ ଭୋଟର ତାଲିକା

ଭୁବନେଶ୍ୱର,୩।୧(ବ୍ୟୁରୋ)

ଚୂଡ଼ାନ୍ତ ଭୋଟର ତାଲିକା ଜାନୁୟାରୀ ୪ ବଦଳରେ ୨୧ ତାରିଖରେ ପ୍ରକାଶ ପାଇବ। ଜାନୁୟାରୀ ୭ ତାରିଖରୁ ମକ ପୋଲ ଆରମ୍ଭ ହେବ। ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଏହି ସୂଚନା ଦେଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୁରେନ୍ଦ୍ର କୁମାର କହିଛନ୍ତି ଯେ ଭୋଟର ତାଲିକା ସଂଶୋଧନ ପାଇଁ ଏକ ସ୍ୱତନ୍ତ୍ର ଡ୍ରାଇଭ ଚାଲୁଛି। ଭାରତର ନିର୍ବାଚନ କମିଶନ ଭୋଟର ତାଲିକା ସଂଶୋଧନ ପାଇଁ ପୂର୍ବରୁ ୨୦୧୮ ଅକ୍ଟୋବର ୩୧କୁ ଧାର୍ଯ୍ୟ କରିଥିଲେ। ପରେ ଏହାକୁ ନଭେମ୍ବର ୧୫ ଯାଏ ବୃଦ୍ଧି କରାଯାଇଥିଲା। ଅଧିକରୁ ଅଧିକ ଭୋଟରଙ୍କୁ ସାମିଲ କରିବା ଆମର ପ୍ରଥମ କର୍ତ୍ତବ୍ୟ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଚୂଡ଼ାନ୍ତ ଭୋଟର ତାଲିକା ଜାନୁୟାରୀ ୪ ତାରିଖକୁ ଧାର୍ଯ୍ୟ କରାଯାଇଥିଲା। ନିୟମ ମୁତାବକ ସଂଶୋଧନ କାର୍ଯ୍ୟକ୍ରମ ଅବଧିକୁ ୧୫ ଦିନ ଯାଏ ବୃଦ୍ଧି କରାଯାଇ ପାରିବ। ଆସନ୍ତା ୨୧ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ ବୋଲି ସୁରେନ୍ଦ୍ର କୁମାର କହିଛନ୍ତି। ୧୨,୦୮,୩୯୬ ଜଣ ଭୋଟର ଫର୍ମ-୬, ୬୪୭,୪୮୬ ଜଣ ଫର୍ମ-୭, ୪,୬୮, ୪୨୦ ଫର୍ମ- ୮ ଏବଂ ୫୨,୨୯୨ ଫର୍ମ-୮(ଏ) ପୂରଣ କରି ଭୋଟର ତାଲିକାରେ ସାମିଲ ହେବା ପାଇଁ ଆବେଦନ କରିଛନ୍ତି। ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପରେ ମଧ୍ୟ ମତଦାତାମାନେ ସେମାନଙ୍କର ନାମ ଦେଇ ପାରିବେ। ପ୍ରଥମ ଥର ଲାଗି ଓଡିଶାରେ ଇଭିଏମ ସହିତ ଭିଭିପାଟ(ଭୋଟର ଭେରିଫାଏଡ ପେପର ଅଡିଟ ଟ୍ରାଏଲ) ମେଶିନ ଲାଗିବ। ନିର୍ବାଚନ ପରିଚାଳନା ପାଇଁ ଏହି ମେଶିନଗୁଡ଼ିକ ୬ଟି ରାଜ୍ୟରୁ ଆଣି ବ୍ୟବହାର କରିବା ପାଇଁ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ମେଶିନଗୁଡିକୁ ବ୍ୟବହାର ଉପଯୋଗୀ କରିବା ନିମନ୍ତେ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଥମିକ ଯାଞ୍ଚ କାର୍ଯ୍ୟ ଜାରି ରହିଛି। ୨୦୧୯ ଜାନୁୟାରୀ ୧୫ ସୁଦ୍ଧା ଏହି କାର୍ଯ୍ୟ ଶେଷ ହୋଇ ଯିବ ବୋଲି କୁମାର କହିଛନ୍ତି।

ମନୁଷ୍ୟକୁ ଚେତନାର ଏକ ଉଚ୍ଚତର ସ୍ତରକୁ ଉଠିଯିବାକୁ ହେବ । ତା'ହେଲେ ଯାଇ ସେ ତା'ର ଅଜ୍ଞାନ ଭିତରୁ – ସଂକୀର୍ଣ୍ଣ ସୀମାର ଘେର ଭିତରୁ –ସ୍ୱାର୍ଥପରତା ଭିତରୁ ଏବଂ ଏପରି କି ତା'ର ଦୁଃଖ ଯନ୍ତ୍ରଣା ଭିତରୁ ମୁକ୍ତି ପାଇ ପାରିବ । –ଶ୍ରୀମା

ବନ୍ଧୁର ପ୍ରଥମାର୍ଦ୍ଧ

ଭାରତୀୟ ପୁଞ୍ଜିବଜାର ବିଗତ ବର୍ଷ ନିବେଶକମାନଙ୍କ ପାଇଁ ଥିଲା ମିଶ୍ରିତ ଫଳଦାୟୀ। ଗୁରୁତ୍ୱପୂର୍ଣ୍ଣ ସୂଚକାଙ୍କଗୁଡ଼ିକରେ ସାମାନ୍ୟ ଲାଭ ସୂଚିତ ହୋଇଥିବା ବେଳେ ବୃହତ୍ତର ପୁଞ୍ଜିବଜାର ପଛରେ ପଡ଼ିଯାଇଥିଲା। ତେବେ ଆଶ୍ୱାସନା ବିଷୟ ଏହା ଥିଲା ଯେ ସାମଗ୍ରିକ ପୁଞ୍ଜି ବଜାରରେ ଲାଭ ହୋଇଥିଲା। ଉଭୟ ନିଫ୍‌ଟି୫୦ ଓ ସେନ୍‌ସେକ୍ସ୩୦ ବର୍ଷ ଶେଷ ସୁଦ୍ଧା ଯଥାକ୍ରମେ ୩.୫ ଓ ୬ ପ୍ରତିଶତ ଲାଭ ପ୍ରଦର୍ଶନ କରିଥିଲେ। ଏହି ଲାଭ ସାମାନ୍ୟ ହେଲେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା କାରଣ ବିଶ୍ୱ ବଜାରରେ ଧିମାବସ୍ଥା ଦେଖାଦେଇଥିଲା। ମାର୍କିନ ଗେଜ୍ ୬ ପ୍ରତିଶତ କ୍ଷତି ସହିଥିବା ବେଳେ ୟୁରୋପୀୟ ବେଞ୍ଚମାର୍କ ୧୪ ପ୍ରତିଶତ ତଳକୁ ଖସିଥିଲା ଏବଂ ଚାଇନିଜ୍ କମ୍ପୋଜିଟ୍ ବର୍ଷ ତମାମ ୨୫ ପ୍ରତିଶତ ପାଖାପାଖି ହ୍ରାସ ପାଇଥିଲା।

ତେବେ ୨୦୧୯ରେ ଭାରତୀୟ ବଜାର ଖୁବ୍ ବେଶି ଲାଭ କରିବ ବୋଲି ଆଶା କରାଯାଉ ନାହିଁ। ଯେଉଁ କାରଣରୁ ଭାରତୀୟ ପୁଞ୍ଜି ବଜାର ବିଗତ ବର୍ଷ ପଛରେ ରହିଥିଲା, ତାହା ଚଳିତବର୍ଷ ବି ବଳବତ୍ତର ରହିବା ଆଶଙ୍କା କରାଯାଏ। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ, ଆମେରିକାର ସୁଧହାର ବୃଦ୍ଧି, ଇରାନ ଉପରେ କଟକଣା, ଚାଇନା ଓ ଆମେରିକା ମଧ୍ୟରେ ବାଣିଜ୍ୟିକ ଯୁଦ୍ଧ ଏବଂ ଏପରି କି ବିଗତ ସପ୍ତାହରେ ଉକ୍ତ ଦୁଇ ବୃହତ୍ ଅର୍ଥନୀତି ମଧ୍ୟରେ ଉତ୍ତେଜନା ହ୍ରାସ ପାଇଥିଲେ ମଧ୍ୟ ସେହିସବୁ କାରକଗୁଡ଼ିକ ଚଳତବର୍ଷ ଅବ୍ୟାହତ ରହିବା ଅନୁମାନ କରାଯାଏ। ବିଗତ ବର୍ଷ ବହୁଳାଂଶରେ ଅବ୍ୟାହତ ଥିବା କ୍ଷୁଦ୍ର ଓ ମଧ୍ୟମ ପୁଞ୍ଜିର ସ୍ଥାଣୁତା ବା ଅବନତି ଏ ବର୍ଷ ମଧ୍ୟ କାଏମ ରହି ଖୁଚୁରା ନିବେଶକମାନଙ୍କ ଭାଗ୍ୟକୁ ନିମ୍ନଗାମୀ କରିବ। ଏପରି କି ୨୦୧୯ରେ ଅଗ୍ରଣୀ ଷ୍ଟକ୍‌ଗୁଡ଼ିକର ପ୍ରଦର୍ଶନ ଉପରେ ମଧ୍ୟ ନଜର ରଖାଯିବ।

ଅନ୍ତର୍ଜାତୀୟ ବଜାରରେ ବାଷ୍ପଶୀଳ ତୈଳ ଦର, ଓଡ଼ିଶା ସମେତ କେତେକ ରାଜ୍ୟର ବିଧାନସଭା ନିର୍ବାଚନ ଓ ସାଧାରଣ ନିର୍ବାଚନ ଏବଂ ନିର୍ବାଚନକୁ ଆଖି ଆଗରେ ରଖି ଆର୍ଥିକ ଦୃଷ୍ଟିରୁ କ୍ଷତିକାରକ ଅଥଚ ଲୋକପ୍ରିୟ ନୀତି ନିର୍ଦ୍ଧାରଣ ବଜାର ଅବସ୍ଥା ସୁଧାରିବାରେ ପ୍ରତିକୂଳ ପ୍ରଭାବ ପକାଇବ। ତ୍ୱରିତ ନିର୍ବାଚନୀ ଫାଇଦା ପାଇଁ ସରକାର ବିଭିନ୍ନ ଲୋଭନୀୟ ଯୋଜନା ଘୋଷଣା କରିବାରୁ ନିଜକୁ ନିରସ୍ତ ରଖିବା କଷ୍ଟକର ହେବ। ତା'ଛଡ଼ା ଶୀଘ୍ର ଲାଭ ଅର୍ଜନ ପାଇଁ ଭାରତୀୟ ପୁଞ୍ଜି ବଜାରକୁ ପ୍ରବେଶ କରିଥିବା ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନେ ଭାରତରେ ସେମାନଙ୍କ ପୁଞ୍ଜିନିବେଶ (ଇଣ୍ଡିଆ ଆଲୋକେଶନ୍ସ) ବଢ଼ାଇବାକୁ ତରବର ହେବେ ନାହିଁ। ପୁଞ୍ଜି ବଜାରକୁ ନଷ୍ଟ କରୁଥିବା ଆଉ ଏକ କାରକ ହେଉଛି କମ୍ ସଂଖ୍ୟକ ନିବେଶଯୋଗ୍ୟ ଷ୍ଟକ୍, ଯାହା ଅନ୍ୟଭାବରେ ବଜାରରେ ଟାଣଟୁଣ ଅବସ୍ଥା ସୃଷ୍ଟି କରିପାରେ। ୨୦୧୯ରେ ଉଭୟ ଏଫ୍‌ପିଆଇ ଓ ଘରୋଇ ନିବେଶକମାନଙ୍କର ନିବେଶ ପାଇଁ କମ୍ ସୁଯୋଗ ରହିବ କାରଣ ଏହି ବର୍ଷ ଯୋଗାଣ କ୍ଷେତ୍ରରେ ପ୍ରତିବନ୍ଧକ ରହିବ। କେନ୍ଦ୍ରରେ ନୂଆ ସରକାର ଗଢ଼ା ହେବା ପର୍ଯ୍ୟନ୍ତ ପ୍ରାଥମିକ ବଜାରରେ ଅଚଳାବସ୍ଥା ଜାରି ରହିପାରେ। ୨୦୧୯ ଜୁନ୍ ପୂର୍ବରୁ ନୂଆ ସରକାର ଗଢ଼ାହେବାର ସମ୍ଭାବନା ନାହିଁ।

ଆଶା କରାଯାଉଛି ଯେ, ନୂଆ ଗଭର୍ନରଙ୍କ ଅଧୀନରେ ଭାରତୀୟ ରିଜର୍ଭ ବ୍ୟାଙ୍କ ସରକାରଙ୍କ କଥାରେ ପରିଚାଳିତ ହେବ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ବିଶିଷ୍ଟ କମ୍ପାନୀଗୁଡ଼ିକର ୨୫ କୋଟି ଟଙ୍କା ପର୍ଯ୍ୟନ୍ତ ଋଣର ଏକକାଳୀନ ଫଇସଲା ପାଇଁ ମଙ୍ଗଳବାର ଆର୍‌ବିଆଇ ଯାହା ଘୋଷଣା କରିଛି, ତାହା ସୂଚାଉଛି ଯେ ବ୍ୟାଙ୍କ ସରକାରଙ୍କ କଥାରେ ପରିଚାଳିତ ହେଉଛି। ବାସ୍ତବରେ ଏହା ଥିଲା ପ୍ରମୁଖ କାରଣ ଯେଉଁଥିପାଇଁ ଆର୍‌ବିଆଇର ପୂର୍ବତନ ଗଭର୍ନର ଉର୍ଜିତ ପଟେଲ ନିଜ ପଦରୁ ଇସ୍ତଫା ଦେଇଥିଲେ। ଏହି ନିଷ୍ପତ୍ତି ବିମୁଦ୍ରୀକରଣ ଓ ଜିଏସ୍‌ଟି ଲାଗୁହେବା ଯୋଗୁ ଆର୍ଥିକ ଅନଟନର ସମ୍ମୁଖୀନ ହେଉଥିବା ଏମ୍‌ଏସ୍‌ଏମ୍‌ଇ–ଗୁଡ଼ିକ ପାଇଁ ସାହାଯ୍ୟକାରୀ ହୋଇପାରେ। ଉକ୍ତ ଯୋଜନାର ଲାଭ ଉଠାଇବା ପାଇଁ ଋଣଗ୍ରହୀତାଙ୍କୁ ଦିଆଯାଉଥିବା ବ୍ୟାଙ୍କଗୁଡ଼ିକର ଅଣପାଣ୍ଠି–ଭିତ୍ତିକ ସୁବିଧାସୁଯୋଗ ଓ ଏନ୍‌ବିଏଫ୍‌ସି ସମେତ ମୋଟ ଋଣ ପରିମାଣ ୨୦୧୯ ଜାନୁୟାରୀ ୧ ସୁଦ୍ଧା ୨୫ କୋଟି ଟଙ୍କାରୁ ଅଧିକ ହେବା ଉଚିତ ନୁହେଁ। ଆର୍‌ବିଆଇ ନିକଟରେ ଯେଉଁ ପଦକ୍ଷେପ ନେଇଛି ସେଥିରେ ଏହାର ତ୍ୱରିତ ସଂଶୋଧନୀ କାର୍ଯ୍ୟାନୁଷ୍ଠାନ (ପିସିଏ) ନୀତିକୁ କୋହଳ କରାଯାଇଛି, ଯେଉଁ ନୀତିକୁ ଏହା ଉଚ୍ଚ ଅଚଳ ପରିସମ୍ପତ୍ତି (ଏନ୍‌ପିଏ) ଭିତ୍ତିକ ୧୧ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଉପରେ ଲାଗୁ କରିଥିଲା। ପିସିଏ ମାନଦଣ୍ଡରେ କୋହଳ କରାଗଲେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଖିଲାପି ଏମ୍‌ଏସ୍‌ଏମ୍‌ଇ–ଗୁଡ଼ିକୁ ପୁଣି ଋଣ ଦେବାକୁ ଆରମ୍ଭ କରିପାରିବେ। ଫଳରେ ଏହାଦ୍ୱାରା ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଅଧିକ କର୍ମନିଯୁକ୍ତି ସୃଷ୍ଟି ହୋଇପାରିବ। ସୂଚନାଯୋଗ୍ୟ ଯେ, ଏହି କ୍ଷେତ୍ରରେ ମୋଟ ୧୨ କୋଟି ଲୋକ ନିଯୁକ୍ତି ପାଇଛନ୍ତି, ଯାହା କର୍ମନିଯୁକ୍ତି ପ୍ରଦାନରେ କୃଷିକ୍ଷେତ୍ର ତଳକୁ ଦ୍ୱିତୀୟ ସ୍ଥାନରେ ରହିଛି। ମୋଟ ଉପରେ ୨୦୧୯ରେ ଭାରତୀୟ ବଜାର ଅଧିକ ଚଳଚଞ୍ଚଳ ହୋଇପାରିବ। ଘରୋଇ ନିବେଶକମାନେ ବର୍ଷର ପ୍ରଥମାର୍ଦ୍ଧରେ ଲାଭ ଅର୍ଜନ ଦୃଷ୍ଟିରୁ ଏକ ବନ୍ଧୁର ରାସ୍ତା ଦେଇ ଗତି କରିବେ।

ଆଜିର ଅର୍ଥନୀତି

ନିଜେ ଚେତିଲେ ଦୁନିଆ ଚେତେ

ପ୍ରେମାନନ୍ଦ ନାୟକ

ରାସ୍ତାକଡ଼ରେ ଥିବା ଏକ ଓମ୍‌ଫେଡ ବୁଥ୍‌ରେ ଚା ପିଉପିଉ ନଜର ପଡ଼ିଲା ଯେ ଦୋକାନ ନିକଟରେ ଗୋଟିଏ ଡଷ୍ଟବିନ୍ ରହିଥିବା ସତ୍ତ୍ୱେ ଗ୍ରାହକମାନେ ଚା ପିଇସାରି କପ୍‌କୁ ଡଷ୍ଟବିନ୍‌ରେ ନ ପକାଇ ବାହାରେ ଫିଙ୍ଗି ଦେଉଛନ୍ତି। ଗୁଟ୍‌ଖା, ବିସ୍କୁଟ, ଚକୋଲେଟ୍ ଇତ୍ୟାଦି ଖାଇସାରି ଖାଲି ଜରି ପ୍ୟାକେଟ୍‌କୁ ସେହିପରି ଡଷ୍ଟବିନ୍ ବାହାରେ ପକାଉଛନ୍ତି। ପବନରେ ସେଗୁଡ଼ିକ ଉଡ଼ିଯାଇ ଲୋକଙ୍କ ଘର ସମ୍ମୁଖରେ ପଡ଼ି ରାସ୍ତାଘାଟକୁ ଆବର୍ଜନାମୟ କରିଦେଉଛି। ଲୋକେ ପଲିଥିନ ବ୍ୟାଗ୍‌ରେ ଆବର୍ଜନା/ଅଦରକାରୀ ଜିନିଷ ଭର୍ତ୍ତିକରି ରାସ୍ତା କଡ଼ରେ ପକାଇ ନିଃସଙ୍କୋଚରେ ଚାଲିଯାଉଛନ୍ତି। ଅନତିଦୂରରେ ଥିବା ମ୍ୟୁନିସିପାଲିଟି ଡଷ୍ଟବିନ୍‌ରେ କୁଡ଼କୁଡ଼ ମଇଳା ଜମାହୋଇ ରହିଛି। ନିକଟରେ ଭୂତଳ ସ୍ୱେରେଜ ଲାଇନ ଜାମ୍ ହୋଇ ମ୍ୟାନ୍‌ହୋଲ ବାଟେ ମଇଳାପାଣି ବାହାରି ରାସ୍ତାସାରା ଲହଡି ଭାଙ୍ଗୁଛି। ଚାରିଆଡ଼େ ପୂତିଗନ୍ଧମୟ ପରିବେଶ। ଯେତେଦୂର ମନେହୁଏ, ଆମର ସ୍ୱଚ୍ଛତା ଅଭିଯାନ କେବଳ ବଡ଼ବଡ଼ ବିଜ୍ଞାପନରେ ସୀମିତ। ଦେଶର ନେତା ଏବଂ ମନ୍ତ୍ରିଗଣ କେବଳ ବଡ଼ବଡ଼ ଝାଡୁ ଧରି ଖବରକାଗଜ/ଟିଭିରେ ଫଟୋ ଛାପିବା ଓ ଆତ୍ମପ୍ରଶଂସାମୂଳକ ବିବୃତି ଦେବାରେ ସନ୍ତୁଷ୍ଟ।

ସେହିପରି ପଲିଥିନ/ପ୍ଲାଷ୍ଟିକର ପରିବେଶ ଓ ଜୀବଜନ୍ତୁଙ୍କ ଉପରେ ପଡୁଥିବା କୁପ୍ରଭାବକୁ ଦୃଷ୍ଟିରେ ରଖି ସରକାର ଗତ ଗାନ୍ଧୀ ଜୟନ୍ତୀଠାରୁ ତାହାର ବ୍ୟବହାର ଉପରେ କଟକଣା ଲାଗୁ କରିଛନ୍ତି। କିନ୍ତୁ ସରକାରୀ ନିୟମକୁ କେହି ଖାତିର ନ କରିବାରୁ ସରକାର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରୁ ପଲିଥିନ ବ୍ୟାଗ୍ ଜବତ କରିବା ସହିତ ଜରିମାନା ଆଦାୟ ନିୟମ କଡ଼ାକଡ଼ି ଭାବେ ଲାଗୁ କରିଛନ୍ତି। କେବଳ ରାଜ୍ୟ କିମ୍ବା ଦେଶ ନୁହେଁ, ସାରା ପୃଥିବୀ ଏବେ ଏହି ଆବର୍ଜନାରେ ଭାରାକ୍ରାନ୍ତ। ଏକ ଖବରରୁ ପ୍ରକାଶ ଯେ ପାଖାପାଖି ୧୫୦ ନିୟୁତ ଟନ୍ ଓଜନର ପ୍ଲାଷ୍ଟିକ ଆବର୍ଜନାରେ ସମୁଦ୍ର ପରିପୂର୍ଣ୍ଣ। ଆଗାମୀ ୧୦ ବର୍ଷ ଭିତରେ ଏହା ୩ ଗୁଣ ବଢ଼ିବାର ଆଶଙ୍କା ରହିଛି। ସେଥିପାଇଁ ନେଦରଲାଣ୍ଡର 'ଓସେନ କ୍ଲିନ୍ ଅପ୍ ଫାଉଣ୍ଡେଶନ' ନାମକ ଏକ ସଂସ୍ଥା ସମୁଦ୍ର ଜଳକୁ ପ୍ଲାଷ୍ଟିକ–ଆବର୍ଜନାମୁକ୍ତ କରିବା ପାଇଁ ଏକ ଯନ୍ତ୍ର ଉଦ୍ଭାବନ କରିଛନ୍ତି।

ମଦ୍ୟପାନ ଓ ତମାଖୁ ସେବନରୁ ଲୋକଙ୍କୁ ନିବୃତ୍ତ କରିବା ପାଇଁ ସରକାରଙ୍କ ବହୁଳ ପ୍ରଚାର ଓ ପ୍ୟାକେଟ ଉପରେ ସତର୍କତାମୂଳକ ବାର୍ତ୍ତା ସତ୍ତ୍ୱେ ତାହାର ପ୍ରଭାବ କାହାରି ଉପରେ ପଡୁନାହିଁ। ସରକାର ମଧ୍ୟ ଅଧିକ ରାଜସ୍ୱ ଲୋଭରେ ମଦ ଓ ତମାଖୁ ଦ୍ରବ୍ୟର ଉତ୍ପାଦନ ବନ୍ଦ ନ କରି କେବଳ ବିଜ୍ଞାପନ ଛାପି ନିଜର କର୍ତ୍ତବ୍ୟ ସମ୍ପାଦନ କରିବାରେ ଲାଗିଛନ୍ତି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନ୍‌ଏଫ୍‌ଏଚ୍‌ଏସ୍)ର ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ତମାଖୁ କବ୍‌ଜାରେ ୭୩ ପ୍ରତିଶତ ଲୋକ ରହିଛନ୍ତି। ରାଜ୍ୟରେ ୪୨ ପ୍ରତିଶତ ଲୋକ ମଦ, ୨୩ ପ୍ରତିଶତ ପାନ, ୩୨ ପ୍ରତିଶତ ଗୁଟ୍‌ଖା ଓ ୨୭ ପ୍ରତିଶତ ଖଇନି ଖାଉଛନ୍ତି। ୧୨.୯ ପ୍ରତିଶତ ଲୋକ ପ୍ରତ୍ୟହ ମଦ୍ୟପାନ କରନ୍ତି।

ରାସ୍ତାରେ ଗୋରୁ, ଷଣ୍ଢଙ୍କର ଅବାଧ ବିଚରଣ ଓ ବୁଲାକୁକୁରଙ୍କ ଦୌରାତ୍ମ୍ୟ ସେହିପରି ଏକ ଚିରନ୍ତନ ପ୍ରକ୍ରିୟା। ଲୋକେ ଗାଈ ଦୁହିଁସାରି ଗାଈକୁ ରାସ୍ତାରେ ଛାଡ଼ିଦେଇଥାନ୍ତି। ବିଏମ୍‌ସି ତଥ୍ୟ ଅନୁଯାୟୀ ଏବେ ରାଜଧାନୀର ରାଜରାସ୍ତାରେ ୮୦୦ରୁ ଅଧିକ ଷଣ୍ଢ ଏବଂ ୨୦୦୦ରୁ ଅଧିକ ଗାଈ ଓ ମଇଁଷି ବୁଲୁଛନ୍ତି। ସେଥିପାଇଁ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି ଓ ଦୁର୍ଘଟଣା ଘଟୁଛି। ଓଡ଼ିଶାର ପ୍ରାୟ ଅନେକ ସହରର ଅବସ୍ଥା ସେହିଭଳି। ସୂଚନାଯୋଗ୍ୟ, ଗତ ନଭେମ୍ବର ୨୦ରେ କଟକଠାରେ ମହାନଦୀ ପୋଲ ଉପରେ ଗୋଟିଏ ମଇଁଷି ଯୋଗୁ ବସ୍ ଦୁର୍ଘଟଣା ଘଟି ୧୨ ଜଣ ମୃତ ଓ ୫୦ ଜଣ ଆହତ ହୋଇଛନ୍ତି।

ଦୁଇଚକିଆ ଯାନ ଚଳାଇବାବେଳେ ହେଲମେଟ୍ ପିନ୍ଧିବା, ଚାରିଚକିଆ ଯାନରେ ଚାଳକ ସିଟ୍‌ବେଲ୍ଟ ବାନ୍ଧିବା, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର ନ କରିବା, ନିଶା ସେବନ କରି ଏବଂ ଦ୍ରୁତଗତିରେ ଗାଡ଼ି ନ ଚଳାଇବା ଲାଗି ବାରଣ କରାଯିବା ସହିତ ଟ୍ରାଫିକ୍ ନିୟମ ପାଳନ ପାଇଁ ବାରମ୍ବାର ପରାମର୍ଶ ଦିଆଯାଉଛି। ସେଥିପାଇଁ ନିୟମ ଉଲ୍ଲଂଘନକାରୀଙ୍କଠାରୁ ତନଖି ବେଳେ ଜରିମାନା ମଧ୍ୟ ଆଦାୟ ହେଉଛି। କମିଶନରେଟ୍ ପୋଲିସର ଗତ ଅକ୍ଟୋବର ୩୦ରେ ସର୍ବାଧିକ ୫,୦୧,୧୦୦ ଟଙ୍କା ଜରିମାନା ଆଦାୟ ଏକ ରେକର୍ଡ ବୋଲି କୁହାଯାଇପାରେ। ଟ୍ରାଫିକ୍ ନିୟମ ଆମ ନିରାପତ୍ତା ପାଇଁ ଉଦ୍ଦିଷ୍ଟ ହେଲେ ସୁଦ୍ଧା ଲୋକେ ସେଥିପ୍ରତି ଗୁରୁତ୍ୱ ଦେଲାଭଳି ଜଣାପଡୁନାହିଁ। ସେଥିପାଇଁ ହୁଏତ କମିଶନ୍‌ରେଟ ପୋଲିସ ପକ୍ଷରୁ ଗତ ଡିସେମ୍ବର ୧ରେ ଭୁବନେଶ୍ୱରଠାରେ ଜରିମାନା ବଦଳରେ ବାଇକ୍ ଆରୋହୀମାନଙ୍କୁ ମାଗଣାରେ ହେଲମେଟ୍ ବଣ୍ଟନ କରାଯାଇ 'କେବଳ ପୋଲିସକୁ ଦେଖି ନୁହେଁ ବରଂ ନିଜର ସୁରକ୍ଷା ପାଇଁ ନିୟମିତ ହେଲମେଟ୍ ପିନ୍ଧିବା' ପାଇଁ ସଚେତନ କରାଯାଇଥିଲା। ତାହା ସତ୍ତ୍ୱେ ପରିସ୍ଥିତି ଯଥା ପୂର୍ବଂ ତଥା ପରମ୍। ରାଜ୍ୟ ପରିବହନ ବିଭାଗର ପରିସଂଖ୍ୟାନ ଅନୁଯାୟୀ ଗତ ୧୦ ବର୍ଷ ଭିତରେ ୧,୦୪,୭୧୩ଟି ସଡ଼କ ଦୁର୍ଘଟଣାରେ ୪୩,୩୧୨ ଜଣଙ୍କ ପ୍ରାଣହାନି ଘଟିଛି। ବିଧାନସଭାରେ ପରିବହନ ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁଯାୟୀ ଦୁର୍ଘଟଣାଜନିତ ମୃତ୍ୟୁ ବର୍ଷକୁ ବର୍ଷ ବଢ଼ିଚାଲିଛି। ୨୦୦୮ରେ ରାଜ୍ୟରେ ୮୧୮୧ଟି ଦୁର୍ଘଟଣାରେ ୩୦୭୯ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୭ରେ ୧୦,୮୫୫ଟି ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୪୭୯୦ରେ ପହଞ୍ଚିଥିଲା। ୨୦୧୮ ସେପ୍ଟେମ୍ବର ସୁଦ୍ଧା ୮୨୯୨ଟି ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୩୮୧୭ରେ ପହଞ୍ଚିସାରିଲାଣି। ପ୍ରତି ଶହେ ଦୁର୍ଘଟଣାରେ ଓଡ଼ିଶାରେ ୪୬ଜଣଙ୍କ ମୃତ୍ୟୁ ହେଉଥିବା ବେଳେ ଜାତୀୟ ସ୍ତରରେ ମୃତ୍ୟୁସଂଖ୍ୟା ୨୯ରେ ସୀମିତ। କେବଳ ଦୁଇଚକିଆ ଯାନ ଦୁର୍ଘଟଣାର ମୃତ୍ୟୁ ସଂଖ୍ୟା ଓଡ଼ିଶାରେ ୩୫ ପ୍ରତିଶତରୁ ଅଧିକ। ମୁଖ୍ୟତଃ ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟୁଥିବା ଦେଖିବାକୁ ମିଳିଛି। ୨୦୧୭ରେ ୪୦ ପ୍ରତିଶତ ସଡ଼କ ଦୁର୍ଘଟଣା ଦ୍ରୁତ ଗତିରେ ବାଇକ୍ ଚଳାଇବା ଯୋଗୁ ଘଟିଛି ବୋଲି ଏକ ସର୍ଭେରୁ ଜଣାପଡ଼ିଥିଲା। ପ୍ରାୟ ୨୦ରୁ ୩୫ ବର୍ଷୀୟ ଯୁବକମାନେ ଏହାର ଶିକାର ହେଉଛନ୍ତି ଏବଂ ସେଥିପାଇଁ ଯୁବପିଢ଼ିର ଜୀବନ ଅକାଳରେ ଝଡ଼ିପଡୁଛି। ପୁନଶ୍ଚ କଟାଘା'ରେ ବୃନ୍ଦ ଭଳି ଦୁର୍ଘଟଣା ପରେ ମୃତକ ବା ପୀଡ଼ିତଙ୍କ ପରିବାର ଲୋକଙ୍କୁ ଯେଉଁ କ୍ଷତିପୂରଣ ମିଳିବା କଥା ତାହା ମିଳିପାରୁ ନାହିଁ, କାରଣ ଦୁର୍ଘଟଣା ଘଟାଇଥିବା ଗାଡ଼ିର ବୀମା ନ ଥାଏ। ଏକ ସର୍ଭେରୁ ଜଣାପଡ଼ିଛି ଯେ ଦେଶରେ ସମ୍ପ୍ରତି ଚଳାଚଳ କରୁଥିବା ୭୫ ପ୍ରତିଶତ ଦୁଇଚକିଆ ଗାଡିର ବୀମା ନାହିଁ।

ଅନ୍ୟ ଧର୍ମର ଲୋକ ଆମ ଦେବଦେବୀଙ୍କ ଚିତ୍ରର ଅପବ୍ୟବହାର କଲେ ଆମେ ପ୍ରତିକ୍ରିୟାଶୀଳ ହୋଇଉଠୁଛୁ। ଅଥଚ ସେହି ଦେବଦେବୀଙ୍କ ଚିତ୍ର ଆମେ କ୍ୟାଲେଣ୍ଡର, ଧୂପକାଠିର ଖୋଳ, ଘିଅ ପ୍ୟାକେଟ ଓ ପଲିଥିନ ବ୍ୟାଗ୍ ଉପରେ ଲଗାଉଛୁ। ଉକ୍ତ ଜିନିଷର ବ୍ୟବହାର ଶେଷହେବା ପରେ ଆମେ ସେଗୁଡ଼ିକୁ ଅଳିଆଗଦା ବା ନାଳନର୍ଦ୍ଦମାରେ ଫିଙ୍ଗି ଦେଉଛୁ। ଏହା ସେମାନଙ୍କ ପ୍ରତି ଅବମାନନା ଛଡା ଆଉ କ'ଣ ହୋଇପାରେ?

ଆମ ସାମାଜିକ ଜୀବନରେ ଏହିଭଳି ଅନେକ ପ୍ରସଙ୍ଗ ରହିଛି, ଯାହାକୁ ଅନୁଧ୍ୟାନ କଲେ ଆମେ ଜାଣିପାରିବା ଯେ, ସେଥିଲାଗି ଥିବା ନିୟମଗୁଡ଼ିକ ପାଳନ କରିବା ଆଦୌ ଦୁରୂହ ବ୍ୟାପାର ନୁହେଁ କି ସେଥିପାଇଁ କୌଣସି ଆର୍ଥିକ କ୍ଷତି ସହିବାକୁ ପଡ଼େ ନାହିଁ। କେବଳ ସାମାନ୍ୟ ସଚେତନତା ବା ସାବଧାନତା ଆବଶ୍ୟକ। 'ଆଉ କାହାର କିଛି ଅସୁବିଧା ହେଲେ ମୋର କିଛି ଯାଏଆସେ ନାହିଁ, ମୁଁ ଭଲ ତ ଦୁନିଆ ଭଲ'– ଏହିଭଳି ଆତ୍ମକେନ୍ଦ୍ରିକ ମାନସିକତାରେ ଅନେକେ ପୀଡ଼ିତ। ଏହାଦ୍ୱାରା ସମାଜର ମଙ୍ଗଳ ପରିବର୍ତ୍ତେ ବେଶି ଅନିଷ୍ଟ ହୋଇଥାଏ। ତାହାଛଡା ସବୁ କାମ ସରକାରଙ୍କ ଉପରେ ନ୍ୟସ୍ତ କରିଦେବାରେ ଆମେ ଅଭ୍ୟସ୍ତ, ଫଳରେ ନିଜର ଦାୟିତ୍ୱ ସିନା ସରିଯାଏ, କିନ୍ତୁ ଆମର ଯେ ସେଥିପାଇଁ କିଛି କର୍ତ୍ତବ୍ୟ ରହିଛି ତାହା ଆମେ ଭୁଲିଯାଉ। କାରଣ ଅଧିକାର ଓ କର୍ତ୍ତବ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଯଦି ଜଣେ ସଂଯତ, ସଚେତନ, ସାବଧାନ ହୁଏ ତାହା ଅନ୍ୟ ଜଣକୁ ପ୍ରଭାବିତ କରିବ। ଏହିଭଳି ସାରା ଦେଶର ନାଗରିକ ମଧ୍ୟ ଉଦ୍‌ବୁଦ୍ଧ ହୋଇପାରିବେ। ଗୋଟିଏ ପିଢ଼ି ପରେ ପରବର୍ତ୍ତୀ ପିଢ଼ି ଓ ବିଶ୍ୱ ସୁରକ୍ଷିତ ହୋଇପାରିବ, ଯାହା କି ସମଗ୍ର ମାନବସମାଜ ପାଇଁ ମଙ୍ଗଳକର ସାବ୍ୟସ୍ତ ହେବ।

ଶହୀଦନଗର, ଭୁବନେଶ୍ୱର,
ମୋ–୯୪୩୭୩୮୨୧୦୦

ଅତି ଲେମ୍ବୁ ଚିପୁଡ଼ିଲେ ପିତା

ଶିବରାମ ଶତପଥୀ

ଲୋକେ କହନ୍ତି, 'ଲେମ୍ବୁ ଅତି ଚିପୁଡ଼ିଲେ ପିତା'। କୌଣସି ବିଷୟକୁ ଅତି ଟଣାଟଣି କଲେ ସମ୍ପର୍କ ଛିଣ୍ଡିଯାଏ ସିନା ସମାଧାନ ହୁଏନାହିଁ। ଯେତେବେଳେ ଏ ଲେଖକ ମଣିପୁରରେ (୧୯୮୨–୮୪) ଜେନେରାଲ୍ ଷ୍ଟାଫ୍ ଅଫିସର (ଦ୍ୱିତୀୟ) ଅପରେଶନ୍ସ ପଦବୀରେ ଅବସ୍ଥାପିତ ଥିଲା, ସେତେବେଳେ କୌଣସି ଏକ ବିଷୟ ନେଇ ଇମ୍ଫାଲର ଏସ୍‌ପିଙ୍କ ସହିତ ମତାନ୍ତର ହେଲା। ସେ ତାଙ୍କ ସ୍ଥାନରେ ରାଜା। ସେ କାହିଁକି ଛାଡିବେ? ଦୁହିଙ୍କ ଭିତରେ ପତ୍ରଯୁଦ୍ଧ ଚାଲିଲା। କଥାରେ ଅଛି, ସୂତା ମାଜିଲେ ସରୁ, କଥା ମାଜିଲେ ମୋଟ। ଅଫିସିଆଲ ପତ୍ର ଲିଖନରେ ମୁଁ ନିଜକୁ ଅର୍ଜୁନ ଭାବୁଥିଲେ, ସେ ନିଜକୁ କର୍ଣ୍ଣ ମନେ କରୁଥିଲେ। କେହି କାହାକୁ ଛାଡିବାକୁ ପ୍ରସ୍ତୁତ ନ ଥିଲୁ। ଏହା କ୍ରମଶଃ ମନାନ୍ତରର ରୂପ ନେଲା। କଥାବାର୍ତ୍ତା ହୋଇ କଥାଟା ସମାଧାନ କରି ଦେଇଥିଲେ ଚଳିଥାନ୍ତା। ମୁଁ ଦେଖିଲି କଥାଟା ଏମିତି ଚାଲିଲେ ଯେଉଁ ଉଦ୍ଦେଶ୍ୟରେ ଆର୍ମି ମଣିପୁରରେ ମୁତୟନ ହୋଇଛି ତା' ବ୍ୟାହତ ହେବ।

ମୋର ମନେପଡ଼ିଲା ରାମାୟଣ ସୁନ୍ଦରାକାଣ୍ଡରେ ବର୍ଣ

ଭାରତ ସରକାରଙ୍କ ବାଣିଜ୍ୟ ବିଭାଗ ଓ ଟ୍ରେଡ୍ ପ୍ରମୋଶନ କାଉନସିଲ୍ ଅଫ୍ ଇଣ୍ଡିଆ(ଟିପିସିଆଇ) ଦ୍ୱାରା ଆୟୋଜିତ 'ଇଣ୍ଡସ୍ ଫୁଡ୍ ମିଟ୍-୨୦୧୯'ରେ ଓଡ଼ିଶା ଅଂଶୀଦାର ରାଜ୍ୟ ଭାବେ ଅଂଶଗ୍ରହଣ କରିବ ବୋଲି ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏମ୍ଏସ୍ଏମ୍ଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ଉତ୍ତରପ୍ରଦେଶର ଗ୍ରେଟର ନୋଏଡାସ୍ଥିତ ଇଣ୍ଡିଆ ଏକ୍ସପୋଜିଶନ୍ ମାର୍ଟଠାରେ ଚଳିତ ଜାନୁୟାରୀ ୧୪ ଓ ୧୫ରେ ଆୟୋଜିତ କରାଯାଉଛି।

ଅଭିନେତ୍ରୀ ସିମରନଙ୍କୁ ହତ୍ୟା ସନ୍ଦେହ

- ମହାନଦୀ ବ୍ରିଜ୍ ତଳୁ ମିଳିଲା ମୃତଦେହ
- ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ
- ପ୍ରେମିକଙ୍କ ବିରୋଧରେ ଆଣିଥିଲେ ନିର୍ଯାତନା ମାମଲା
- ବୟାନ ରେକର୍ଡ ପୂର୍ବରୁ ମିଳିଲା ମୃତଦେହ

ସିମରନ୍ ମାରିଓ

ସମ୍ବଲପୁର/ଚିପିଲିମା, ୩।୧ (ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ଜିଲା ବୁର୍ଲା ଥାନା ଅନ୍ତର୍ଗତ ମହାନଦୀ ବ୍ରିଜ୍ ତଳୁ ଗୁରୁବାର ସକାଳ ୯ଟାରେ ସମ୍ବଲପୁରୀ ଆଲବମ୍‌ର ଖ୍ୟାତନାମା ଅଭିନେତ୍ରୀ ସିମରନ୍ ମାରିଓ (୧୮)ଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ଝାରସୁଗୁଡା ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଗୁରୁବାର ସିମରନ୍ ପ୍ରେମିକ ଯୁବରାଜ ସୁନାଙ୍କ ବିରୋଧରେ କରିଥିବା ଅଭିଯୋଗ ଉପରେ ୧୬୪ ବୟାନ ରେକର୍ଡ ହେବାର ଥିଲା। ହେଲେ ଗୁରୁବାର ସକାଳୁ ସିମରନ୍‌ଙ୍କ ମୃତଦେହ ବ୍ରିଜ ତଳୁ ମିଳିବା ଘଟଣା ପୋଲିସକୁ ଅଡୁଆରେ ପକାଇଛି। ସିମରନ୍‌ଙ୍କୁ ହତ୍ୟାକରି ବ୍ରିଜ ତଳକୁ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ସିମରନ୍‌ଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ମଧ୍ୟ ଅଭିଯୋଗ କରିଛନ୍ତି। ପୋଲିସ ୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଘଟଣାସ୍ଥଳରୁ ସିମରନଙ୍କ ଭ୍ୟାନିଟି ମିଳିଛି। ସେଥିରେ ଥିବା ୨୪୪୭ ଟଙ୍କା, ମୋବାଇଲ ଫୋନ୍ ଓ ସମ୍ବଲପୁର-କେସିଙ୍ଗା, କେସିଙ୍ଗା-ସମ୍ବଲପୁର ଟ୍ରେନ୍ ଟିକଟକୁ ପୋଲିସ ଜବତ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ହୀରାକୁଦ ଏସ୍‌ଡିପିଓ ଶିଶୁରଞ୍ଜନ ମହାପାତ୍ର କହିଛନ୍ତି।

ପୋଲିସର କହିବା ଅନୁଯାୟୀ, ସିମରନ୍‌ଙ୍କ ମୂଳଘର ବିହାରରେ। ସେ ପରିବାର ସହ ଝାରସୁଗୁଡ଼ାରେ ରହୁଥିଲେ। ଆଲବମ୍‌ରେ କାମ କରୁଥିବାରୁ ଅଧିକାଂଶ ସମୟ ସମ୍ବଲପୁର ଯିବା ଆସିବା କରୁଥିଲେ। ସେ ବଲାଙ୍ଗୀର ଜିଲା ବେଲପଡାର ଯୁବରାଜ ସୁନାଙ୍କ ସହ ଗତବର୍ଷ ଏପ୍ରିଲ ୧୩ରେ ଚାଲି ଯାଇଥିଲେ। ହେଲେ ସିମରନ୍‌ଙ୍କ ପରିବାର ପକ୍ଷରୁ ସିମରନ୍‌ଙ୍କୁ ଅପହରଣ କରାଯାଇଥିବା ନେଇ ଝାରସୁଗୁଡ଼ା ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଝାରସୁଗୁଡ଼ା ଟାଉନ ଥାନା ପୋଲିସ ଏ ନେଇ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହା ପରେ ସିମରନ୍ ଯୁବରାଜଙ୍କ ସହ ବଲାଙ୍ଗୀରରେ ରହୁଥିଲେ। ହେଲେ ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ନ ଥିଲା। ବାରମ୍ବାର ଝଗଡ଼ା ଓ ମାରପିଟ ହେଉଥିଲା। ଏହାର ଆପୋସ ବୁଝାମଣା ହୋଇଥିଲା। ହେଲେ ଗତ ଡିସେମ୍ବରରେ ପ୍ରେମିକଙ୍କ ନିର୍ଯାତନା ସହିନ ପାରି ସେ ସବୁଦିନ ପାଇଁ ଝାରସୁଗୁଡ଼ାସ୍ଥିତ ବାପଘରକୁ ଚାଲି ଆସିଥିଲେ। ଶେଷରେ ସେ ଝାରସୁଗୁଡ଼ା ଟାଉନ ଥାନାରେ ଯୁବରାଜଙ୍କ ବିରୋଧ ଅଭିଯୋଗ କରିଥିଲେ। ଡିସେମ୍ବର ୩୦ରେ ଝାରସୁଗୁଡ଼ା ଟାଉନ ଥାନାରେ ପୁଣି ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ୧ ତାରିଖ କେସିଙ୍ଗାରେ କାର୍ଯ୍ୟକ୍ରମରେ ଯୋଗଦେବାକୁ କହି ସିମରନ୍ ଯାଇଥିଲେ। ଗୁରୁବାର ଯୁବରାଜଙ୍କ ବିରୋଧରେ ଦେଇଥିବା ଅଭିଯୋଗ ଉପରେ ୧୬୪ରେ ବୟାନ ରେକର୍ଡ କରାଯିବାର ଥିଲା। ବୟାନ ରେକର୍ଡ ପୂର୍ବରୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ସିମରନ୍‌ଙ୍କ ମା' ଅଭିଯୋଗ କରିଛନ୍ତି।

ସିମରନ୍ ସମ୍ବଲପୁରୀ ଗୀତ 'ସେଲ୍ଲି ବେବୋ' ଆଲବମରେ ଅଭିନୟ କରି ରାଜ୍ୟ ତଥା ରାଜ୍ୟ ବାହାରେ ସୁନାମ ଅର୍ଜନ କରିଥିଲେ। ଏହା ସହ ସେ ରିମଝିମ୍ ପାନି ବରଷୁ ଥିଲା ଭଳି ପ୍ରାୟ ୧୦ରୁ ଅଧିକ ସମ୍ବଲପୁରୀ ଗୀତରେ ଅଭିନୟ କରିଛନ୍ତି। ସେ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ଅତିଥି ଓ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଥିଲେ। ଖୁବ୍ କମ୍ ଦିନରେ ସେ ସମ୍ବଲପୁରୀ ଆଲବମ୍‌ର ସୁପରିଚିତ ଅଭିନେତ୍ରୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କର ମୃତ୍ୟୁ ଖବର ଜଣା ପଡିବା ପରେ ବିଭିନ୍ନ ଅନୁଷ୍ଠାନ ଓ କଳାକାର ମହଲରେ ଶୋକର ଛାୟା ଖେଳିଯାଇଛି।

ପୋଲିଓ ନେବା ପରେ ଶିଶୁ ମୃତ

ବେତନଟୀ,୩।୧ (ଡ଼ି.ଏନ.ଏ): ମୟୂରଭଞ୍ଜ ଜିଲା ବେତନଟୀ ଡାକ୍ତରଖାନାରେ ଗୁରୁବାର ପୋଲିଓ ଭ୍ୟାକସିନ ନେବା ପରେ ଅଢେଇ ମାସର ଶିଶୁକନ୍ୟାର ମୃତ୍ୟୁ ହୋଇଛି। ମୃତା ଶିଶୁ ବେତନଟୀ ଥାନା ଅଧୀନ ଶଂଶା ଗ୍ରାମର ଡ଼ମ୍ବରୁଧର ମହାନ୍ତ ଓ ଯଶୋଦା ମହାନ୍ତଙ୍କ ଝିଅ । ଏନେଇ ବେତନଟୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୧/୧୯) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ଡମ୍ବରୁଧର ପ୍ରଥମେ ଗୁରୁବାର ସକାଳେ ପୁରିନ୍ଦା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଧୀନ ଅଙ୍ଗନୱାଡି କେନ୍ଦ୍ରରେ ନିଜ ଝିଅକୁ ପୋଲିଓ ବୁନ୍ଦା ଖୁଆଇଥିଲେ। ଏହାପରେ ଭ୍ୟାକସିନ ଦେବାକୁ ବେତନଟୀ ଡାକ୍ତରଖାନା ଆଣିଥିଲେ। ଭ୍ୟାକସିନ ନେବାର ଅଢ଼େଇ ଘଣ୍ଟା ପରେ ଉକ୍ତ ଡାକ୍ତରଖାନାରେ ଶିଶୁ କନ୍ୟାର ମା' ଛୁଆକୁ କ୍ଷୀର ଦେଇଥିଲେ। ହେଲେ ସେ ତାହା ନ ପିଇ ଛଟପଟ ହୋଇଥିଲା। ପରେ ଡାକ୍ତର ପ୍ରଦୀପ କର ଶିଶୁକୁ ଦେଖି ମୃତ ଘୋଷଣା କରିଥିଲେ। ଭ୍ୟାକସିନ ନେବା ପରେ ଶିଶୁର ମୃତ୍ୟୁ ହେବାକୁ ଡାକ୍ତର ସ୍ୱୀକାର କରିବା ସହ ବ୍ୟବଚ୍ଛେଦ ପରେ କାରଣ ସ୍ପଷ୍ଟ ହେବ ବୋଲି କହିଛନ୍ତି।

ଆଲ୍ଲାହାବାଦ ବ୍ୟାଙ୍କ

ଓଲ୍ଡ ଷ୍ଟେସନ୍ ସ୍ଟୋୟାର ଶାଖା
ପ୍ଲଟ୍ ନଂ.: ଏ/୨୭, କଟକ ରୋଡ୍, ଭୁବନେଶ୍ୱର-୭୫୧୦୦୬, ଫୋନ୍: (୦୬୭୪) ୨୫୭୧୧୫୯/୨୫୭୧୫୨୫

ଡ଼ିମାଣ୍ଡ ନୋଟିସ୍
ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍

ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ଆଲ୍ଲାହାବାଦ ବ୍ୟାଙ୍କ, ଓଲ୍ଡ ଷ୍ଟେସନ୍ ସ୍ଟୋୟାର ଶାଖାର** ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରିକରାଯାଇଥିଲା କିନ୍ତୁ ଏଡି ସହିତ ରେଜିଷ୍ଟେଡ୍ ଡାକ ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ତେଣୁ ସେଗୁଡିକର ବିଷୟ ବସ୍ତୁ ସହିତ ବକେୟା ଦେୟ, ଋଣପରିମାଣ ଏବଂ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା	ପ୍ରକାର / ଋଣ ପରିମାଣ	ବକେୟା ଦେୟ	ଏନ୍‌ପିଏ ତାରିଖ/ ନୋଟିସ୍ ତାରିଖ	ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ
ଋଣଗ୍ରହୀତାମାନେ: ୧) ମେସର୍ସ ମେରି ରଙ୍ଗୋଲି, ସ୍ୱତ୍ୱାଧିକାରୀ: ଶ୍ରୀମତୀ ଶର୍ମିଳା ଭୁରା, ଗ୍ରାଣ୍ଡ ଗ୍ୟାଲେରୀ, ସପ୍ ନଂ.: ୮, ୨ୟ ମହଲା, ଭବାନୀ ମଲ୍, ଶହୀଦ ନଗର, ଭୁବନେଶ୍ୱର-୭୫୧୦୧୦, ୨) ଶ୍ରୀମତୀ ଶର୍ମିଳା ଭୁରା, ୩) ଶ୍ରୀ ବଛରାଜ ଭୁରା (ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତା), ଉଭୟଙ୍କ ଠିକଣା- ଫ୍ଲାଟ୍ ନଂ.: ବି-୨୦୪, ବ୍ଲକ୍-ବି, ୨ୟ ମହଲା, ବୈଷ୍ଣବ ବିହାର ଆପାର୍ଟମେଣ୍ଟ, ବମିଖାଲ, ଭୁବନେଶ୍ୱର-୭୫୧୦୦୬	୧) ସିସି / ଟ.୨୫,୦୦,୦୦୦/- ୨) ଟିଏଲ୍ / ଟ.୧୦,୦୦,୦୦୦/- ୩) ଏଚ୍‌ବିଏଲ୍/ ଟ.୭,୦୦,୦୦୦/-	୨୭.୧୨.୨୦୧୮ ସୁଦ୍ଧା ଟ.୩୭,୩୫,୮୫୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ	୨୫.୧୨.୨୦୧୮ / ୨୭.୧୨.୨୦୧୮	"ବୈଷ୍ଣବ ବିହାର" ଆପାର୍ଟମେଣ୍ଟର ୨ୟ ମହଲାରେ ଥିବା ୨ବିଏଚ୍‌କେ ଫ୍ଲାଟ୍ (ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ନଂ.: ବି/୨୦୪, ଏସ୍‌ବିଏ-୧୦୨୫ ବର୍ଗଫୁଟ ଯାହାକି ମୌଜା: ଗୋବିନ୍ଦ ପ୍ରସାଦ, ୟୁନିଟ୍ ନଂ.: ୩୨, ସାବକ ଖାତା ନଂ.: ୬୦୩, ମ୍ୟୁଟେସନ୍ ଖାତା ନଂ.: ୧୦୫୭/୧୩୦୦, ସ୍ଥିତିବାନ ପ୍ଲଟ୍ ନଂ.: ୨୨୦, କ୍ଷେତ୍ର: ଏକରେ.୨୨୦ଡିସିମିଲି ରୁ ଏକରେ.୦୦୯.୪୧ ଡିସିମିଲି ଯାହା ୪୧୦ବର୍ଗଫୁଟ ଯାହାକି ସବ୍ ପ୍ଲଟ୍ ନଂ.: ବି-୨୦୪, କିସମ: ଘରବାରୀ-୨ (ବାରୀ), ଜିଲ୍ଲା: ଖୋର୍ଦ୍ଧା, ଥାନା: ନିଉ କ୍ୟାପିଟାଲ, ହାଲ୍ ଥାନା: ଲକ୍ଷ୍ମୀସାଗର, ଥାନା ନଂ.: ୪୬, ତହସିଲ: ଭୁବନେଶ୍ୱର, ଡିଏସ୍‌ଆରଓ: ଭୁବନେଶ୍ୱରରେ ଅବସ୍ଥିତ			

ଆପଣ ଆମ **ଓଲ୍ଡ ଷ୍ଟେସନ୍ ସ୍ଟୋୟାର ଶାଖାରୁ** ଉପରୋକ୍ତ ଋଣ ସୁବିଧା ହାସଲ କରିଥିଲେ। ଆପଣ ପ୍ରାପ୍ତ କରିଥିବା ଉପରୋକ୍ତ ଋଣ ଆକାଉଣ୍ଟର ଋଣ ସୁବିଧାର ସୁରକ୍ଷିତ ପରିଶୋଧ ନିମନ୍ତେ ବ୍ୟାଙ୍କ ସପକ୍ଷରେ ଆପଣ ବିଭିନ୍ନ ଦଲିଲ୍ ସମ୍ପାଦନ କରିଛନ୍ତି ଏବଂ ଆପଣଙ୍କର ସ୍ଥାବର / ଅସ୍ଥାବର ସମ୍ପତ୍ତିକୁ ବ୍ୟାଙ୍କ ସପକ୍ଷରେ ବନ୍ଧକ ରଖିଛନ୍ତି। କଥିତ ଋଣ ପରିଶୋଧ ନିମନ୍ତେ ସମୟ ହୋଇଯାଇଥିଲା, ଆପଣଙ୍କୁ ବାରମ୍ବାର ନୋଟିସ୍ ଦିଆଯାଇଥିବା ସତ୍ତ୍ୱେ ଆପଣ ବକେୟା ଋଣ ପରିଶୋଧ କରୁନାହାନ୍ତି କିମ୍ବା ଆପଣଙ୍କ ଉପରୋକ୍ତ ଆକାଉଣ୍ଟକୁ ନିୟମିତ କରୁନାହାନ୍ତି। ଆପଣ ଋଣ ଅନୁମୋଦନର ନିୟମ ଏବଂ ସର୍ତ୍ତାବଳୀ ଉଲ୍ଲଙ୍ଘନ କରିଛନ୍ତି ଏବଂ ଆପଣଙ୍କର ଆକାଉଣ୍ଟକୁ ଅନିୟମିତ ମଧ୍ୟ କରିଛନ୍ତି ଏବଂ ଫଳସ୍ୱରୂପ ଭାରତୀୟ ରିଜର୍ଭ ବ୍ୟାଙ୍କର ମାର୍ଗଦର୍ଶିକା ଅନୁସାରେ ଆମ ବ୍ୟାଙ୍କ ଦ୍ୱାରା ଆପଣଙ୍କ ଆକାଉଣ୍ଟକୁ **ତା.୨୫.୧୨.୨୦୧୮ ରିଖରେ** ଅଚଳନ୍ତି ସମ୍ପତ୍ତି (ଏନ୍‌ପିଏ)ରେ ପରିଣତ କରାଯାଇଛି। ଏହି ନୋଟିସ୍ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ନୋଟିସ୍‌ର **୬୦ ଦିନ** ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ତତ୍‌ସହିତ ଆଇନଗତ ଦେୟ ଓ ଆଇନଗତ ଖର୍ଚ୍ଚ ପରିଶୋଧ କରିବେ ଅନ୍ୟଥା ବ୍ୟାଙ୍କ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ଆପଣଙ୍କୁ ଜଣାଇ ଦିଆଯାଉଛି କି କଥିତ ଆକ୍ଟର ଧାରା ୧୩(୧୩) ନିୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । **ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ ।**

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୩.୦୧.୨୦୧୯ — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ**

ଏସ୍‌ଇଆର୍ ଟ୍ରେନ୍‌ଗୁଡ଼ିକର ନିୟନ୍ତ୍ରଣ

ବିକାସପୁର-ଝାରସୁଗୁଡ଼ା ସେକ୍ସନରେ ଡାଉନ୍ ଲାଇନ୍ ଉପରେ ତା୦୫।୦୧।୨୦୧୯ରୁ ୩୦।୦୩।୨୦୧୯ରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ବୁଧବାର ଓ ଶନିବାର ଦିନ ପାଓ୍ୱାର୍ ହାଉସ୍‌ଗୁଡ଼ିକୁ କୋଇଲା ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ମାଲବାହୀ ଟ୍ରେନ୍‌ଗୁଡ଼ିକର ଚଳାଚଳ ଲାଗି ନିମ୍ନଲିଖିତ ଟ୍ରେନ୍‌ଗୁଡ଼ିକୁ ନିୟନ୍ତ୍ରଣ କରାଯିବ।

ଟ୍ରେନ୍‌ଗୁଡ଼ିକର ବାତିଲକରଣ

- ୫୮୧୧୮/୫୮୧୧୭ ଗୋନ୍ଦିଆ-ଝାରସୁଗୁଡ଼ା-ଗୋନ୍ଦିଆ ପାସେଞ୍ଜରର ସେବା ବିକାସପୁର-ଝାରସୁଗୁଡ଼ା-ବିକାସପୁର ମଧ୍ୟରେ ତା୨୭।୦୩।୨୦୧୯ରିଖ ପର୍ଯ୍ୟନ୍ତ ପ୍ରତି ବୁଧବାର ବାତିଲ ରହିବ।
- ୫୮୧୧୧/୫୮୧୧୨ ଟାଟାନଗର-ଲଟ୍‌ଝାରି-ଟାଟାନଗର ପାସେଞ୍ଜରର ସେବା ଲଟ୍‌ଝାରି-ଝାରସୁଗୁଡ଼ା-ଲଟ୍‌ଝାରି ମଧ୍ୟରେ ତା୩୦।୦୩।୨୦୧୯ରିଖ ପର୍ଯ୍ୟନ୍ତ ପ୍ରତି ଶନିବାର ବାତିଲ ରହିବ।

ଟ୍ରେନ୍‌ଗୁଡ଼ିକର ଯାତ୍ରାପଥ/ଉପତ୍ତିସ୍ଥଳ ସଂକ୍ଷିପ୍ତୀକରଣ

- ପ୍ରତି ଶନିବାର ଟାଟାନଗରରୁ ଛାଡୁଥିବା ୫୮୧୧୧ ଟାଟାନଗର-ଲଟ୍‌ଝାରି ପାସେଞ୍ଜରର ଯାତ୍ରାପଥକୁ ଝାରସୁଗୁଡ଼ା ପର୍ଯ୍ୟନ୍ତ ସଂକ୍ଷିପ୍ତ କରାଯିବ ଏବଂ ଏହା ତା୦୫।୦୧।୨୦୧୯ରୁ ୩୦।୦୩।୨୦୧୯ରିଖ ପର୍ଯ୍ୟନ୍ତ ପ୍ରତି ଶନିବାର ୧୪.୪୦ ଘଟିକା ପରିବର୍ତ୍ତେ ୧୫.୪୦ ଘଟିକାରେ ଝାରସୁଗୁଡ଼ାରୁ ଟାଟାନଗରକୁ ୫୮୧୧୨ ଲଟ୍‌ଝାରି-ଟାଟାନଗର ପାସେଞ୍ଜର ଭାବେ ଚଳାଚଳ କରିବ।

ଏହି କାରଣରୁ ହୋଇଥିବା ଯାତ୍ରୀଙ୍କ ଅସୁବିଧା ପାଇଁ ଆମେ ଦୁଃଖିତ।

PR-979 — ମୁଖ୍ୟ ଯାତ୍ରୀ ପରିବହନ ପରିଚାଳକ

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହିତ ସେବା କରୁ

FORM NO.13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. No. 146 of 2018

UCO Bank, Banarpal Branch, Angul ...Applicant
Vrs
Sri Ishan Shah & others ...Defendants

To
1. **Sri Ishan Shah,** S/o- Sri Ratan Chandra Shah, At: 696, Jayadurga Nagar, P.O.: Bomikhal, Bhubaneswar, Dist.: Khurda

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **OA. No. 146/2018** in the court of the Debts Recovery Tribunal, Cuttack for recovery of **Rs.31,64,815/-** together with current and future interest, costs and other reliefs. The above mentioned defendants are therefore directed to appear before this Tribunal in person or through an Advocate or duly authorized agent in support of their defense to show cause within **30 days** from the date of publication or on **11.02.2019 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **27th day of December 2018.**

Sd/- SRIKANTA KUMAR MAIKAP
REGISTRAR

FORM NO.13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. No. 142 of 2018

UCO Bank, Banarpal Branch, Angul ...Applicant
Vrs
Sri Anil Kumar Shah & others ...Defendants

To
1. **Sri Anil Kumar Shah,** S/o- Sri Sitaram Shah, At: 110, Manorama Manner, P.O.: Bomikhal, Bhubaneswar, Dist.: Khurda
2. **Sri Ganga Narayan Dash,** S/o- Sri Shyam Sundar Dash, At/P.O.: Athamalik, Dist.: Angul

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **OA. No. 142/2018** in the court of the Debts Recovery Tribunal, Cuttack for recovery of **Rs.31,27,375/-** together with current and future interest, costs and other reliefs. The above mentioned defendants are therefore directed to appear before this Tribunal in person or through an Advocate or duly authorized agent in support of their defense to show cause within **30 days** from the date of publication or on **11.02.2019 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **27th day of December 2018.**

Sd/- SRIKANTA KUMAR MAIKAP
REGISTRAR

FORM NO.13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. No. 143 of 2018

UCO Bank, Banarpal Branch, Angul ...Applicant
Vrs
Smt. Mamata Choudhury & others ...Defendants

To
1. **Smt. Mamata Choudhury,** D/o- Sri Basanta Kumar Choudhury, At: Plot No.: E-4, Basanta Villa, Cuttack Road, P.O.: Bomikhal, Bhubaneswar, Dist.: Khurda
2. **Sri Purna Chandra Nayak,** S/o- Late Rudreswar Nayak, At: Plot No.: 144, Cuttack Road, P.O.: Bomikhal, Bhubaneswar, Dist.: Khurda
3. **Sri Badri Narayan Agrawalla,** S/o- Late Bala Mukunda Agrawalla, At/P.O.: Athamalik, Dist.: Angul

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **OA. No. 143/2018** in the court of the Debts Recovery Tribunal, Cuttack for recovery of **Rs.20,55,208/-** together with current and future interest, costs and other reliefs. The above mentioned defendants are therefore directed to appear before this Tribunal in person or through an Advocate or duly authorized agent in support of their defense to show cause within **30 days** from the date of publication or on **11.02.2019 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **27th day of December 2018.**

Sd/- SRIKANTA KUMAR MAIKAP
REGISTRAR

ପୂର୍ବୋଦୟରୁ
ହେଉଛି ନୂଆ ଭାରତର ଉଦୟ

ଉନ୍ନତ ରେଳ ସଂଯୋଗ ଜରିଆରେ
ସୁନିଶ୍ଚିତ ଆଞ୍ଚଳିକ ସମୃଦ୍ଧି

ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ

ଚିଲିକିଦରା-ସଗଡ଼ପଟା ଏବଂ ନରଣପୁର-ବସନ୍ତପୁର ରେଳ ଲାଇନର ଦୋହରୀକରଣ

ବାଲେଶ୍ୱର ସ୍ଥିତ ମଲ୍ଟି ମୋଡାଲ ଲଜିଷ୍ଟିକ୍ସ ପାର୍କ

ସବୁଜ ପତାକା ପ୍ରଦର୍ଶନ

ଟାଟାନଗରରୁ ବାଦାମପାହାଡ଼ ପର୍

ଜଣେ ଅଭିନେତା ଭାବରେ ପ୍ରତ୍ୟେକ ଫିଲ୍ମରେ କିଛି ନୂଆ ଜିନିଷ ଅନୁସନ୍ଧାନ କରିବାକୁ ଚାହେଁ।
- ରଣବୀର ସିଂ, ବଲିଉଡ୍ ଅଭିନେତା

ଫେବୃୟାରୀରେ ଚନ୍ଦ୍ରୟାନ-୨ ମିଶନ

ହାଇଦ୍ରାବାଦ:

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଆସନ୍ତା ମାସରେ ଚନ୍ଦ୍ରକୁ ଏହାର ଦ୍ୱିତୀୟ ମିଶନ୍ ଚନ୍ଦ୍ରୟାନ-୨ ଲଞ୍ଚ୍ କରିବ। ଏଥିପାଇଁ ଦିବାରାତ୍ର ଗବେଷଣା ଜାରି ରହିଛି। ଫେବୃୟାରୀ ମାସରେ ଏହା ମହାକାଶକୁ ଲଞ୍ଚ୍ କରାଯିବ ବୋଲି ଇସ୍ରୋର ଜଣେ ବରିଷ୍ଠ ଅଫିସର ସୂଚନା ଦେଇଛନ୍ତି। ଆସନ୍ତା ମାସ ମଧ୍ୟଭାଗରେ ଏହା ଲଞ୍ଚ୍ କରାଯିବାର ଥିଲେ ହେଁ ଏଥିପାଇଁ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରାଯାଇନାହିଁ।

ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଚନ୍ଦ୍ରୟାନ-୨ ଅର୍ବିଟର, ଲ୍ୟାଣ୍ଡର ଏବଂ ରୋଭରକୁ ନେଇ ଗଠିତ। ନିୟନ୍ତ୍ରଣ ବ୍ୟବସ୍ଥା ମାଧ୍ୟମରେ ଲ୍ୟାଣ୍ଡରକୁ ଚନ୍ଦ୍ରପୃଷ୍ଠର ଏକ ସ୍ୱତନ୍ତ୍ର ସ୍ଥଳରେ ସନ୍ତର୍ପଣ ସହକାରେ ଅବତରଣ କରାଯାଇ ରୋଭରକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥଳରେ ସ୍ଥାପନ କରିବ। ୬ଚକ ବିଶିଷ୍ଟ ରୋଭର ଏହାର ଅବତରଣ ସ୍ଥଳର ଚତୁର୍ଦ୍ଦିଗରେ ଘୂରିବ। ଏଥିପାଇଁ ପୃଥିବୀପୃଷ୍ଠରୁ ଏହାର ସ୍ୱୟଂଚାଳିତ ବ୍ୟବସ୍ଥାକୁ ନିୟନ୍ତ୍ରଣ କରାଯିବ। ରୋଭରରେ ସଂଲଗ୍ନ ଯନ୍ତ୍ରାଂଶ ଚନ୍ଦ୍ରର ପୃଷ୍ଠଭୂମିକୁ ପର୍ଯ୍ୟବେକ୍ଷଣ କରି ପୃଥିବୀପୃଷ୍ଠକୁ ତଥ୍ୟ ପଠାଇବ। ଏହାଦ୍ୱାରା ଚନ୍ଦ୍ରର ପୃଷ୍ଠଭୂମି ବିଶ୍ଳେଷଣ କରାଯାଇ ପାରିବ। ୩,୨୯୦ କିଲୋଗ୍ରାମ ବିଶିଷ୍ଟ ଚନ୍ଦ୍ରୟାନ-୨ ଚନ୍ଦ୍ରକୁ ପରିକ୍ରମା କରି ବୈଜ୍ଞାନିକଙ୍କ ଉଦ୍ଦେଶ୍ୟ ପୂରଣ କରିବ। ଏହା ଚନ୍ଦ୍ରପୃଷ୍ଠର ଭୂମିର ପ୍ରକାରଭେଦ, ଖଣିଜଦ୍ରବ୍ୟ, ହାଇଡ୍ରୋକ୍ସିଲ ଏବଂ ଜଳର ବରଫ ଅବସ୍ଥା ସମ୍ପର୍କରେ ସୂଚନା ସଂଗ୍ରହ କରି ପ୍ରେରଣ କରିବ। ଚନ୍ଦ୍ରୟାନ-୧ ଥିଲା ଭାରତର ପ୍ରଥମ ଲୁନାର ପ୍ରୋବ। ୨୦୦୮ ଅକ୍ଟୋବରରେ ଏହାକୁ ଇସ୍ରୋ ଦ୍ୱାରା ଲଞ୍ଚ୍ କରାଯାଇଥିଲା ଏବଂ ଏହା ୨୦୦୯ ଅଗଷ୍ଟ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିଲା।

ଅବତରଣ କଲା ଲୁନାର ପ୍ରୋବ



ବେଜିଂ:

ଚାଇନାର ଲୁନାର ରୋଭର ଗୁରୁବାର ଚନ୍ଦ୍ରର ଅନ୍ଧକାର ପାର୍ଶ୍ୱରେ ଅବତରଣ କରିଛି। ପୃଥିବୀରୁ ଚନ୍ଦ୍ରର ଯେଉଁ ପାର୍ଶ୍ୱ ସବୁବେଳେ ଅନ୍ଧକାର ଦେଖାଯାଏ ସେଠାରେ ପ୍ରଥମକରି ଏକ ସ୍ପେସ୍‌କ୍ରାଫ୍ଟ ଅବତରଣ କରିଛି। ମହାକାଶ ଗବେଷଣା କ୍ଷେତ୍ରରେ ବେଜିଂ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି କୁହାଯାଉଛି। ଲୁନାର ଏକ୍ସପ୍ଲୋରର୍ ଚେଞ୍ଜ-୪ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାପରେ ଏହା ସେଠାକାର ଫଟୋ ପ୍ରେରଣ କରିଛି। ଉକ୍ତ ଲୁନାର ପ୍ରୋବ ଏକ ଲ୍ୟାଣ୍ଡର ଏବଂ ରୋଭରକୁ ନେଇ ଗଠିତ। ଏହା ୧୭୭.୬ ଡିଗ୍ରୀ ପୂର୍ବ ଦ୍ରାଘିମା ଏବଂ ୪୫.୫ ଡିଗ୍ରୀ ଦକ୍ଷିଣ ଅକ୍ଷାଂଶରେ ଅବତରଣ କରିଥିବା ଚାଇନା ନ୍ୟାଶନାଲ ସ୍ପେସ୍ ଆଡମିନିଷ୍ଟ୍ରେଶନ୍ (ସିଏନ୍‌ଏସ୍‌ଏ) ପକ୍ଷରୁ ଘୋଷଣା କରାଯାଇଛି। ଉକ୍ତ ପ୍ରୋବ୍‌କୁ ଲଙ୍ଗ ମାର୍ଚ୍ଚ-୩ବି କ୍ୟାରିୟର ରକେଟ ଯୋଗେ ଡିସେମ୍ବର ୮ରେ ସିଚୁଆନ ପ୍ରଦେଶର ଜିଚାଙ୍ଗ ସାଟେଲାଇଟ୍ ଲଞ୍ଚ୍ ସେଣ୍ଟରରୁ ଉତ୍‌କ୍ଷେପଣ କରାଯାଇଥିଲା।

୫ରୁ ବିଶ୍ୱ ପୁସ୍ତକ ପ୍ରଦର୍ଶନୀ

ନୂଆଦିଲ୍ଲୀ:

ବିଶ୍ୱ ପୁସ୍ତକ ପ୍ରଦର୍ଶନୀର ୨୭ତମ ସଂସ୍କରଣ ଜାନୁୟାରୀ ୫ରୁ ଆରମ୍ଭ ହେଉଛି। ଏଥିରେ 'ପାଠକଙ୍କ ଆବଶ୍ୟକତାକୁ ଚାହିଁ ପୁସ୍ତକ' ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ଏଠାରେ ବିଭିନ୍ନ ରୁଚିର ପାଠକଙ୍କ ନିମନ୍ତେ ଅଡିଓ, ସାଇଲେଣ୍ଟ ଏବଂ ବ୍ରେଲି ପୁସ୍ତକ ଉପଲବ୍ଧ ହେବ। ଆଇଟିପିଓ ଏବଂ ନ୍ୟାଶନାଲ ବୁକ୍ ଟ୍ରଷ୍ଟ ସହଯୋଗରେ ଆୟୋଜିତ ହେଉଥିବା ବାର୍ଷିକ ପୁସ୍ତକମେଳା ପ୍ରଗତି ମୈଦାନଠାରେ ଆରମ୍ଭ ହେବ। ଏହାକୁ ଉଦ୍‌ଘାଟନ କରିବେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡ଼େକର। ଭିନ୍ନକ୍ଷମ ବିଶେଷକରି ଦୃଷ୍ଟି ଓ ଶ୍ରବଣଶକ୍ତିବାଧିତ ପୁସ୍ତକ ପଠନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଠାରେ ବିଭିନ୍ନ ରୁଚିର ପୁସ୍ତକ ପ୍ରଦର୍ଶିତ ହେବ। ଏଥିସହ ଏଠାରେ କବି-ଲେଖକ ଓ କଳାକାର ସମ୍ମିଳନୀ ଅନୁଷ୍ଠିତ ହେବ। ଅର୍ଜୁନ ପୁରସ୍କାରପ୍ରାପ୍ତ ରାଜିନ୍ଦର ସିଂ, ଲୋକଗାୟକ ବନ୍ତ୍ ସିଂ ଝାବର, ଅଲିମ୍ପିଆନ୍ ମନପ୍ରୀତ୍ କୌର ଏବଂ ନାଟ୍ୟକାର ଅତୁଲ ସତ୍ୟ କୌଶିକଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଏଥିରେ ଅଂଶଗ୍ରହଣ କରିବେ। ପର୍ଯ୍ୟଟକଙ୍କ ନିମନ୍ତେ ହୁଇଲ୍ ଚେୟାର, ଗୋ-କାର୍ଟ୍‌ସ ଭଳି ସ୍ୱତନ୍ତ୍ର ବ୍ୟବସ୍ଥା ଆୟୋଜନ କରାଯାଇଛି। ସେମାନେ କୌଣସି ଦେୟ ନ ଦେଇ ପୁସ୍ତକ ମେଳା ମଧ୍ୟକୁ ପ୍ରବେଶ କରିପାରିବେ। ଚଳିତ ବର୍ଷ ବାର୍ଷିକ ପୁସ୍ତକ ମେଳାକୁ ଶାର୍‌ଜାକୁ ଅତିଥି ଦେଶ ଭାବରେ ଆମନ୍ତ୍ରଣ କରାଯାଇଛି।



ଟମ୍‌ବଏ ଭୂମିକାରେ ସୋନମ୍

ମୁମ୍ବାଇ:

ୱେବ୍ ସିରିଜ୍ 'ଗାନ୍ଧୀ ବାଟ୍ ୨'ର ଏକ ଏପିସୋଡ୍‌ରେ ଅଭିନେତ୍ରୀ ସୋନମ୍ ଅରୋରା ଟମ୍‌ବଏ (ପୁଅଙ୍କ ପରି ପୋଷାକ ପିନ୍ଧିବା ଏବଂ କାମଦାମ କରିବାକୁ ଭଲ ପାଉଥିବା ଝିଅ) ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଉକ୍ତ ଚରିତ୍ର ଖୁବ୍ ଚ୍ୟାଲେଞ୍ଜିଙ୍ଗ୍ ଥିଲେ ବି ସାହସିକତାପୂର୍ଣ୍ଣ ବିଷୟବସ୍ତୁ ତାଙ୍କୁ ଆକର୍ଷଣ କରିଥିବା ସେ ପ୍ରକାଶ କରିଛନ୍ତି। ଜାନୁୟାରୀ ୭ରୁ ଉକ୍ତ ଧାରାବାହିକ ଆରମ୍ଭ ହେଉଛି। ସୋନମ୍ ନିଜ ଚରିତ୍ର ସମେତ ସମଗ୍ର ପ୍ରକ୍ରିୟାକୁ ଖୁବ୍ ପସନ୍ଦ କରିଥିବା ଜଣାଇଛନ୍ତି। ସେ ଉକ୍ତ ସିରିୟଲ୍‌ରେ 'ରୁପ୍' ଚରିତ୍ରରେ ଅଭିନୟ କରିଛନ୍ତି। ତାହା ହେଉଛି ସମ୍ପୂର୍ଣ୍ଣ ଟମବଏ। ପୋଷାକ ପରିଧାନରୁ ନେଇ କଥାବାର୍ତ୍ତା ଓ ଦେହର ପରିଭାଷା ସବୁଥିରେ ପୁଅର କର୍ତ୍ତବ୍ୟ କରିବାକୁ ପଡ଼ିଛି। ତାଙ୍କ ପାଇଁ ଉକ୍ତ ରୋଲ୍ ଖୁବ୍ ଚ୍ୟାଲେଞ୍ଜିଙ୍ଗ୍। ଏଥିରେ ବାସ୍ତବ ବ୍ୟକ୍ତିତ୍ୱ ଅପେକ୍ଷା ସମ୍ପୂର୍ଣ୍ଣ ନିଆରା ଚରିତ୍ରରେ ଅଭିନୟ କରିବାକୁ ପଡିଛି। ସର୍ବୋପରି କହିବାକୁ ଗଲେ ରୁପ୍ ନାମରେ ହିଁ ସେ ପରିଚିତ ହୋଇଯାଇଛନ୍ତି। ସିଜନ୍-୧ରେ ତାଙ୍କର ଅଭିନୟ ହିଟ୍ ହୋଇଥିଲା ବେଳେ ସିଜନ୍-୨ ଏକ ନୂଆ ଶିଖର ଛୁଇଁବ ବୋଲି 'ସତ୍ୟମେବ ଜୟତେ'ର ଅଭିନେତ୍ରୀ ସୋନମ୍ ପ୍ରକାଶ କରିଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଆମ୍ବଦୁଧ ଏକାଠି ହୁଏ
ଅଧଢ଼ ଟାକୁଆ ଗାତକୁ ଯାଏ ।

ଆମ୍ବ ରସ ଓ ଦୁଧ ସହଜରେ ମିଶିଯାଏ, କିନ୍ତୁ ଟାକୁଆ ମିଶି ନ ପାରିବା ହେତୁ ତାକୁ ବାହାରେ ଫୋପାଡ଼ି ଦିଆଯାଏ। ପରୋକ୍ଷରେ ସ୍ୱଭାବ, ପ୍ରକୃତି ତଥା ମନୋଭାବ ଯାହା ସହ ଯାହାର ମିଶିଯାଏ ତାଙ୍କ ପକ୍ଷେ ଏକତ୍ର ହେବା ସେତେ ସହଜ ହୋଇଯାଏ ଅନ୍ୟଥା ସେଠାରୁ ବାଦ୍ ପଡ଼ିବା ସ୍ଥିର ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଆପଣା ବେଳକୁ ଲୀଳାଖେଳା
ପାପହୁଏ ପରବେଳା ।

ନିଜ ବେଳକୁ ଯେଉଁ କାମ କରିବା ଠିକ୍ ବୋଲି ଧରାଯାଏ ପରନ୍ତୁ ଅନ୍ୟପାଇଁ ସେ କାମ କରିବା ଦୋଷାବହ ହୋଇଯାଏ। ସ୍ୱାର୍ଥାନ୍ୱେଷୀ ତଥା ସୁବିଧାବାଦୀ ବ୍ୟକ୍ତି ନିଜ ସୁଖ ସୁବିଧା ପାଇଁ ଦରକାର ପଡ଼ିଲେ ନୀତିନିୟମକୁ ମଧ୍ୟ ବଦଳେଇ ଦେବାକୁ ପଛଘୁଞ୍ଚା ଦେଇ ନ ଥାନ୍ତି। ପାତରଅନ୍ତର ନୀତି ଅବଲମ୍ବନ କରୁଥିବା ସିଆଣିଆ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

ସ୍ଥାନ	ସର୍ବୋଚ୍ଚ ତାପମାତ୍ରା	ସର୍ବ ନିମ୍ନ ତାପମାତ୍ରା
ବାଲେଶ୍ୱର	୨୭.୭	୧୦.୦
ଚାନ୍ଦବାଲି	୨୭.୫	୧୨.୩
କଟକ	୨୭.୮	୧୦.୬
ପାରାଦ୍ୱୀପ	୨୭.୦	୧୩.୦
ଭୁବନେଶ୍ୱର	୨୯.୯	୧୧.୨
ଗୋପାଳପୁର	୨୮.୯	୧୩.୭
ପୁରୀ	୨୮.୨	୧୩.୮
ଅନୁଗୋଳ	୨୬.୧	୭.୬
ବାରିପଦା	୨୫.୫	୧୦.୨
ଝାରସୁଗୁଡ଼ା	୨୭.୫	୯.୮
କେନ୍ଦୁଝର	୨୫.୬	୯.୧
ସମ୍ବଲପୁର	୨୭.୪	୯.୫
ସୁନ୍ଦରଗଡ଼	---	୯.୦
ହୀରାକୁଦ	୨୬.୯	୧୦.୧
ତାଲଚେର	୩୦.୩	୧୦.୨
ଭବାନୀପାଟଣା	୨୮.୦	୯.୦
ବଲାଙ୍ଗୀର	---	୧୦.୦
କୋରାପୁଟ	୨୬.୦	୮.୬
ଫୁଲବାଣୀ	---	୬.୮
ଚିଟିଲାଗଡ଼	---	୯.୦
ମାଲକାନଗିରି	---	୧୨.୦
ସୋନପୁର	୨୭.୮	୮.୪
ଦାରିଙ୍ଗିବାଡ଼ି	୨୫.୦	୮.୦
ଢେଙ୍କାନାଳ	---	---

ଡିଗ୍ରୀ ସେଲ୍‌ସିୟସ୍

ଇତିହାସର ଆଇନାରେ | ଜାନୁୟାରୀ ୪ର ପ୍ରମୁଖ ଘଟଣା

୧୮୯୬ ଜାନୁୟାରୀ ୪ରେ ୟୁଟା ଆମେରିକାର ୪୫ତମ ରାଜ୍ୟ ଭାବେ ସ୍ୱୀକୃତି ଲାଭ କରିଥିଲା। ୟୁଟା ହେଉଛି ଆମେରିକାର ପଶ୍ଚିମ ପ୍ରାନ୍ତ ଏକ ରାଜ୍ୟ। ଏହା ୩୧ତମ ଜନବହୁଳ ରାଜ୍ୟ ହୋଇଥିବା ବେଳେ କ୍ଷେତ୍ରଫଳ ଦୃଷ୍ଟିରୁ ୧୩ତମ। ୫୦ଟି ରାଜ୍ୟ ମଧ୍ୟରେ ଜନସଂଖ୍ୟାର ଘନତା ଦୃଷ୍ଟିରୁ ଏହାର ସ୍ଥାନ ୧୦ମ। ୨୦୧୬ ଜନଗଣନା ଅନୁଯାୟୀ ୟୁଟାର ଲୋକସଂଖ୍ୟା ୩୦ଲକ୍ଷରୁ ଅଧିକ।

୨୦୦୪ ଜାନୁୟାରୀ ୪ରେ ନାସାର ମାର୍ସ ରୋଭର ସଫଳତାର ସହିତ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲା। ମାର୍ସ ରୋଭର ହେଉଛି ଏକ ମୋଟର ଭେଇକିଲ୍, ଯାହା ମଙ୍ଗଳ ପୃଷ୍ଠରେ ଅବତରଣ କରିବା ପରେ ଗତିଶୀଳ ହୋଇଥିଲା। ରୋଭର ମହାକାଶଯାନର ନିର୍ମାଣ କୌଶଳ ଏପରି ଯାହା ସୂର୍ଯ୍ୟଙ୍କ ପ୍ରଖର ତେଜ ଏବଂ ଶୀତଋତୁର ପ୍ରଭାବକୁ ସହ୍ୟକରି ପର୍ଯ୍ୟବେକ୍ଷଣ କାର୍ଯ୍ୟ ଜାରି ରଖିପାରିବ।

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

For Single Day		For 7 Days		For 15 Days		For 30Days	
6 × 4	12 × 4	6 × 4	12 × 4	6 × 4	12 × 4	6 × 4	12 × 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଲେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଉପଲବ୍ଧ କମ୍ ସୁଧରେ ଋଣର ସୁବିଧା । ମାତ୍ର 2% ସୁଧ 35% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ ରିହାତି ସହିତ।
SHRI JAGANNATH FINANCE GROUP
ଭାରତର ନଂ.1 କମ୍ପାନୀ
Helpline Numbers
7497815594
9485831878
Jamtara, Siskela, Balangir, Odisha - 767032

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଭାରତର ନଂ. ୧ କମ୍ପାନୀ
ଦ୍ୱାରା ଆପଣଙ୍କର ଖାଲିଥିବା ଜମିରେ, ଛାତରେ, ଫ୍ଲାଟ୍‌ରେ, କ୍ଷେତରେ, ଘର ଉପରେ 3G, 4G, ଡିଜିଟାଲ ଟାୱାର ଲଗାନ୍ତୁ। ଏବଂ ପାଆନ୍ତୁ ୮୦ ଲକ୍ଷ ଆଡଭାନ୍ସ + ୫୦ ହଜାର ମାସକୁ ରୋଜଗାର +୨୦ ବର୍ଷର କୋର୍ଟ ଏଗ୍ରିମେଣ୍ଟ + ଚାକିରି + BIKE + NET Call Free
Contact :
18001200025 63
Ansal Bhavan, Connaught Place, New Delhi

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀରୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

ଆକର୍ଷଣୀୟ ବାଇକ୍ ଶୁଭାରମ୍ଭ ଅଫର୍
ମାସିକ 9765/-ର ରୋଜଗାର ଡ୍ରାଇଭର, ଲଣ୍ଡନ, ରକ୍ଷଣାବେକ୍ଷଣ ସବୁ ସୁବିଧା କମ୍ପାନୀ ତରଫରୁ
ଜିଆଇପିଏଲ୍ ବାଇକ୍ ବଟ୍ କନ୍‌ସେପ୍ଟ ବାଇକ୍ ଭଡ଼ାରେ ଘରେ ନିଶ୍ଚିତରେ ବସି ଟ.62100, ମାସିକ ରୋଜଗାର 9765 କିମ୍ବା ସର୍ବ

ନିର୍ବାଚନ କମିଶନ ରାଜି ହେଲେ ସାଧାରଣ ନିର୍ବାଚନ ସହ ଜମ୍ମୁ-କଶ୍ମୀର ବିଧାନସଭା ଭୋଟ କରାଇବାରେ ସରକାରଙ୍କ କିଛି ଆପତ୍ତି ନାହିଁ ।
- ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ

ସଂକ୍ଷେପରେ

ବୁଲନ୍ଦସହର ହିଂସା: ମୁଖ୍ୟ ଅଭିଯୁକ୍ତ ଗିରଫ

ମିରଟ,୩।୧(ପି.ଟି.)-ଉତ୍ତରପ୍ରଦେଶର ବୁଲନ୍ଦସହରରେ ଗୋ-ହତ୍ୟାକୁ କେନ୍ଦ୍ରକରି ହୋଇଥିବା ଭିଡ଼ହିଂସାର ମୁଖ୍ୟ ଅଭିଯୁକ୍ତ ସ୍ଥାନୀୟ ବଜରଙ୍ଗ ଦଳର ସଂଯୋଜକ ଯୋଗେଶ ରାଜ ଧରାପଡ଼ିଛନ୍ତି। ବୁଧବାର ଜାତୀୟ ରାଜପଥ ଖୁର୍ଜା ଟି-ପଏଣ୍ଟ ଅଞ୍ଚଳରୁ ତାଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ଡିସେମ୍ବର ୩ରେ ସିୟାନା ତହସିଲ୍‌ଠାରେ ଘଟିଥିବା ହିଂସାର ସେ ମାଷ୍ଟରମାଇଣ୍ଡ ଥିଲେ। ଏଥିରେ ଜଣେ ପୋଲିସ ଇନ୍ସପେକ୍ଟରଙ୍କ ସମେତ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ପୋଲିସ ଓ ପ୍ରଶାସନ ପକ୍ଷରୁ ତନାଘନା ପରେ ଯୋଗେଶ ଫେରାର ହୋଇଯାଇଥିଲେ।

୩ ଆତଙ୍କବାଦୀ ନିହତ

ଶ୍ରୀନଗର,୩।୧(ପି.ଟି.)- ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଗୁରୁବାର ସୁରକ୍ଷା ବଳ ସହ ଗୁଳି ବିନିମୟରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଏଥିରେ ଜଣେ ଯବାନ ଆହତ ହୋଇଛନ୍ତି। ଗୁରୁବାର ସକାଳେ ଟ୍ରାଲ୍ ଅଞ୍ଚଳରେ ଆତଙ୍କବାଦ ନିରୋଧୀ ଅଭିଯାନ ବେଳେ ଏନ୍‌କାଉଣ୍ଟର ହୋଇଥିଲା। ଜଙ୍ଗଲ ମଧ୍ୟରେ ଛପି ରହିଥିବା ଆତଙ୍କବାଦୀମାନେ ଯବାନଙ୍କୁ ଗୁଳିମାଡ଼ କରିଥିଲେ।

ନୂଆବର୍ଷ ପାର୍ଟିରେ ଫାୟାରିଂ

ପୂର୍ବତନ ବିଧାୟକ ଗିରଫ

ନୂଆଦିଲ୍ଲୀ,୩।୧(ପି.ଟି.)- ନୂଆବର୍ଷ ପାଳନବେଳେ ଫାୟାରିଂ ମାମଲାରେ ପୂର୍ବତନ ବିହାର ବିଧାୟକ ରାଜୁ ସିଂ, ତାଙ୍କ ସ୍ତ୍ରୀ ରେଣୁ, ଡ୍ରାଇଭର ହରି ସିଂ ଓ ହର୍‌ମିନ୍ଦର ସିଂଙ୍କୁ ଦିଲ୍ଲୀ ପୋଲିସ ଗୁରୁବାର ଗିରଫ କରିଛି। ସେମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଛି। ଭାଜପା ଟିକେଟ୍‌ରେ ୨୦୧୫ ବିଧାନସଭା ନିର୍ବାଚନ ଲଢ଼ି ହାରିଥିବା ରାଜୁ ସିଂ ଓ ତାଙ୍କ ସ୍ତ୍ରୀ (ପୂର୍ବତନ ଏମ୍‌ଏଲ୍‌ସି) ରେଣୁ ଦିଲ୍ଲୀସ୍ଥିତ ସେମାନଙ୍କ ଫାର୍ମହାଉସରେ ନୂଆବର୍ଷ ଉତ୍ସବ ପାର୍ଟି ଆୟୋଜନ କରିଥିଲେ। ସେମାନେ ଗୁଳି ଫୁଟାଇ ନୂଆବର୍ଷକୁ ସ୍ୱାଗତ କରିଥିଲେ। ସେଠାରେ ଉପସ୍ଥିତ ଅର୍ଚ୍ଚନା ଗୁପ୍ତାଙ୍କ ଦେହରେ ଗୁଳି ବାଜିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ୍ ନିଆଯାଇଥିଲା। ଅର୍ଚ୍ଚନାଙ୍କ ଗୁରୁବାର ମୃତ୍ୟୁ ଘଟିଛି।

ଟଳିଲେ ୮ ପୋଲିସ

କାବୁଲ,୩।୧(ପି.ଟି.)-ଆଫଗାନିସ୍ତାନର ଉତ୍ତରାଞ୍ଚଳ ବାଘଲାନ ପ୍ରଦେଶଠାରେ ଗୁରୁବାର ପୋଲିସ ପୋଷ୍ଟକୁ ତାଲିବାନ ଆତଙ୍କବାଦୀମାନେ ଟାର୍ଗେଟ୍ କରିଛନ୍ତି। ୪ ଘଣ୍ଟା ଧରି ଗୁଳି ବିନିମୟରେ ୮ ପୋଲିସ ନିହତ ହୋଇଛନ୍ତି।

■ ମେଘାଳୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ଜୀବିତ ଅଥବା ମୃତ ଉଦ୍ଧାର କର

ନୂଆଦିଲ୍ଲୀ,୩।୧(ପି.ଟି.)

ମେଘାଳୟର ଏକ କୋଇଲା ଖଣିରେ ୨୨ ଦିନ ହେଲା ୧୫ଜଣ ଶ୍ରମିକ ଫସିରହିଥିବାବେଳେ ଉଦ୍ଧାର କାର୍ଯ୍ୟକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନଙ୍କୁ ଜୀବିତ ଅଥବା ମୃତ ଅବସ୍ଥାରେ ତୁରନ୍ତ ବାହାର କରିବା ଲାଗି ଗୁରୁବାର ସର୍ବୋଚ୍ଚ ଅଦାଲତ ମେଘାଳୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ସଂସ୍ଥା ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ ମଧ୍ୟ ଖଣିରୁ ପାଣି ବାହାର କରିବାରେ ବିଫଳ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟ ଲାଗି ଯଥେଷ୍ଟ ତତ୍ପରତା ପ୍ରକାଶ କରି ନ ଥିବା ମେଘାଳୟ ସରକାରଙ୍କୁ ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ଡିସେମ୍ବର ୧୩ରୁ ପୂର୍ବ ଜୟନ୍ତିଆ ହିଲ୍‌ସ ଜିଲାର ଲୁମଥାରି ଗ୍ରାମରେ ଥିବା ୩୭୦ ଫୁଟ ଗଭୀର ବେଆଇନ ଖଣିରେ ୧୫ ଶ୍ରମିକ ଫସି ରହିଛନ୍ତି। ସେମାନଙ୍କ ଉଦ୍ଧାର ଲାଗି ସେନାର ସହାୟତା ନିଆଯାଇ ପାରିଥାନ୍ତା ବୋଲି କୋର୍ଟ କହିଛନ୍ତି। ପ୍ରତ୍ୟେକ ମୁହୂର୍ତ୍ତ ଗୁରୁତ୍ୱପୂର୍ଣ୍ଣ। ଖଣିରେ ଫସିଥିବା ଲୋକଙ୍କ ଉଦ୍ଧାର ଲାଗି ତୁରନ୍ତ ଜରୁରୀ ତଥା ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ଥିଲା। ଏହା ଜୀବନ ଓ ମୃତ୍ୟୁର ପ୍ରଶ୍ନ ହୋଇଥିବାରୁ ଆଦୌ ବିଳମ୍ବ କରିବା ଉଚିତ ନ ଥିଲା ବୋଲି ବିଚାରପତି ଏ.କେ. ସିକ୍ରି ଏବଂ ଏସ.ଅବ୍‌ଦୁଲ ନାଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଶ୍ରମିକଙ୍କ ଉଦ୍ଧାର ଲାଗି ସରକାର କ'ଣ ପଦକ୍ଷେପ ନେବାକୁ ଚାହୁଁଛନ୍ତି ତାହା ଶୁକ୍ରବାର ଜଣାଇବାକୁ ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପର୍ଯ୍ୟନ୍ତ କାହିଁକି ସେନାର ସହଯୋଗ ନିଆଯାଇ ନାହିଁ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି।

ଖଣିରେ ଫସିଛନ୍ତି ୧୫ ଶ୍ରମିକ

- ପ୍ରତ୍ୟେକ ମୁହୂର୍ତ୍ତ ଗୁରୁତ୍ୱପୂର୍ଣ୍ଣ
- ଜୀବନ, ମୃତ୍ୟୁର ପ୍ରଶ୍ନ
- ଉଦ୍ଧାରକାର୍ଯ୍ୟ ସନ୍ତୋଷଜନକ ନୁହେଁ

ଅଯୋଧ୍ୟା ବିଚାର ଆଜି



ନୂଆଦିଲ୍ଲୀ,୩।୧(ପି.ଟି.)

ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାରେ ଆସିଥିବା ଏକାଧିକ ପିଟିଶନର ଶୁଣାଣି ଶୁକ୍ରବାର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ବିଚାରପତି ଏସ୍.କେ. କୌଲଙ୍କ ଖଣ୍ଡପୀଠରେ ଅନୁଷ୍ଠିତ ହେବ। ଆଲ୍ଲାହାବାଦ ହାଇକୋର୍ଟଙ୍କ ୨୦୧୦ ରାୟକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟରେ ୧୪ଟି ପିଟିଶନ ଦାଏର ହୋଇଛି। ସେଗୁଡିକର ଶୁଣାଣି ଲାଗି ଏକ ତିନିଜଣିଆ ଖଣ୍ଡପୀଠ ଗଠନ କରାଯାଇପାରେ ବୋଲି ଜଣାପଡିଛି। ୨.୭୭ ଏକର ବିବାଦୀୟ ଜମିକୁ ତିନି ପକ୍ଷଙ୍କ ମଧ୍ୟରେ ସମାନ ଭାଗ କରିଦେବାକୁ ଆଲ୍ଲାହାବାଦ ହାଇକୋର୍ଟ ଦେଇଥିବା ରାୟକୁ ବିଭିନ୍ନ ସଂଗଠନ ପକ୍ଷରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଗତ ଅକ୍ଟୋବର ୨୯ରେ ସୁପ୍ରିମକୋର୍ଟ ମାମଲାର ଶୁଣାଣି କରି ଜାନୟାରୀ ପ୍ରଥମ ସପ୍ତାହରେ ଉପଯୁକ୍ତ ଖଣ୍ଡପୀଠରେ ଏହାର ଶୁଣାଣି ସମ୍ପର୍କରେ ସ୍ଥିର ହେବ ବୋଲି କହିଥିଲେ। ଏହା ପରେ ମାମଲାର ତୁରନ୍ତ ଶୁଣାଣି ଲାଗି ଅଖିଳ ଭାରତ ହିନ୍ଦୁ ମହାସଭା (ଏବିଏଚ୍‌ଏମ୍) କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ।

ପଶ୍ଚିମବଙ୍ଗରେ ରଥଯାତ୍ରା ପ୍ରସଙ୍ଗ

ଭାଜପା ଆବେଦନର ଶୁଣାଣି ୭ରେ

ନୂଆଦିଲ୍ଲୀ,୩।୧(ପି.ଟି.)

ପଶ୍ଚିମବଙ୍ଗରେ ଭାଜପାର ରଥଯାତ୍ରା ଆୟୋଜନକୁ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍‌ସି ସରକାର ବିରୋଧ କରୁଥିବାବେଳେ କୋଲକାତା ହାଇକୋର୍ଟ ଏହା ଉପରେ ରୋକ୍ ଲଗାଇଛନ୍ତି। ଏହାକୁ ଚ୍ୟାଲେଞ୍ଜ୍ କରି ଭାଜପା ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି । ଏହାର ତ୍ୱରିତ ଶୁଣାଣି ପାଇଁ ଭାଜପା ପକ୍ଷରୁ ଦାଏର ପିଟିଶନ ଉପରେ ଜାନୁୟାରୀ ୭ରେ ଶୁଣାଣି କରାଯିବ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ୨ ଜଣିଆ ଖଣ୍ଡପୀଠ ଜଣାଇଛନ୍ତି।

■ ସାବରିମାଲା ବିବାଦ

ଶୀଘ୍ର ଶୁଣାଣିକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ,୩।୧(ପି.ଟି.)

ସାବରିମାଲାର ମୁଖ୍ୟ ପୂଜକ ଏବଂ ମନ୍ଦିର କର୍ତ୍ତୃପକ୍ଷଙ୍କ ବିରୋଧରେ ଦୁଇ ଜଣ ମହିଳା ଆଣିଥିବା ଅଦାଲତ ଅବମାନନା ମାମଲାର ତୁରନ୍ତ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ଗୁରୁବାର ମନା କରିଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ସେପ୍ଟେମ୍ବର ୨୮ ରାୟ ବିରୋଧରେ ଆସିଥିବା ଏକାଧିକ ରିଭ୍ୟୁ ପିଟିଶନ ସହ ଏହି ଅଦାଲତ ଅବମାନନା ମାମଲାର ଶୁଣାଣି ହେବ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ବିଚାରପତି ଏସ.କେ. କୌଲଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଏହି ମାମଲାର ଶୁଣାଣି ଜାନୁୟାରୀ ୨୨ରେ ହେବ ବୋଲି କୋର୍ଟ କହିଛନ୍ତି। ସବୁ ବୟସ ବର୍ଗର ମହିଳାଙ୍କ ମନ୍ଦିର ପ୍ରବେଶ ଲାଗି ସୁପ୍ରିମକୋର୍ଟଙ୍କ ଅନୁମତି ସତ୍ତ୍ୱେ ପୂଜକ ଓ ମନ୍ଦିର କର୍ତ୍ତୃପକ୍ଷ ଏହାକୁ ପାଳନ କରୁ ନ ଥିବାରୁ ଗତ ନଭେମ୍ବର ୧୬ରେ ବର୍ଷା ଏବଂ ଗୀନା କୁମାରୀ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ।

ପୋଲାଭରମ ମାମଲା: କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

୩ ସପ୍ତାହରେ ଜବାବ ଦାଖଲ କର

ନୂଆଦିଲ୍ଲୀ,୩।୧

ବିବାଦୀୟ ଇନ୍ଦିରାସାଗର ପୋଲାଭରମ ପ୍ରକଳ୍ପ ସମ୍ପର୍କରେ ୩ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ଉପରେ ଜନଶୁଣାଣି ଲାଗି ଓଡ଼ିଶା ଏବଂ ଛତିଶଗଡ଼ ସରକାର ତଥ୍ୟ ପାଇଁ ସତ୍ୟପାଠ ମାଧ୍ୟମରେ ଆବେଦନ କରିଥିଲେ। ୩ ସପ୍ତାହ ମଧ୍ୟରେ ସତ୍ୟପାଠ ଜରିଆରେ ଉପରୋକ୍ତ ତଥ୍ୟ ଦେବା ଲାଗି ଜଷ୍ଟିସ ଏ.କେ ସିକ୍ରି, ଦୀପକ ଗୁପ୍ତା ଏବଂ ଏସ୍. ଅବଦୁଲ ନାଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୨୪କୁ ଧାର୍ଯ୍ୟ କରାଯାଇଛି।

ଓଡ଼ିଶା ସରକାରଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ସୁବ୍ରମଣ୍ୟମ କୋର୍ଟରେ ମାମଲା ପରିଚାଳନା କରିଥିଲେ। ସେ କହିଥିଲେ, ପୋଲାଭରମ ଡ୍ୟାମ୍ ନିର୍ମାଣ ହେଲେ କେତେ ଅଞ୍ଚଳକୁ ପାଣି ମାଡିବ ସେ ସମ୍ପର୍କିତ ଅନୁଧ୍ୟାନ ରିପୋର୍ଟ ଆନ୍ଧ୍ରପ୍ରଦେଶ ସରକାର ଦେଉନାହାନ୍ତି। ବନ୍ଧର ଜଳଧାରଣ କ୍ଷମତା ୩୬ ଲକ୍ଷ କ୍ୟୁସେକ୍‌ରୁ ୫୦ ଲକ୍ଷ କ୍ୟୁସେକ୍‌କୁ ବୃଦ୍ଧି କରାଗଲେ ଓଡ଼ିଶା ଅଧିକ ପ୍ରଭାବିତ ହେବ।

ଜୟ ବିଜ୍ଞାନ, ଜୟ ଅନୁସନ୍ଧାନ

ନୂଆଦିଲ୍ଲୀ,୩।୧(ପି.ଟି.)

ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପ୍ରସିଦ୍ଧ ସ୍ଲୋଗାନ ଜୟ ଯବାନ, ଜୟ କିଷାନରେ ଅଟଳ ବିହାରୀ ବାଜପେୟୀ ଜୟ ବିଜ୍ଞାନ ଯୋଡ଼ିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସେଥିରେ ଜୟ ଅନୁସନ୍ଧାନ ଯୋଡିଛନ୍ତି। ଜଳନ୍ଧରଠାରେ ୧୦୬ତମ ଭାରତୀୟ ବିଜ୍ଞାନ କଂଗ୍ରେସରେ 'ଭବିଷ୍ୟତ ଭାରତ: ବିଜ୍ଞାନ ଓ ପ୍ରଯୁକ୍ତି' ଉପରେ ଉଦ୍‌ବୋଧନ ଦେଲାବେଳେ ମୋଦି କହିଥିଲେ, ଆଜିର ନୂଆ ସ୍ଲୋଗାନ ହେଉଛି ଜୟ ଯବାନ, ଜୟ କିଷାନ, ଜୟ ବିଜ୍ଞାନ ଏବଂ ଜୟ ଅନୁସନ୍ଧାନ। ପ୍ରଧାନମନ୍ତ୍ରୀ କହିଥିଲେ ଭାରତୀୟ ବିଜ୍ଞାନ ଲାଗି ୨୦୧୮ ଶ୍ରେଷ୍ଠ ବର୍ଷ ଥିଲା। ଏହି ବର୍ଷ ବିମାନ ଲାଗି ଜୈବ ଇନ୍ଧନ, ଦୃଷ୍ଟିହୀନଙ୍କ ଲାଗି 'ଦିବ୍ୟ ନୟନ' ମେଶିନ୍, ସର୍ଭିକାଲ କ୍ୟାନ୍‌ସର, ଟିବି, ଡେଙ୍ଗୁ ଆଦିର ନିଦାନ ଲାଗି ଶସ୍ତା ଉପକରଣ, ଭୂସ୍ଖଳନ ସତର୍କତା ସିଷ୍ଟମ ଆଦି ଆମର ସଫଳତା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

୧୯୮୪ ଶିଖ୍ ବିରୋଧୀ ଦଙ୍ଗାରେ ସଂପୃକ୍ତ ବ୍ୟକ୍ତିଙ୍କୁ କଂଗ୍ରେସ ସୁରକ୍ଷା ଦେଉଛି। ସେଭଳି ନେତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ଦିଆଯାଉଛି ବୋଲି ମୋଦି ଏକ ରାଲିରେ ଯୋଗଦେଇ କହିଥିଲେ। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କୁ ଲକ୍ଷ୍ୟ କରି ସେ ଏଭଳି ମନ୍ତବ୍ୟ ଦେଇଥିଲେ। କୃଷକମାନଙ୍କୁ ଋଣଛାଡ଼ ପ୍ରତିଶ୍ରୁତି ଦେଇ ବିରୋଧୀ ଦଳ ସେମାନଙ୍କୁ ପ୍ରତାରିତ କରୁଥିବା ପ୍ରଧାନମନ୍ତ୍ରୀ କହିଥିଲେ। ରାଫାଲ ଡିଲ୍‌ରେ ଦୁର୍ନୀତି ହୋଇଥିବା କଥା କହି କଂଗ୍ରେସ ମିଥ୍ୟାର ପ୍ରସାର କରାଇବା ସହ ପ୍ରତିରକ୍ଷା ବାହିନୀକୁ ଦୁର୍ବଳ କରୁଛି। ଦେଶ ଏହି ଦଳଠାରୁ ଦୂରେଇ ରହିବାକୁ ଚାହେଁ ବୋଲି ମୋଦି କହିଥିଲେ।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ପାର୍ଲାମେଣ୍ଟରେ ରାଫାଲ ପ୍ରସଙ୍ଗରେ ପରୀକ୍ଷା ନ ଦେଇ ଦୂରେଇ ରହୁଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ମୋଦି ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କୁ ନିଜର ପ୍ରତିରକ୍ଷା ମନ୍ତ୍ରୀ କରିଥିବା ସେ କହିଛନ୍ତି।

ସିଲିଣ୍ଡର ବିସ୍ଫୋରଣରୁ କୋଠା ଭୁଶୁଡ଼ିଲା: ୬ ମୃତ

ନୂଆଦିଲ୍ଲୀ,୩।୧(ପି.ଟି.)

ପଶ୍ଚିମ ଦିଲ୍ଲୀର ସୁଦର୍ଶନ ପାର୍କ ଅଞ୍ଚଳରେ ଗୁରୁବାର ଏଲ୍‌ପିଜି ସିଲିଣ୍ଡର ବିସ୍ଫୋରଣରୁ କୋଠା ଆଂଶିକ ଭାବେ ଭୁଶୁଡ଼ିପଡ଼ିଛି। ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ରାତି ୮ଟାରେ ଅଗ୍ନିଶମ ବାହିନୀ ଫୋନ୍ କଲ୍ ପାଇଁ କୋଠା ଭୁଶୁଡ଼ିଥିବା ସ୍ଥାନରେ ପହଞ୍ଚିଥିଲା। ଉଦ୍ଧାରକାରୀ ଦଳ ୮ ଜଣଙ୍କୁ ସୁରକ୍ଷିତ ବାହାର କରି ହସ୍ପିଟାଲକୁ ପଠାଇଥିବାବେଳେ ଅନ୍ୟ ୬ ଜଣ ଚାପିହୋଇ ପ୍ରାଣ ହରାଇଥିଲେ।

୨ ଦିନରେ ୪୫ ଏମ୍‌ପି ନିଲମ୍ବିତ

ନୂଆଦିଲ୍ଲୀ,୩।୧

ବିଶୃଙ୍ଖଳିତ କାର୍ଯ୍ୟ ଲାଗି ଦୁଇଦିନରେ ଲୋକ ସଭାରୁ ୪୫ ଜଣ ଏମ୍‌ପିଙ୍କୁ ନିଲମ୍ବନ କରାଯାଇଛି। ବୁଧବାର ବାଚସ୍ପତି ସୁମିତ୍ରା ମହାଜନ ୨୪ ଜଣଙ୍କୁ ନିଲମ୍ବନ କରିଥିବାବେଳେ ଗୁରୁବାର ଅନ୍ୟ ୨୧ ଜଣଙ୍କୁ ନିଲମ୍ବନ କରିଛନ୍ତି। ଗୃହରେ କ୍ରମାଗତ ବିଶୃଙ୍ଖଳା ସୃଷ୍ଟି କରୁଥିବା ୨୪ ଜଣ ଏଆଇଏଡିଏମ୍‌କେ ସଦସ୍ୟଙ୍କୁ ବୁଧବାର ବାଚସ୍ପତି ୫ ଦିନ ପାଇଁ ନିଲମ୍ବିତ କରିଥିଲେ। ଗୁରୁବାର ଟିଡିପିର ୧୩ ସଦସ୍ୟ, ଏଆଇଏଡିଏମକେର ୭ ଜଣ ଏବଂ ୱାଇଏସ୍‌ଆର୍ କଂଗ୍ରେସର ଜଣେ ସଦସ୍ୟଙ୍କୁ ନିଲମ୍ବନ କରାଯାଇଛି। ଲୋକ ସଭା ନିୟମାବଳୀର ଧାରା ୩୭୪ଏ ଅନୁଯାୟୀ ବାଚସ୍ପତି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କାବେରୀ ନଦୀରେ ବନ୍ଧ ନିର୍ମାଣକୁ ବିରୋଧ କରି ଏଆଇଏଡିଏମ୍‌କେ ସଦସ୍ୟମାନେ ଗୃହରେ ନାରାବାଜି ଜାରି ରଖିଥିବାବେଳେ ଟିଡିପି ଏମ୍‌ପି ଆନ୍ଧ୍ରପ୍ରଦେଶକୁ ଆର୍ଥିକ ସୁବିଧା ଦାବିରେ ହୋହଲ୍ଲା କରୁଥିଲେ। ଆସନ୍ତା ୮ ତାରିଖରେ ଅଧିବେଶନ ଶେଷ ହେଉଥିବାବେଳେ ଅବଶିଷ୍ଟ ଦିନ ପାଇଁ ଏହି ଏମ୍‌ପିମାନେ ଲୋକ ସଭାରେ ଯୋଗଦେଇପାରିବେ ନାହିଁ।

ସିଜେଆଇଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣ

ପ୍ରଧାନମନ୍ତ୍ରୀଙ୍କୁ ଅଯୋଧ୍ୟା ମହନ୍ତଙ୍କ ଚିଠି

ଅଯୋଧ୍ୟା,୩।୧(ପି.ଟି.)- ସୁପ୍ରିମକୋର୍ଟରେ ଶୁକ୍ରବାର ଅଯୋଧ୍ୟା ମାମଲାର ଶୁଣାଣି ହେବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବା ଦାବିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଜଣେ ମହନ୍ତ ପତ୍ର ଲେଖିଛନ୍ତି। ସିଜେଆଇ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ ଜମି ବିବାଦର ଶୁଣାଣି କରିବାରେ ଆଗ୍ରହ ଦେଖାଉ ନ ଥିବା ମହନ୍ତ ଧରମ ଦାସ ଅଭିଯୋଗ ଆଣିଛନ୍ତି। ସିଜେଆଇ ଯଦି ଏହି ୭୦ ବର୍ଷ ପୁରୁଣା ମାମଲାକୁ ପ୍ରାଥମିକତା ଦେଇପାରୁନାହାନ୍ତି, ତେବେ ଏଭଳି ପ୍ରଧାନ ବିଚାରପତି ଥାଇ ମଧ୍ୟ ନ ଥିଲା ଭଳି। ସିଜେଆଇଙ୍କ ଉପରୁ ଭରସା ଉଠିଯାଇଥିବାରୁ ଏହି ମାମଲା ଶୁଣାଣିରୁ ବାଦ୍ ଦିଆଯାଉ ବୋଲି ମହନ୍ତ ଦାବି କରିଛନ୍ତି। ସେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ନିକଟକୁ ମଧ୍ୟ ଅନୁରୂପ ଚିଠି ଲେଖିଛନ୍ତି। ପ୍ରକାଶ ଯେ, ଧରମ ଦାସ ରାମ ଜନ୍ମଭୂମି ନିର୍ମାଣ ସମିତି ପକ୍ଷରୁ ପ୍ରତିନିଧିତ୍ୱ କରନ୍ତି।

ସିଜେଆଇ ରଞ୍ଜନ ଗୋଗୋଇ

ଶତ୍ରୁଙ୍କୁ ଆଶ୍ରୟ ଦେଇଛି ପାକିସ୍ତାନ

ୱାଶିଂଟନ,୩।୧(ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନୂଆବର୍ଷରେ ପାକିସ୍ତାନ ଉପରେ ବର୍ଷିଛନ୍ତି। ପାକିସ୍ତାନ ସହ ଆମେରିକା ସୁସମ୍ପର୍କ ପ୍ରତିଷ୍ଠା କରିବାକୁ ଚାହୁଁଛି। କିନ୍ତୁ ଏହି ଇସ୍‌ଲାମିକ୍ ରାଷ୍ଟ୍ର ଆମେରିକାର ଶତ୍ରୁମାନଙ୍କୁ ଆଶ୍ରୟ ଦେଇଥିବାରୁ ତା' ସହ ବନ୍ଧୁତା ସ୍ଥାପନ କରିହେଉନାହିଁ ବୋଲି ଟ୍ରମ୍ପ୍ କହିଛନ୍ତି। ଇସ୍‌ଲାମାବାଦକୁ ୧.୩ ବିଲିୟନ୍ ଡଲାର ସାମରିକ ସହାୟତା ବନ୍ଦକରିବା ପରେ ଦୁଇଦେଶର ସମ୍ପର୍କରେ ତିକ୍ତତା ବୃଦ୍ଧିପାଇଛି। ଏହି ପରିପ୍ରେକ୍ଷୀରେ ଟ୍ରମ୍ପ୍‌ଙ୍କ ମନ୍ତବ୍ୟ ଉଲ୍ଲେଖଯୋଗ୍ୟ। ଏହାବା

ଦୁଗ୍ଧ ଭିତରେ ଲହୁଣି ଅଛି କହିଲେ ହେବନାହିଁ। ଦୁଗ୍ଧକୁ ଦହିରେ ପରିଣତ କଲେ ଲହୁଣି ମିଳିବ। ତେଣୁ ଈଶ୍ୱର ଦର୍ଶନର ଇଚ୍ଛା ଥିଲେ ଆଧ୍ୟାତ୍ମିକ ସାଧନା କର।
- ରାମକୃଷ୍ଣ ପରମହଂସ

୭ମ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ଆରମ୍ଭ

କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କଲେ ଅତିଥି

ରାଜ୍ୟସ୍ତରୀୟ ବିଜ୍ଞାନମେଳାର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ପୁରୀ ଅଫିସ,୩।୧

ଓଡ଼ିଶା ମାଧ୍ୟମିକ ଶିକ୍ଷା ମିଶନ ଆନୁକୂଲ୍ୟରେ ପୁରୀ ଜିଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଗୁରୁବାର ଜିଲା ସ୍କୁଲ ପରିସରରେ ଆରମ୍ଭ ହୋଇଛି ସପ୍ତମ ରାଜ୍ୟସ୍ତରୀୟ ଇନ୍ସପାୟର ଆୱାର୍ଡ ମନକ ବିଜ୍ଞାନ ମେଳା। ତିନିଦିନ ଧରି ଚାଲିବାକୁ ଥିବା ଏହି ମେଳାକୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ମିଶନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ଜୀବନରେ ଏହି ମେଳା କିପରି ଉପାଦେୟ ହୋଇପାରିବ ସେ ବିଷୟରେ ମୁଖ୍ୟଅତିଥି କହିବା ସହ କୁନି କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ।

ମୁଖ୍ୟବକ୍ତା ଭାବେ ବିହାରସ୍ଥିତ ମହାତ୍ମା ଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୀବ ବିଜ୍ଞାନୀ ପ୍ରଫେସର ଆର୍ତ୍ତତ୍ରାଣ ପାଲ ଏହି ପ୍ରଦର୍ଶନୀକୁ ବିଭିନ୍ନ ପ୍ରକଳ୍ପ ଆଣି ଆସିଥିବା ଛାତ୍ରୀଛାତ୍ର ଭବିଷ୍ୟତରେ ଜଣେ ଜଣେ ବୈଜ୍ଞାନିକ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନର ଡ. ଚିତ୍ରସେନ ପଶାୟତ, ଯୁଗ୍ମ ନିର୍ଦ୍ଦେଶିକା ବିଜୟା ପାତ୍ର, ପୁରୀ ଜିଲା ଶିକ୍ଷା ଅଧିକାରୀ ଡ. ହୃଷୀକେଶ କାଣ୍ଡି, ମନକର ସଂଯୋଜକ ଡ. ବିବେକ କୁମାର, ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନର ଉପନିର୍ଦ୍ଦେଶିକା ଡ. ଆରତି ରାଉତ, ଜିଲା ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟା ମଞ୍ଜରୀ ଦାସ, ମଣ୍ଡଳ ଶିକ୍ଷାଧିକାରୀ ମମତା ମିଶ୍ର ପ୍ରମୁଖ ଯୋଗଦେଇ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା କୁନି ବୈଜ୍ଞାନିକମାନଙ୍କୁ ସେମାନଙ୍କ ଭିତରେ ଥିବା ପ୍ରତିଭାର ବିକାଶ ଲାଗି ପ୍ରୋତ୍ସାହିତ କରିଥିଲେ। ଏହି ମେଳା ପାଇଁ ଓଡ଼ିଶାର ୩୦ ଜିଲାରୁ ମୋଟ ୨୭୮ଟି ପ୍ରକଳ୍ପ ମନୋନୀତ ହୋଇଛି। ପ୍ରଥମ ଦିବସରେ ୨୬୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରୁ ମନୋନୀତ ପ୍ରକଳ୍ପଧାରୀ ଜାତୀୟସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଭାଗନେବେ।

ଅତିଥିଙ୍କ ଅପେକ୍ଷାରେ ୨ ଘଣ୍ଟା

ପୂର୍ବାହ୍ନ ୧୧ଟାରେ ବିଜ୍ଞାନ ମେଳା ଉଦ୍‌ଘାଟନ ଲାଗି ସ୍ଥିର ହୋଇଥିଲା। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଥିଲେ ଉଦ୍‌ଘାଟକ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ମୁଖ୍ୟଅତିଥି ରହିଥିବା ବେଳେ ସ୍ୱତନ୍ତ୍ର ଅତିଥି ତାଲିକାରେ ଥିଲେ କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀ। ସେହିପରି ସମ୍ମାନିତ ଅତିଥି ତାଲିକାରେ ବିଧାୟକ ସଞ୍ଜୟ ଦାସବର୍ମା, ବିଧାୟକ ସମୀର ରଞ୍ଜନ ଦାଶ, ବିଧାୟକ ଉମାକାନ୍ତ ସାମନ୍ତରାୟ, କାକଟପୁର ବିଧାୟକ ସୁରେନ୍ଦ୍ର କୁମାର ସେଠୀ ପ୍ରମୁଖଙ୍କ ନାଁ ରହିଥିଲା। ଉଦ୍‌ଘାଟନ ଲାଗି ଅପେକ୍ଷା କରିଥିଲେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଗଣମାଧ୍ୟମ ପ୍ରତିନିଧି। ମାତ୍ର ଦିନ ୧ଟାରେ ଉଦ୍‌ଘାଟକ, ମୁଖ୍ୟଅତିଥି, ସ୍ୱତନ୍ତ୍ର ଅତିଥି କେହି ଆସିବେ ନାହିଁ ବୋଲି ଘୋଷଣା କରାଗଲା। ଏହାପରେ ଅନ୍ୟମାନେ କାର୍ଯ୍ୟକ୍ରମ ଆରମ୍ଭ କଲେ।

ପୁରୀ ଛାତ୍ରୀଙ୍କୁ କଟକ ଚିନ୍ତା

ବର୍ଷାଜଳର ସୁପରିଚାଳନା ଉପରେ କରିଛନ୍ତି ପ୍ରକଳ୍ପ

ପୁରୀ ଅଫିସ,୩।୧

କଟକ ସହରବାସୀ ବର୍ଷାଜଳକୁ ନେଇ ଯେଉଁ ଦୁର୍ଦ୍ଦଶା ଭୋଗନ୍ତି ସେ ସମ୍ପର୍କିତ ଏକ ପ୍ରକଳ୍ପ ପ୍ରସ୍ତୁତ କରିଛନ୍ତି ପୁରୀ ଜିଲାର ଜଣେ ଛାତ୍ରୀ। ଖେଳାର ରେଞ୍ଜ ଶାସନସ୍ଥିତ ଚିନ୍ତାମଣି ବିଦ୍ୟାପୀଠର ନବମ ଶ୍ରେଣୀ ଛାତ୍ରୀ ସ୍ୱର୍ଣ୍ଣଶ୍ରୀ ହୋତା ତାଙ୍କ ପ୍ରକଳ୍ପରେ କଟକ ସହରରେ ବର୍ଷାଜଳର କିପରି ସୁପରିଚାଳନା କରିହେବ, ତାହା ଦର୍ଶାଇଛନ୍ତି। ତାଙ୍କ କହିବା କଥା ହେଲା, ବର୍ଷାଦିନେ ଅନେକ ସହରରେ ଜୀବନଯାତ୍ରା ବ୍ୟାହତ ହୁଏ। ରାଜଧାନୀ, ପୁରୀରେ ଏହି ସମସ୍ୟା ଉପୁଜୁଥିଲେ ହେଁ କଟକରେ ଉତ୍କଟ ରୂପ ଧାରଣ କରେ। ପ୍ରକଳ୍ପ ସମ୍ପର୍କରେ ସ୍ୱର୍ଣ୍ଣଶ୍ରୀ କହିଛନ୍ତି, ସହରର ବିଭିନ୍ନ ଖୋଲା ସ୍ଥାନ ଯେପରି କି ଷ୍ଟାଡିୟମ୍, ପାର୍କ, ଖେଳପଡିଆର ୨୦୦ରୁ ୩୦୦ ଫୁଟ ତଳେ ବର୍ଷାଜଳ ଏବଂ ନର୍ଦ୍ଦମା ଜଳ ଜମା କରିବା ପାଇଁ ବଡ଼ ବଡ଼ ଜଳଭଣ୍ଡାର ନିର୍ମାଣ କରିବା। ସହରର ବର୍ଷାଜଳ ନିଷ୍କାସନ ପାଇଁ ସୁବିଧା ଥିବା ସ୍ଥାନରେ କୂଅ ପରି ଗର୍ତ୍ତମାନ କରି ତାହାକୁ ଜଳଭଣ୍ଡାରକୁ ସଂଯୋଗ କରିବା। ଫଳରେ ବର୍ଷାଜଳ ଅତି କମ୍ ସମୟରେ ଭୂତଳ ଜଳଭଣ୍ଡାରକୁ ନିଷ୍କାସିତ ହେବ। ଦୂଷିତ ଜଳକୁ ବିଶୋଧନ କେନ୍ଦ୍ର ଦ୍ୱାରା ବିଶୋଧନ କରି ନିର୍ମଳ ଜଳକୁ ଦରକାର ବେଳେ ବ୍ୟବହାର କରିପାରିବା। ଗଣମାଧ୍ୟମରେ ବର୍ଷାଦିନେ କଟକ ସହରବାସୀ କିପରି ଦୁର୍ଦ୍ଦଶା ଭୋଗ କରନ୍ତି ତାହା ଜାଣିବା ପରେ ଏମିତି ଏକ ଚିନ୍ତା ମନକୁ ଆସିଥିଲା ବୋଲି ସେ କହିଛନ୍ତି।

ବାରବାଟୀ ନୃତ୍ୟୋତ୍ସବ ୧୦ରୁ

କଟକ ଅଫିସ, ୩।୧

ଆସନ୍ତା ୧୦ରୁ ଆରମ୍ଭ ହେବ ୧୮ତମ ବାରବାଟୀ ନୃତ୍ୟୋତ୍ସବ। ୧୪ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିବ। ଐତିହାସିକ ବାରବାଟୀ ଦୁର୍ଗ ଦ୍ୱାର ସମ୍ମୁଖରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ଜିଲା ପ୍ରଶାସନର ସହାୟତାରେ ଓଡ଼ିଶୀ ନୃତ୍ୟମଣ୍ଡଳ ଦ୍ୱାରା ଏହି ନୃତ୍ୟୋତ୍ସବର ଆୟୋଜନ କରାଯାଇଛି। ଏଥିନିମନ୍ତେ ଗୁରୁବାର ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ନୃତ୍ୟୋତ୍ସବରେ ବହୁ ପ୍ରସିଦ୍ଧ ନୃତ୍ୟଶିଳ୍ପୀ ଓ କଳାକାର ଯୋଗଦେବେ। ଏ ସଂକ୍ରାନ୍ତରେ ଜିଲାପାଳ ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଥମଥର ପାଇଁ ଜିଲା ପୁସ୍ତକ ମେଳା କମିଟି ପକ୍ଷରୁ ହେବାକୁ ଥିବା ସ୍ୱତନ୍ତ୍ର ବ୍ୟବସ୍ଥା ସଂକ୍ରାନ୍ତରେ ଜିଲାପାଳ ପ୍ରକାଶ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ହରିଶଚନ୍ଦ୍ର ନାୟକ, ବାରବାଟୀ, ନୃତ୍ୟୋତ୍ସବ କମିଟି ସଭାପତି ତଥା ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ, ଚଳଚ୍ଚିତ୍ର ନିର୍ଦ୍ଦେଶକ ବସନ୍ତ ସାହୁ, ଇସ୍‌କଫ୍ ସମ୍ପାଦକ ବିଜୟ ପଢିହାରୀ, ପ୍ରଫେସର ସଞ୍ଜୟ ଶତପଥୀ, ଚିତ୍ରଶିଳ୍ପୀ ପ୍ରଣବ ଅଖଣ୍ଡ, ଶିବନାରାୟଣ ସିଂ, ପ୍ରମୋଦ କୁମାର ମହାପାତ୍ର, ପ୍ରିୟବ୍ରତ ମିଶ୍ର, ନୃତ୍ୟଶିଳ୍ପୀ ସସ୍ମିତା ପଣ୍ଡା, ସନ୍ଦୀପ ମହାନ୍ତି ଓ ଗୁରୁ ଆଶିଷ କୁମାର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ରିଲିଜ ହେବ 'ବମ୍ବଲ୍‌ବି', 'ମ୍ୟାରି ପପିନ୍ସ ରିଟର୍ନସ'

ଭୁବନେଶ୍ୱର,୩।୧(ବ୍ୟୁରୋ)

ଫିଲ୍ମ ଫ୍ରାଇଡେ'

ଗତ ଶୁକ୍ରବାର ରିଲିଜ ହୋଇଥିବା 'ଶିମ୍ବା' ଏ ପର୍ଯ୍ୟନ୍ତ ବିସିନେମା ହଲ୍‌ଗୁଡ଼ିକରେ ଭଲ ଶୋ'ରେ ଚାଲିଥିବାରୁ ସେଭଳି କୌଣସି ହିନ୍ଦୀ ଫିଲ୍ମ ଏଥର ପରଦାକୁ ଆସୁନି। ଏକମାତ୍ର ହିନ୍ଦୀ ଫିଲ୍ମ ଅଭିଜିତ ଦେଓନାଥଙ୍କ 'ସଲ୍ଟ ବ୍ରିଜ୍' ରିଲିଜ ହେବାକୁ ଯାଉଛି। ହେଲେ ଦୁଇଟି ଭିନ୍ନସ୍ୱାଦର ଇଂଲିଶ ଫିଲ୍ମ ଚଳିତ ଶୁକ୍ରବାର ପରଦାକୁ ଆସୁଛି, ଯାହା ମଧ୍ୟରେ ସାଇନ୍ସ ଫିକ୍ସନ ଆକ୍ସନ ଫିଲ୍ମ 'ବମ୍ବଲ୍‌ବି' ଏବଂ ଆମେରିକାନ୍ ମ୍ୟୁଜିକାଲ ଫାଣ୍ଟାସି ଫିଲ୍ମ 'ମ୍ୟାରି ପପିନ୍ସ ରିଟର୍ନସ' ରହିଛି।

ରିଲିଜ ହେବାକୁଥିବା ଫିଲ୍ମ 'ବମ୍ବଲ୍‌ବି' ଟ୍ରାନ୍ସଫର୍ମର୍ସ କ୍ୟାରେକ୍ଟର ବମ୍ବଲ୍‌ବି ଉପରେ ଆଧାରିତ ହୋଇଛି। ଲାଇଭ୍ ଆକ୍ସନ ଟ୍ରାନ୍ସଫର୍ମର୍ସ ଫିଲ୍ମ ସିରିଜର ଏହା ୬ଷ୍ଠ ଇନ୍‌ଷ୍ଟଲମେଣ୍ଟ ହୋଇଥିବା ବେଳେ ୨୦୦୭ରେ ରିଲିଜ ହୋଇଥିବା ଟ୍ରାନ୍ସଫର୍ମର୍ସର ଏହା ପ୍ରିକ୍ୟୁଏଲ୍। ଟ୍ରାଭିସ୍ ନାଇଟ୍‌ଙ୍କ ନିର୍ଦ୍ଦେଶିତ ଏବଂ କ୍ରିଷ୍ଟିନା ହଡ୍‌ସନ୍‌ଙ୍କ ଦ୍ୱାରା ଲିଖିତ ଏହି ଫିଲ୍ମର ଲିଡ୍‌ରୋଲ୍‌ରେ ହେଲି ଷ୍ଟେନ୍‌ଫିଲ୍ଡ, ଜନ୍ ସେନା, ଜର୍ଜ ଲେଣ୍ଡବର୍ଗ ଜୁନିୟର, ଜନ୍ ଅର୍ଟିଜ୍, ଜେସନ୍ ଡ୍ରକର୍, ପାମେଲା ଆଡ୍‌ଲନ୍ ପ୍ରମୁଖ ଅଭିନୟ କରିଛନ୍ତି। ମାଇକେଲ ବେ ଫିଲ୍ମର ପ୍ରଯୋଜନା କରିଥିବା ବେଳେ ପ୍ରଥମ ଥର ପାଇଁ ସେ ଏହି ଲାଇଭ୍ ଆକ୍ସନ ଟ୍ରାନ୍ସଫର୍ମସ୍ ଫିଲ୍ମର ନିର୍ଦ୍ଦେଶନା ଦେଇନାହାନ୍ତି। ସେହିଭଳି ମ୍ୟୁଜିକାଲ ଫାଣ୍ଟାସି ଫିଲ୍ମ 'ମ୍ୟାରି ପପିନ୍ସ ରିଟର୍ନସ'ର ନିର୍ଦ୍ଦେଶନା ଦେଇଛନ୍ତି ରବ୍ ମାର୍ଶାଲ। ପି.ଏଲ୍. ଟ୍ରାଭର୍ସଙ୍କ ବୁକ୍ ସିରିଜ୍ 'ମ୍ୟାରି ପପିନ୍ସ ରିଟର୍ନସ' ଉପରେ ଆଧାରିତ ଏହି ଫିଲ୍ମ ୧୯୬୪ରେ ରିଲିଜ ହୋଇଥିବା 'ମ୍ୟାରି ପପିନ୍ସ'ର ସିକ୍ୟୁଏଲ୍। ଫିଲ୍ମର ପ୍ରମୁଖ ଭୂମିକାରେ ଏମିଲି ବ୍ଲଣ୍ଟ, ଲିନ୍ ମାନୁଏଲ୍ ମିରାଣ୍ଡା, ବେନ୍ ୱିସ, ଏମିଲି ମୋର୍ଟିମର, ଜୁଲି ୱାଲଟର୍ସ, ଆଞ୍ଜେଲା ଲାନ୍ସବୁରୀ, କଲିନ୍ ଫର୍ଥ, ମେରିଲ୍ ଷ୍ଟ୍ରିପ୍ ପ୍ରମୁଖ ରହିଛନ୍ତି। ୧୯୩୦ ମସିହାର ଲଣ୍ଡନର କାହାଣୀକୁ ନେଇ ଏହା ପ୍ରସ୍ତୁତ ହୋଇଛି। ଏହାସହ ରିଲିଜ ହେବାକୁ ଥିବା ଏକମାତ୍ର ହିନ୍ଦୀ ଡ୍ରାମା ଫିଲ୍ମ 'ସଲ୍ଟ ବ୍ରିଜ୍'ର ନିର୍ଦ୍ଦେଶନା ସହ ପ୍ରଯୋଜନା ଦାୟିତ୍ୱ ନେଇଛନ୍ତି ଲେଖକ ଓ ନିର୍ଦ୍ଦେଶକ ଅଭିଜିତ ଦେଓନାଥ। ଫିଲ୍ମର ଲିଡ୍‌ରୋଲ୍‌ରେ ରାଜୀବ ଖଣ୍ଡେଲୱାଲ ଓ ନ୍ୟୁଜଲାଣ୍ଡ ଅଭିନେତ୍ରୀ ଚେଲ୍‌ସି ପ୍ରିଷ୍ଟନ୍‌ଙ୍କ ସହ ଅନ୍ୟାନ୍ୟ ଭୂମିକାରେ ଉଷା ଯାଦବ, କୌଶିକ ଦାସ, ମୟୂର କାମଲେ, ଅସୀମ ଦାସ ପ୍ରମୁଖ ରହିଛନ୍ତି। ଭାରତ ଛାଡ଼ି ଅଷ୍ଟ୍ରେଲିଆର ଏକ ଛୋଟ ସହର ସଲ୍ଟ ବ୍ରିଜ୍‌ରେ ଯାଇ ରହୁଥିବା ଜଣେ ଯୁବକ କିଭଳି ସେଠାକାର ଜଣେ ଯୁବତୀଙ୍କ ପ୍ରେମରେ ପଡୁଛି ଓ ଆଗକୁ ତାଙ୍କ ପ୍ରେମକାହାଣୀ କିଭଳି ଏକ ଭିନ୍ନମୋଡ଼ ନେଉଛି, ତାହାକୁ ନେଇ ଫିଲ୍ମ ଗତିଶୀଳ ହୋଇଛି।

ଲିପିକା

ଅନୁ

କରିସ୍ମା

ପ୍ରକାଶ

ଶାନ୍ତନୁ

ରାଜୀବ

ଦେବସ୍ମିତା

ରୋନୀ

ବିଭୁଦତ୍ତ

ଚନ୍ଦ୍ରମଣୀ

ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ, ସେ ସୁଖ ଅନ୍ୟ କେଉଁଠି ମିଳେନାହିଁ।
- ଭଲଟାୟର

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ରାଜବୈଦ୍ୟ ଆୟୁର୍ବେଦର ଉଦ୍‌ଘାଟନୀ ଉତ୍ସବ, କଳିଙ୍ଗ ହାଉସ୍ ବିସାଇଡ୍‌ସ ନିକଟ, ପଳାଶୁଣୀ ବ୍ରିଜ୍, ପୂର୍ବାହ୍ନ ୧୦ଟା।
- ରାଜକିଶୋର ନାୟକ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ରାଜକିଶୋର ନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ୯ମ ସ୍ମାରକୀ ଗାନ୍ଧୀ ବଲ୍ଲୁଟାମାଳା, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ ପକ୍ଷରୁ କୁମ୍ଭମେଳା ଯାତ୍ରାର ଶୁଭାରମ୍ଭ, ଲୋୟର୍ ପିଏମ୍‌ଜି, ପୂର୍ବାହ୍ନ ୧୦ଟା ୪୫।
- ଏକକ ଚିତ୍ରକଳା ପ୍ରଦର୍ଶନୀ 'ମୋମେଣ୍ଟ୍‌ସ', ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର, ଖାରବେଳ ନଗର, ପୂର୍ବାହ୍ନ ୧୧ଟା।
- ରାଜଧାନୀ ଅଟୋ ଚାଳକ ସଂଘ ପକ୍ଷରୁ ସମ୍ମିଳନୀ, ଭଗବତୀ ଭବନ, ପୂର୍ବାହ୍ନ ୧୧ଟା।
- ୧୩ଶ ଡୋଷାଳି ଜାତୀୟ କ୍ରାଫ୍ଟସ୍ ମେଳା, ଜନତା ମଇଦାନ, ଅପରାହ୍ନ ୨ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୦ତମ ପ୍ରତିଷ୍ଠା ଦିବସ ପାଳନ, ସଂସ୍କୃତି ବିହାର, ମଦନପୁର, ଅପରାହ୍ନ ୪ଟା।
- ବିଶ୍ୱ ବେଲ୍ ଦିବସ ଓ ଲୁଇ ବ୍ରେଲ୍‌ଙ୍କ ଜୟନ୍ତୀ ପାଳନ, ଦ ଓଡ଼ିଶା ଆସୋସିଏଶନ ଫର୍ ଦ ବ୍ଲାଇଣ୍ଡ, ୟୁନିଟ୍-୩, ଅପରାହ୍ନ ୫ଟା।
- କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ 'ଶିଶୁପାଳଗଡ଼ ମହୋତ୍ସବ-୨୦୧୯'ର ଉଦ୍‌ଘାଟନୀ ଉତ୍ସବ, ଶିଶୁପାଳଗଡ଼ ଦଶହରା ପଡ଼ିଆ, ଅପରାହ୍ନ ୫ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଧର୍ମବିହାରର ରଜତ ଜୟନ୍ତୀ ଉତ୍ସବ ଉଦ୍‌ଘାଟନ, ବିଦ୍ୟାଳୟ ପରିସର, ଖଣ୍ଡଗିରି, ଅପରାହ୍ନ ୫ଟା ୩୦। ମଶାଲ ଶୋଭାଯାତ୍ରା, ସକାଳ ୮ଟା।

କଟକ

- ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନର ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ, ମାହେଶ୍ୱରୀ ଭବନ, ମହତାବ ରୋଡ୍, ସକାଳ ୯ଟା।
- ୮୦ତମ ବରିଷ୍ଠ ଜାତୀୟ ଏବଂ ଆନ୍ତଃରାଜ୍ୟ ଟେବୁଲ ଟେନିସ୍ ଚାମ୍ପିୟନଶିପ୍, ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍, ପୂର୍ବାହ୍ନ ୧୧ଟା।

ଖୋର୍ଦ୍ଧା

- ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ, ଭୁବନେଶ୍ୱର ଓ ଶ୍ରୀଜଗନ୍ନାଥ ମହୋତ୍ସବ କମିଟି, ଚିଲିକା ପକ୍ଷରୁ 'ଶ୍ରୀଜଗନ୍ନାଥ ମହୋତ୍ସବ', କାଙ୍କଣଶିଖରା, ନଈରା(ଚିଲିକା), ସକାଳ ୭ଟାରୁ ରାତି ୭ଟା।

ଜଟଣୀ

- ସର୍ବଭାରତୀୟ କେନ୍ଦ୍ର ସରକାରୀ ପେନ୍‌ସନର୍ସ ଆସୋସିଏଶନର ସାଧାରଣ ଅଧିବେଶନ, ରେଲୱେ କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୧ଟା।

ସଂସ୍କାର ଅଟକିଛି ଅଧା ବାଟରେ

- ରୋକିବାକୁ ଚାଲିଛି ଷଡ଼ଯନ୍ତ୍ର
- ଭକ୍ତ କିନ୍ତୁ ମାନୁଛନ୍ତି ନିର୍ଦ୍ଦେଶ

ପୁରୀ ଅଫିସ,୩।୧

ଶ୍ରୀମନ୍ଦିର ସଂସ୍କାର ଅଟକିଯାଇଛି ଅଧା ବାଟରେ। ରୋକିବାକୁ ଚାଲିଛି ଷଡ଼ଯନ୍ତ୍ର। ବ୍ୟକ୍ତିଗତ ଲାଳସା ପାଇଁ ସାମୂହିକ ସାର୍ଥକୁ ଦଳିଚକଟି ଦେବାକୁ ହୋଇଛି ପ୍ରୟାସ। ଶ୍ରୀମନ୍ଦିରରେ ସଂସ୍କାର ଆଣିବା ନିମନ୍ତେ ସୁପ୍ରିମ୍‌କୋର୍ଟ ୧୨ଟି ପ୍ରସ୍ତାବ କାର୍ଯ୍ୟକାରୀ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଏହି ଆଦେଶକୁ ୬ ମାସ ପୂରିବାକୁ ଯାଉଛି, ହେଲେ ଗୋଟିଏ ବି ସଂସ୍କାର ଠିକ୍ ଭାବେ କାର୍ଯ୍ୟକାରୀ ହୋଇନାହିଁ। ସଂସ୍କାର ଆସିଲେ କେତେଜଣ ସେବାୟତ ଏବଂ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ଉପରେ ଅଙ୍କୁଶ ଲାଗିବ। ସେମାନେ ଗୁରୁତ୍ୱ ହରାଇବେ। ଏହି ଆଶଙ୍କା କରି ସଂସ୍କାର ପ୍ରକ୍ରିୟାକୁ ମୋଡ଼ିବାକୁ ଷଡ଼ଯନ୍ତ୍ର ଚାଲିଥିବା କୁହାଯାଉଛି। ଅନ୍ୟପକ୍ଷରେ ଏହାକୁ କାର୍ଯ୍ୟକାରୀ କରିବାରେ ପ୍ରଶାସନର ଅପାରଗତା ମଧ୍ୟ ପଦାରେ ପଡିଛି। କିନ୍ତୁ ଭକ୍ତଙ୍କ କ୍ଷେତ୍ରରେ ପ୍ରଶାସନ ତା' ନିର୍ଦ୍ଦେଶକୁ ଗଣ୍ଠି କରିଛି। ସାଧାରଣ ଭକ୍ତ ପାଟି ନ ଫିଟାଇ ନିର୍ଦ୍ଦେଶ ପ୍ରକାରେ ସିଂହଦ୍ୱାର ଦେଇ ପ୍ରବେଶ କରୁଛନ୍ତି ଏବଂ ଅନ୍ୟ ତିନିଦ୍ୱାର ଦେଇ ବାହାରୁଛନ୍ତି।

ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆଣିବା ଲାଗି ଆଇନଜୀବୀ ମୃଣାଳିନୀ ପାଢୀ ଗତ ଜୁନ୍ ୭ରେ ସୁପ୍ରିମ୍‌କୋର୍ଟରେ ମାମଲା ଦାଖଲ କରିଥିଲେ। ଜୁନ୍ ୮ରେ ୨ ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରି ଦାନ, ଦକ୍ଷିଣା ଆଦାୟ ଉପରେ ରୋକ ଲଗାଇଥିଲେ। ଏଥିସହ ସର୍ବୋଚ୍ଚ ନ୍ୟାୟାଳୟ ପୁରୀ ଜଲାଜଜ୍‌ଙ୍କୁ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଜୁଲାଇ ୫ରେ ସୁପ୍ରିମ୍‌କୋର୍ଟ ଏହାର ଶୁଣାଣି କରି ଜିଲାଜଜ୍‌ଙ୍କ ସୁପାରିସ ଆଧାରରେ ୧୨ଟି ପ୍ରସ୍ତାବ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନକୁ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଆରମ୍ଭ ହୋଇଥିଲା ଅସନ୍ତୋଷ। ଅନ୍ୟପକ୍ଷରେ ଥାଳି, ଗରା ମାଧ୍ୟମରେ ଦାନ ସଂଗ୍ରହ ନ କରିବାକୁ ସୁପ୍ରିମ୍‌କୋର୍ଟ ପ୍ରଥମ ଶୁଣାଣିରେ ଯେଉଁ ରାୟ ଦେଇଥିଲେ, ତାହା ପାଳନ କରାଯାଉଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ହେଲେ ଏହା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇନାହିଁ।

ସେହିପରି ସୁପ୍ରିମ୍‌କୋର୍ଟଙ୍କ ୧୨ଟି ପ୍ରସ୍ତାବ ମଧ୍ୟରୁ ଶ୍ରୀମନ୍ଦିର ପ୍ରଶାସନ ପ୍ରଥମେ ଅକ୍ଟୋବର ପହିଲାରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ କରିଥିଲା। ଆରମ୍ଭରୁ ଏହାକୁ ବିରୋଧ କରାଯାଇଥିଲା। ଅକ୍ଟୋବର ୩ରେ ଧାଡ଼ି ଦର୍ଶନକୁ ବିରୋଧ କରି ଡାକରା ଦିଆଯାଇଥିବା ପୁରୀ ବନ୍ଦ ହିଂସାର ରୂପ ନେଇଥିଲା। ସହରରେ ବ୍ୟାପକ ଭଙ୍ଗାରୁଜା, ପୋଡ଼ାଜଳା ମଧ୍ୟ ହେଲା। ଏହାପରେ ଧାଡ଼ି ଦର୍ଶନ ବ୍ୟବସ୍ଥାରୁ ପଛଘୁଞ୍ଚା ଦେଲା ଶ୍ରୀମନ୍ଦିର ପ୍ରଶାସନ। କିନ୍ତୁ କେବଳ ସିଂହଦ୍ୱାର ଦେଇ ପ୍ରବେଶ ନିୟମକୁ କଡ଼ାକଡ଼ି କରିଛି। ଭକ୍ତମାନେ ଏଥିପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ପାଟି ଖୋଲୁନାହାନ୍ତି। ଅନ୍ୟତମ ପ୍ରମୁଖ ପ୍ରସ୍ତାବ ରହିଛି ବଂଶାନୁକ୍ରମିକ ସେବକ ନିଯୁକ୍ତି ପ୍ରଥା ଉଚ୍ଛେଦ। ଏହାକୁ ସେବକମାନେ ଆରମ୍ଭରୁ ବିରୋଧ କରିଆସୁଛନ୍ତି। ସେମାନଙ୍କ ସେବା ଅଧିକାର କିପରି ରହିବ ସେ ନେଇ ସେମାନେ ଉଦ୍ୟମ ଚଳାଇଛନ୍ତି। ଅନ୍ୟ କେତେଗୁଡ଼ିଏ ପ୍ରସ୍ତାବ ଆଲୋଚନାରେ ସୀମିତ ରହିଥିବା ବେଳେ ଆଉ କେତେକର ପ୍ରକ୍ରିୟା ଆରମ୍ଭ ହୋଇ ଅଟକି ଯାଇଛି।

ଅନ୍ୟପକ୍ଷରେ ଏହି ମାମଲାର ଆଇନଗତ ଦିଗକୁ ଦେଖିଲେ ଏହା କ୍ରମଶଃ ଶିଥିଳତା ପଡ଼ିବା ଭଳି ମନେହେଉଛି। ସୁପ୍ରିମ୍‌କୋର୍ଟ ବରିଷ୍ଠ ଆଇନଜୀବୀ ଗୋପାଳ ସୁବ୍ରମଣ୍ୟମ୍‌ଙ୍କୁ ଆମିକସ୍ କ୍ୟୁରି ଭାବେ ନିଯୁକ୍ତ କରିଥିଲେ। ସେ ପୁରୀ ଆସି ବିଭିନ୍ନ ପକ୍ଷଙ୍କଠାରୁ ମତ ସଂଗ୍ରହ କରିଥିଲେ। ସେବାୟତଙ୍କୁ ୨୧ ଦିନର ମହଲତ ଦେଇଯାଇଥିଲେ। କିନ୍ତୁ ହଠାତ୍ ସେ ଓହରିଯିବାକୁ ନେଇ ନାନା ପ୍ରକାର ଆଲୋଚନା ହୋଇଥିଲା। ଏହାଛଡ଼ା ବାରମ୍ବାର ସୁପ୍ରିମ୍‌କୋର୍ଟରେ ମାମଲାର ଶୁଣାଣି ତାରିଖ ଘୁଞ୍ଚିବାରେ ଲାଗିଛି। କ'ଣ ପାଇଁ ହଠାତ୍ ଏମିତି ପରିବର୍ତ୍ତନ ହେଉଛି, ତାହା ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଥିବା ବେଳେ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ କରାଇ ନ ଦେବାକୁ ଭିତରିଆ ଷଡ଼ଯନ୍ତ୍ର ଚାଲିଥିବା ମଧ୍ୟ ଚର୍ଚ୍ଚା ହେଉଛି।

୨ ଦିନିଆ ରିମାଣ୍ଡରେ ଗୋଲ୍‌ଡେନ ବାବା

ଭୁବନେଶ୍ୱର, ୩।୧(ବ୍ୟୁରୋ)

ଫାଇନାନ୍ସ କରାଇଦେବାକୁ କହି କେତେକ କମ୍ପାନୀ ଓ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକେଇ କରିଥିବା ଗୋଲଡେନ୍ ବାବା ଓରଫ ଜ୍ୟୋତିରଞ୍ଜନ ବେଉରାଙ୍କୁ କମିଶନରେଟ ପୋଲିସ ଗୁରୁବାରଠାରୁ ଦୁଇ ଦିନିଆ ରିମାଣ୍ଡରେ ଆଣିଛି। ତାଙ୍କୁ ପୋଲିସ ଏକ ଗୁପ୍ତ ସ୍ଥାନରେ ରଖି ପଚରାଉଚରା କରୁଛି। ଅନ୍ୟପଟେ ଗୋଲ୍‌ଡେନ ବାବାଙ୍କ କଟକସ୍ଥିତ ଶ୍ୱଶୁର ଘରେ ପୋଲିସ ଚଢାଉ କରି କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା ଜଣାପଡିଛି। ଏହାସହ ଭୁବନେଶ୍ୱରରେ ଥିବା ଦୁଇଟି କୋଠା କାହା ନାମରେ ଅଛି ଓ ବାବାଙ୍କ ଯେଉଁ ଦାମୀ ଗାଡି ଅଛି ତାହାର ମାଲିକ କିଏ ସେନେଇ ପୋଲିସ ଖୋଳତାଡ କରୁଛି। ବାବା ପ୍ରଥମେ କ୍ୟାମେରାମ୍ୟାନ ଭାବେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। କିନ୍ତୁ ହଠାତ୍ କିଭଳି ସେ କୋଟିପତି ସାଜିଲେ ସେନେଇ ଏବେ ସମସ୍ତଙ୍କୁ ଚକିତ କରିଛି। କୁହାଯାଉଛି କେତେଜଣ ରାଜନେତାଙ୍କ ଛତ୍ରଛାୟା ତଳେ ରହି ଗୋଲଡେନ୍ ବାବା ବିଭିନ୍ନ ପ୍ରକାର ଅପରାଧ ଘଟାଉଥିଲେ। ନିଜେ ଏକ ଗ୍ୟାଙ୍ଗ୍ କରି ତାହାକୁ ଅପରେଟ କରୁଥିଲେ ବୋଲି କୁହାଯାଉଛି। ଏପରି କି ସେ ଏକ ନିର୍ଦ୍ଦିଷ୍ଟ

ଦଳରୁ ଟିକେଟ ହାସଲ କରି ବିଧାୟକ ପଦବୀ ପାଇଁ ଲଢ଼ିବାକୁ ଯୋଜନା କରି ସାରିଥିଲେ। ସେଥିଲାଗି ନାଲ୍‌କୋ ଛକରୁ ପଟିଆ ଛକ ପର୍ଯ୍ୟନ୍ତ ଗୋଲ୍‌ଡେନ ବାବାଙ୍କ ବ୍ୟାନର ମରାଯାଇଥିବା ଦେଖିବାକୁ ମିଳିଛି। କମ୍ପାନୀଠାରୁ ଠକେଇ କରିଥିବା ଟଙ୍କାକୁ

ଖଣି କମ୍ପାନୀଠାରୁ ୧୨.୪ କୋଟି ଠକେଇ ମାମଲା

ସେ ରାଜନୀତିରେ ବିନିଯୋଗ କରିଥିବା କୁହାଯାଉଛି। ସେ କେତେ ଲୋକଙ୍କଠାରୁ ଠକେଇ କରିଛନ୍ତି ଏବଂ ଟଙ୍କାକୁ କେଉଁଠି ବିନିଯୋଗ କରିଛନ୍ତି ରିମାଣ୍ଡ ସମୟରେ ପୋଲିସ ତାଙ୍କୁ ସେନେଇ ପଚରାଉଚରା କରିବ ବୋଲି ଜଣାପଡିଛି।

ଭୁବନେଶ୍ୱର ଡିସିପି ଅନୁପ ସାହୁ କହିଛନ୍ତି, ତାଙ୍କୁ ୨ ଦିନ ରିମାଣ୍ଡରେ ଗୁରୁବାରଠାରୁ ଆଣିଛୁ। ଏହି ସମୟରେ ତାଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବାକୁ ଲକ୍ଷ୍ୟ ରଖିଛୁ।

ପୁରୀ ବନ୍ୟପ୍ରାଣୀ ବନଖଣ୍ଡରେ ପକ୍ଷୀଗଣନା ସରିଲା

ଶନିବାର ସୁଦ୍ଧା ଜଣାପଡ଼ିବ ସଂଖ୍ୟା, ପ୍ରଜାତି

ବ୍ରହ୍ମଗିରି ରେଞ୍ଜ୍‌ରେ ପକ୍ଷୀଗଣନା କରାଯାଉଛି।

ପୁରୀ ଅଫିସ/ବ୍ରହ୍ମଗିରି/କାକଟପୁର/କୋଣାର୍କ,(ଡି.ଏନ.ଏ.) ୩।୧

ଚିଲିକା ଡିଭିଜନରେ ପକ୍ଷୀ ଗଣନା ଆଜି

ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ଗୁରୁବାର ପକ୍ଷୀ ଗଣନା କରାଯାଇଛି। ୨୬ଟି ଟିମ୍ ବନଖଣ୍ଡ ଅଧୀନ ୫ଟି ରେଞ୍ଜ୍‌ର ବିଭିନ୍ନ ସ୍ଥାନରେ ଏହି ଗଣନା କରିଛନ୍ତି। ଟିମ୍ ସଦସ୍ୟ ବିଭିନ୍ନ ନଦୀଶଯ୍ୟା, ସନ୍ତସନ୍ତିଆ ସ୍ଥାନ ଏବଂ ଜଙ୍ଗଲିଆ ସ୍ଥାନରେ ରହିଥିବା ଦେଶୀ ବିଦେଶୀ ପକ୍ଷୀଙ୍କୁ ଠାବ କରିବା ସହିତ କେଉଁ ପ୍ରଜାତିର କେତୋଟି ପକ୍ଷୀ ରହିଛନ୍ତି, ତାହାର ଆକଳନ କରିଛନ୍ତି। ବ୍ରହ୍ମଗିରି ରେଞ୍ଜରେ ପ୍ରାୟ ୫୦ ପ୍ରଜାତିର ୫୫ ହଜାର ୪୭୪ ପକ୍ଷୀ ଦେଖିବାକୁ ମିଳିଥିଲା। ଗତବର୍ଷ ୫୫ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥିବା ବେଳେ ଚଳିତବର୍ଷ ପକ୍ଷୀଙ୍କ ପ୍ରଜାତି କମ୍ ରହିଥିଲେ ମଧ୍ୟ ସଂଖ୍ୟା ବୃଦ୍ଧି ପାଇଛି। ସେହିପରି କୋଣାର୍କ ବନବିଭାଗ ରେଞ୍ଜରେ ପ୍ରାୟ ୫୬ ପ୍ରଜାତିର ମୋଟ ୩,୬୬୪ ପକ୍ଷୀ ଥିବା ଗଣନା ପରେ ଅଧିକାରୀମାନେ କହିଛନ୍ତି। ଚଳିତବର୍ଷ ୪ ପ୍ରଜାତିର ପକ୍ଷୀ ଯଥା ଏସିଆନପାରାଡାଇଜ, ବ୍ରୋଞ୍ଜୱାଇଙ୍ଗ ଜାକାନା, ଗ୍ରେଟ୍‌ଥିକନି ଏବଂ ଗ୍ରିନସାଙ୍କ ପକ୍ଷୀମାନ ଦେଖିବାକୁ ମିଳିଥିଲେ।

ବିଭିନ୍ନ ରେଞ୍ଜ୍‌ରୁ ତଥ୍ୟ ହସ୍ତଗତ ହେବା ପରେ ସମୁଦାୟ ବନ୍ୟପ୍ରାଣୀ ବନଖଣ୍ଡ ଅଞ୍ଚଳରେ କେତେ ପ୍ରଜାତିର ଏବଂ କେତେ ସଂଖ୍ୟାରେ ପକ୍ଷୀ ସମାଗମ ହୋଇଛନ୍ତି ତାହା ଶନିବାର ସୁଦ୍ଧା ସ୍ପଷ୍ଟ ହୋଇଯିବ। କୋଣାର୍କ ରେଞ୍ଜ୍‌ରେ ସର୍ବାଧିକ ୭ଟି ଟିମ୍ ଗଣନା କାର୍ଯ୍ୟରେ ନିୟୋଜିତ ଥିବା ବେଳେ ଗୋପ ୬, ବ୍ରହ୍ମଗିରି ୩, ଅସ୍ତରଙ୍ଗ ଓ ବାଲୁଖଣ୍ଡରେ ୫ଟି ଲେଖାଏ ଟିମ୍ ଗଣନା କାର୍ଯ୍ୟରେ ନିୟୋଜିତ ଥିଲେ ବୋଲି ଜିଲା ସହକାରୀ ବନ ସଂରକ୍ଷକ ରବୀନ୍ଦ୍ର କୁମାର ମହାପାତ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଶୁକ୍ରବାର ଚିଲିକା ଡିଭିଜନରେ ପକ୍ଷୀ ଗଣନା ହେବ ବୋଲି ଜଣାପଡିଛି।

ପ୍ରଜନନ କେନ୍ଦ୍ରରେ ଶାଗୁଣା ଅଣ୍ଡା ଦେଲା

ବାରଙ୍ଗ,୩।୧(ଡି.ଏନ୍.ଏ.)

ନନ୍ଦନକାନନ ସନ୍ନିକଟ ବଟାନିକାଲ ଗାର୍ଡେନରେ ହୋଇଥିବା ଶାଗୁଣା ପ୍ରଜନନ କେନ୍ଦ୍ରରେ ଗୁରୁବାର ଏକ ଶାଗୁଣା ଗୋଟିଏ ଅଣ୍ଡା ଦେଇଛି। ଏହି ପ୍ରଜନନ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ପାଇଁ ନନ୍ଦନକାନନ ପ୍ରତିଷ୍ଠା ଦିବସରେ ଉଦ୍‌ଘାଟନ କରାଯାଇଥିଲା। ଏଥିପାଇଁ ଗ୍ୱାଲିୟରରୁ ୬ ଯୋଡ଼ା ଲମ୍ବା ଥଣ୍ଟିଆ ଶାଗୁଣାଙ୍କୁ ନନ୍ଦନକାନନ ଅଣାଯାଇଥିଲା। ଏହି ଶାଗୁଣାଗୁଡ଼ିକୁ ଗ୍ୱାଲିୟର ଚିଡ଼ିଆଖାନା ଉପହାର ଆକାରରେ ଦେଇଥିଲା। ତେବେ ଆଗରୁ ଶାଗୁଣା ଅଭାବ ଯୋଗୁ ପ୍ରଜନନ କେନ୍ଦ୍ରଟି କାର୍ଯ୍ୟକ୍ଷମ ହୋଇପାରୁ ନ ଥିଲା। ଲମ୍ବା ଥଣ୍ଟିଆ ଶାଗୁଣା ଆସି ପ୍ରଥମ କରି ଅଣ୍ଡା ଦେବା ପରେ ଶାଗୁଣା ବଂଶ ବୃଦ୍ଧି ଆଶା ସଞ୍ଚାରିତ ହୋଇଥିବା ବଟାନିକାଲ ଗାର୍ଡେନ ଏସିଏଫ୍ ପ୍ରଶାନ୍ତ କୁମାର ପଣ୍ଡା କହିଛନ୍ତି।

Ministry of Housing and Urban Affairs
Government of India
SWACHH SURVEKSHAN
4th January - 31st January 2019
150 YEARS OF CELEBRATING THE MAHATMA
स्वच्छ भारत एक कदम स्वच्छता की ओर

ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

ସ୍ୱଚ୍ଛ ସର୍ବେକ୍ଷଣ ୨୦୧୯
ସହରୀ ଭାରତର ସର୍ବବୃହତ୍ ସ୍ୱଚ୍ଛତା ସର୍ବେକ୍ଷଣ

ସ୍ୱଚ୍ଛତା ହୋଇଯାଇଛି ଏକ
ଅଭ୍ୟାସ
ସ୍ୱଚ୍ଛ ହେବାରେ ଲାଗିଛି
ଭାରତ

ନିଜ ସହରକୁ ନଂ.୧
କରିବା ପାଇଁ
ଆପଣ ପ୍ରସ୍ତୁତ ତ ?

ସ୍ୱଚ୍ଛ ସର୍ବେକ୍ଷଣ ୨୦୧୯
ଆଜିଠାରୁ ଆରମ୍ଭ ହେଉଛି

୪,୨୩୭ ସହର
୪୦ କୋଟି+ ନାଗରିକ

ଭାରତକୁ ସ୍ୱଚ୍ଛ କରିବା
ଏବଂ ନିଜ ସହରକୁ
ଜିତିବାରେ ସାହାଯ୍ୟ
କରିବା ପାଇଁ ଭାଗ ନିଅନ୍ତୁ
ଓ ନିଜ ମତାମତ ଦିଅନ୍ତୁ।

davp 20101/13/0016/1819

please call toll-free number 1969
SwachhBharatUrban
SwachhBharatGov
swachhmanch.in
swachhbharaturban.gov.in
swachhsurvekshan2019.org
Swachhata-MoHUA App

ଉପାସନା ସେତିକି ବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
- ସ୍ୱାମୀ ଦୟାନନ୍ଦ ସରସ୍ୱତୀ

ସଂକ୍ଷେପରେ

ଶ୍ରୀମନ୍ଦିରରେ ଭକ୍ତଙ୍କ ସୁନା ହିସାବ ଖାତା ଲୁଟ୍

ପୁରୀ ଅଫିସ,୩।୧: ଶ୍ରୀମନ୍ଦିରରେ ଲୁଟେରାଙ୍କ ପ୍ରାଦୁର୍ଭାବ କମୁନାହିଁ। ଭିଡ଼ର ସୁଯୋଗ ନେଇ ଲୁଟେରା ସକ୍ରିୟ ହୋଇଉଠୁଛନ୍ତି। ଗୁରୁବାର ଜଣେ ମହିଳା ଭକ୍ତଙ୍କ ଭ୍ୟାନିଟି ଲୁଟ୍ ହୋଇଛି। ଏ ନେଇ ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଆଇଆଇସି ଶ୍ରବଣ କୁମାର ମହାରଣା କହିଛନ୍ତି, ଉତ୍ତରପ୍ରଦେଶର ସୁନା ବ୍ୟବସାୟୀ ରାମକିଶନ ସୋନୀ ସପରିବାର ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥିଲେ। ତାଙ୍କ ଝିଅ ମଧ୍ୟ ସାଥିରେ ଥିଲେ। ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସୁଦ୍ଧା ସେମାନେ ବାହାର କାଠ ନିକଟରେ ଦର୍ଶନ କରୁଥିଲେ। ଏହି ସମୟରେ ତାଙ୍କ ଝିଅର ଭ୍ୟାନିଟି ବ୍ୟାଗ୍ କେହି ଦୁର୍ବୃତ୍ତ ଲୁଟ୍ କରି ନେଇଯାଇଥିଲେ। ଏଥିରେ ରାମକିଶନଙ୍କ ସୁନା ବ୍ୟବସାୟର ହିସାବ ଖାତା ରହିଥିବା ବେଳେ ୩ ହଜାର ଟଙ୍କା ଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ଘଟଣା ସମୟର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଥିଲେ ମଧ୍ୟ କୌଣସି ସୁରାକ୍ ମିଳିପାରିନାହିଁ। ଏ ନେଇ ଏକ ମାମଲା (ନଂ.୧/୧୯) ରୁଜୁ କରାଯାଇଛି।

'ଉନ୍ନତି' ଯୋଜନାକୁ ନେଇ ହାଇକୋର୍ଟରେ ମାମଲା: ଶୁଣାଣି ଆରମ୍ଭ

କଟକ ଅଫିସ, ୩।୧: ୨୦୧୭ ଅଗଷ୍ଟରେ ରାଜ୍ୟ ସରକାର ସହରାଞ୍ଚଳ ବିକାଶ ନିମନ୍ତେ 'ଉନ୍ନତି' ନାମରେ ଏକ ଯୋଜନା ପ୍ରଣୟନ କରିଥିଲେ। ସହରାଞ୍ଚଳବାସୀଙ୍କୁ ଶତ ପ୍ରତିଶତ ବିଶୁଦ୍ଧ ପାନୀୟଜଳ ଯୋଗାଣ ସହିତ ସହର ରାସ୍ତାକୁ ଏଲ୍‌ଇଡି ଲାଇଟ୍‌ରେ ଆଲୋକୀକରଣ କରାଯିବା ପାଇଁ ଯୋଜନାରେ ଗୁରୁତ୍ୱ ଦିଆଯାଇଥିଲା। ତେବେ ଏହି ଯୋଜନାରେ ଯେଉଁସବୁ ବିକାଶମୂଳକ କାର୍ଯ୍ୟ କରାଯିବ ସେଥିପାଇଁ ସରକାର ଏକ ମାନଦଣ୍ଡ ପ୍ରସ୍ତୁତ କରିଥିଲେ। ଉକ୍ତ ମାନଦଣ୍ଡ ଅନୁଯାୟୀ ବୃତ୍ତାନ୍ତ ନାମକ ଏକ ଘରୋଇ ସଂସ୍ଥା ମାଧ୍ୟମରେ ବିକାଶମୂଳକ କାର୍ଯ୍ୟ କରାଯିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ମାତ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଏହା ପରେ ହାଇକୋର୍ଟ ସରକାରଙ୍କୁ ରିପୋର୍ଟ ତଲବ କରିଥିଲେ। ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ରିପୋର୍ଟ ଦାଖଲ କରାଯାଇଥିଲା। ଗୁରୁବାର ଆଗତ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ ଜାନୁୟାରୀ ୮ ତାରିଖକୁ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି।

ସଞ୍ଜୀ ନିଆଁରେ ଜଳିଗଲା ୪ ବଖରା

ଭୁବନେଶ୍ୱର, ୩।୧(ବ୍ୟୁରୋ): ସଞ୍ଜ ନିଆଁରୁ ୪ଟି ଘର ଜଳିପୋଡ଼ି ପାଉଁଶ ହୋଇଯାଇଛି। କ୍ୟାପିଟାଲ ଥାନା ଏସ୍‌ବିଆଇ ପଛପଟେ ଥିବା ଏକ ବସ୍ତିରେ ଗୁରୁବାର ସନ୍ଧ୍ୟାରେ ଏହି ଘଟଣା ଘଟିଛି। ନିଆଁରେ ୪ଟି ପରିବାରର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଅଗ୍ନିଶମ ବିଭାଗର ଦୁଇଟି ଦମକଳ ଗାଡି ସହ ୧୨ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। କିନ୍ତୁ ସେତେବେଳକୁ ସବୁକିଛି ପୋଡ଼ିଯାଇଥିଲା। ସନ୍ଧ୍ୟା ପ୍ରାୟ ୬ଟାରେ ଗୋଟିଏ ପରିବାର ଚଉରା ମୂଳେ ସଞ୍ଜ ଦେଇଥିଲେ। ଘର ଉପରେ ଜରି ପାଲ ପଡିଥିବାରୁ ସଞ୍ଜ ନିଆଁ କୌଣସି ମତେ ସେଥିରେ ଲାଗିଯାଇଥିଲା। ଏହି ନିଆଁ ଗୋଟିଏ ଘରୁ ଅନ୍ୟ ଘରକୁ ବ୍ୟାପିଯାଇଥିଲା।

ପ୍ରଦୂଷଣ ବଢ଼ାଉଛି ଶ୍ମଶାନ ଧୂଆଁ

କଟକ ଅଫିସ,୩।୧

- ଦେଢ଼ବର୍ଷ ପରେ ବି ଲାଗି ପାରିଲାନି ଗ୍ୟାସ୍‌ଚୁଲା
- ଏବେ ବି ୨ ଶ୍ମଶାନରେ କାଠରେ ଶବଦାହ ଚାଲିଛି
- ନିଜ ଫଣ୍ଡ ଖର୍ଚ୍ଚ ନ କରି ଏମ୍‌ପି ଲ୍ୟାଡ୍‌କୁ ଅନାଇଛି ସିଏମ୍‌ସି

ସହରର ଆଧୁନିକୀକରଣ ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ବିପୁଳ ଟଙ୍କା ଖର୍ଚ୍ଚ କରୁଛି। ହେଲେ ସହରବାସୀଙ୍କ ବଡ଼ ବିପଦ ପାଲଟିଥିବା ପ୍ରଦୂଷଣ ରୋକିବାକୁ କେବଳ ପ୍ରହସନ କରୁଛି। ଏବେବି ସହରରେ ଥିବା ଶ୍ମଶାନଗୁଡିକରେ ପୁରୁଣାକାଳିଆ ଢଙ୍ଗରେ କାଠରେ ଶବଦାହ କରାଯାଉଛି। ଏହି ଶ୍ମଶାନ ଧୂଆଁରେ ସହରର ବାୟୁମଣ୍ଡଳ ପ୍ରଦୂଷିତ ହେବା ସହ ଆଖପାଖ ଅଞ୍ଚଳ ଅଧିକାଂଶ ସମୟରେ ଦୁର୍ଗନ୍ଧରେ ଫାଟିପଡୁଛି।

କଟକ ସହରରେ ଶବଦାହ ପାଇଁ କାଳିଆବୋଦା, ଖାନନଗର ଓ ସତୀଚଉରା ଶ୍ମଶାନ ରହିଛି। ଏ ସମସ୍ତ ଶ୍ମଶାନରେ ଅତ୍ୟାଧୁନିକ ଗ୍ୟାସ୍ ଚୁଲା ସ୍ଥାପନ ପାଇଁ ୨୦୧୪ରେ କାଉନ୍‌ସିଲ୍ ବୈଠକରେ ନିଷ୍ପତ୍ତି ହୋଇଥିଲା। ୨୦୧୭ ମାର୍ଚ୍ଚ ୮ରେ ଅନୁଷ୍ଠିତ ୨୪ତମ କାଉନସିଲ ବୈଠକରେ ଉକ୍ତ ପ୍ରସ୍ତାବ ଗୃହୀତ ହୋଇଥିଲା। ଇତିମଧ୍ୟରେ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ କେବଳ ଖାନନଗର ଶ୍ମଶାନରେ ଗ୍ୟାସ୍ ଚୁଲା ବ୍ୟବସ୍ଥା ହୋଇଛି। କିନ୍ତୁ ସହରର ଅନ୍ୟ ଦୁଇ ପ୍ରମୁଖ କାଳିଆବୋଦା ଓ ସତୀଚଉରା ଶ୍ମଶାନରେ ଏବେ ବି କାଠରେ ଶବଦାହ କରାଯାଉଛି।

ଏଥିପାଇଁ କର୍ପୋରେଟର ଜୟଦେବ ଜେନା ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଓ ଖାମଖିଆଲ ମନୋଭାବକୁ ଦାୟୀ କରିଛନ୍ତି। ସହରରେ ପ୍ରଦୂଷଣ ବଢ଼ି ଚାଲିଥିବାବେଳେ ସିଏମ୍‌ସି ଅଧିକାରୀମାନେ ଏଥିପ୍ରତି ଗୁରୁତ୍ୱ ଦେବା ଉଚିତ। ସବୁଠାରୁ ବଡ଼ କଥା ହେଉଛି ଏ ସଂକ୍ରାନ୍ତରେ ଅନେକ ସମୟରେ ବିଭିନ୍ନ ବୈଠକରେ କର୍ପୋରେଟରମାନେ ପ୍ରଶ୍ନ ଉତ୍ଥାପନ କରୁଥିଲେ ମଧ୍ୟ ମେୟର ଓ କମିଶନର କ'ଣ ପାଇଁ ଚୁପ୍ ରହୁଛନ୍ତି ତାହାକୁ ନେଇ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଫଣ୍ଡିଂ ସମସ୍ୟା ରହିଛି। କାହିଁକି ଏଥିରେ ବିଳମ୍ବ ହେଉଛି ତାହା କମିଶନର ହିଁ କହିପାରିବେ। ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ କହିଛନ୍ତି, ମୁଁ ଦାୟିତ୍ୱ ନେବା ପୂର୍ବରୁ ବହୁ ନିଷ୍ପତ୍ତି ହୋଇଛି। ଯାହା ମୋ ନଜରକୁ ଆସୁଛି ସେଥିପ୍ରତି ଗୁରୁତ୍ୱ ଦେଉଛି। ତେବେ ସହରର ଅନ୍ୟ ଦୁଇ ଶ୍ମଶାନରେ ଗ୍ୟାସ୍ ଚୁଲା ବ୍ୟବସ୍ଥା କାର୍ଯ୍ୟକ୍ଷମ ହେବ ସେ ନେଇ ନିର୍ଦ୍ଦିଷ୍ଟ ଭାବେ କରିପାରିବି ନାହିଁ ବୋଲି ନାୟକ କହିଛନ୍ତି। ମେୟର ମିନାକ୍ଷୀ ବେହେରା କହିଛନ୍ତି, ହଁ ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରିବାରେ ବିଳମ୍ବ ହେଉଛି। ସିଏମ୍‌ସି ଫଣ୍ଡ୍‌ରେ ନୁହେଁ, ଏମ୍‌ପି ଲାଡ୍‌ରେ ଏହି ଦୁଇଟି ଶ୍ମଶାନରେ ଅତ୍ୟାଧୁନିକ ଗ୍ୟାସ୍ ଚୁଲା ବ୍ୟବସ୍ଥା କରିବାକୁ ଯୋଜନା କରୁଛୁ।

ଏଏସ୍‌ଓ ପରୀକ୍ଷା ତାରିଖ ପରିବର୍ତ୍ତନ ଦାବିରେ ଛାତ୍ରୀଛାତ୍ରମାନେ ବିକ୍ଷୋଭ କରୁଛନ୍ତି।

■ ଓପିଏସ୍‌ସି ଆଗରେ ପ୍ରତିବାଦ

ଏଏସ୍‌ଓ ପରୀକ୍ଷା ତାରିଖ ପରିବର୍ତ୍ତନ ଦାବି

କଟକ ଅଫିସ, ୩।୧

ଓପିଏସ୍‌ସି ଦ୍ୱାରା ପରିଚାଳିତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପରୀକ୍ଷା ଆସନ୍ତା ୨୦ ତାରିଖରେ ହେବ। କିନ୍ତୁ ଏହି ତାରିଖ ପରିବର୍ତ୍ତନ ଦାବି କରି ଛାତ୍ରୀଛାତ୍ର ଗୁରୁବାର ଓପିଏସ୍‌ସି କାର୍ଯ୍ୟାଳୟ ଘେରାଉ କରିଥିଲେ। ଏଏସ୍‌ଓ ପରୀକ୍ଷା ଦିନ ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍ ଓ ଇନ୍‌ଷ୍ଟ୍ରକ୍ଟର୍ ଅଫ୍ ବ୍ୟାଙ୍କିଙ୍ଗ୍ ପାର୍ସୋନେଲ୍ ସିଲେକ୍ସନ (ଆଇବିପିଏସ୍) କ୍ଲର୍କ ପରୀକ୍ଷା ମଧ୍ୟ ଅନୁଷ୍ଠିତ ହେବ। ଜଣେ ଆଶାୟୀ ଏକ ସଙ୍ଗେ ସବୁ ପରୀକ୍ଷା କିପରି ଦେଇପାରିବ ବୋଲି ସେମାନେ ଅଭିଯୋଗ କରିଛନ୍ତି। ପ୍ରଥମେ ଡିସେମ୍ବର ୨୩ରେ ଏଏସ୍‌ଓ ପରୀକ୍ଷା ହେବାର ଥିଲା। ପରବର୍ତ୍ତୀ ସମୟରେ ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଥିଲା। ଉକ୍ତଦିନ ଅନ୍ୟ ପରୀକ୍ଷା ଥିବାରୁ କିପରି ଏଏସ୍‌ଓ ପରୀକ୍ଷା ପାଇଁ ଓପିଏସ୍‌ସି ସ୍ଥିର କଲା ତାହାକୁ ନେଇ ଛାତ୍ରୀଛାତ୍ର ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଏଏସ୍‌ଓ ପରୀକ୍ଷାକୁ ଘୁଞ୍ଚାଇବାକୁ ଦାବି କରିଛନ୍ତି। ପ୍ରତିବାଦ ପରେ ଶତାଧିକ ଛାତ୍ରୀଛାତ୍ର ସମ୍ପାଦକଙ୍କ ଜରିଆରେ ଓପିଏସ୍‌ସି ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ପିଲାମାନେ ଭଲ ମଣିଷ ହେବା ପାଇଁ ସ୍ୱପ୍ନ ଦେଖନ୍ତୁ: ରାଜ୍ୟପାଳ

ବେଗୁନିଆ,୩।୧(ଡି.ଏନ୍.ଏ.)

ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି

ପ୍ରାଥମିକ ଶିକ୍ଷା ଆରମ୍ଭରୁ ପିଲାମାନଙ୍କୁ ଚାପରୁ ମୁକ୍ତ କରାଯାଉ। ସେମାନେ ସଦ୍ ଇଚ୍ଛାରେ ଭଲ ମଣିଷ ହେବା ପାଇଁ ସ୍ୱପ୍ନ ଦେଖନ୍ତୁ। ତେବେ ଯାଇ ଶିକ୍ଷାବ୍ୟବସ୍ଥା ସୁଦୃଢ଼ ହୋଇପାରିବ। ପିଲାମାନଙ୍କ ପ୍ରତିଭା ସୂର୍ଯ୍ୟଙ୍କ ରଶ୍ମି ଭଳି ଦୀପ୍ତିମୟ ହେଉ। ଗୁରୁବାର ବେଗୁନିଆ ସଦର ମହକୁମାରେ ଥିବା ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହା କହିଛନ୍ତି। ଏଥିରେ କେନ୍ଦ୍ରୀୟ ଭାରତୀୟ ଭାଷା ଅନୁଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶକ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଜୁବୁଲି କମିଟିର ସଭାପତି ଡ. ହରିପ୍ରସାଦ ଦାସ, ସମ୍ପାଦକ ଯୋଗେଶ୍ୱର ସୁନ୍ଦରରାୟ, ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବକିଶୋର ସାମନ୍ତସିଂହାର ଉପସ୍ଥିତ ଥିଲେ। ଏହି ଅବସରରେ 'ସ୍ମରଣିକା' ନାମକ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ରାଜ୍ୟପାଳ ବିଦ୍ୟାଳୟ ପରିସରରେ ନଡ଼ିଆ ଚାରା ରୋପଣ କରିବା ସହ ଏକ ନୂତନ କମ୍ୟୁନିଟି ହଲ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଏଥିରେ ଅଧ୍ୟକ୍ଷତା କରିଥିଲେ।

ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ବାଲିଅନ୍ତା,୩।୧(ଡି.ଏନ୍.ଏ.): ବାଲିଅନ୍ତା ଥାନା ବଇଁଗୁଆ ଗ୍ରାମର ଜଣେ ମହିଳା ପାରିବାରିକ କଳହକୁ ନେଇ ଗୁରୁବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ପରେ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ଭୁବନେଶ୍ୱର ଲକ୍ଷ୍ମୀସାଗରର ଉକ୍ତ ମହିଳା ୫ବର୍ଷ ତଳେ ବଇଁଗୁଆରେ ବିବାହ କରିଥିଲେ। ଗୁରୁବାର ମହିଳା ଜଣଙ୍କ ସ୍ୱାମୀଙ୍କୁ କିଛି ଟଙ୍କା ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଦୁହେଁ ଦୁହିଁଙ୍କ ମୋବାଇଲ ଫୋନକୁ ଭାଙ୍ଗିଦେଇଥିଲେ। ପରେ ମହିଳା ଜଣକ ଠାକୁର ଘରେ ନିଜ ଦେହରେ କିରୋସିନ ଢାଳିନିଆଁ ଲଗାଇ ଦେଇଥିଲେ। ଦେଢଶୁର ଆସି ପାଣି ପକାଇ ତାଙ୍କୁ ଉଦ୍ଧାର କରିଥିଲେ। ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ମନୋଜ ସ୍ୱାଇଁ କହିଛନ୍ତି।

■ ଅପରେଶନ ପରେ ଦୃଷ୍ଟିଶକ୍ତି ହରାଇବା ଘଟଣା

ତଦନ୍ତ କରିବ ମେଡିକାଲ ବୋର୍ଡ

କଟକ ଅଫିସ, ୩।୧

- ଏସ୍‌ସିବିରେ ହେଲା ମହିଳାଙ୍କ ଆଖି ପରୀକ୍ଷା
- ମେଡିକାଲ ବୋର୍ଡକୁ ପୋଲିସ ଲେଖିବ ଚିଠି

ତ୍ରୁଟିପୂର୍ଣ୍ଣ ଅପରେଶନ ଯୋଗୁ କଟକ ଜିଲା ଆଠଗଡ଼ ଧାଇଁପୁରର ସୁଲୋଚନା ମହାରଣା ଦୃଷ୍ଟିଶକ୍ତି ହରାଇଥିଲେ। ଆଖି ଅପରେଶନ ହୋଇଥିବା ସାହାରା ନର୍ସିଂହୋମ ବିରୋଧରେ ସୁଲୋଚନାଙ୍କ ସ୍ୱାମୀ ଅଲେଖ ଅଭିଯୋଗ କରିବା ପରେ ବୁଧବାର ମଙ୍ଗଳାବାଗ ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ପୋଲିସ ସୁଲୋଚନାଙ୍କୁ ଏସ୍‌ସିବି ମେଡିକାଲ ପଠାଇଥିଲା। ସେଠାରେ ତାଙ୍କ ଆଖିର ପ୍ରାଥମିକ ପର୍ଯ୍ୟାୟରେ ବିଭିନ୍ନ ପରୀକ୍ଷା କରାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି ସମ୍ବେଦନଶୀଳ ଘଟଣା ସଂକ୍ରାନ୍ତରେ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିବ। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନେତୃତ୍ୱରେ ଗଠିତ ମେଡିକାଲ ବୋର୍ଡ ଘଟଣାର ତଦନ୍ତ କରିବ। ତଦନ୍ତ ରିପୋର୍ଟ ଆଧାରରେ ଉକ୍ତ ନର୍ସିଂହୋମ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଙ୍ଗଳାବାଗ ଥାନା ଆଇଆଇସି ଅରୁଣ କୁମାର ସ୍ୱାଇଁ କହିଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ସୁଲୋଚନଙ୍କ ବାମ ଆଖି ନଷ୍ଟ ହୋଇଯାଇଥିଲା। ଡାହାଣ ଆଖିରେ ସମସ୍ୟା ଦେଖାଦେବାରୁ ଭୁବନେଶ୍ୱରସ୍ଥିତ ଏଲ୍‌ଭି ପ୍ରସାଦ ଆଇ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। କିଛିଦିନ ପରେ ପୁଣି ଆଖିରେ ଯନ୍ତ୍ରଣା ଅନୁଭବ କରିବାରୁ ସୁଲୋଚନାଙ୍କୁ ତାଙ୍କ ସ୍ୱାମୀ ଅଲେଖ ଡିସେମ୍ବର ୧୯ରେ ସାହାରା ନର୍ସିଂହୋମରେ ଭର୍ତ୍ତି କରିଥିଲେ। ଗତ ୨୭ ତାରିଖରେ ସୁଲୋଚନାଙ୍କ ଆଖିରେ ଅପରେଶନ କରାଯାଇଥିଲା। ମାତ୍ର ଅପରେଶନ ପରେ ସୁଲୋଚନା ନିଜର ଦୃଷ୍ଟିଶକ୍ତି ହରାଇଛନ୍ତି। ଏଥିପାଇଁ ନର୍ସିଂହୋମରେ ତ୍ରୁଟିପୂର୍ଣ୍ଣ ଚିକିତ୍ସାକୁ ଦାୟୀ କରି ଅଲେଖ ବୁଧବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

■ ପ୍ରାକୃତିକ ବିଭବର ଗନ୍ତାଘର: ସହନ ଲୁଣା ଜଙ୍ଗଲ

ମିଳିନି ମାନ୍ୟତା, ତଥାପି ସାଜିଛି ଆକର୍ଷଣ

ସହନ ଗ୍ରାମ ନିକଟ ଲୁଣା ନଦୀକୁ ଲାଗି ରହିଥିବା ଜଙ୍ଗଲ।

ପୁରୀ ଅଫିସ/କାକଟପୁର (ଡି.ଏନ.ଏ.)୩।୧

ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ପୁରୀ ଜିଲାର ସ୍ୱତନ୍ତ୍ରତା ରହିଛି। କୋଣାର୍କ, ଚିଲିକା, ଶ୍ରୀମନ୍ଦିର, ପୁରୀ ବେଳାଭୂମି, ଚନ୍ଦ୍ରଭାଗା ଭଳି ଅନେକ ପର୍ଯ୍ୟଟନସ୍ଥଳୀ ଦେଶ, ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ହେଲେ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇ ନ ଥିଲେ ମଧ୍ୟ ପର୍ଯ୍ୟଟକଙ୍କୁ ଖୁସି କରାଇବାରେ ପଛରେ ପଡ଼ିନି ଅସ୍ତରଙ୍ଗ ଉପକୂଳର ସହନ ଲୁଣା ଜଙ୍ଗଲ। ସହନ ଗ୍ରାମର ଲୁଣାନଦୀ ଦୁଇପାର୍ଶ୍ୱରେ ଥିବା ଘଞ୍ଚ ହେନ୍ତାଳ ବଣ ଏବେ ପର୍ଯ୍ୟଟକଙ୍କ ପାଇଁ ସାଜିଛି ପ୍ରମୁଖ ଆକର୍ଷଣ। ଲୁଣାନଦୀରେ ଜଳକ୍ରୀଡ଼ା, ଦେଶୀ ବିଦେଶୀ ପକ୍ଷୀଙ୍କ କାକଳି ଏବଂ ସୂର୍ଯ୍ୟାସ୍ତର ଦୃଶ୍ୟ ପର୍ଯ୍ୟଟକଙ୍କୁ ଆନମନା କରୁଛି। ଯଦି ପର୍ଯ୍ୟଟନ ବିଭାଗର ଶୁଭ ଦୃଷ୍ଟି ପଡ଼ନ୍ତା ତେବେ ଏହା ଜିଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୋଇପାରନ୍ତା ବୋଲି ସ୍ଥାନୀୟବାସୀ ଆଶା ରଖିଛନ୍ତି।

ଅସ୍ତରଙ୍ଗ ବଜାରଠାରୁ ଦକ୍ଷିଣକୁ ସର୍ବଧର୍ମ ସମନ୍ୱୟର ପୀଠ ଜାହାନିଆଁକୁ ଲମ୍ବିଥିବା ରାସ୍ତାରେ ଗଲେ ୧୦ କିମି ଦୂରରେ ପଡେ ସହନ ଗ୍ରାମ। ଗାଁ ଆରମ୍ଭରୁ ଦକ୍ଷିଣ ପାର୍ଶ୍ୱକୁ ଲମ୍ବି ଯାଇଛି ଜଙ୍ଗଲିଆ ରାସ୍ତା। ଏହି ରାସ୍ତାରେ ୨ କିମି ଗଲେ ପଡେ କେଲୁଣୀ ଠାକୁରାଣୀଙ୍କ ମନ୍ଦିର। ଏହି ମନ୍ଦିର ପାଖରେ ଘଞ୍ଚ ଝାଉଁ ଜଙ୍ଗଲ ରହିଥିବା ବେଳେ ବଣଭୋଜି ପାଇଁ ଏକ ଉତ୍କୃଷ୍ଟ ସ୍ଥାନ ହୋଇପାରିଛି। ବନ ବିଭାଗ ପର୍ଯ୍ୟଟକଙ୍କ ସୁବିଧା ୨ଟି ନଳକୂପ ଏବଂ ୧୦ଟି ସିମେଣ୍ଟ ବେଞ୍ଚ ନିର୍ମାଣ କରିଛି। ଏଠାରେ ବଣଭୋଜି କରିବା ସହିତ ପର୍ଯ୍ୟଟକମାନେ ଏଠାରୁ ବୋଟରେ ଦେବୀ ମୁହାଣ ଏବଂ ଦେବାନାସୀକୁ ପରିଭ୍ରମଣରେ ଯାଇଥାନ୍ତି। ଘଞ୍ଚ ହେନ୍ତାଳ ବଣ ମଧ୍ୟରେ ଯାଇଥିବା ଲୁଣାନଦୀରେ ବୋଟରେ ଯିବା ବଳେ ଦୁଇପାର୍ଶ୍ୱ ଜଙ୍ଗଲରେ ବସା ବାନ୍ଧିଥିବା ଦେଶୀବିଦେଶୀ ପକ୍ଷୀଙ୍କୁ ଦେଖିବାର ସୁଯୋଗ ପାଆନ୍ତି। ଏଥିସହ ସେମାନଙ୍କ କାକଳିରେ ପୂରିଉଠେ ଏହି ଲୁଣା ଜଙ୍ଗଲ। ଦେବୀନାସୀରେ ପହଞ୍ଚିବା ପରେ ଦେଖିବାକୁ ମିଳିଥାଏ ହଜାର ହଜାର ସଂଖ୍ୟାରେ ନାଲି କଙ୍କଡ଼ା। ଏଥିସହ ଏଠାରେ ପାରମ୍ପରିକ ଭାବେ ମତ୍ସ୍ୟଜୀବୀମାନେ ମାଛ ଧରୁଥିବା ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ସେମାନଙ୍କଠାରୁ ସଦ୍ୟ ଧରାଯାଇଥିବା ମାଛ, କଙ୍କଡ଼ା ଆଣି ଦେବୀନାସୀ ବାଲିରେ ଝାଉଁପତ୍ରରେ ପୋଡ଼ି ପୋଡ଼ାମାଛର ସ୍ୱାଦ ପାଇଥାନ୍ତି। ଫେରିବା ବାଟରେ ବେଳେ ବେଳେ ଡଲ୍‌ଫିନଙ୍କୁ ଦେଖିବାକୁ ମଧ୍ୟ ସୁଯୋଗ ମିଳେ। ସଞ୍ଜ ନଇଁବା ପୂର୍ବରୁ ଲୁଣାନଦୀରେ ସୂର୍ଯ୍ୟାସ୍ତ ଏବଂ ଘଞ୍ଚ ହେନ୍ତାଳ ବଣକୁ ଫେରୁଥିବା ହଜାର ହଜାର ସଂଖ୍ୟକ ପକ୍ଷୀଙ୍କ ଦୃଶ୍ୟ ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ। ସହନର ପ୍ରାକୃତିକ ଜଙ୍ଗଲ ମଧ୍ୟରେ ବିଭିନ୍ନ ସମୟରେ ସଂଖ୍ୟାଧିକ ହରିଣ ଚଳପ୍ରଚଳ କରୁଥିବା ଦେଖିବାର ସୁଯୋଗ ପାଇଥାନ୍ତି। ନାଲି କଙ୍କଡ଼ା, ଦେଶୀବିଦେଶୀ ପକ୍ଷୀ, ହେନ୍ତାଳ ବଣ, ଡଲ୍‌ଫିନ, ପାରମ୍ପରିକ ମାଛଧରା ଏବଂ ସୂର୍ଯ୍ୟାସ୍ତର ମନୋରମ ଦୃଶ୍ୟକୁ ଉଭଭୋଗ କରିବା ପାଇଁ ପ୍ରତ୍ୟହ ଏଠାରେ ଭିଡ଼ ଜମିଥାଏ। ସହନ ଲୁଣା ନଦୀକୁ ଏ ଅଞ୍ଚଳର ଭିତରକନିକା ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଥାନ୍ତି। ଭିତରକନିକାରେ ଯେପରି ପର୍

କର୍ମଫଳକୁ କେହି ଏଡ଼ାଇ ପାରନ୍ତି ନାହିଁ। ତେବେ ଯଦି ସାଧନ ଭଜନ ଥାଏ, ଯେଉଁଠି ଖଣ୍ଡାରେ ଆଘାତ ହେବା କଥା, ସେଠାରେ ହୁଏତ କଣ୍ଟାଟିଏ ଫୁଟିଯାଇପାରେ।
- ମା' ସାରଦା ଦେବୀ

ସଂକ୍ଷେପରେ

କନ୍ଦଳେଇରେ ଚିତ୍ରକଳା ପ୍ରତିଯୋଗିତା

ପୁରୁଣା ଭୁବନେଶ୍ୱର,୩।୧(ଡି.ଏନ୍.ଏ.): ମହାନଗର ଉପକଣ୍ଠ ଚନ୍ଦକା ଡମ୍‌ପଡ଼ା ହସ୍ତୀ ଅଭୟାରଣ୍ୟ ସୀମାରେ ଥିବା କନ୍ଦଳେଇ ଆଦିବାସୀ ପଲ୍ଲୀରେ ଧଉଳି ଚାରୁକଳା ମହାବିଦ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ଚିତ୍ରକଳା ପ୍ରତିଯୋଗିତା କରାଯାଇଛି। ଆଦିବାସୀପଡ଼ାର ଲୁକ୍କାୟିତ ପ୍ରତିଭା ଓ ସେମାନଙ୍କର ସୃଜନଶୀଳତାର ବିକାଶ ପାଇଁ ମହାବିଦ୍ୟାଳୟର ଏହି ପ୍ରୟାସକୁ ପ୍ରଶଂସା କରିଛନ୍ତି ସମାଜସେବୀ ସୁଶାନ୍ତ ସାହୁ। ଏଥିରେ ଭାଗ ନେଇଥିବା ଶିଶୁଶିଳ୍ପୀମାନଙ୍କ ଚିତ୍ରକୁ ଜାନୁୟାରୀ ୧୨ରେ ହେବାକୁ ଥିବା ଅନ୍ତର୍ଜାତୀୟ ଧଉଳି ଚିତ୍ରକଳା ମହୋତ୍ସବରେ ସ୍ଥାନିତ କରାଯାଇ ପୁରସ୍କୃତ କରାଯିବ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ପଞ୍ଚାନନ ସାମଲ ସୂଚନା ଦେଇଛନ୍ତି। ସାମାଜିକ କର୍ମୀ ସୁଶାନ୍ତଙ୍କ ତତ୍ତ୍ୱାବଧାନରେ ବିଷ୍ଣୁପ୍ରସାଦ ଡ଼େଙ୍ଗ, ବାଲୁକାଶିଳ୍ପୀ ସୁବଳ ମହାରଣା, ଚିତ୍ରଶିଳ୍ପୀ ଅନସୂୟା ସାହୁ, କୁନାଲକାନ୍ତି ସେନାପତି, ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ପ୍ରଦୀପ୍ତ ରଞ୍ଜନ ରାଉତ, ଲକ୍ଷ୍ମୀଧର ସ୍ୱାଇଁ, ଇଂ ବାସୁଦେବ ମିଶ୍ର, ମାନସ ବେଉରା, ଗିରିଜା ଶଙ୍କର ମିଶ୍ର, ସ୍ଥାନୀୟ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପବିତ୍ର ମୋହନ ନାୟକ, ସାଇ ସେବକ ନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାରେ ସହାୟତା କରିଥିଲେ।

ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ବାଲିଅନ୍ତା,୩।୧(ଡି.ଏନ୍.ଏ.): ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରର ୧୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୩ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ଉତ୍ସବରେ ବିଦ୍ୟାଳୟ ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଭୁବନେଶ୍ୱର ମେୟର ଅନନ୍ତ ନାରାୟଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରଣଜୀର ପୂର୍ବତନ ଖେଳାଳି ଚଣ୍ଡିପ୍ରସନ୍ନ ମହାପାତ୍ର, ଶରତଚନ୍ଦ୍ର ସାହୁ ଓ ଉତ୍କଳ ଶିକ୍ଷା ବିକାଶ ପରିଷଦର ସଭାପତି ମଙ୍ଗୁଳି ଚରଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ର ଅତିଥି ପରିଚୟ ଓ ସଭ୍ୟ ଡମ୍ବରୁଧର ଜେନା ଧନ୍ୟବାଦ ଦେଇଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ୨୦୦ ଛାତ୍ରୀଛାତ୍ର ଭାଗ ନେଇଥିବାବେଳେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାକୁ ବିଶ୍ୱଭୂଷଣ ବାରିକ ପରିଚାଳନା କରିଥିଲେ।

ସୁପ୍ରଜିତ ଖୁଣ୍ଟିଆ ହେଲେ ପୁରୀ ଶ୍ରୀ

ପୁରୀ ଅଫିସ, ୩।୧: ସ୍ଥାନୀୟ ପୌର ସଦନଠାରେ ଗୁରୁବାର ପୁରୀ ଶ୍ରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୯୦କିଗ୍ରା ବର୍ଗରେ ଭାଗ ନେଇଥିବା ସୁପ୍ରଜିତ ଖୁଣ୍ଟିଆ ପୁରୀ ଶ୍ରୀ ବିବେଚିତ ହୋଇଥିଲେ। ଆନ୍ତର୍ଜାତୀକ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର ନିୟମ ଅନୁସାରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପୁରୀ ଜିଲାର ୬୦ ଜଣ ପ୍ରତିଯୋଗୀ ବିଭିନ୍ନ ଓଜନ ବର୍ଗରେ ଭାଗ ନେଇଥିଲେ। ଜାତୀୟସ୍ତରର ମାନ୍ୟତାପ୍ରାପ୍ତ ବିଚାରକମାନେ ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନା କରିଥିଲେ। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ବର୍ଗର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ରାଜ୍ୟ ସଂଘ ସଭାପତି ସୁମିତ୍ରା ତ୍ରିପାଠୀ, ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର ପ୍ରମୁଖ ଉପସ୍ଥିତ ଥିଲେ।

■ ଶିଶୁ ଯତ୍ନ ଅନୁଷ୍ଠାନ ଆଭାରେ ଅବ୍ୟବସ୍ଥା

ଥାନାରେ ଏତଲା ଦେଲେ ଡିସିପିଓ

ଅଭିଯୋଗ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ: ଓସିପିଏସ

ପୁରୀ ଅଫିସ, ୩।୧

ପୁରୀ ଜିଲା ଡେଲାଙ୍ଗସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନ 'ଆଭା'ରେ ଅନ୍ତେବାସୀଙ୍କୁ ଅସ୍ୱାସ୍ଥ୍ୟକର ପରିବେଶରେ ରଖାଯିବା, ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ କେତେଜଣ ଛାତ୍ରୀ ଜିଲା ଶିଶୁ ମଙ୍ଗଳ କମିଟି(ସିଡବ୍ଲ୍ୟୁସି) ଆଗରେ ଅଭିଯୋଗ କରିଥିଲେ। କମିଟିର ରିପୋର୍ଟକୁ ଆଧାର କରି ଜିଲାପାଳ ୩୦ ଅନ୍ତୋବାସୀଙ୍କୁ ସେଠାରୁ ସ୍ଥାନାନ୍ତର କରିବା ଏବଂ ସମ୍ପୃକ୍ତ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ବିରୋଧରେ ଥାନାରେ ଏତଲା ଦେବା ଲାଗି ଜିଲା ଶିଶୁ ସୁରକ୍ଷା ଅଧିକାରୀ(ଡିସିପିଓ)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଥାନାରେ ଏତଲା ଦିଆଯାଇଥିବା ଡିସିପିଓ ମନୋଜ ତ୍ରିପାଠୀ କହିଛନ୍ତି। ଅନ୍ୟପଟେ ଥାନାରେ ସେପରି କୌଣସି ଅଭିଯୋଗ ହୋଇ ନ ଥିବା ଡେଲାଙ୍ଗ ଥାନା ଅଧିକାରୀ ଅସିତ ରଞ୍ଜନ ମହାନ୍ତି କହିଛନ୍ତି। ଅଭିଯୋଗ ଆସିଲେ ଏହାର ତଦନ୍ତ କରାଯିବା ସହ ଅନ୍ତେବାସୀମାନଙ୍କୁ ପଚରାଉଚରା କରାଯିବ ବୋଲି ମହାନ୍ତି କହିଥିଲେ। ଅନ୍ୟପକ୍ଷରେ ଏହି ଘଟଣାକୁ ଗୁରୁତ୍ୱର ସହିତ ନେଇଛନ୍ତି ଓଡ଼ିଶା ଚାଇଲ୍ଡ ପ୍ରୋଟେକ୍ସନ୍ ସୋସାଇଟି(ଓସିପିଏସ) ନିର୍ଦ୍ଦେଶକ ରଘୁ ଜୀ। ସେ କହିଛନ୍ତି, ଘଟଣା ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରାଯିବ। ଅଭିଯୋଗ ପ୍ରମାଣିତ ହେଲେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ଶିଶୁ ଯତ୍ନ ଅନୁଷ୍ଠାନ 'ଆଭା'ରେ ଅନ୍ତେବାସୀଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ ଗୁରୁବାର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ଅନୁଷ୍ଠାନର କର୍ତ୍ତୃପକ୍ଷ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଜିଲାପାଳ ଜ୍ୟୋତି ପ୍ରକାଶ ଦାସ କହିଛନ୍ତି, ଅନୁଷ୍ଠାନ ବିରୋଧରେ ଅଭିଯୋଗ ଆସିବା ପରେ ତୁରନ୍ତ ସେଠାରୁ ଅନ୍ତୋବାସୀଙ୍କୁ ସ୍ଥାନାନ୍ତର କରାଯାଇଛି। ତେବେ ସିଡବ୍ଲ୍ୟୁସି ତା'ର ରିପୋର୍ଟରେ କଣ ଦର୍ଶାଇଥିଲା, ସେ ସମ୍ପର୍କରେ କୌଣସି ସ୍ପଷ୍ଟ ମତ ରଖି ନ ଥିଲା। ଡିସିପିଓ ତ୍ରିପାଠୀ କୁହନ୍ତି, ଗତ ଡିସେମ୍ବରରେ ଏନ୍‌ସିପିସିଆର ଟିମ ଆଭା ଅନୁଷ୍ଠାନ ପରିଦର୍ଶନ ବେଳେ ବିଭିନ୍ନ ପ୍ରସଙ୍ଗକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସିଡବ୍ଲ୍ୟୁସି ଅନୁଷ୍ଠାନକୁ ଯାଞ୍ଚ କରି ଜିଲାପାଳଙ୍କୁ ରିପୋର୍ଟ ଦେଇଥିଲେ। ସିଡବ୍ଲ୍ୟୁସି ଚେୟାରମ୍ୟାନ ରୁଦ୍ର ମହାବୀର ନାରାୟଣ ସାହୁ ପିଲାଙ୍କ ପାଠପଢାରେ ଯେପରି ବ୍ୟାହତ ସୃଷ୍ଟି ନ ହେବ ସେଥିପ୍ରତି ଦୃଷ୍ଟି ଦେବା ଲାଗି ଡିସିପିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି। ନିକଟରେ ଅନୁଷ୍ଠାନର ୪ ନାବାଳିକା ଲୁଚି ଫେରାର ହୋଇଯାଇଥିଲେ। ପରେ ସେମାନଙ୍କୁ ଉଦ୍ଧାର କରାଯାଇ ଆଭାକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ଉକ୍ତ ନାବାଳିକା କାହିଁକି ଅନୁଷ୍ଠାନରୁ ଫେରାର ହୋଇଯିବାକୁ ମନସ୍ଥ କରିଥିଲେ, ସେ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଇ ନ ଥିଲା। ଅନୁଷ୍ଠାନ ବିରୋଧରେ ନିରପେକ୍ଷ ତଦନ୍ତ କରାଗଲେ, ବହୁ ତଥ୍ୟ ପଦାକୁ ଆସିବ ବୋଲିସାଧାରଣରେ ମତପ୍ରକାଶ ପାଇଛି।

■ ଡ୍ୟାନ୍ସିଂ ଟ୍ରାଫିକ କର୍ମଚାରୀ ଗେଟ୍ ଜଗିବା ଘଟଣା

ଟ୍ରାଫିକ ପୋଷ୍ଟରେ ଡ୍ୟୁଟି ଦେବାକୁ କମିଶନରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୩।୧(ବ୍ୟୁରୋ)

ଡ୍ୟାନ୍ସିଂ ଟ୍ରାଫିକ କର୍ମଚାରୀ ଭାବେ ପରିଚୟ ସୃଷ୍ଟି କରିଥିବା ପ୍ରତାପଚନ୍ଦ୍ର ଖଣ୍ଡୁଆଳ ଟ୍ରାଫିକ ଥାନା ଗେଟ ଜଗିବାକୁ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଏହାକୁ ଗୁରୁତ୍ୱର ସହ ନେଇଛନ୍ତି ପୋଲିସ କମିଶନର ସତ୍ୟଜିତ ମହାନ୍ତି। ପ୍ରତାପଙ୍କୁ ପୂର୍ବଭଳି ଟ୍ରାଫିକ ଛକକୁ ପଠାଇବା ପାଇଁ ଟ୍ରାଫିକ ଏସିପି ଅନୁପ କାନୁନ୍‌ଗୋଙ୍କୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କୁ ଦୁଇଦିନ ଭିତରେ ସତ୍ୟନଗର ଟ୍ରାଫିକ ଛକରେ ଡ୍ୟୁଟି ଦିଆଯିବ ବୋଲି କମିଶନର କହିଛନ୍ତି। ଏହି ନିର୍ଦ୍ଦେଶ ପରେ ପ୍ରତାପ କମିଶନରଙ୍କୁ ଧନ୍ୟବାଦ ଦେଇଛନ୍ତି। ଆଗକୁ ଭଲ ଆଚ୍ଛନ କରି ଦେଖାଇବେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ପ୍ରତାପ ବିଭିନ୍ନ ଟ୍ରାଫିକ ଛକରେ ଡ୍ୟାନ୍ସିଂ ମୋଡ୍‌ରେ ଟ୍ରାଫିକ ପରିଚାଳନା କରନ୍ତି। ଏହାକୁ ଯାତ୍ରୀମାନେ ବେଶ୍ ପସନ୍ଦ କରିବା ସହ ଟ୍ରାଫିକ ନିୟମ ମାନିଥାନ୍ତି। ଏଥିପାଇଁ ପ୍ରତାପ ବିଭିନ୍ନ ସଂଗଠନ ଏବଂ ବ୍ୟକ୍ତିଙ୍କଠାରୁ ପୁରସ୍କୃତ ହୋଇଛନ୍ତି। କିନ୍ତୁ କେତେଜଣ ସହକର୍ମୀ ଏବଂ ଉଚ୍ଚ ଅଧିକାରୀ ତାଙ୍କ ପ୍ରତି ଈର୍ଷାନ୍ୱିତ ହେବା ସହ ତାଙ୍କୁ ଟ୍ରାଫିକ ଡ୍ୟୁଟିରୁ ହଟାଇ ଥାନା ଗେଟ୍ ଜଗିବା ଦାୟିତ୍ୱ ଦେଇଥିଲେ।

ନୃତ୍ୟ ବିଳାସ ପକ୍ଷରୁ ଗୁରୁବାର ଭୁବନେଶ୍ୱର ସୂଚନା ଭବନଠାରେ ଅନୁଷ୍ଠିତ ସଙ୍ଗୀତ ଉତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ସ୍ୱାସ୍ଥ୍ୟସେବା ଉନ୍ନତି କ୍ଷେତ୍ରରେ ସହଯୋଗ ଯୋଗାଇଦେବ ୟୁନିସେଫ୍

ଭୁବନେଶ୍ୱର,୩।୧(ବ୍ୟୁରୋ)

ରାଜ୍ୟବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ୟୁନିସେଫ୍ ସହ ରାଜ୍ୟ ସରକାର ମିଳିତ ଭାବେ କରୁଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା। ଗୁରୁବାର ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ୟୁନିସେଫ୍ ପକ୍ଷରୁ ୨୦୧୮ ବର୍ଷରେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ଏବଂ ୨୦୧୯ ବର୍ଷ ନିମନ୍ତେ ଯୋଜନା ନେଇ ଆଲୋଚନା କରାଯାଇଥିଲା। ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୟୁନିସେଫ୍ ଏହାର ସହଯୋଗ ବଜାୟ ରଖିବ ବୋଲି ସୂଚନା ଦେଇଥିଲା।

ବିଗତବର୍ଷ ପରି ଚଳିତବର୍ଷ ମଧ୍ୟ ୟୁନିସେଫ୍ ତରଫରୁ ରାଜ୍ୟରେ ପୁଷ୍ଟିହୀନତା ଦୂରୀକରଣ, ନବଜାତକଙ୍କୁ ଉନ୍ନତମାନର ଚିକିତ୍ସା ଓ ମୃତ୍ୟୁହାର ହ୍ରାସ, ସମୟ ପୂର୍ବରୁ ଜନ୍ମନେଉଥିବା ଓ କମ୍ ଓଜନ ଶିଶୁଙ୍କ ଯତ୍ନ ନିମନ୍ତେ ସମ୍ପୃକ୍ତ ଡାକ୍ତର ଏବଂ ପାରାମେଡିକ୍‌ମାନଙ୍କ ଦକ୍ଷତା ବୃଦ୍ଧି ଲାଗି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏହାସହ ୩୦ ଜିଲାରେ ଏଚ୍‌ଆଇଭି, ସିଫିଲିସ୍ ଚିହ୍ନଟ, ଟିକାକରଣ, ସମ୍ପୂର୍ଣ୍ଣା କାର୍ଯ୍ୟକ୍ରମରେ ଗର୍ଭବତୀ ମହିଳାଙ୍କ ଯତ୍ନ ଦିଗରେ ଜାରି ରହିଥିବା କାର୍ଯ୍ୟକ୍ରମରେ ୟୁନିସେଫ୍ ସହଯୋଗ ବଜାୟ ରଖିବ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସହଯୋଗୀ ସଂସ୍ଥାଗୁଡ଼ିକ ନିଜ ନିଜ ମଧ୍ୟରେ ଏବଂ ସ୍ୱାସ୍ଥ୍ୟ ବିଭାଗ ସହିତ ଅଧିକ ଯୋଗସୂତ୍ର ରକ୍ଷା କରି କାର୍ଯ୍ୟ କରିବାକୁ ଡା. ମେହେର୍ଦ୍ଦା ପରାମର୍ଶ ଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ହରପ୍ରସାଦ ପଟ୍ଟନାୟକ, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ଲିଙ୍ଗରାଜ ମିଶ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନିର୍ଦ୍ଦେଶକ ଡା. ବିପିନ ବିହାରୀ ପଟ୍ଟନାୟକ, ୟୁନିସେଫ୍‌ର ବିବେକ ସିଂ, ସୌରଭ ଭଟ୍ଟାଚାର୍ଯ୍ୟଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

ଗୋଲ୍‌ଡେନ୍ ବାବାଙ୍କ ସହ ବିଜେଡି ନେତାଙ୍କ ସୁସମ୍ପର୍କ ଥିଲା: କଂଗ୍ରେସ

ଭୁବନେଶ୍ୱର, ୩।୧(ବ୍ୟୁରୋ)

ନିକଟରେ ଭୁବନେଶ୍ୱରରେ ଗିରଫ ହୋଇଥିବା ଜ୍ୟୋତିରଞ୍ଜନ ବେଉରା ଓରଫ ଗୋଲ୍‌ଡେନ୍ ବାବାଙ୍କର ବିଜେଡି ଲିଙ୍କ୍ ରହିଥିବା କଂଗ୍ରେସ ଅଭିଯୋଗ ଆଣିଛି। ସେ ବିଜେଡିର ଜଣେ ସକ୍ରିୟ କର୍ମୀ ଓ ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀର ଆଶାୟୀ ବିଧାୟକ ପ୍ରାର୍ଥୀ ଥିବା ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଇତିଶ ପ୍ରଧାନ ଅଭିଯୋଗ କରିଛନ୍ତି। ଦଳୀୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଇତିଶ କହିଛନ୍ତି, ଗୋଲ୍‌ଡେନ୍ ବାବା ଆୟୋଜନ କରିଥିବା ବିଭିନ୍ନ କାର୍ଯ୍ୟକ୍ରମରେ ବିଜେଡିର କେତେଜଣ ମନ୍ତ୍ରୀ ଓ ନେତା ସାମିଲ ହେଉଥିଲେ। ସେହି କାର୍ଯ୍ୟକ୍ରମଗୁଡିକରେ ବିଜେଡି ନେତାମାନେ ଗୋଲ୍‌ଡେନ୍ ବାବାଙ୍କୁ ପ୍ରଶଂସା କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ଏହାସହ ବିଜୁ ଯୁବ ବାହିନୀକୁ ଦିଆଯାଉଥିବା ସମସ୍ତ ସରକାରୀ ଅର୍ଥକୁ ୩ଦିନ ମଧ୍ୟରେ ବନ୍ଦ କରିବାକୁ ଛାତ୍ର କଂଗ୍ରେସ ଦାବି କରୁଥିବା ସେ କହିଛନ୍ତି। ନଚେତ୍ ଆସନ୍ତା ଦିନରେ ଛାତ୍ର କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବା ସହ ନବୀନ ନିବାସ ଘେରାଉ କରିବ ବୋଲି ଇତିଶ କହିଛନ୍ତି।

ଦୁଇ ମହଲାରୁ ଖସି ରଙ୍ଗମିସ୍ତ୍ରି ମୃତ

ଭୁବନେଶ୍ୱର, ୩।୧(ବ୍ୟୁରୋ)

ରଙ୍ଗକାମ କରୁଥିବାବେଳେ ଜଣେ ରଙ୍ଗମିସ୍ତ୍ରି ୨ ମହଲାରୁ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ନୟାପଲୀ ଥାନା ଅନ୍ତର୍ଗତ ଏକାମ୍ର ପାର୍କ ନିକଟରେ ଗୁରୁବାର ଏହି ଘଟଣା ଘଟିଛି। ମୃତକ ଚନ୍ଦକା ଥାନା ମେଣ୍ଢାଶାଳ ଗିରିଙ୍ଗାପୁଟର ସନ୍ତୋଷ ପ୍ରଧାନ(୩୦)ବୋଲି ଜଣାପଡିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସନ୍ତୋଷ ରାଜଧାନୀ ଓ ଏହାର ଆଖପାଖରେ ରଙ୍ଗକାମ କରନ୍ତି। ଏକାମ୍ର ପାର୍କ ନିକଟରେ ଥିବା ଏକ ଦୁଇ ମହଲା କୋଠାର ରଙ୍ଗକାମ ଦାୟିତ୍ୱ ଜଣେ ଠିକାଦାର ନେଇଥିଲେ। ସନ୍ତୋଷ ଗୁରୁବାର ସକାଳେ ରଙ୍ଗକାମ କରି ଅନ୍ୟ ଶ୍ରମିକମାନଙ୍କ ସହ ମିଶି ଭୋଜନ କରିଥିଲେ। ଅପରାହ୍ନରେ ସେମାନେ ପୁଣି କାମ ଆରମ୍ଭ କରିଥିଲେ। ରଙ୍ଗକାମ ପାଇଁ ବାଉଁଶରେ ନିର୍ମିତ ଶିଡ଼ିରେ ସନ୍ତୋଷ ଚଢ଼ି ରଙ୍ଗ ଦେଉଥିବାବେଳେ ତଳେ ଦୁଇ ଜଣ ଶ୍ରମିକ ଶିଡ଼ିକୁ ଧରିଥିଲେ। ହେଲେ ଶିଡ଼ିଟି ମାର୍ବଲ ଉପରେ ରଖାଯାଇଥିବାରୁ ତାହା ହଠାତ ଖସିଯାଇଥିଲା। ଶିଡ଼ିକୁ ଧରିଥିବା ଦୁଇ ଶ୍ରମିକ ତାହାକୁ ଅଟକାଇ ପାରି ନ ଥିଲେ। ଫଳରେ ସନ୍ତୋଷ ତଳେ ପଡିବା ପରେ ତାଙ୍କ ଛାତି ଓ ମୁଣ୍ଡ ମାଡ ହୋଇଯାଇଥିଲା। ତାଙ୍କୁ ଉପସ୍ଥିତ ଶ୍ରମିକମାନେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଅନ୍ୟପଟେ ଏହି ଘଟଣା ପାଇଁ ଠିକାଦାରଙ୍କ ଦାୟିତ୍ୱହୀନତାଙ୍କୁ ସ୍ଥାନୀୟ ଲୋକେ ଦାୟୀ କରିଛନ୍ତି। କୌଣସି ଉଚ୍ଚ ସ୍ଥାନରେ ଚଢି କାମ କରାଯାଉଥିଲେ ବେଲ୍ଟ ଲଗାଇବା ନିୟମ ରହିଛି। କିନ୍ତୁ ଠିକାଦାର ସନ୍ତୋଷଙ୍କୁ ବେଲ୍ଟ ନ ଦେଇ କାମ କରାଉଥିଲେ। ତେଣୁ ପୋଲିସ ଉକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ଲୋକେ ଦାବି କରିଛନ୍ତି।

ରଙ୍ଗମାଟିଆ ବରିଷ୍ଠ ନାଗରିକ ମଞ୍ଚର ନବବର୍ଷ ଉତ୍ସବ

ନବବର୍ଷ ଉତ୍ସବରେ ଅତିଥିଙ୍କ ଗହଣରେ ରଙ୍ଗମାଟିଆ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ।

ଭୁବନେଶ୍ୱର,୩।୧(ବ୍ୟୁରୋ)

ରଙ୍ଗମାଟିଆ ବରିଷ୍ଠ ନାଗରିକ ମଞ୍ଚର ନବବର୍ଷ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମଞ୍ଚ ସଭାପତି ଭ୍ରମରବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ପ୍ରିୟଦର୍ଶୀ ମିଶ୍ର ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା, ସ୍ଥାନୀୟ କର୍ପୋରେଟର ସୂର୍ଯ୍ୟକାନ୍ତ ଜେନା ଓ କଂଜେଷ୍ଟର ଜେନା ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ବରିଷ୍ଠ ନାଗରିକମାନଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ରଙ୍ଗମାଟିଆ ବରିଷ୍ଠ ନାଗରିକ ମଞ୍ଚକୁ ସମସ୍ତ ସାହାଯ୍ୟ ସହଯୋଗ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉତ୍ସବରେ ମଞ୍ଚର ୧୫ଜଣ ମହିଳା ସଦସ୍ୟାଙ୍କ ସମେତ ୪୦ଜଣ ସଭ୍ୟ ଉପସ୍ଥିତ ଥିଲେ। ମଞ୍ଚ ସଭାପତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପସଭାପତି ରାଧାକାନ୍ତ ଦାସ ଧନ୍

ସଂକ୍ଷେପରେ

ମଧୁମେହ ରୋଗ ନିରାକରଣ ପାଇଁ ଏମ୍‌ଓୟୁ

ଭୁବନେଶ୍ୱର,୩।୧(ବ୍ୟୁରୋ)-ମଧୁମେହ ରୋଗର ନିରାକରଣ ଓ ସଚେତନ ଦିଗରେ ସହାୟତା ଯୋଗାଇବ ନୋଭାର୍ଟିସ ହେଲଥ କେୟାର ପ୍ରାଇଭେଟ ଲିମିଟେଡ। ଏ ନେଇ ଗୁରୁବାର ସଚିବାଳୟଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ରାଜ୍ୟ ସରକାର ଏବଂ ନୋଭାର୍ଟିସ ହେଲଥ କେୟାର ପ୍ରାଇଭେଟ ଲିମିଟେଡ ମଧ୍ୟରେ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ବି.କେ. ବ୍ରହ୍ମା ଏବଂ ମୁମ୍ବାଇସ୍ଥିତ କେଏଏମ୍‌ର ଫ୍ରାଞ୍ଚାଇଜ୍ ମୁଖ୍ୟ ରବୀନ୍ଦର କୁମାର ସାଗର ଏମ୍‌ଓୟୁରେ ଦସ୍ତଖତ କରିଥିଲେ। ମଧୁମେହ ରୋଗ ଯୋଗୁ ଆଖି, ବୃକକ ଏବଂ ହୃଦୟ ପ୍ରଭାବିତ ହେଉଛି। ଏହି ରୋଗ ପ୍ରତି ସଚେତନ ସୃଷ୍ଟି କରିବା ଏବଂ ବିଭିନ୍ନ ସ୍ଥାନରେ ସ୍କ୍ରିନିଂ କ୍ୟାମ୍ପ କରିବା ହେଉଛି ଏହି ଏମ୍‌ଓୟୁର ମୂଳଲକ୍ଷ୍ୟ। ଏହାଦ୍ୱାରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ୍ୟ ଏହି ରୋଗର ଚିହ୍ନଟ ଓ ଚିକିତ୍ସା ଉପଲବ୍ଧ କରାଇପାରିବେ। ଏହାଛଡା ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ମଧୁମେହ ରୋଗ ବିଷୟରେ ତାଲିମ ଦିଆଯିବ। ବୁଝାମଣାପତ୍ର ସ୍ୱାକ୍ଷର ବେଳେ ସ୍ୱାସ୍ଥ୍ୟ ସଚିବ ପ୍ରମୋଦ ମେହେର୍ଦ୍ଦାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଭୁବନେଶ୍ୱର ବିମାନବନ୍ଦରର ସୁରକ୍ଷା ପାଇଁ ହେବ ନୂଆ ବ୍ୟବସ୍ଥା

ଭୁବନେଶ୍ୱର, ୩।୧(ବ୍ୟୁରୋ): ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରର ସୁରକ୍ଷା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ବିମାନବନ୍ଦରର ପରିସରରେ ରହୁଥିବା ବିମାନ, ଅନ୍ୟାନ୍ୟ ଗାଡିକୁ ସିଧାସଳଖ ନିୟନ୍ତ୍ରଣ କରିବା ପାଇଁ ଖୁବ୍‌ଶୀଘ୍ର ଆଡଭାନ୍ସ ସର୍ଫେସ ମୁଭମେଣ୍ଟ ଗାଇଡ଼ାନ୍ସ ଆଣ୍ଡ କଣ୍ଟ୍ରୋଲ ସିଷ୍ଟମ ଆରମ୍ଭ ହେବାକୁ ଥିବା ବିମାନବନ୍ଦର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଏଥିପାଇଁ ୨୫ଲକ୍ଷ ଟଙ୍କାର ବ୍ୟୟ ଅଟକଳ ହୋଇଥିବା ଜଣାପଡିଛି। ଏହାକୁ ୨୦୧୯ ସେପ୍ଟେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ କରିବାର କାର୍ଯ୍ୟକ୍ରମ ରହିଛି। ନେଦରଲ୍ୟାଣ୍ଡସର ଏକ କମ୍ପାନୀ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବାର ଦାୟିତ୍ୱ ନେଇଛି। ଏହି ବ୍ୟବସ୍ଥା ମାଧ୍ୟମରେ ଏୟାର ଟ୍ରାଫିକ କଣ୍ଟ୍ରୋଲର୍ ନିଜ ସ୍କିନ୍ ମାଧ୍ୟମରେ ବିମାନବନ୍ଦର ପରିସରରେ ଯାତାୟତ କରୁଥିବା ସମସ୍ତ ଏୟାରକ୍ରାଫ୍ଟ ଓ ଗାଡିକୁ ଦେଖି ପାରିବେ।

ଜବାବ ମାଗୁଛି ଓଡ଼ିଶାରେ ସାମିଲ ହେବାକୁ ଧର୍ମେନ୍ଦ୍ରଙ୍କ ଅନୁରୋଧ

ଭୁବନେଶ୍ୱର, ୩।୧(ବ୍ୟୁରୋ):ଓଡ଼ିଶାରେ ସ୍ଥାଣୁ, ଅପାରଗ, ସମ୍ବେଦନହୀନ ଓ ଦାୟିତ୍ୱହୀନ ମିଛ କହୁଥିବା ସରକାର ଚାଲିଛି । ଏ ସରକାରକୁ ଏବେ ଜବାବ ମାଗିବାର ସମୟ ଆସିଛି । ଏହି ଅବସରରେ ଜବାବ ମାଗୁଛି ଓଡିଶା ଅଭିଯାନରେ ସାମିଲ ହେବାପାଇଁ ୯୫୫୫୨୨୭୨୨୭ ନମ୍ବରରେ ମିଶ୍‌ଡ କଲ କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି । ଏନେଇ ଧର୍ମେନ୍ଦ୍ର ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଜାରି କରି କହିଛନ୍ତି ଯେ, ଓଡ଼ିଶାବାସୀଙ୍କୁ ଏହି ଅଭିଯାନରେ ସାମିଲ ହେବା ପାଇଁ ଅନୁରୋଧ କରୁଛି। ଗତ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶା ଗସ୍ତରେ ଆସି ଏ ସ୍ଥାଣୁ ଓ ସମ୍ବେଦନହୀନ ସରକାରଙ୍କୁ ଜବାବ ମାଗିଥିଲେ । ଯେଉଁ ସରକାର କବିବର ରାଧାନାଥ ରାୟ ଓ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ମଧ୍ୟରେ ପ୍ରଭେଦ ବୁଝେନାହିଁ ଏବଂ ପିପିଲି ପୀଡିତାର ସମ୍ବେଦନଶୀଳତାକୁ ବୁଝେନାହିଁ ସେହି ସରକାରଙ୍କୁ ଜବାବ ମାଗିବାର ସମୟ ଆସିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

■ ପିପିଲି ଗଣବଳାତ୍କାର ଘଟଣାରେ ମନ୍ତ୍ରୀଙ୍କ ମନ୍ତବ୍ୟ ପ୍ରସଙ୍ଗ

ନବୀନ ନିବାସ ଘେରାଉ ପାଇଁ ମହିଳା କଂଗ୍ରେସର ଉଦ୍ୟମ

ଭୁବନେଶ୍ୱର, ୩।୧(ବ୍ୟୁରୋ)

ପିପିଲି ଗଣବଳାତ୍କାର ଘଟଣାକୁ ନେଇ ବିରୋଧୀ ଜୋର୍‌ଦାର ବିରୋଧ ଆରମ୍ଭ କରିଦେଇଛନ୍ତି। ପିପିଲି ପୀଡିତାଙ୍କୁ ନ୍ୟାୟ ମିଳିଛି ବୋଲି ମନ୍ତ୍ରୀ ପ୍ରଦୀପ ମହାରଥୀ ମନ୍ତବ୍ୟ ଦେବାପରେ ବିରୋଧୀ ଦଳର ମହିଳା ସଙ୍ଗଠନ ଜୋର୍‌ଦାର ପ୍ରତିବାଦ ଚଳାଇବା ସହ ତାଙ୍କ ଇସ୍ତଫା ଦାବି କରିଛନ୍ତି। ଗୁରୁବାର ମହିଳା କଂଗ୍ରେସର ଶତାଧିକ ମହିଳା ମନ୍ତ୍ରୀ ମହାରଥୀଙ୍କ ଇସ୍ତଫା ଦାବିରେ ନବୀନ ନିବାସ ଘେରାଉ କରିବାକୁ ଉଦ୍ୟମ କରିଛନ୍ତି। ଅପରାହ୍ନ ୧୨.୩୦ ସମୟରେ ଶତାଧିକ ମହିଳା କର୍ମୀ ହାତରେ ପ୍ଲାକାର୍ଡ, ବ୍ୟାନର ଧରି ମନ୍ତ୍ରୀଙ୍କ ଇସ୍ତଫା ଦାବି ସହ କଂଗ୍ରେସ କାର୍ଯ୍ୟାଳୟଠାରୁ ବାହାରିଥିଲେ। ସେଠାରୁ ଚାଲିଚାଲି ନବୀନ ନିବାସ ଘେରାଉ କରିବାକୁ ଉଦ୍ୟମ କରିବାବେଳେ ଶିଶୁଭବନ ଛକଠାରେ ପୋଲିସ୍ ସେମାନଙ୍କୁ ଅଟକାଇଥିଲା। ଫଳରେ ସେଠାରେ ପୋଲିସ୍ ଏବଂ ମହିଳା କର୍ମୀମାନଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଧସ୍ତାଧସ୍ତି ଚାଲିଥିଲା। ଏପରି ଚାଲିବାର କିଛି ସମୟ ପରେ ମହିଳା କଂଗ୍ରେସ କର୍ମୀମାନେ ପୋଲିସ୍ ଉପରକୁ ଟମାଟୋ ମାଡ କରିଥିଲେ। ଫଳରେ ପୁଣିଥରେ ପୋଲିସ୍ ଓ ମହିଳା କର୍ମୀଙ୍କ ମଧ୍ୟରେ ଜୋର୍‌ଦାର ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଗଲା। ପୋଲିସ୍ ମହିଳା କର୍ମୀମାନଙ୍କୁ ସେଠାରୁ ଉଠାଇ ନେଇ ରିଜର୍ଭରେ କିଛି ସମୟ ଅଟକ ରଖି ଛାଡିଦେଇଥିବା ଜଣାପଡିଛି।

ଏନେଇ ମହିଳା କଂଗ୍ରେସ ସଭାପତି ସୁମିତ୍ରା ଜେନା କହିଛନ୍ତି ଯେ, ପିପିଲି ପୀଡିତାଙ୍କ ଉପରେ ମନ୍ତ୍ରୀ ଯେଉଁ ମନ୍ତବ୍ୟ ରଖିଛନ୍ତି ତାକୁ ଆମେ ଘୋର ନିନ୍ଦା କରୁଛୁ। ତାଙ୍କ ଇସ୍ତଫା ଦାବି କରୁଛୁ, ଯଦି ସେ ଇସ୍ତଫା ନ ଦେଉଛନ୍ତି ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବାକୁ ଆମର ଦାବି। ଏନେଇ ଆମେ ନବୀନ ନିବାସ ଘେରାଉ କରିବୁ ବୋଲି ବହୁ ଆଗରୁ ସୂଚନା ଦେଇଥିଲୁ। ମାତ୍ର ଜାଣିଶୁଣି ପୋଲିସ ଆଗରୁ ସେଠାରେ ରହି ମହିଳା କର୍ମୀମାନଙ୍କ ଉପରେ ଆକ୍ରମଣ କରିଛି। ପୋଲିସ ଆକ୍ରମଣରେ ଦେବୀଦାସୀ ମହାନ୍ତି ଗୁରୁତର ଆହତ ହୋଇ ଆଇସିୟୁରେ ପଡିଛନ୍ତି। ଆଗକୁ ଆମ ଦାବି ଯଦି ମୁଖ୍ୟମନ୍ତ୍ରୀ ନ ଶୁଣନ୍ତି ତେବେ ମନ୍ତ୍ରୀ ଯେଉଁସବୁ ସ୍ଥାନରେ କାର୍ଯ୍ୟକ୍ରମ କରିବେ ସେସବୁ ସ୍ଥାନରେ ଆମେ ବିରୋଧ କରିବୁ ବୋଲି ଜେନା କହିଛନ୍ତି।

ଅନ୍ୟପଟେ ଭାଜପା ମହିଳା ମୋର୍ଚ୍ଚା ସଭାପତି ପ୍ରଭାତି ପରିଡା କହିଛନ୍ତି ଯେ, ପିପିଲି ଗଣବଳାତ୍କାର ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବାକୁ ଆମେ ବାରମ୍ବାର ଦାବି କରୁଛୁ। ଏହାସହ ମହାରଥୀଙ୍କ ମନ୍ତବ୍ୟ ପାଇଁ ତାଙ୍କୁ ମନ୍ତ୍ରିମଣ୍ଡଳ ଏବଂ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଯାଉ। ଆସନ୍ତା ୧୦ ତାରିଖ ମଧ୍ୟରେ ମୁଖ୍ୟମନ୍ତ୍ରୀ ଏହି ଦାବି ପୂରଣ ନ କଲେ ଆନ୍ଦୋଳନ ତୀବ୍ରତର ହେବ। ଦଳର ରାଜ୍ୟ କାର୍ଯ୍ୟାଳୟକୁ ଚୁଡି ପଠାଇବାକୁ ଭାଜପା ମହିଳା କର୍ମୀଙ୍କୁ ସେ ନିବେଦନ କରିଛନ୍ତି। ୧୦ ସୁଦ୍ଧା ଦାବି ପୂରଣ ନ ହୋଇଥିଲେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଚୁଡି ଭେଟି ଦିଆଯିବ ବୋଲି ପ୍ରଭାତି କହିଛନ୍ତି।

ଏହି ପ୍ରସଙ୍ଗରେ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ବିରୋଧୀମାନେ ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ରାଜନୈତିକ ରୁଟି ସେକିବାକୁ ପ୍ରୟାସ କରୁଛନ୍ତି। ଏହାର ଜବାବ୍ ଆଗାମୀ ଦିନରେ ରାଜ୍ୟବାସୀ ନିଶ୍ଚିତ ଦେବେ ବୋଲି ସେ କହିଛନ୍ତି।

ମହିଳା କଂଗ୍ରେସ କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି।

ନିର୍ବାଚନ ପାଇଁ ମହିଳାଙ୍କୁ ଟଙ୍କା ବାଣ୍ଟିବାକୁ ଯୋଜନା

ଭୁବନେଶ୍ୱର, ୩।୧(ବ୍ୟୁରୋ):

ରାଜ୍ୟ ସରକାର ମହିଳାମାନଙ୍କୁ ନେଇ ଭୋଟ ରାଜନୀତି କରୁଛନ୍ତି । ମହିଳାଙ୍କୁ କିପରି ଆର୍ଥିକ ସ୍ୱାବଲମ୍ବୀ କରାଯିବ ସେ ନେଇ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। କେବଳ ନିର୍ବାଚନ ଜିତିବା ପାଇଁ ମହିଳାମାନଙ୍କୁ ସରକାର ଯେପରି ଭ୍ରମିତ କରିବାକୁ ପ୍ରୟାସ କରୁଛନ୍ତି ତାହା ବନ୍ଦ କରନ୍ତୁ ବୋଲି ଭାଜପା ନେତ୍ରୀ ଅପରାଜିତା ଷଡ଼ଙ୍ଗୀ ମତ ରଖିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅପରାଜିତା କହିଛନ୍ତି ଯେ, ଓଡିଶାର ଜନସଂଖ୍ୟା ୪କୋଟି ୧୯ଲକ୍ଷ। ସେଥିରୁ ୫୦ପ୍ରତିଶତ ହେଉଛନ୍ତି ମହିଳା । ମାତ୍ର ରାଜ୍ୟରେ ମହିଳାମାନଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ପାଇଁ ସରକାର ଠିକ୍ ଭାବେ ଧ୍ୟାନ ଦେଉନାହାନ୍ତି । ମହିଳାମାନଙ୍କର ଆର୍ଥିକ ପ୍ରଗତି ହେଉ ବା ସ୍ୱାସ୍ଥ୍ୟସେବା ହେଉ ବା ପରିମଳ ସବୁଥିରେ ଓଡିଶା ପଛରୋ ଦେଶରେ ମହିଳା ବିରୋଧୀ ହିଂସାରେ ଓଡିଶା ଦେଶର ସବୁଠାରୁ ଉଦ୍‌ବେଗଜନକ ସ୍ଥିତିରେ ଅଛି । ସରକାର ଏବେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ମାଧ୍ୟମରେ ମହିଳାମାନଙ୍କୁ ଟଙ୍କା ବାଣ୍ଟିବାକୁ ଯାଉଛନ୍ତି। କେବଳ ନିର୍ବାଚନକୁ ଆଖି ଆଗରେ ରଖି ସରକାର ଏପରି କରୁଛନ୍ତି । ପ୍ରତି ସ୍ୱୟଂ ସହାୟକ ଗୋଷ୍ଠୀକୁ ୩ ବର୍ଷରେ ୧୫୦୦୦ ଟଙ୍କା ଦେବାକୁ ଯାଉଛନ୍ତି । ପ୍ରତି ସ୍ୱୟଂ ସହାୟକ ଗୋଷ୍ଠୀରେ ୧୦ରୁ ୧୫ ଜଣ ମହିଳା ସଦସ୍ୟ ଅଛନ୍ତି । ସେହି ଅନୁଯାୟୀ ଜଣେ ମହିଳା ପିଛା ହଜାରେ ଟଙ୍କା ମିଳିବ। ୩ବର୍ଷରେ ଜଣେ ମହିଳାକୁ ହଜାର ଟଙ୍କା ମିଳିଲେ ତା'ର କ'ଣ ଅର୍ଥନୈତିକ ବିକାଶ ହେବ କି ବୋଲି ଅପରାଜିତା ପ୍ରଶ୍ନ କରିଛନ୍ତି। ମହିଳାମାନଙ୍କୁ କିପରି ରୋଜଗାର ମିଳିପାରିବ ତାହା ସରକାର କରିବା ଦରକାର। ମହିଳା ଶିଶୁ ବିକାଶ ବିଭାଗର ବଜେଟକୁ ଦେଖିଲେ ଲାଗୁଛି ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ବିକାଶ ପାଇଁ ଆଦୌ ଯତ୍ନବାନ ନୁହନ୍ତି । ୨୦୧୭-୧୮ର ଆର୍ଥିକ ବଜେଟରେ ମହିଳା ଓ ଶିଶୁ ବିକାଶ ବିଭାଗ ପାଇଁ ୨୧୦୮ କୋଟି ଟଙ୍କା ବ୍ୟୟବରାଦ ଥିବାବେଳେ ୨୦୧୮-୧୯ରେ ଏହା ୧୩୪୦କୋଟି ଟଙ୍କା ବଢି ୩୪୪୮ କୋଟି ଟଙ୍କାରେ ପହଞ୍ଚିଛି । ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତୀକରଣ ଯୋଜନାରେ ୨୦୧୬-୧୭, ୨୦୧୭-୧୮ ବର୍ଷରେ କୌଣସି ଅର୍ଥ ରାଶି ବ୍ୟୟବରାଦ ନ ଥିଲାବେଳେ ୨୦୧୮-୧୯ରେ ଏଥିରେ ୫୫୦ କୋଟି ଟଙ୍କା ରଖିଛନ୍ତି। ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆର୍ଥିକ ସହାୟତା ଯୋଜନାରେ ୨୦୧୬-୧୭ ଓ ୨୦୧୭-୧୮ରେ କୌଣସି ଅର୍ଥ ରାଶିର ବ୍ୟୟବରାଦ ନ ଥିଲା ବେଳେ ୨୦୧୮-୧୯ରେ ୫ଶହ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଏ ସେହିପରି ଓଡିଶାରେ ୬ଲକ୍ଷ ଏସ୍‌ଏଚ୍‌ଜି ଗ୍ରୁପ ଥିଲାବେଳେ ଏବେ ଯାଏ ମାତ୍ର ୭୨ ହଜାରର ଏସ୍‌ଏଚ୍‌ଜିଙ୍କୁ ଋଣ ମିଳିଛି । ମହିଳା ସଶକ୍ତୀକରଣ ପାଇଁ ପରିମଳ ଏକ ପ୍ରମୁଖ ଦିଗ । ଓଡିଶା ଏଥିରେ ବି ଦେଶରେ ସବୁଠାରୁ ପଛରେ । ପ୍ରତି ପରିବାର ପାଇଖାନା ସୁବିଧାରେ ଓଡିଶା ତଳ ଆଡୁ ଦ୍ୱିତୀୟ ସ୍ଥାନରେ ରହିଛି। ମହିଳା ବିରୋଧୀ ହିଂସାରେ ଓଡିଶା ଦେଶରେ ତୃତୀୟ ସ୍ଥାନରେ ଥିବା ଅପରାଜିତା କହିଛନ୍ତି। ଅପରପକ୍ଷରେ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର ଏହାକୁ ଖଣ୍ଡନ କରିଛନ୍ତି।

ଅପରାଜିତା ଷଡଙ୍ଗୀ

ବିମାନ ବନ୍ଦରରେ ଦେବାକୁ ହେବ ନାହିଁ ପାର୍କିଂ ଦେୟ

ଭୁବନେଶ୍ୱର,୩।୧(ବ୍ୟୁରୋ)

ଏଣିକି ସାଧାରଣ ଭାବେ ଭୁବନେଶ୍ୱର ବିମାନବନ୍ଦରକୁ ଗଲେ କୌଣସି ପାର୍କିଂ ଦେୟ ଦେବାକୁ ପଡିବ ନାହିଁ। ହେଲେ ବାଣିଜ୍ୟିକ ଉଦ୍ଦେଶ୍ୟରେ ବିମାନବନ୍ଦରକୁ ଯାଉଥିବା ଯାନବାହନ ପାଇଁ ଦେୟ ଲାଗିବ। ପୂର୍ବରୁ ଥିବା ଫ୍ରି ଟାଇମ୍ ନିୟମକୁ ଉଚ୍ଛେଦ କରାଯାଇଛି। ଗତ ଡିସେମ୍ବର ୧୦ରେ ଏନେଇ ଭାରତୀୟ ବିମାନବନ୍ଦର ପ୍ରାଧିକରଣ ଦ୍ୱାରା ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜେଡି ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କ ଦ୍ୱାରା ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରୁ ଉପରୋକ୍ତ ସୂଚନା ମିଳିଛି। ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ସିହ୍ନାଙ୍କ ଦ୍ୱାରା ଏହି ଉତ୍ତର ପ୍ରଦାନ କରାଯାଇଛି।

ସେହିପରି ପୂର୍ବରୁ ଫ୍ରି-ଟାଇମରେ କୌଣସି ଦେୟ ଦେବାକୁ ପଡୁ ନ ଥିଲା। ଫ୍ରି-ଟାଇମ ଅତିକ୍ରମ ହେବା ପରେ ସମୟ ଅନୁଯାୟୀ ପାର୍କିଂ ଦେୟ ନିରୂପିତ ହୋଇଥାଏ। ସେହିପରି ପ୍ରବେଶ ଟାଇମିଂ ନେଇ ସ୍ଲିପ ଟାମ୍ପରିଂ ସମ୍ପର୍କିତ ବିଷୟ ପ୍ରାଧିକରଣ ଦୃଷ୍ଟିଗୋଚର ହୋଇ ନ ଥିବା ଉକ୍ତ ଉତ୍ତରରେ ଉଲ୍ଲେଖ କରାଯାଇଛି।

ଏସ୍‌ସି ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ଅନୁଦାନ ହ୍ରାସ

ଆଜିଠୁ ଛାତ୍ର-ଯୁବ ବିଜେଡିର ଦସ୍ତଖତ ଅଭିଯାନ

ଭୁବନେଶ୍ୱର,୩।୧(ବ୍ୟୁରୋ)-

ରାଜ୍ୟର ୨ ଲକ୍ଷ ଅନୁସୂଚିତ ଜାତି(ଏସ୍‌ସି) ବର୍ଗର ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ବାବଦକୁ କେନ୍ଦ୍ର ଯୋଗାଉଥିବା ଅର୍ଥ ହ୍ରାସ ପାଇଛି। ଏହାର ପ୍ରତିବାଦ ସ୍ୱରୂପ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ମିଳିତ ଭାବେ କେନ୍ଦ୍ର ବିରୋଧୀ ଦସ୍ତଖତ ଅଭିଯାନ ଆରମ୍ଭ କରାଯିବ। ଏହି ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ। ଦଳୀୟ କାର୍ଯ୍ୟାଳୟରେ ଗୁରୁବାର ଏକ ଖବରଦାତା ସମ୍ମିଳନୀ କରି ବିଜେଡି ପକ୍ଷରୁ ଏହା ଘୋଷଣା କରାଯାଇଛି। ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ଛାତ୍ର ବିଜେଡି ଉପଦେଷ୍ଟା ଚିନ୍ମୟ ସାହୁ ଏବଂ ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ର ମିଳିତ ଭାବେ ବିଭିନ୍ନ ତଥ୍ୟ ରଖି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି।

ଯୁବ ବିଜେଡି ସଭାପତି ଅମରେଶ କହିଛନ୍ତି ଯେ, ଏସ୍‌ସି ବର୍ଗର ଛାତ୍ରୀଛାତ୍ରଙ୍କ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇବା ଘଟଣାରେ ଶୁକ୍ରବାର ଭୁବନେଶ୍ୱରର ଲୋୟର ପିଏମ୍‌ଜିଠାରେ ଏକ ବିକ୍ଷୋଭ ଅନୁଷ୍ଠିତ ହେବ। ଏହିଠାରୁ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇ ବିଭିନ୍ନ ଜିଲାରେ ପର୍ଯ୍ୟାୟକ୍ରମେ ଚାଲୁ ରଖିବାକୁ ସ୍ଥିର କରାଯାଇଛି। ଅନୁଦାନ ହ୍ରାସ ସମ୍ପର୍କରେ ଛାତ୍ର ବିଜେଡି ସଭାପତି ରାଣା ପ୍ରତାପ ଖବରଦାତା ସମ୍ମିଳନୀରେ ତଥ୍ୟ ଉପସ୍ଥାପନ କରିଛନ୍ତି।

ସେହିପରି ଏସ୍‌ସି ଛାତ୍ରୀଛାତ୍ରଙ୍କୁ ଅନୁଦାନ ହ୍ରାସ ପ୍ରସଙ୍ଗରେ ଚିନ୍ମୟ ମଧ୍ୟ କେନ୍ଦ୍ର ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଭାଜପା ରାଷ୍ଟ୍ରୀୟ ସଭାପତି ଅମିତ ଶାହ ଏବଂ ଦଳର ଅନ୍ୟ ମନ୍ତ୍ରୀ ଓ ସ୍ଥାନୀୟ ନେତୃବୃନ୍ଦ ରାଜ୍ୟକୁ ଆସି ଏସ୍‌ସି ପରିବାର ଘରେ ଭୋଜନ କରିଥାନ୍ତି। ହେଲେ ସେହି ଘରର ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି କେନ୍ଦ୍ର କାଟି ରଖିଦେଉଛି। ତେଣୁ ଏସ୍‌ସି ଘରେ ଖାଇବା ଭାଜପାର ଏକ ନିଛକ ରାଜନୀତି। ଗୋଟିଏ ପଟେ ଅତୀତରେ ଓଡ଼ିଶାକୁ ଗରିବଙ୍କ ରାଜ୍ୟ ବୋଲି ସ୍ୱୟଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିହିତ କରିଛନ୍ତି। ଅନ୍ୟପଟେ ଗରିବଙ୍କ କଲ୍ୟାଣ ପାଇଁ କରାଯାଇଥିବା ୮ଟି ଯୋଜନାକୁ ଅନୁଦାନ ବନ୍ଦ କରିଛନ୍ତି। ତେଣୁ ଭାଜପାର ନୀତି ଏସ୍‌ସି ଏବଂ ସାମାଜିକ ନ୍ୟାୟ ବିରୋଧୀ ବୋଲି ଚିନ୍ମୟ କହିଛନ୍ତି। ଯୁବ ଏବଂ ଛାତ୍ର ଜନତା ପକ୍ଷରୁ ଆରମ୍ଭ ହୋଇଥିବା ଏହି ଦସ୍ତଖତ ଅଭିଯାନ ମାସେବ୍ୟାପୀ ଚାଲିବ। ୧୦ ଲକ୍ଷରୁ ଅଧିକ ବ୍ୟକ୍ତିବିଶେଷଙ୍କ ଦସ୍ତଖତ ସଂଗ୍ରହ କରିବା ପାଇଁ ଛାତ୍ର-ଯୁବ ବିଜେଡି ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

'ଗୃହ ବିଭାଗର ତରବରିଆ ପଦୋନ୍ନତି ନିଷ୍ପତ୍ତିକୁ ନେଇ ପ୍ରଶ୍ନବାଚୀ'

ଭୁବନେଶ୍ୱର,୩।୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଜାନୁୟାରୀ ୫ ଶନିବାର ଏକ ବୈଠକ ଡକାଯାଇଛି। ଏହି ବୈଠକରେ ବିଭାଗ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ପୂର୍ବ ମତକୁ ପରିବର୍ତ୍ତନ କରାଯିବ ବୋଲି ସୂତ୍ରରୁ ପ୍ରକାଶ। ଶନିବାର ହେବାକୁ ଥିବା ଏହି ସମୀକ୍ଷା ବୈଠକରେ ତପସିଲଭୁକ୍ତ ବର୍ଗର କର୍ମଚାରୀଙ୍କୁ ଅଣସଂରକ୍ଷିତ ପଦବୀ ପାଇଁ ପଦୋନ୍ନତି ଦିଆଯିବା ନେଇ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି। ଯାହାକୁ ନେଇ ସାଧାରଣ ବର୍ଗର କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତରବରିଆ ଭାବେ ଏପରି ବୈଠକ ଡାକି ପଦୋନ୍ନତି ନିଷ୍ପତ୍ତି ଗୃହ ବିଭାଗର ଆଇନ ସମ୍ବନ୍ଧୀୟ ଜ୍ଞାନ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମିଳିଥିବା ତଥ୍ୟ ଅନୁଯାୟୀ ୨୦

ଧରିତ୍ରୀ Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : **www.dharitri.com**

MOCK TEST PAPER # 3

CLASS-XII (CHEMISTRY)

Time Allowed : 3 hours **Maximum Marks: 70**

GENERAL INSTRUCTIONS

i. All questions are compulsory

ii. Q. No. 1 to 5 are very short answer questions and carry 1 mark each.

iii. Q. No.6 to 12 are short answer questions and carry 2 marks each.

iv. Q No. 13 to 24 are also short answer questions and carry 3 marks each.

v. Q. No. 25 to 27 are long answer questions and carry 5 marks each.

vii. Use log tables if necessary, use of calculators is not allowed.

1. Iodine forms I_3^- but F_2 does not F_3^- ions. Why ?

2. What is meant by inversion of sugar ?

3. Why is sulphuric acid not used during the reaction of alcohols with KI ?

4. For the reaction $A + 2B \longrightarrow AB_2$, the rate constant is 1.26×10^{-3} L $mol^{-1}s^{-1}$. What is the order of the reaction ?

5. Name the ionization isomer of $[Cr(H_2O)_5Br]SO_4$.

6. Arrange the following carbonyl compounds in increasing order of their reactivity in nucleophilic addition reaction.

Benzaldehyde, *p*-tolualdehyde, *p*-nitrobenzaldehyde, acetophenone.

7. What happens when an electric field is applied to a colloidal dispersion ?

OR

Do the vital functions of body such as digestion get affected during fever ? Explain your answer.

8. Alcohols are comparatively more soluble in water than the hydrocarbon of comparable molecular mass ? Explain this fact.

9. State reasons for the following

i. Rusting of iron is said to be an electrochemical phenomenon.

ii. For a weak electrolyte, its molar conductance in dilute solution increases sharply as its concentration in solution is decreased.

10. a. Why does chlorine water lose its yellow colour on standing ?

b. What happens when Cl_2 reacts with cold dilute sodium hydroxide ? Write equation only.

11. a. What are the products obtained by hydrolysis of lactose ?

b. Why cannot vitamin C be stored in our body ?

12. What do you understand by the terms glycosidic linkage and peptide linkage ?

13. Account for the following:

a. CH_3CONH_2 is a weaker base than CH_3CONH_2 is a weaker base than $CH_3CH_2NH_2$.

b. ROH is a stronger acid than RNH_2.

14. While preparing monobromoaniline why is aniline acetylated before reacting it with bromine? Explain.

15. a. Express the relationship between the rate of production of iodine and the rate of disappearance of hydrogen iodide in the following reaction : $2HI \longrightarrow H_2 + I_2$.

b. The rate of formation of a dimer in a second order dimerisation reaction is 9.1×10^{-6} mol L^{-1} s^{-1} at 0.01 mol L^{-1} monomer concentration. Calculate the rate constant.

16. Aluminium crystallizes in a cubic close packed structure. Its metallic radius is 125 pm.

i. What is the length of the side of the unit cell ?

ii. How many unit cells are there in 1.00 cm^3 of aluminium ?

OR

Examine the illustrations of a portion of a defective crystal given below and answer the following questions.



i. What are these type of vacancy defects called ?

ii. How is the density of a crystal affected by these defects ?

iii. Name one ionic compound which can show this type of defect in crystalline state.

iv. How is the stoichiometry of the compound affected ?

17. What is an adsorption isotherm ? Describe freundlich isotherm.

18. Account for the following

i. Bond dissociation energy of F_2 is less than that of Cl_2

ii. Both NO and ClO_2 are odd electron species but NO dimerises ClO_2 does not.

iii. Bleaching of flowers by chlorine is permanent while that by sulphur dioxide is temporary.

19. Explain why

i. the dipole moment of chlorobenzene is lower than that of cyclohexyl chloride ?

ii. alkyl halides, though polar, are immiscible with water ?

iii. Grignard's reagents should be prepared under anhydrous conditions ?

20. Write the names and molecular structures of the monomers of the following polymers. Give one use of each specifying the property responsible for this use.

i. Glyptal ii. Nylon-6 iii. Neoprene

21. Give reason for the following:

i. Amino acids have relatively higher melting point as compared to corresponding halo acids.

ii. Amino acids are amphoteric in nature.

iii. On electrolysis in acidic solution amino acids migrate towards cathode while in alkaline solution these migrate towards anode.

22. Show how will you synthesize

i. 1-phenylethanol from a suitable alkene.

ii. Cyclohexylmethanol using an alkyl halide by S_N2 reaction.

iii. Pentan-1-ol using a suitable alkyl halide.

23. a. How is leaching carried out in case of low grade copper ores ?

b. The value of $\Delta_f G^0$ for formation of Cr_2O_3 is –540 kJ mol^{-1} and that of Al_2O_3 is –827 kJ mol^{-1}. Is the reduction of Cr_2O_3 possible with aluminium ?

24. Describe the following with suitable examples.

(i) Tranquilizers (ii) Antifertility drugs (iii) Antihistamines.

25. a. Henry's law constant for CO_2 in water is 1.67×10^8 Pa at 298 K. Calculate the quantity of CO_2 in 500mL of soda water when packed under 2.5 atm CO_2 pressure at 298 K.

b. The depression in freezing point of water observed for the same amount of acetic acid, trichloroacetic acid and trifluoroacetic acid increases in the order given above. Explain briefly.

OR

a. 0.5 g KCl was dissolved in 100g of water and the solution originally at 20^0C, froze at –0.24^0C. Calculate the percentage ionization of salt. K_f per 1000g water = 1.86 K

b. What role does the molecular interaction play in solution of alcohol and water ?

26. Give plausible explanation for each of the following:

i. Cyclohexanone forms cyanohydrin in good yield but 2, 2, 6-trimethylcyclohexanone does not.

ii. There are two $-NH_2$ groups in semicarbazide. However, only one is involved in the formation of semicarbazone.

iii. During the preparation of esters from a carboxylic acid and an alcohol in the presence of an acid catalyst, the water or the ester formed should be removed as soon as it is formed.

OR

An organic compound (A) molecular formula $C_8H_{16}O_2$ was hydrolyzed with dilute sulphuric acid to a carboxylic acid (B) and an alcohol (C). Oxidation of (C) with chromic acid produced (B), (C) on dehydration gives but-1-ene. Write equations for the reactions involved.

27. a. The electric configurations of two members of the lanthanoid series are as follows $4f^15d^16s^2$ and $4f^75d^06s^2$. What are their atomic numbers ? Predict the oxidation states exhibited by these elements in their compounds.

b. Assign reaction for each of the following statement.

i. The largest number of oxidation states are exhibited by the elements in the middle of the first row of the transition elements.

ii. The atomic radii decreases in size with the increasing atomic number in the lanthanoid series.

OR

a. Explain giving reasons

i. Transition elements and their compound exhibit paramagnetic behaviour.

ii. Transition elements and their compounds are found to be good catalysis.

iii. Enthalpies of atomization of the transition elements are high.

b. Compare the chemistry of actinoids with that of the lanthanoid in reference to

i. Atomic and ionic sizes

ii. Oxidation states.

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION

ADMISSION TEST ON 13th & 20th JANUARY 2019
(FOR CLASS VII, VIII, IX, X & XI STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For: JEE Mains & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

ଆଇପିଏଲ୍-୧୨

ନିର୍ମଳ କୁମାର ମିଶ୍ର

୨୦୧୮ ଥିଲା ବିଶ୍ୱକପ୍‌ର ବର୍ଷ। ଏଥିରେ ୧୯ ବର୍ଷରୁ କମ୍ ଦିନିକିଆ, ପୁରୁଷ ଓ ମହିଳା ହକି, ମହିଳା ଟି୨୦, ଫିଫା ବିଶ୍ୱକପ୍ ଭଳି ମେଗା ଇଭେଣ୍ଟ ବେଶ୍ ସଫଳତାର ସହ ଅନୁଷ୍ଠିତ ହୋଇଛି। ଆଗାମୀ ମେ ମାସରେ ଇଂଲଣ୍ଡରେ ଆଇସିସି ବିଶ୍ୱକପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଥିଲେ ମଧ୍ୟ ଏବେ ଆଇପିଏଲ ଉପରେ ସମସ୍ତଙ୍କ ନଜର ରହିଛି ଓ କ୍ରିକେଟର ଏହି ସର୍ବଶ୍ରେଷ୍ଠ ଲିଗର ଦ୍ୱାଦଶ ସଂସ୍କରଣ ସବୁଥର ଭଳି ଏଥର ମଧ୍ୟ ବେଶ୍ ସଫଳ ହେବ ବୋଲି ଆଶା କରାଯାଉଛି...

୨୦୧୮ ଭାରତୀୟ କ୍ରିକେଟ୍ ପାଇଁ ବେଶ୍ ସଫଳ ବର୍ଷ ହୋଇପାରିଛି। ଟିମ୍ ଇଣ୍ଡିଆ ୨୦୧୮ ଆରମ୍ଭରେ ଆଇସିସି ର୍ୟାକିଙ୍ଗ୍‌ରେ ଏକ ନମ୍ବର ଟେଷ୍ଟ ଦଳରୂପେ ଅଭିଯାନ ଆରମ୍ଭ କରିଥିବାବେଳେ ବର୍ଷ ଶେଷରେ ମଧ୍ୟ ୧ନଂ ମାନ୍ୟତା ସହ ବର୍ଷ ଶେଷ କରିଛି। ବିଦେଶରେ ଖେଳିଥିବା ଅଧିକାଂଶ ଟେଷ୍ଟମ୍ୟାଚ୍ ମଧ୍ୟରୁ ଭାରତ ଅର୍ଦ୍ଧାଧିକ ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇଥିଲା। ୨୦୧୮ରେ ଭାରତ ୧୪ଟି ଟେଷ୍ଟ ମ୍ୟାଚ୍ ଖେଳିଥିବା ବେଳେ ୭ଟିରେ ବିଜୟୀ ହୋଇଥିବା ବେଳେ ୭ଟିରେ ପରାସ୍ତ ହୋଇଛି। ସେହିପରି ଟିମ୍ ଇଣ୍ଡିଆ ୨୦ଟି ଏକଦିବସୀୟ ମ୍ୟାଚ୍ ଖେଳିଥିବା ବେଳେ ୧୪ଟି ମ୍ୟାଚରେ ଜିତିବା ସହ ମାତ୍ର ୪ଟିରେ ପରାଜିତ ହୋଇଛି ଏବଂ ଦୁଇଟି ମ୍ୟାଚ୍ ଟାଇରେ ସମାପ୍ତ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସର୍ବମୋଟ ୧୯ଟି ଟି-୨୦ ମ୍ୟାଚ ଖେଳି ୧୪ଟିରେ ବିଜୟୀ ହୋଇଛି। ଫାଷ୍ଟବୋଲର ଯଶପ୍ରୀତ୍ ବୁମ୍‌ରା, ସର୍ବକନିଷ୍ଠ ଓପନର ରୂପେ ପୃଥ୍ୱୀ ଶ' ଏବଂ ରିଷଭ ପନ୍ତଙ୍କ ପରି ଯୁବ ଉଇକେଟକିପର ଏବଂ ବ୍ୟାଟ୍ସମ୍ୟାନ୍ ମିଳିଛି। ଘରୋଇ ମାଟିରେ ସମସ୍ତ ଫର୍ମାଟରେ ଟିମ୍ ଇଣ୍ଡିଆର ପ୍ରାଧାନ୍ୟ ଅବ୍ୟାହତ ରହିଥିବା ବେଳେ ସ୍ୱଦେଶରେ ଭାରତ ପାଖାପାଖି ସମସ୍ତ ମ୍ୟାଚ ଜିତିପାରିଛି। ସବୁଠାରୁ ବଡ କଥା ହେଲା ବର୍ଷ ଶେଷରେ ବିରାଟ ବାହିନୀ ଚମତ୍କାର ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ମାଟିରେ ସର୍ବପ୍ରଥମ ଟେଷ୍ଟ ସିରିଜ ଜିତିବାର ନିକଟବର୍ତ୍ତୀ ହୋଇଛି। ଫର୍ମରେ ଥିବା ସମସ୍ତ ଖେଳାଳିଙ୍କ ଉପସ୍ଥିତି ଚଳିତ ଆଇପିଏଲ୍‌କୁ ଅଧିକ ରୋମାଞ୍ଚକର କରିବା ସହିତ ଯୁବ ଖେଳାଳିମାନଙ୍କ ପ୍ରଦର୍ଶନ ଉପରେ ବିସିସିଆଇର ନଜର ରହିବ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ୧୨ତମ ସଂସ୍କରଣ ପାଇଁ ଖେଳାଳି ନିଲାମ ପ୍ରକ୍ରିୟା ଶେଷ ହୋଇଛି। ବିଶ୍ୱର ଏହି ଶ୍ରେଷ୍ଠ ପ୍ରଫେସନାଲ ଟି୨୦ ୨୦୦୭ ମସିହାରୁ ବିସିସିଆଇ ଦ୍ୱାରା ଆରମ୍ଭ କରାଯାଇଥିବା ବେଳେ ଦିନକୁ ଦିନ ଲୋକପ୍ରିୟତାର ଚରମସୀମାରେ ପହଞ୍ଚିବାକୁ ଆରମ୍ଭ କରିଛି। ୨୯ ମାର୍ଚ୍ଚରୁ ଆରମ୍ଭ ହୋଇ ୧୯ମେ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ମେଗା ଟୁର୍ନାମେଣ୍ଟରେ ଫ୍ରାଞ୍ଚାଇଜ୍‌ମାନଙ୍କ ଦ୍ୱାରା କିଣାଯାଇଥିବା ୮ଟି ଦଳ ଅଂଶ ଗ୍ରହଣ କରିବାକୁ ଥିବା ଦେଶ ବିଦେଶର ବହୁ ନାମୀଦାମୀ ଖେଳାଳିମାନେ ଅଂଶ ଗ୍ରହଣ କରୁଥିବାରୁ ଏହି ସଂସ୍କରଣର ଗୁରୁତ୍ୱ ବେଶ୍ ବଢିଯାଇଛି। ଭାରତରେ ଚଳିତ ବର୍ଷ ଲୋକସଭା ନିର୍ବାଚନ ଆରମ୍ଭ ହେଉଥିବାରୁ ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟକୁ ସାଉଥ ଆଫ୍ରିକା କିମ୍ବା ୟୁଏଇରେ ଅନୁଷ୍ଠିତ କରାଯିବାର ଯୋଜନାକୁ ଯଦିଓ ଗ୍ରହଣ କରାଯାଇଥିଲା ମାତ୍ର ଏହାର ସଫଳତା ପାଇଁ ବିସିସିଆଇ ଭାରତରେ ଅନୁଷ୍ଠିତ କରିବା ପାଇଁ ପ୍ରସ୍ତାବ ରଖିଛି। ପ୍ରାଥମିକ ପର୍ଯ୍ୟାୟରେ ଆଇପିଏଲ ଖେଳାଳି ଚୟନ ପ୍ରକ୍ରିୟା ପାଇଁ ଦେଶ ବିଦେଶର ମୋଟ ୧୦୦୩ ଜଣ ଖେଳାଳିଙ୍କ ନାମ ତାଲିକା ପ୍ରକାଶିତ ହେବା ପରେ ପରବର୍ତ୍ତୀ ଅବସ୍ଥାରେ ଏହି ନିଲାମ ପ୍ରକ୍ରିୟାରେ ୭୦ଟି ଖାଲି ସ୍ଥାନ ପାଇଁ ବୃତ୍ତାନ୍ତି ତାଲିକାରେ ୩୫୦ ଜଣ ଖେଳାଳିଙ୍କ ନାମ ତାଲିକା ପ୍ରକାଶିତ ହୋଇଥିଲା। ଏମାନଙ୍କ ମଧ୍ୟରୁ ୨୦ଜଣ ବିଦେଶୀ ଖେଳାଳିଙ୍କୁ ମିଶାଇ ମୋଟ ୬୦ଜଣ ଖେଳାଳି ବିକ୍ରି ହୋଇଥିଲେ। କିଙ୍ଗସ୍ ଇଲେଭେନ୍ ପଞ୍ଜାବ ସର୍ବାଧିକ ୧୩ଜଣ ଖେଳାଳିଙ୍କୁ କିଣିବାକୁ ସକ୍ଷମ ହୋଇଥିବା ବେଳେ ରାଜସ୍ଥାନ ରୟାଲ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଫ୍ରାଞ୍ଚାଇଜ୍ ପ୍ରତ୍ୟେକ ୯ଜଣ ଖେଳାଳି କିଣିଥିଲା। ଦିଲ୍ଲୀ ଡେୟାର ଡେଭିଲ୍ସ ତା'ର ନାମ ପରିବର୍ତ୍ତନ କରି ଦିଲ୍ଲୀ କ୍ୟାପିଟାଲ ରଖିବା ସହିତ ୧୦ଜଣ ଖେଳାଳିଙ୍କୁ କ୍ରୟ କରିଛି। ସେହିପରି କୋଲକାତା ନାଇଟ୍ ରାଇଡର୍ସ ୮ଜଣ, ସନରାଇଜର୍ସ ହାଇଦ୍ରାବାଦ ୩ଜଣ ଏବଂ ଚେନ୍ନାଇ ସୁପର କିଙ୍ଗସ୍ ୨ଜଣ ଖେଳାଳିଙ୍କୁ କିଣିଛି। ଆଇପିଏଲ ପରେ ପରେ ଆରମ୍ଭ ହେବାକୁ ଯାଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଇସିସି ଦିନିକିଆ ବିଶ୍ୱକପ୍। ଜୁନ ମାସରେ ଆରମ୍ଭ ହେବାକୁ ଥିବା ଏହି ମେଗା ଟୁର୍ନାମେଣ୍ଟ ପାଇଁ ଟିମ୍ ଇଣ୍ଡିଆର ପ୍ରଥମ ମ୍ୟାଚ ଯାହାକି ଜୁନ ୨ତାରିଖରୁ ହେବାର ଥିଲା ତାହାକୁ ଜୁନ୍ ୫ତାରିଖକୁ ଘୁଞ୍ଚାଇ ଦିଆଯାଇଛି। କାରଣ ଲୋଧା କମିଟିର ରିପୋର୍ଟ ଅନୁସାରେ କୌଣସି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ପରେ ଖେଳାଳିମାନଙ୍କୁ ୧୫ଦିନ ପାଇଁ ବିଶ୍ରାମ ଦେବା ଆବଶ୍ୟକ। ଗତବର୍ଷ ନଭେମ୍ବର ମାସରେ ଫ୍ରାଞ୍ଚାଇଜ୍‌ମାନଙ୍କ ଖେଳାଳି ଚୟନ ପ୍ରକ୍ରିୟାରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ଗୌତମ ଗମ୍ଭୀର, ଯୁବରାଜ ସିଂ ଏବଂ ଗ୍ଲେନ ମ୍ୟାକ୍ସୱେଲଙ୍କ ପରି ଖେଳାଳିମାନଙ୍କୁ ସେମାନଙ୍କର ଫ୍ରାଞ୍ଚାଇଜ୍‌ମାନେ ରଖିବାକୁ ଆଗ୍ରହ ପ୍ରକାଶ କରିନଥିବା ବେଳେ ଜୟଦେବ ଉନାଡକଟ ମଧ୍ୟ ଦଳ ବଦଳରେ ସାମିଲ ହୋଇଥିଲେ। ଷ୍ଟାର ବୋଲର ଜୟଦେବ ଉନାଡକଟ୍ ଏବଂ ଅନକ୍ୟାପଡ୍ ଖେଳାଳି ବରୁନ୍ ଚକ୍ରବର୍ତ୍ତୀଙ୍କୁ ସର୍ବାଧିକ ୮.୪ କୋଟିରେ କ୍ରୟ କରିବା ଏବଂ ଇଂଲଣ୍ଡର ଯୁବ ଅଲରାଉଣ୍ଡର ସାମ କୁରାନ୍ ସର୍ବାଧିକ ୭.୨ କୋଟିରେ କିଣା ହେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଥିଲା। ସେହିପରି ଚେତେଶ୍ୱର ପୂଜାରା, ବ୍ରାଣ୍ଡନ ମ୍ୟାକୁଲମ ଏବଂ ଆଲେକ୍ସ ହେଲସ୍‌ଙ୍କ ପରି ଖେଳାଳି ବିକ୍ରୟ ନ ହେବା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଶର୍ମା ରହିଥିବା ବେଳେ ନୂତନ ଖେଳାଳି ରୂପେ ଆରବିସିର କ୍ୱିଣ୍ଟନ ଡି କକ୍‌ଙ୍କୁ ନିଲାମରେ କ୍ରୟ କରିଥିଲେ। ସେହିପରି ଯୁବରାଜ ସିଂ, ଲସିଥ୍ ମାଲିଙ୍ଗାଙ୍କୁ ମଧ୍ୟ ଦଳରେ ସାମିଲ କରିଛି ମୁମ୍ବାଇ ଇଣ୍ଡିଆନ୍ସ। ସେହିପରି ଚେନ୍ନାଇ ସୁପରକିଙ୍ଗସ୍ ମହେନ୍ଦ୍ର ସିଂ ଧୋନୀ ଅଧିନାୟକ ରହିଥିବାବେଳେ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ରୋହିତ ଶର୍ମା ରହିଥିବା ବେଳେ ନୂତନ ଖେଳାଳି ରୂପେ ଆରବିସିର କ୍ୱିଣ୍ଟନ ଡି କକ୍‌ଙ୍କୁ ନିଲାମରେ କ୍ରୟ କରିଥିଲେ। ସେହିପରି ଯୁବରାଜ ସିଂ, ଲସିଥ୍ ମାଲିଙ୍ଗାଙ୍କୁ ମଧ୍ୟ ଦଳରେ ସାମିଲ କରିଛି ମୁମ୍ବାଇ ଇଣ୍ଡିଆନ୍ସ। ସେହିପରି ଚେନ୍ନାଇ ସୁପରକିଙ୍ଗସ୍ ମହେନ୍ଦ୍ର ସିଂ ଧୋନୀ ଅଧିନାୟକ ରହିଥିବାବେଳେ ମୋହିତ ଶର୍ମାଙ୍କୁ ୫କୋଟିରେ କ୍ରୟ କରିଛି। ସେହିପରି ନୂତନ ନାମରେ ପରିଚିତ ଦିଲ୍ଲୀ କ୍ୟାପିଟାଲ ପୃଥ୍ୱୀ ଶ, ଶ୍ରେୟସ ଆୟାର, ରିଷଭ ପନ୍ତଙ୍କ ଭଳି ଯୁବ ଖେଳାଳିମାନଙ୍କ ଉପରେ ଆସ୍ଥା ରଖିଥିବା ବେଳେ ନିଲାମ ପ୍ରକ୍ରିୟାରେ ଶେଖର ଧାୱନ, ସାହାବାଜ ନଦିମ୍, ଅଭିଷେକ ଶର୍ମାଙ୍କୁ ଦଳରେ ସାମିଲ କରିଛି। କୋଲକାତା ନାଇଟ୍ ରାଇଡର୍ସ ଦୀନେଶ କାର୍ତ୍ତିକ, ଆଣ୍ଡ୍ରେ ରସେଲ୍, ସୁନୀଲ୍ ନାରିନ୍, ରବିନ୍ ଉଥାପ୍ପାଙ୍କ ଉପରେ ନିର୍ଭର କରିବ। ସେହିପରି ସନରାଇଜର୍ସ ହାଇଦ୍ରାବାଦ ଡେଭିଡ ୱାର୍ନର, କେନ୍ ୱିଲିୟମସନ୍, ସକିବଲ ହାସନ, ଭୁବନେଶ୍ୱର କୁମାର ଏବଂ ନିଲାମ ପ୍ରକ୍ରିୟାରେ ମାର୍ଟିନ ଗୁପ୍‌ଟିଲ ଏବଂ ଜନି ବେୟାରଷ୍ଟୋଙ୍କ ପରି ଖେଳାଳିମାନଙ୍କୁ ଚୟନ କରି ଚାମ୍ପିୟନ ହେବାର ଦୃଢ ଦାବିଦାର ରହିଛି। ଶକ୍ତିଶାଳୀ ଦଳ ରୂପେ କିଙ୍ଗସ ଇଲେଭେନ ପଞ୍ଜାବ ତା'ର ଦଳରେ ସର୍ବାଧିକ ପରିବର୍ତ୍ତନ କରିଛି। ଦଳରେ କେଏଲ ରାହୁଲ୍, ରବିଚନ୍ଦ୍ରନ ଅଶ୍ୱିନ୍, କ୍ରିସ୍ ଗେଲ୍, ଆଣ୍ଡ୍ରୁ ଟାଇ, ଭେଭିଡ୍ ମିଲର, ମୟଙ୍କ ଅଗ୍ରୱାଲ ପରି ଖେଳାଳି ରହିଥିବା ବେଳେ ବରୁନ ଚକ୍ରବର୍ତ୍ତୀ, ମହମ୍ମଦ ସାମି, ମୋରିସ ହେନେରିକ୍ସ, ନିକୋଲାସ ପୋରାନ୍‌ଙ୍କୁ ନେଇ ବେଶ୍ ଶକ୍ତିଶାଳୀ ହୋଇଛି। ଶେଷରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିରାଟ କୋହଲି, ଏବି. ଡିଭିଲିର୍ସ, ଉମେଶ ଯାଦବ, ମୋଇନ ଅଲ୍ଲୀ, ସିମ୍‌ରନ୍ ହେଟମେୟର, ରେ ବାରମାନ୍, ୟୁଜୁଭେନ୍ଦ୍ର ଚହଲଙ୍କ କରି ଖେଳାଳି ଦଳକୁ ଅଧିକ ଶକ୍ତିଶାଳୀ କରାଇଛନ୍ତି।

ଚଳିତ ସଂସ୍କରଣ ପାଇଁ ମୋଟ ୧୦୦୩ ଜଣ ଖେଳାଳିଙ୍କ ମଧ୍ୟରୁ ଭାରତରୁ ୪୦ଜଣ ବିଭିନ୍ନ ଫ୍ରାଞ୍ଚାଇଜ୍‌ଙ୍କ ଦ୍ୱାରା କିଣାଯାଇଥିଲେ। ସେହିପରି ଦକ୍ଷିଣ ଆଫ୍ରିକାରୁ ୪ଜଣ, ଅଷ୍ଟ୍ରେଲିଆରୁ ୨ଜଣ, ଇଂଲଣ୍ଡରୁ ୫ଜଣ, ୱେଷ୍ଟଇଣ୍ଡିଜରୁ ୬ଜଣ, ନ୍ୟୁଜିଲାଣ୍ଡରୁ ୨ଜଣ, ଶ୍ରୀଲଙ୍କାରୁ ଜଣେ ଏହିପରି ମୋଟ ୬୦ଜଣ ଖେଳାଳିଙ୍କୁ ଫ୍ରାଞ୍ଚାଇଜ୍‌ଗୁଡିକ ନିଜ ନିଜ ଦଳରେ ସାମିଲ କରିଛନ୍ତି। ଆଇସିସିର ପୂର୍ଣ୍ଣ ସଦସ୍ୟତା ଲାଭ କରିଥିବା ବାଂଲାଦେଶ, ଜିମ୍ବାୱେ, ଆୟର୍ଲାଣ୍ଡ ଏବଂ ଆସୋସିଏଟ୍ ମେମ୍ବର୍ସ ଦେଶ ନେଦରଲ୍ୟାଣ୍ଡ୍ସ, ୟୁଏସଏ ଏବଂ ହଂକଂରୁ କୌଣସି ଖେଳାଳି ନୂତନ ଭାବେ କ୍ରୟ ହୋଇପାରିନାହାନ୍ତି।

ଆଇପିଏଲର ଆଗାମୀ ଦ୍ୱାଦଶ ସଂସ୍କରଣରେ ମୋଟ ୬୦ଟି ମ୍ୟାଚ ଖେଳାଯିବାକୁ ଥିବା ବେଳେ ଲିଗ୍ ପର୍ଯ୍ୟାୟରେ ମୋଟ ୫୬ଟି ମ୍ୟାଚ ଏବଂ ପ୍ଲେ ଅଫ୍‌ରେ ୪ଟି ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ୮ଟି ଦଳ ପ୍ରତ୍ୟେକ ଦଳ ସହ ୨ଥର ଲେଖାଏଁ ଲିଗ୍ ପର୍ଯ୍ୟାୟରେ ଭେଟିବେ। ଲିଗ୍ ପର୍ଯ୍ୟାୟର ଶ୍ରେଷ୍ଠ ୨ଟି ଦଳ ପ୍ରଥମ ପ୍ଲେ ଅଫ୍ ମ୍ୟାଚ ଖେଳିବା ସହିତ ବିଜୟୀ ଦଳ ଫାଇନାଲକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ପରାଜିତ ଦଳ, ଦ୍ୱିତୀୟ ନକ୍ ଆଉଟ୍ ମ୍ୟାଚରେ ବିଜୟୀ ଦଳ ସହ ଖେଳିବା ସହିତ ବିଜୟୀ ଦଳ ଫାଇନାଲରେ ପ୍ରଥମ ନକ୍ ଆଉଟର ବିଜୟୀ ଦଳକୁ ଭେଟିବ। ଅନେକ ପରିବର୍ତ୍ତନ ସହ ଆଇପିଏଲ ୧୨ ଏଥର ଆରମ୍ଭ ହେବାକୁ ଯାଉଛି। ୮ଟି ଦଳ ମଧ୍ୟରେ ଯଦିଓ କିଛି ମାତ୍ରାରେ ପରିବର୍ତ୍ତନ ହୋଇଛି ତଥାପି ଏକ ରୋମାଞ୍ଚକର ଆଇପିଏଲ ଅପେକ୍ଷାରେ ସମସ୍ତ କ୍ରିକେଟ୍ ପ୍ରେମୀ। ବିଶ୍ୱର ଏହି ଶ୍ରେଷ୍ଠ ପ୍ରିମିୟର ଲିଗ୍ ଟି୨୦ ମ୍ୟାଚ ପାଇଁ ଭିଭୋ ମୁଖ୍ୟ ପ୍ରାୟୋଜକ ରହିଥିବା ବେଳେ ସମସ୍ତ ମ୍ୟାଚ ଦର୍ଶକମାନଙ୍କ ମନକୁ ଛୁଇଁବ ବୋଲି ଆଶା କରାଯାଏ। ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ୧୧ଟି ସଂସ୍କରଣରେ ୱେଷ୍ଟଇଣ୍ଡିଜ ଖେଳାଳିଙ୍କ ଚାହିଦା ରହିଥିଲା। ଏହି ଦ୍ୱାଦଶ ସଂସ୍କରଣରେ ମଧ୍ୟ କାରବିୟାନ ଖେଳାଳିମାନଙ୍କ ପ୍ରାଧାନ୍ୟ ଦେଖିବାକୁ ଦର୍ଶକମାନେ ଉତ୍କଣ୍ଠାର ସହ ଚାହିଁ ରହିଛନ୍ତି। ସେହିପରି ବିଶ୍ୱର ସବୁଠୁ ଧନୀ କ୍ରିକେଟ୍ ଲିଗ୍‌ରେ ଯୁବ ଖେଳାଳିମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ମାଧ୍ୟମରେ କିପରି ଦର୍ଶକମାନଙ୍କ ହୃଦୟକୁ ଜିତୁଛନ୍ତି ତାହା ଦେଖିବାକୁ ବାକି ରହିଲା।

ଆଇପିଏଲ୍- ୨୦୧୯

- ଆୟୋଜକ-ବିସିସିଆଇ
- ଫର୍ମାଟ- ଟି୨୦
- ଦଳ- ୮
- ତାରିଖ- ୨୯ ମାର୍ଚ୍ଚ- ୧୯ ମେ
- ଡିଫେଣ୍ଡିଂ ଚାମ୍ପିୟନ- ଚେନ୍ନାଇ ସୁପର କିଙ୍ଗ୍ସ
- ସଫଳତମ ଦଳ- ମୁମ୍ବାଇ ଇଣ୍ଡିଆନ୍ସ, ଚେନ୍ନାଇ (ପ୍ରତ୍ୟେକ ୩ଥର)
- ସର୍ବାଧିକ ରନ- ସୁରେଶ ରାଇନା (୪୯୮୫)
- ସର୍ବାଧିକ ଉଇକେଟ- ଲସିଥ ମାଲିଙ୍ଗା (୧୫୪)

ବିଶ୍ୱ ହକିର ନୂଆ ସୁପର ପାୱାର

ଅଶୋକ ମହାନ୍ତି

ପଶ୍ଚିମ ୟୁରୋପର ଏକ କ୍ଷୁଦ୍ର ଦେଶ ବେଲଜିୟମ ବିଶ୍ୱ କ୍ରୀଡ଼ାରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ପାଖାପାଖି ଏକ କୋଟି ୧୪ ଲକ୍ଷ ଲୋକ ସଂଖ୍ୟା ବିଶିଷ୍ଟ ଏହି ଦେଶ କେବଳ ଫୁଟବଲ ନୁହଁ ସବୁ କ୍ରୀଡ଼ାରେ ନିଜର ପରାକାଷ୍ଠା ଦେଖାଇବାରେ ସଫଳ ହୋଇଛି। ବଳିଷ୍ଠ କ୍ରୀଡ଼ା ପରମ୍ପରାକୁ ବଜାୟ ରଖି ଆସିଥିବା ଏହି ଦେଶ ଏବେ ହକିରେ ନୂଆ ସୁପର ପାୱାର ରୂପେ ଉଭା ହୋଇଛି...

ଫ୍ରାନ୍ସ ଓ ଜର୍ମାନୀ ଭଳି ବୃହତ୍ ଦେଶ ମଧ୍ୟରେ ଅବସ୍ଥିତ ଥିବା ଏକ ଛୋଟିଆ ୟୁରୋପୀୟ ଦେଶ ବେଲଜିୟମ ଆଜି ବିଶ୍ୱର ଦୁଇଟି ଅତ୍ୟନ୍ତ ଲୋକପ୍ରିୟ କ୍ରୀଡା ଫୁଟବଲ ଏବଂ ଫିଲ୍ଡ ହକିରେ ଶ୍ରେଷ୍ଠ ଦଳର ମାନ୍ୟତା ହାସଲ କରିପାରିଛି। ଫିଫା ମାନ୍ୟତା ଅନୁସାରେ ୨୦୧୮ ଡିସେମ୍ବରରେ ବେଲଜିୟମ ଫୁଟବଲ ଦଳ ୧୭୨୭ ପଏଣ୍ଟ ହାସଲ କରି ବିଶ୍ୱ ଚାମ୍ପିୟନ ଫ୍ରାନ୍ସକୁ କେବଳ ଗୋଟିଏ ପଏଣ୍ଟ ବ୍ୟବଧାନ (୧୭୨୬)ରେ ପଛରେ ପକାଇ ଏକ ନମ୍ବର ସ୍ଥାନ ହାସଲ କରିଥିବାବେଳେ ୨୦୧୮ ବିଶ୍ୱକପ୍ ହକିରେ ଟାଇଟଲ ବିଜେତା ଭାବେ ଏଫ୍‌ଆଇଏଚ୍ ମାନ୍ୟତାରେ (୨୧୯୦ ପଏଣ୍ଟ) ବିଶ୍ୱର ଏକ ନମ୍ବର ଦଳ ଭାବେ ଉଭା ହୋଇଛି।

୨୦୧୮ ମସ୍କୋ ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରେ ବେଲଜିୟମ ଦଳ ଚମତ୍କାର ଖେଳ ପ୍ରଦର୍ଶନ କରି ଦୁର୍ଭାଗ୍ୟଜନକ ଭାବେ ସେମିଫାଇନାଲରେ ଫ୍ରାନ୍ସଠାରୁ (୧-୦) ଗୋଲରେ ପରାସ୍ତ ହୋଇଥିଲେ ମଧ୍ୟ ଇଂଲଣ୍ଡକୁ (୨-୦)ରେ ହରାଇ ତୃତୀୟ ସ୍ଥାନ ହାସଲ କରିଥିଲା। ବିଶ୍ୱସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଉତ୍କୃଷ୍ଟତା ହାସଲ କରିବାରେ ବେଲଜିୟମ ଦଳର ଖେଳାଳିଙ୍କ ପ୍ରବଳ ଇଚ୍ଛାଶକ୍ତି ସେମାନଙ୍କୁ ୨୦୧୮ ବିଶ୍ୱକପ୍ ହକି ପ୍ରତିଯୋଗିତାରେ ପ୍ରଥମଥର ପାଇଁ ବିଜୟ ମୁକୁଟ ପିନ୍ଧାଇ ତାଙ୍କର ଶକ୍ତି ଓ ସାମର୍ଥ୍ୟର ପରିଚୟ ପ୍ରଦାନ କରିଛି।

ଉଭୟ ବିଶ୍ୱକପ୍ ଫୁଟବଲ ଏବଂ ବିଶ୍ୱକପ୍ ହକି ଆରମ୍ଭ ହେବା ପୂର୍ବରୁ ଦୈନିକ ଧରିତ୍ରୀର ବରିଷ୍ଠ କ୍ରୀଡା ପ୍ରତିନିଧିଙ୍କ ବାର୍ତ୍ତାଳାପ ମାଧ୍ୟମରେ ପ୍ରତିକ୍ରିୟା ଦେଇ ଏହି ଲେଖକ 'ଉଭୟ ବିଶ୍ୱକପ୍‌ରେ ବେଲଜିୟମ ଦଳ 'ଡାର୍କ ହର୍ସ' ଭାବେ ବିପର୍ଯ୍ୟୟ ସୃଷ୍ଟି କରି ନିଶ୍ଚିତ ଭାବେ ସେମିଫାଇନାଲରେ ପ୍ରବେଶ କରିବାର ଦକ୍ଷତା ରଖିଛି ବୋଲି ମତ ପ୍ରକାଶ କରିଥିଲା। ସଦ୍ୟସମାପ୍ତ ବିଶ୍ୱକପର ପଦାର୍ପଣ ମ୍ୟାଚରେ ବେଲଜିୟମ ଦଳର କ୍ରୀଡ଼ା ଦକ୍ଷତା ଦେଖିଲା ପରେ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମର କ୍ରୀଡ଼ା ଚାନେଲରେ ଏହି ଲେଖକ ସମୀକ୍ଷକ ଭାବେ ଯୋଗଦେଇ ନେଦରଲାଣ୍ଡ ଏବଂ ଅଷ୍ଟ୍ରେଲିଆ ସହିତ ଏହି ଦଳ ଟ୍ରଫି ହାସଲ ପାଇଁ ପ୍ରବଳ ଦାବିଦାର ବୋଲି ଭବିଷ୍ୟବାଣୀ କରିଥିଲା। ଭୁବନେଶ୍ୱରରେ ଆୟୋଜିତ ୧୪ତମ ବିଶ୍ୱ ହକି ପ୍ରତିଯୋଗିତା ସାଂଗଠନିକ ଉତ୍କର୍ଷତାରେ ପୂର୍ବରୁ ୧୩ଟି ଯାକ ସଂସ୍କରଣକୁ ପଛରେ ପକାଇ ଶ୍ରେଷ୍ଠ ବିଶ୍ୱକପ୍‌ର ମାନ୍ୟତା ହାସଲ କରିବା ସହିତ ପ୍ରଥମଥର ପାଇଁ ବିଶ୍ୱହକିକୁ ଏକ ନୂତନ ବିଜେତା ବିଶ୍ୱବାସୀଙ୍କୁ ଉପହାର ଦେଇଥିଲା (ପୂର୍ବ ୧୩ଟି ବିଶ୍ୱକପ୍‌ରେ କେବଳ ପାଞ୍ଚଟି ଦେଶ ପାକିସ୍ତାନ-୪ ଥର, ନେଦରଲାଣ୍ଡ୍ସ ଏବଂ ଅଷ୍ଟ୍ରେଲିଆ-୩ ଥର, ଜର୍ମାନୀ-୨ଥର ଏବଂ ଭାରତ ଥରେ ବିଶ୍ୱକପ୍ ବିଜେତା ହୋଇଥିଲେ) ବେଲଜିୟମ ଦଳର ଏହି ଅଭୂତପୂର୍ଣ୍ଣ ସଫଳତାର କାରଣ ମାନଙ୍କ ମଧ୍ୟରେ ରହିଛି- ବିଶେଷ ଭାବେ ଦଳର ସମସ୍ତ ଖେଳାଳିମାନଙ୍କ ମଧ୍ୟରେ ଅନ୍ତରଙ୍ଗ ବନ୍ଧୁତା, ତାଙ୍କ ଦେଶରେ ଉପଲବ୍ଧ ସୁଦୃଢ଼ ହକି ଭିତ୍ତିଭୂମି ଏବଂ ସଂଖ୍ୟାଧିକ ଆଧୁନିକ ହକି କ୍ଲବସ ମଧ୍ୟମରେ ଯୁବ ଖେଳାଳିମାନଙ୍କୁ ମିଳୁଥିବା ବିଶ୍ୱସ୍ତରୀୟ ସୁବିଧା, ସୁଯୋଗ ଏବଂ ପ୍ରୋତ୍ସାହନ।

ଇତିହାସ: ବେଲ୍‌ଜିୟମରେ ପ୍ରଥମେ ୧୯୦୨ ମସିହାରେ ହକିର ଆରମ୍ଭ ହୁଏ। ୧୯୦୪ରେ ଦେଶର ପ୍ରଥମ ହକି କ୍ଲବ ପ୍ରତିଷ୍ଠା ହୋଇଥିଲା। ବେଳେ ୧୯୦୭ରେ ବେଲଜିୟମ ହକି ସଂଘ ଗଠନ ହୁଏ ଜର୍ମାନ ସହିତ। ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ବେଲଜିୟମ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପ୍ରତିଷ

ସଂକ୍ଷେପରେ

ପ୍ରଚଳନର ୨ ବର୍ଷ ପରେ ୨୦୦୦ ଟଙ୍କିଆ ନୋଟ୍ ଛପା ହ୍ରାସ

ନୂଆଦିଲ୍ଲୀ,୩-୧: କେନ୍ଦ୍ର ସରକାର ୨ ବର୍ଷ ପୂର୍ବେ ପ୍ରଚଳନ କରିଥିବା ୨୦୦୦ ଟଙ୍କିଆ ନୋଟ୍ ଛାପିବା ହ୍ରାସ କରିଥିବା ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ଧୀରେ ଧୀରେ ଏହି ନୋଟ୍‌ର ପ୍ରଚଳନକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଏହାର ଉଦ୍ଦେଶ୍ୟ ବୋଲି ଏହି ସୂତ୍ର ଜଣାଇଛି। ଏଥିରେ କୁହାଯାଇଛି ଯେ, ନଭେମ୍ବର, ୨୦୧୬ରେ ବିମୁଦ୍ରୀକରଣ ଘୋଷଣା ପରେ କେନ୍ଦ୍ର ସରକାର ୨ହଜାର ଟଙ୍କିଆ ନୋଟ୍ ପ୍ରଚଳନ କରିଥିଲେ। ବିମୁଦ୍ରୀକରଣ ଯୋଗୁ ନଗଦ ସଙ୍କଟ ଦୂର କରିବା ଏହାର ଉଦ୍ଦେଶ୍ୟ ଥିଲା। ଏହି ନୋଟ୍‌କୁ ନେଇ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ବାରମ୍ବାର ସମାଲୋଚନାର ଶିକାର ହେବାକୁ ପଡିଛି। ଆର୍‌ବିଆଇ ତଥ୍ୟ ଅନୁଯାୟୀ ବଡ଼ ନୋଟ୍‌କୁ ଗଚ୍ଛିତ ରଖିବା, ଟିକସ ଫାଙ୍କି ଓ ମନି ଲଣ୍ଡରିଂରେ ବ୍ୟବହାର କରାଯାଉଥିବା ନେଇ ସରକାରଙ୍କ ମନରେ ସନ୍ଦେହ ଉପୁଜିଛି। ଏଥିରେ କୁହାଯାଇଛି ଯେ, ମାର୍ଚ୍ଚ, ୨୦୧୮ ସୁଦ୍ଧା ଦେଶରେ ମୋଟ୍ ୧୮.୦୩୭ ଲକ୍ଷ କୋଟି ଟଙ୍କା ପ୍ରଚଳନରେ ରହିଛି। ଏଥିମଧ୍ୟରୁ ୬.୭୩ ଲକ୍ଷ କୋଟି ଟଙ୍କା ଅର୍ଥାତ୍ ୩୭.୩% କେବଳ ୨ହଜାର ଟଙ୍କିଆ ନୋଟ୍ ଅଛି, ଯାହା ମାର୍ଚ୍ଚ ୨୦୧୭ରେ ୫୦.୨ ପ୍ରତିଶତ ଥିଲା। ସେହିପରି ୭.୭୩ ଲକ୍ଷ କୋଟି ଟଙ୍କାର ୫୦୦ ଟଙ୍କିଆ ନୋଟ୍ ବଜାରରେ ରହିଛି। ଅବଶିଷ୍ଟ ଛୋଟ ମୂଲ୍ୟର ନୋଟ ପ୍ରଚଳିତ ଅଛି। ରିପୋର୍ଟରେ କୁହାଯାଇଛି ଯେ, ୨୦୧୭ରେ ୯୫୮.୭ କୋଟି ଟଙ୍କାର ୫୦୦ ଟଙ୍କିଆ ନୋଟ୍ ବଜାରକୁ ଛଡାଯାଇଥିବା ବେଳେ ମାର୍ଚ୍ଚ ୨୦୧୮ ସୁଦ୍ଧା ଏଥିରେ ୨୦.୪% ବୃଦ୍ଧି ଘଟିଛି। ସେହିପରି ୨୦୧୭ ମାର୍ଚ୍ଚ ସୁଦ୍ଧା ବଜାରରେ ୩୨୮.୫ କୋଟି ଟଙ୍କାର ୨୦୦୦ ଟଙ୍କିଆ ନୋଟ ଥିଲା। ଏହା ୨୦୧୮ ମାର୍ଚ୍ଚ ବେଳକୁ ବୃଦ୍ଧି ପାଇ ୩୩୬.୩ କୋଟିରେ ପହଞ୍ଚିଥିଲା।

ରପ୍ତାନିକାରୀଙ୍କ ଲାଗି ସୁଧ ସବ୍‌ସିଡି ସୁବିଧା ଯୋଗୁ ରପ୍ତାନି କ୍ଷେତ୍ରକୁ ପ୍ରୋତ୍ସାହନ ମିଳିବ।
– ସୁରେଶ ପ୍ରଭୁ, ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ

ଜୁଲାଇ ପହିଲାଠାରୁ ନୂଆ ପ୍ୟାକେଜିଂ ନିୟମକୁ ଅନୁପାଳନ କରିବାକୁ ଫୁଡ୍ ବିଜନେସରେ ଥିବା ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।
– ପୱନ ଅଗ୍ରୱାଲ, ସିଇଓ, ଏଫ୍‌ଏସ୍‌ଏସ୍‌ଏଆଇ

ଫେରିବ ୧.୫ଲକ୍ଷ କୋଟି ଅନାଦାୟ ଋଣ

ନୂଆଦିଲ୍ଲୀ,୩-୧

- ୬୬ ମାମଲାରେ ଫେରିଛି ୮୦ ହଜାର କୋଟି
- ୧୨ମାମଲାରୁ ଆସିବ ୭୦ ହଜାର କୋଟି
- ଏନସିଏଲ୍‌ଟିକୁ ଆସିବା ପୂର୍ବରୁ ୪୪୫୨ ମାମଲାର ସମାଧାନ

ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି) ଚଳିତ ଆର୍ଥିକ ବର୍ଷରେ ଅଦ୍ୟାବଧି ୬୬ଟି ମାମଲାର ସମାଧାନ କରିବା କାରଣରୁ ବ୍ୟାଙ୍କଗୁଡିକର ଫଶିଥିବା ଋଣରୁ ୮୦ ହଜାର କୋଟି ଟଙ୍କା ଫେରିସାରିଛି। ମାର୍ଚ୍ଚ ସୁଦ୍ଧା ଆହୁରି ୭୦ ହଜାର କୋଟି ଟଙ୍କା ଫେରିବାର ଆଶାରହିଛି। ଏଭଳି ଦେଖିଲେ ମାର୍ଚ୍ଚ ସୁଦ୍ଧା ବ୍ୟାଙ୍କଗୁଡିକ ଫଶିଥିବା ଋଣରୁ ୧.୫ ଲକ୍ଷ କୋଟି ଟଙ୍କା ଫେରିପାଇବେ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଗୁରୁବାର ପ୍ରକାଶ କରିଛନ୍ତି। କଂଗ୍ରେସକୁ ଟାର୍ଗେଟ କରି ସେ କହିଛନ୍ତି ଯେ, କର୍ପୋରେଟ ଦେବାଳିଆ ମାମଲାଗୁଡିକର ସମାଧାନ ଲାଗି ଏହି ଦଳ ପୁରୁଣା ପ୍ରଣାଳୀକୁ ଉତ୍ତରାଧିକାର ସୂତ୍ରରେ ଛାଡି ଯାଇଥିଲେ। ତେବେ ଏନଡିଏ ସରକାର କ୍ଷମତାକୁ ଆସିବା ପରେ ଏନ୍‌ପିଏ ଆଦାୟ ଲାଗି ଦ୍ରୁତଗତିରେ କାର୍ଯ୍ୟାରମ୍ଭ କରିଥିଲା ଓ ଦେବାଳିଆ ଏବଂ ଋଣ ସମାଧାନ ଅକ୍ଷମତା ସଂହିତା (ଆଇବିସି) ଆଣିଲା। ସେ କହିଛନ୍ତି ଯେ, ଏନ୍‌ସିଏଲ୍‌ଟି କର୍ପୋରେଟ ବ୍ୟାଙ୍କରପ୍ସି ମାମଲାଗୁଡିକୁ ୨୦୧୬ ଶେଷାର୍ଦ୍ଧରେ ନେବାକୁ ଆରମ୍ଭ କରିଥିଲା ଓ ଅଦ୍ୟାବଧି ଏହା ୧୩୨୨ଟିର ଶୁଣାଣି କରିସାରିଛି। ଏହାଛଡ଼ା ୪୪୫୨ଟି ଏଭଳି ମାମଲା ରହିଛି ଯାହା ଏନ୍‌ସିଏଲ୍‌ଟିକୁ ଶୁଣାଣି ଲାଗି ଆସିବା ପୂର୍ବରୁ ସମାଧାନ ହୋଇସାରିଥିଲା। ସେହିପରି ୬୬ଟି ମାମଲାର ଶୁଣାଣି ପରେ ସମାଧାନ କରାଯାଇଛି। ୨୬୦ ମାମଲାରେ ସମ୍ପତ୍ତି ବିକ୍ରି କରି ଋଣ ଅସୁଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। 'ଦେବାଳିଆ ଏବଂ ଋଣ ସମାଧାନ ଅକ୍ଷମତା ସଂହିତାର ଦୁଇ ବର୍ଷ' ଶୀର୍ଷକରେ ନିଜର ଫେସ୍‌ବୁକ୍ ପୋଷ୍ଟରେ ଜେଟ୍‌ଲୀ ଲେଖିଛନ୍ତି ଯେ, ୬୬ଟି ମାମଲାର ସମାଧାନରୁ ୮୦ ହଜାର କୋଟି ଟଙ୍କାର ଏନ୍‌ପିଏ ମିଳିସାରିଛି। ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ତଥା ଏସାର ଷ୍ଟିଲ୍ ଭଳି ୧୨ ଏଭଳି ବଡ଼ ମାମଲା ବୃତାନ୍ତ ପର୍ଯ୍ୟାୟରେ ରହିଥିବାରୁ ଏଗୁଡିକର ସମାଧାନ ଚଳିତ ଆର୍ଥିକ ବର୍ଷ ପୂର୍ଣ୍ଣ ହେବା ପୂର୍ବରୁ ହୋଇଯିବ ବୋଲି ଆଶାକରାଯାଉଛି। ଫଳରେ ବ୍ୟାଙ୍କଗୁଡିକ ଆହୁରି ୭୦ ହଜାର କୋଟି ଟଙ୍କା ପାଇଯିବେ। ସେ କହିଛନ୍ତି ଯେ, ଏନ୍‌ସିଏଲ୍‌ଟି ଉଚ୍ଚ ବିଶ୍ୱାସଯୋଗ୍ୟତାର ଏକ ମଞ୍ଚ ହୋଇଛି। କମ୍ପାନୀଗୁଡିକୁ ଦେବାଳିଆ ସ୍ଥିତିରେ ପହଞ୍ଚାଇଥିବା ମ୍ୟାନେଜମେଣ୍ଟମାନେ ବିଦା ହେଉଛନ୍ତି। ନୂଆ ମ୍ୟାନେଜମେଣ୍ଟର ଚୟନ ସଚ୍ଚୋଟ ତଥା ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ କରାଯାଉଛି। ଏହି ମାମଲାଗୁଡିକରେ କୌଣସି ପ୍ରକାର ରାଜନୈତିକ ଅଥବା ସରକାରଙ୍କ ପକ୍ଷରୁ ହସ୍ତକ୍ଷେପ ହେଉନାହିଁ। ୨୦୦୮ରୁ ୨୦୧୪ ମଧ୍ୟରେ ବ୍ୟାଙ୍କଗୁଡିକ ଆଖିବୁଜା ଋଣ ବାଣ୍ଟି ଚାଲିଥିଲେ, ଫଳସ୍ୱରୂପ ଏନ୍‌ପିଏ ପ୍ରତିଶତ ବହୁଗୁଣିତ ହୋଇଥିଲା। ରିଜର୍ଭ ବ୍ୟାଙ୍କ ସମ୍ପତ୍ତି ଗୁଣବତ୍ତା ଯାଞ୍ଚ କରିବା ପରେ ଏହି ତଥ୍ୟ ସାମ୍ନାକୁ ଆସିଥିଲା।

ତନିଷ୍କ ପକ୍ଷରୁ ଗ୍ରେଟ୍ ଡାଇମଣ୍ଡ ସେଲ୍

ଭୁବନେଶ୍ୱର,୩-୧

ପ୍ରମୁଖ ଗହଣା ବ୍ରାଣ୍ଡ ତନିଷ୍କ ପକ୍ଷରୁ ଗ୍ରେଟ୍ ଡାଇମଣ୍ଡ ସେଲ୍ ଆରମ୍ଭ ହୋଇଛି। ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ଶୋ'ରୁମରେ ଏହି ଅଫରକୁ ତନିଷ୍କର ଫ୍ରାଞ୍ଚାଇଜି ଓନର ମାନିକ ହଂସ ଏବଂ କମ୍ପାନୀର ଏବିଏମ୍ ସୁମିତ ଘୋଷ ଶୁଭାରମ୍ଭ କରିଥିଲେ। ଏହି ଅଫର ସୀମିତ ସମୟ ଲାଗି ରହିବ। ଏହି ସମୟରେ ଗ୍ରାହକମାନେ ହୀରା ଗହଣା ଉପରେ ୨୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। କମ୍ପାନୀ ଗ୍ରାହକଙ୍କ ଲାଗି ନୂଆ ଡିଜାଇନର ଗହଣା ଯୋଗାଉଥିବା ହଂସ ସୂଚନା ଦେଇଛନ୍ତି। କମ୍ପାନୀ ପକ୍ଷରୁ ଗ୍ରାହକମାନେ ପ୍ରିନ୍ କଲେକ୍ସନ, ରେଡ୍ କାର୍ପେଟ କଲେକ୍ସନ ଏବଂ ରିବାହ କଲେକ୍ସନ ପାଇପାରିବେ ବୋଲି ସେ କହିଛନ୍ତି।

ମ୍ୟାଗି ମାମଲାର ଶୁଣାଣି ଉପରୁ କଟକଣା ହଟିଲା

ନୂଆଦିଲ୍ଲୀ,୩-୧

ଅଡୁଆରେ ନେସ୍‌ଲେ ଇଣ୍ଡିଆ

- ସୁପ୍ରିମକୋର୍ଟ ଦେଲେ ଅନୁମତି
- ସିଏଫ୍‌ଟିଆର୍‌ଆଇ ରିପୋର୍ଟ ଆଧାରରେ ଚାଲିବ ଶୁଣାଣି
- ମ୍ୟାଗିରେ ସିସା ଥିବା ନେଇ ଅଭିଯୋଗ ଆଣିଥିଲା କେନ୍ଦ୍ର

ଘରେ ଘରେ ପ୍ରଚଳିତ ଫାଷ୍ଟଫୁଡ୍ କୁହାଯାଉଥିବା ମ୍ୟାଗିରେ ସିସା (ଲେଡ୍) ମିଶିଥିବା ଜଣାପଡିବା ପରେ କେନ୍ଦ୍ର ସରକାର ନେସ୍‌ଲେ ଇଣ୍ଡିଆ ବିରୋଧରେ ନ୍ୟାଶନାଲ କଞ୍ଜ୍ୟୁମର ଡିସ୍‌ପ୍ୟୁଟ୍ସ ରିଡ୍ରେସାଲ (ଏନ୍‌ସିଡିଆର୍‌ସି)ରେ ୨୦୧୫ରେ ଏକ ମାମଲା ଦାଏର କରିଥିଲେ। ତେବେ ଏହା ଉପରେ ସୁପ୍ରିମକୋର୍ଟ ରହତାଦେଶ ଜାର କରିଥିଲେ। ଗୁରୁବାର ସର୍ବୋଚ୍ଚ ଅଦାଲତ ଏହାକୁ ପ୍ରତ୍ୟାହାର କରିନେଇଛନ୍ତି। ଏନ୍‌ସିଡିଆର୍‌ସିରେ ମାମଲାର ପୁନଃ ଶୁଣାଣି କରିବାକୁ ଗୁରୁବାର ସୁପ୍ରିମ୍‌କୋର୍ଟ ଅନୁମତି ଦେଇଛନ୍ତି। ସୂଚନାଥାଉ କି, ନେସ୍‌ଲେ ବିରୋଧରେ ଏନ୍‌ସିଡିଆର୍‌ସିରେ ଚାଲିଥିବା ଶୁଣାଣି ଉପରେ ସର୍ବୋଚ୍ଚ ଅଦାଲତ ରହତାଦେଶ ଜାର କରି ସେଣ୍ଟ୍ରାଲ ଫୁଡ୍ ଟେକ୍ନୋଲୋଜିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍, ମହିଶୂର ବା ସିଏଫ୍‌ଟିଆର୍‌ଆଇକୁ ମ୍ୟାଗିର ପରୀକ୍ଷା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ଏହି ରିପୋର୍ଟ ମିଳିଛି। ଏହାକୁ ଆଧାର କରି ନେସ୍‌ଲେ ପକ୍ଷରୁ ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭି ମ୍ୟାଗିରେ ସିସାର ପରିମାଣ ସୀମା ଭିତରେ ରହିଛି ବୋଲି ଦର୍ଶାଇଥିଲେ। ତେବେ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ ଓ ବିଚାରପତି ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଭଳି ମ୍ୟାଗି କାହିଁକି ଲୋକେ ଖାଇବେ ବୋଲି ପ୍ରଶ୍ନ କରିଥିଲେ। ଏନ୍‌ସିଡିଆର୍‌ସିଙ୍କ କ୍ଷମତାକୁ ସର୍ବୋଚ୍ଚ ଅଦାଲତ ନିଜ ହାତକୁ ନେବାକୁ ଚାହାନ୍ତି ନାହିଁ ଦର୍ଶାଇ ଖଣ୍ଡପୀଠ ଏହି ମାମଲାର ପୁନଃଶୁଣାଣି ସେଠାରେ ଆରମ୍ଭ କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ସିଏଫ୍‌ଟିଆର୍‌ଆଇ ରିପୋର୍ଟକୁ ଆଧାର ଭାବେ ଗ୍ରହଣ କରି ପୁନଃ ଶୁଣାଣି କରାଯିବ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟର ୧୯ ଡାକଘରେ ମିଳିବ ପାସ୍‌ପୋର୍ଟ ସେବା

Passport Seva
Service Excellence

ଭୁବନେଶ୍ୱର,୩-୧

ରାଜ୍ୟରେ ଲୋକମାନଙ୍କ ନିକଟରେ ପାସ୍‌ପୋର୍ଟ ସେବା ଉପଲବ୍ଧ କରାଇବା ପାଇଁ କେନ୍ଦ୍ର ସରକାର ଡାକଘରଗୁଡ଼ିକରେ ପାସ୍‌ପୋର୍ଟ ସେବା କେନ୍ଦ୍ର ସ୍ଥାପନ କରିଛନ୍ତି। ରାଜ୍ୟରେ ୨୦୧୩ରେ ପ୍ରାୟ ୮୦ ହଜାର ପାସ୍‌ପୋର୍ଟ ପ୍ରଦାନ କରାଯାଇଥିଲା। ୨୦୧୭ରେ ୧,୨୪,୬୧୬ ପାସ୍‌ପୋର୍ଟ ପ୍ରଦାନ କରାଯାଇଥିବା ବେଳେ ୨୦୧୮ରେ ଏହା ୧.୨୩ ଲକ୍ଷ ରହିଛି। ଗତ ବର୍ଷ ଡାକଘରେ ୨୯,୦୬୭ ପାସ୍‌ପୋର୍ଟ ଜାରି କରାଯାଇଥିବା ଭୁବନେଶ୍ୱରସ୍ଥିତ ପାସ୍‌ପୋର୍ଟ କାର୍ଯ୍ୟାଳୟର ଆଞ୍ଚଳିକ ପାସ୍‌ପୋର୍ଟ ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ରାଜ୍ୟରେ ବର୍ତ୍ତମାନ ଭବାନିପାଟଣା, ସମ୍ବଲପୁର, ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର, ବାରିପଦାଠାରେ ପାସ୍‌ପୋର୍ଟ ସେବା କେନ୍ଦ୍ର ମାନ ସ୍ଥାପନ ହୋଇଛି। ଭଦ୍ରକ, କଟକ, ଯାଜପୁର, ଆସ୍କା, କେନ୍ଦୁଝର ଏବଂ ଢେଙ୍କାନାଳରେ ଶନିବାର ନୂଆ ପାସ୍‌ପୋର୍ଟ ସେବା କେନ୍ଦ୍ର ଖୋଲିବ। ସେହିଭଳି ଚଳିତ ମାସ ୧୬ରେ ଫୁଲବାଣୀ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ବରଗଡ, ବଲାଙ୍ଗୀରକୁ ମିଶାଇ ମୋଟି ୧୯ଟି ସ୍ଥାନରେ ସେବା ଉପଲବ୍ଧ ହେବ।

ବଲାଙ୍ଗୀର-ଭଇଁଷାପାଲୀ ଟ୍ରେନ୍ ଚଳାଚଳ ଖୁବ୍‌ଶୀଘ୍ର

ଭୁବନେଶ୍ୱର,୩-୧

ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନର ବଲାଙ୍ଗୀର ପଟୁ ଭଇଁଷାପାଲୀ ଯାଏ ୧୫ କିମି ମଧ୍ୟରେ ଚଳିତ ମାସ ୧୬ରେ ରେଳ ଚଳାଚଳ ଶୁଭାରମ୍ଭ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଲାଙ୍ଗୀର ଗସ୍ତ ବେଳେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ଗୁରୁବାର କୁହାଯାଇଛି। ସେହିଭଳି ପୂର୍ବତଟ ରେଳପଥ ଯାତ୍ରୀ ନିରାପତ୍ତାକୁ ଗୁରୁତ୍ୱ ପ୍ରଦାନ ପୂର୍ବକ ଏହାର ପରିସରରେ ଆସୁଥିବା ସମସ୍ତ ମାନବ ବହୀନ ରେଳ କ୍ରସିଂଗୁଡ଼ିକୁ ହଟାଇଛି। ଏହି ଲେଭଲକ୍ରସିଂଗୁଡ଼ିକୁ ପ୍ରହରୀଯୁକ୍ତ କରାଯାଇଛି। ଏହା ଫଳରେ ଏଥି ଜନିତ ଦୁର୍ଘଟଣା ପ୍ରାୟ ୭୦% ହ୍ରାସ ପାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ଲେଭଲକ୍ରସିଂଗୁଡ଼ିକୁ ସିଗ୍‌ନାଲ ସହ ଇଣ୍ଟରଲକିଂ ହୋଇଛି। ଗେଟ୍ ପଡି ନ ଥିଲେ ଉକ୍ତ କ୍ଷେତ୍ରରେ ଲୋକଙ୍କୁ ସିଗ୍‌ନାଲ ସୂଚନା ମିଳିବ। ଗତ ପାଞ୍ଚ ବର୍ଷରେ ପୂର୍ବତଟ ରେଳପଥ ପକ୍ଷରୁ ୫୦୦ରୁ ଊର୍ଦ୍ଧ୍ୱ ମାନବବିହୀନ ଲେଭଲକ୍ରସିଂକୁ ହଟାଯାଇଛି। କେତେକରେ ଜଗୁଆଳୀଙ୍କୁ ନଯୁକ୍ତ କରାଯାଇଛି। ଅନ୍ୟ କଛକୁ ଲିମିଟେଡ୍ ହାଇଟ୍ ସବ୍‌ୱେ ଦ୍ୱାରା ସଂଯୋଗ କରାଯାଇଛି। ବର୍ତ୍ତମାନ ପୂର୍ବତଟ ରେଳପଥ ଅଧୀନରେ ୭୦୦ରୁ ଊର୍ଦ୍ଧ୍ୱ ଜଗୁଆଳୀ ଥିବା ଲେଭଲ କ୍ରସିଂ ରହିଛି।

ଜିଏସ୍‌ଟି ଇନ୍‌ପୁଟ କ୍ରେଡିଟ ଦାବି ଅବଧି ବଢ଼ିଲା

ନୂଆଦିଲ୍ଲୀ,୩-୧

ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି)ର ପ୍ରଥମବର୍ଷ ୨୦୧୭-୧୮ ପାଇଁ ଇନପୁଟ ଟ୍ୟାକ୍ସ କ୍ରେଡିଟ(ଆଇଟିସି)ର ଦାବି ସମୟସୀମାକୁ ଚଳିତ ବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ତେବେ ଯୋଗାଣକାରୀଙ୍କ ଦ୍ୱାରା ଦାଖଲ ରିଟର୍ନ ସହ ସେମାନଙ୍କର ଦାବି ମେଳ ଖାଇବା ଆବଶ୍ୟକ ବୋଲି କେନ୍ଦ୍ର ସରକାର ସର୍ତ୍ତ ରଖିଛନ୍ତି। ଜୁଲାଇ ୨୦୧୭ରୁ ମାର୍ଚ୍ଚ ୨୦୧୮ ପର୍ଯ୍ୟନ୍ତ ପ୍ରଥମ ବର୍ଷ ଲାଗି ଇନପୁଟ କ୍ରେଡିଟ୍ ଦାବି କରିବାର ସମୟସୀମା ଗତ ବର୍ଷ ଅକ୍ଟୋବର ୨୫ରେ ଶେଷ ହୋଇଯାଇଛି। କେନ୍ଦ୍ରୀୟ ଅପ୍ରତ୍ୟକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ଏକ ଗେଜେଟ ନୋଟିଫିକେଶନ ଜାରି କରି ସମୟସୀମା ବୃଦ୍ଧି କରିଛି। ଏଥିସହିତ ଉକ୍ତ ସମୟରେ ଦାଖଲ ବୃତାନ୍ତ ବିକ୍ରି ରିଟର୍ନ ଅଥବା ଜିଏସ୍‌ଟିଆର୍-୧ରେ କୌଣସି ତ୍ରୁଟି ରହିଯାଇଥିଲେ ବା ଭୁଲ୍ ଭାବେ ଉପସ୍ଥାପନ କରାଯାଇଥିଲେ ଏହାକୁ ଠିକ୍ କରିବାକୁ ସିବିଆଇସି ଅନୁମତି ଦେଇଛି।

ଉତ୍ପାଦନ କ୍ଷେତ୍ରରେ ସେଲ୍‌ର ୬୦ ବର୍ଷ ପୂର୍ତ୍ତି

ଭୁବନେଶ୍ୱର,୩-୧

ରାଷ୍ଟ୍ରାୟତ୍ତ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ(ସେଲ୍)ଏହାର ଉତ୍ପାଦନର ୬୦ ବର୍ଷ ପୂର୍ତ୍ତି ପାଳନ କରିଛି। ନୂଆଦିଲ୍ଲୀର ହାବିଟାଟ ସେଣ୍ଟରଠାରେ ଇସ୍ପାତ ମନ୍ତ୍ରୀ ଚୌଧରି ବୀରେନ୍ଦର ସିଂ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଧୁନିକ ଭାରତ ଗଠନ ଦିଗରେ ସେଲ୍‌ର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ଚୌଧରୀ ପ୍ରଶଂସା କରିଥିଲେ। ରେଳ, ପ୍ରତିରକ୍ଷା, ଜଳ ବିଦ୍ୟୁତ, ସ୍ପେଶ, ଭିତ୍ତିଭୂମି ପ୍ରକଳ୍ପକୁ ଏହା ଯୋଗଦାନ ରଖିଥିବା ଚୌଧରୀ କହିଛନ୍ତି। ସେହିଭଳି ମେକ୍‌ଇନ୍ ଇଣ୍ଡିଆ ଏବଂ ସ୍କିଲ ଇଣ୍ଡିଆରେ ସେଲ ନିଜର ଭାଗୀଦାରି ରଖିଥିବା ସେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଇସ୍ପାତ ରାଷ୍ଟ୍ର ମନ୍ତ୍ରୀ ବିଷ୍ଣୁ ଦେଓ ସାଇ, ଇସ୍ପାତ ସଚିବ ବିନୟ କୁମାର,ସେଲ ଅଧକ୍ଷ ଅନୀଲ କୁମାର ଚୌଧରୀ ଏବଂ କମ୍ପାନୀର ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ତଥା ଅଂଶୀଦାର ମାନେ ଉପସ୍ଥିତ ଥିଲେ।

CORRIGENDUM

Notice No.96/03.01.2019

The Tender Call Notice published vide Tender Call Notice No.3749 and 3750 dtd.15.12.2018 for supply of working tools, Safety Equipments Kit & Bi-cycle is extended as detailed below.

Sale of tender paper	dt.17.12.2018 to 17.01.2019 upto 1 PM
Submission of tender paper	dt.17.12.2018 to 18.01.2019 upto 1 PM
Opening of tender paper	dt.19.01.2019 at 10 AM

The other terms and conditions of the Tender Call Notice remain unchanged and the details of tender are available in the District Website of **www.malkangiri.nic.in** & Office Notice Board.

Sd./- District Labour Officer, Malkangiri

GOVT OF ODISHA
OFFICE OF THE EXECUTIVE ENGINEER, MINOR IRRIGATION DIVISION, GAJAPATI
AT/PO: PARALAKHEMUNDI, DIST: GAJAPATI
PHONE NO: 06815-222365, e-mail- eemi_gajapati@yahoo.co.in
e-Procurement Notice No. 3506 Date. 28/12/2018
BID IDENTIFICATION NO. MIDGJP-08/2018-19

No. 1051-A:- The Executive Engineer, Minor Irrigation Division, Paralakhemundi on behalf of Governor of Odisha invites Percentage Rate bid in Single Cover System in ONLINE MODE for the construction of following works as detailed in the Detailed Tender Call Notice (D.T.C.N) from the eligible class of contractors.

1. Name of the work : Improvement to MIPs and Check dams
2. No of works: 7 Nos. (Seven)
3. Estimated cost: Varies approximately from Rs.4.35 Lakhs to Rs. 21.94 Lakhs.
4. Period of completion: Varies from 3 (Three) calendar months to 4 (Four) calendar months
5. Date and time of availability of bid documents in the portal: from 10.00 Hours of 12.01.2019 to 17.00 Hours of 20.01.2019.
6. Last date/ time for receipt of bids in the portal: 17.00 Hours of 20.01.2019.
7. Date of opening of Bid: 11.00 Hours on 27.01.2019.
8. Original documents to be submitted in sealed box ID No. MIDGJP-08 /2018-19 From 21.01.2019 at 10.00 AM to 25.01.2019 upto 5.00 PM.
9. Name and address of the Officer inviting Bid: Executive Engineer, Minor Irrigation Division, Gajapati, At/Po- Paralakhemundi, Dist- Gajapati. PIN-761200

Further details can be seen from the e-procurement portal https://tendersodisha.gov.in.

Sd./- Er.P.K.Rout, Executive Engineer
MI Division, Gajapati, Paralakhemundi
32013/11/0012/1819

OFFICE OF THE
MUNICIPAL COUNICL, BELPAHAR
TENDER CALL NOTICE
TENDER CALL NOTICE No.3 Dt.01.01.2019

Sealed tenders in detail schedule of quantities are invited percentage rate basis through offline mode from the eligible valid contractors registered with the ULBs/State Govt. / Central Govt. MES / Railways and contractors of equivalent grade for different development works.

Nature of the work	**Individual civil construction & water supply works**
No. of works	**21 Nos.**
Estimated cost	**Varies from Rs.58,600.00 to Rs.1,95,000.00**
Period of completion	**1 calendar month**
Date & time of availabilty of the tender paper in the office of the Belpahar Municipality	**From dt.07.01.2019 at 10.00 AM to dt.16.01.2019 upto 5.00 PM**
Date & time for receipt of tender paper in the specified tender box	**Dt.17.01.2019 from 10.00 AM to 1.00 PM**
Tender documents shall be opened on	**4.00 PM on dt.17.01.2019**
Name & address of the officer inviting tender	**Executive Officer, Belpahar Municipality**

Further details can be seen in the Notice Board, Office of the Belpahar Municipality, Belpahar.

Sd./- Executive Officer, Belpahar Municipality

OFFICE OF THE COLLECTOR & DISTRICT MAGISTRATE, NUAPADA, DIST.: NUAPADA
(SSD Section)
Letter No.13 Dt.02.01.2019

ADVERTISEMENT

Odisha Model Tribal Education Society (OMTES) supported by the ST & SC Development Deptt. invites fresh application from interested and eligible candidates for the following posts at EMRS, Nuapada. The posts are purely contractual in nature. The detail TOR of the posts and the application form can be obtained from the O/o the DWO, Nuapada/Dist- website (**www.nuapada.nic.in**) and OMTES **www.omtes.org**.

Sl. No.	Name of the Posts	No. of vacancies & category
1	**P

ସଂକ୍ଷେପରେ

ଜାତୀୟ ମହିଳା ହକି କ୍ୟାମ୍ପରେ ଓଡ଼ିଶାରୁ ୬

ନୂଆଦିଲ୍ଲୀ, ୩।୧(ପି.ଟି.)- ଚଳିତ ମାସ ୨୪ରୁ ଆରମ୍ଭ ହେବାକୁ ଥିବା ସ୍ପେନ୍ ବିପକ୍ଷ ଟୁର୍ ପାଇଁ ଗୁରୁବାର ୩୩ ଜଣିଆ ଭାରତୀୟ ସମ୍ଭାବ୍ୟ ମହିଳା ହକି ଦଳ ଘୋଷଣା କରାଯାଇଛି। ଏହି ଦଳରେ ଯୁଥ୍ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ସଲିମା ଟେଟେ ଓ ଲାଲରେମ୍‌ସିଆମି ରହିଛନ୍ତି। ସେହିଭଳି ଓଡ଼ିଶାରୁ ୬ ଜଣ ଖେଳାଳି ଜାତୀୟ କ୍ୟାମ୍ପ୍ ଲାଗି ଘୋଷିତ ଦଳରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦୀପ୍‌ଗ୍ରେସ ଏକ୍କା, ସୁନୀଲା ଲାକ୍ରା, ରଶ୍ମିତା ମିଞ୍ଜ, ଲିଲିମା ମିଞ୍ଜ, ନମିତା ଟପ୍ପୋ ଓ ଅନୁପା ବାର୍ଲା। ଶୁକ୍ରବାରଠାରୁ ବେଙ୍ଗାଲୁରୁଠାରେ ମୁଖ୍ୟ କୋଚ୍ ଜୋର୍ଡ ମାରିଜନେଙ୍କ ତତ୍ତ୍ୱାବଧାନରେ କ୍ୟାମ୍ପ୍ ଆରମ୍ଭ ହେବ। '୨୦ ଦିନିଆ ଏହି ଛୋଟିଆ କୋଚିଂ କ୍ୟାମ୍ପ୍‌ରେ ଆମେ ଫିଟ୍‌ନେସ ଲେଭଲ ଉପରେ ବିଶେଷ ଧ୍ୟାନ ଦେବୁ' ବୋଲି ମାରିଜନେ କହିଛନ୍ତି। **୩୩ ଜଣିଆ କୋର୍ ଗ୍ରୁପ୍-** ସବିତା, ରଜନୀ ଏଟିମାର୍ପୁ, ସୋନାଲ ମିଞ୍ଜ (ସମସ୍ତେ ଗୋଲ୍‌କିପର), ଦୀପ୍ ଗ୍ରେସ୍ ଏକ୍କା, ସୁନୀତା ଲାକ୍ରା, ସୁଶୀଲା ଚାନୁ, ଫୁଖ୍ରାମ୍ବାମ, ଗୁରୁଜିତ୍ କୌର, ରଶ୍ମିତା ମିଞ୍ଜ, ସୁମନ ଦେବୀ ଥୋଦମ, ମହିମା ଚୌଧୁରୀ, ନିଶା, ସଲିମା ଟେଟେ (ସମସ୍ତେ ଡିଫେଣ୍ଡର୍ସ), ନିକ୍କି ପ୍ରଧାନ, ମୋନିକା, ଲିଲିମା ମିଞ୍ଜ, ନମିତା ଟପ୍ପୋ, ନେହା ଗୋୟଲ, ଉଦିତା, ଜ୍ୟୋତି, ଅଞ୍ଜୁ ସିଂ, ଶ୍ୟାମ ଥିଡଗାମ, ସୋନିକା, କରିସ୍ମା ଯାଦବ (ସମସ୍ତେ ମିଡ୍‌ଫିଲ୍ଡର), ରାଣୀ, ଲାଲରେମ୍‌ସିଆମି, ନବନୀତ୍ କୌର, ନବଜୋତ୍ କୌର, ରାଜବିନ୍ଦର କୌର, ବନ୍ଦନା କାଟାରିଆ, ଅନୁପା ବାର୍ଲା, ପ୍ରିୟଙ୍କା ଖ୍ୱାଙ୍ଗଡେ, ରୀନା ଖୋଖାର ଓ ଲାଲାବତୀ ମାଲମାଦା ଜୟା (ସମସ୍ତେ ଫରୱାର୍ଡ)।

ଗୁଜରାଟ ଫର୍ଚୁନଜିଆଣ୍ଟସ ଫାଇନାଲରେ

ବମ୍ବେ, ୩।୧ (ପି.ଟି.)-ଚଳିତ ପ୍ରୋ-କବାଡ଼ି ଲିଗ୍‌ର କ୍ୱାଲିଫାୟର-୨ରେ ଗୁଜରାଟ ଫର୍ଚୁନଜିଆଣ୍ଟସ ୩୮-୩୧ରେ ୟୁପି ଯୋଦ୍ଧାକୁ ପରାସ୍ତ କରିଛି। ଏହି ବିଜୟ ସହ ଦଳ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ମ୍ୟାଚରେ ବିଜୟୀ ଦଳର ସଚିନ ତନୱାର (୧୦ପଏଣ୍ଟ) ସବୁଠାରୁ ସଫଳ ରେଡର ଥିଲେ। ଦଳର ବିଜୟରେ କେ. ପ୍ରପାଞ୍ଜନ (୫ପଏଣ୍ଟ) ଏବଂ ରୋହିତ ଗୁଲିଆ(୫ପଏଣ୍ଟ)ଙ୍କ ଅବଦାନ ମଧ୍ୟ ରହିଥିଲା। ସେହିପରି ସୁନୀଲ କୁମାର, ଇରାନିଆ ହାଦି ଓସ୍ତୋରାକ ଏବଂ ସଚିନ ଭିଟାଲା ମଧ୍ୟ ୩ ପଏଣ୍ଟ ଲେଖାଏଁ ସ୍କୋର କରିଥିଲେ। ଜାନୁୟାରୀ ୫ରେ ଓର୍ଲିସ୍ଥିତ ଏନ୍‌ଏସ୍‌ସିଆଇଠାରେ ଖେଳାଯିବାକୁଥିବା ଫାଇନାଲରେ ଗୁଜରାଟ ଫର୍ଚୁନଜିଆଣ୍ଟସ ବେଙ୍ଗାଲୁରୁ ବୁଲ୍ସକୁ ଭେଟିବ।

ସେମିରେ ବୋପାନ୍ନା-ଶରନ

ମୁମ୍ବାଇ,୩।୧(ପି.ଟି.)- ଭାରତୀୟ ପୁରୁଷ ଡବଲ୍ସ ଟେନିସ୍ ଖେଳାଳି ରୋହନ ବୋପାନ୍ନା ଓ ଡିଭିଜ ଶରନ ଏଠାରେ ଚାଲିଥିବା ଟାଟା ମହାରାଷ୍ଟ୍ର ଓପନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୋପାନ୍ନା ଓ ଶରନ ୬-୭(୭/୪), ୬-୪, ୧୭-୧୫ ସେଟ୍‌ରେ ଭେଟେରାନ ଲିଆଣ୍ଡର ପେସ ଓ ମିଗୁଏଲ ଆଙ୍ଗେଲ ଭେରେଲଙ୍କ ଯୋଡ଼ିକୁ ହରାଇ ଦେଇଛନ୍ତି। ମ୍ୟାଚ୍ ଆରମ୍ଭରୁ ଉଭୟ ଯୋଡ଼ି ମଧ୍ୟରେ କଡ଼ା ସଂଘର୍ଷ ହୋଇଥିଲା। ଏପରି କି ପ୍ରଥମ ସେଟ୍‌ରେ ହିଁ ଟାଇବ୍ରେକର ରାଉଣ୍ଡର ଆବଶ୍ୟକତା ପଡ଼ିଥିଲା। ଏହାକୁ ୭-୪ ବ୍ୟବଧାନରେ ବୋପାନ୍ନା ଓ ଶରନ ଜିତି ନେଇଥିଲେ। ମାତ୍ର ଦ୍ୱିତୀୟ ସେଟ୍‌ରେ ପରାସ୍ତ ହେବାରୁ ମ୍ୟାଚ୍ ବରାବର ସ୍ଥିତିରେ ରହିଥିଲା। ଏହା ପରେ ସୁପର ଟାଇବ୍ରେକର ପର୍ଯ୍ୟାୟକୁ ୧୭-୧୫ ବ୍ୟବଧାନରେ ଯୋଡ଼ି ଟପ୍ ସିଡ୍ ଯୋଡ଼ି ବାଜି ମାରିନେଇଥିଲା।

ନିମାପଡ଼ା କପ୍ କ୍ରିକେଟ କାର୍ଯ୍ୟସୂଚୀ

ନିମାପଡ଼ା, ୩।୧(ଡି.ଏନ.ଏ.)- ନିମାପଡ଼ା କପ୍ କ୍ରିକେଟ ଟୁର୍ନାମେଣ୍ଟ ବାରବାଟୀ ଗ୍ରାଉଣ୍ଡରେ ଆସନ୍ତା ୬ ତାରିଖରୁ ଆରମ୍ଭ ହେବ। ଏହାର ଚାମ୍ପିୟନ ଦଳକୁ ଟ୍ରଫି ସହ ୩୦,୦୦୦ ଓ ରନର୍ସପଅ୍ ଦଳକୁ ୨୦,୦୦୦ଟଙ୍କା ପ୍ରଦାନ କରାଯିବ। କାର୍ଯ୍ୟସୂଚୀ: ୬।୧: କ୍ରାଉନ୍ ସ୍ପୋର୍ଟିଂ ବନାମ ମହାବୀର କ୍ରିକେଟ କ୍ଲବ, ୭।୧: ସୋଲାର କ୍ଲବ ବନାମ ଟ୍ରାଇଡେଣ୍ଟ ଏକାଡେମୀ, ୮।୧: ୬ ଓ ୭ ତାରିଖର ବିଜେତା, ୯।୧: ନିମାପଡ଼ା କ୍ରିକେଟ କ୍ଲବ ବନାମ ରାମେଶ୍ୱର ସ୍ପୋର୍ଟିଂ, ୧୦।୧: ଇଲେଭେନ ଷ୍ଟାର ବନାମ ପ୍ରଗତି ସ୍ପୋର୍ଟିଂ, ୧୧।୧: ୯ ଓ ୧୦ ତାରିଖର ବିଜେତା। ୧୩।୧: ଫାଇନାଲ।

ଭାରତ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଆମ ପ୍ରଥମ ଇନିଂସ ବ୍ୟାଟିଂର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ।

– ମାର୍ନସ ଲବସ୍କେନ, ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ



କିଛିଟା ତ୍ରୁଟି ଯୋଗୁ ମୁଁ ଅଷ୍ଟ୍ରେଲିଆ ବିପକ୍ଷ ସିଡ୍‌ନୀ ଟେଷ୍ଟରେ ପ୍ରଥମ ଶତକ ହାସଲ କରିବାରେ ବିଫଳ ହେଲି ।

– ମୟଙ୍କ ଅଗ୍ରୱାଲ, ଭାରତୀୟ ଓପନର

ଜାତୀୟ ଟିଟି ପାଇଁ ଓଡ଼ିଶା ଦଳ ଘୋଷିତ

ଜାତୀୟ ସିନିୟର ଟେବୁଲ ଟେନିସ୍ ପାଇଁ ମନୋନୀତ ଓଡ଼ିଶା ଦଳ।

କଟକ ଅଫିସ,୩।୧

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହେବ ୮ତମ ସିନିୟର ଆନ୍ତଃ ରାଜ୍ୟ ଏବଂ ଜାତୀୟ ଟେବୁଲ ଟେନିସ୍ ଚାମ୍ପିୟନଶିପ। ଦୀର୍ଘ ୧୮ ବର୍ଷ ବ୍ୟବଧାନରେ ଏହି ମର୍ଯ୍ୟାଦାଜନକ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ରାଜ୍ୟ ଟିଟି ସଂଘ ସୁଯୋଗ ପାଇଛି। ପ୍ରସ୍ତୁତି ବୃତ୍ତାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କହିଛନ୍ତି ରାଜ୍ୟ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା। ପୂର୍ବାହ୍ନରେ ଉଦ୍‌ଘାଟନୀ ଉତ୍ସବ ରହିଥିବା ବେଳେ ଅଧିକାଂଶ ଦଳର ଖେଳାଳି ଓ ଅଫିସିଆଲ ଗୁରୁବାର ସନ୍ଧ୍ୟା ସୁଦ୍ଧା ପହଞ୍ଚିଥିବା ଜଣାପଡ଼ିଛି। କୋଲକାତା ଓ ଚେନ୍ନାଇ ଦଳର ଖେଳାଳି ଶୁକ୍ରବାର ସକାଳେ ପହଞ୍ଚିବେ। କେତେଜଣ ନାମୀଦାମୀ ଖେଳାଳି ଏଯାଏ ଆସି ନ ଥିଲେ ହେଁ ଉଦ୍‌ଘାଟନୀ ଉତ୍ସବ ପୂର୍ବରୁ ଯୋଗ ଦେବେ ବୋଲି ରାଜ୍ୟ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଥାଉ କି, ସମସ୍ତ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଓ ବିଭିନ୍ନ ଅନୁଷ୍ଠାନରୁ ପାଖାପାଖି ୫୫୦ ମହିଳା ଓ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଟେବୁଲ୍ ଟେନିସ୍ ଫେଡେରେଶନ ଅଫ୍ ଇଣ୍ଡିଆ(ଟିଟିଏଫ୍‌ଆଇ) ସହଯୋଗରେ ହେଉଥିବା ଏହି ପ୍ରତିଯୋଗିତା ସୁପରିଚାଳନା ପାଇଁ ୧୦୦ ଅଫିସିଆଲଙ୍କୁ ନିଯୁକ୍ତ କରାଯାଇଛି। ଶୁକ୍ରବାରଠାରୁ ୬ ତାରିଖ ପର୍ଯ୍ୟନ୍ତ ଦଳଗତ ଇଭେଣ୍ଟ ଏବଂ ୬ରୁ ୯ ପର୍ଯ୍ୟନ୍ତ ସିଙ୍ଗଲ୍ସ ଇଭେଣ୍ଟ ଖେଳାଯିବ। ଅନ୍ୟପକ୍ଷରେ ଉକ୍ତ ପ୍ରତିଯୋଗିତା ନିମନ୍ତେ ରାଜ୍ୟ ସଂଘ ପକ୍ଷରୁ ଗୁରୁବାର ଉଭୟ ପୁରୁଷ ଓ ମହିଳା ଦଳ ଘୋଷଣା କରାଯାଇଛି। କୋଚ୍ ରାଜ ଏସ୍. ସୁବ୍ରମଣ୍ୟମଙ୍କ ତତ୍ତ୍ୱାବଧାନରେ ଗତ ଦୁଇ ସପ୍ତାହ ଧରି ବାରବାଟୀ ଷ୍ଟାଡିୟମସ୍ଥିତ ସଚିନ ତେନ୍ଦୁଲକର ଇନ୍‌ଡୋର ହଲ୍‌ରେ ରାଜ୍ୟ ଦଳର ଚୟନ ଓ ପ୍ରସ୍ତୁତି ଶିବିର ଚାଲିଥିଲା। ଗତ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରଦର୍ଶନ ଭଲ ରହି ନ ଥିଲା। ମହିଳା ଦଳ ଲିଗ୍ ପର୍ଯ୍ୟାୟରୁ ବିଦା ହୋଇଥିବା ବେଳେ ପୁରୁଷ ଦଳ ପ୍ରି-କ୍ୱାର୍ଟର ପର୍ଯ୍ୟନ୍ତ ଖେଳିବାର ସୁଯୋଗ ପାଇଥିଲା। ତେବେ ଘରୋଇ ପରିବେଶରେ ହେଉଥିବା ଚଳିତ ସଂସ୍କରଣରେ ଓଡ଼ିଶା ଭଲ ପ୍ରଦର୍ଶନ କରିବାର ଆଶା ରଖିଛି ରାଜ୍ୟ ସଂଘ। ଏହି ଟୁର୍ନାମେଣ୍ଟରେ ପୁରୁଷ ଦଳ ଉଭୟ ସିଙ୍ଗଲ୍ସ ଓ ଦଳଗତ ପର୍ଯ୍ୟାୟରେ ମୁକାବିଲା କରିବାକୁ ଥିବା ବେଳେ ମହିଳା ଦଳ କେବଳ ଦଳଗତ ବିଭାଗରେ ଖେଳିବ।

ଓଡ଼ିଶା ଟିଟି ଦଳ

ପୁରୁଷ: ଅସିଫ ହକ୍, ବିକାଶ ସିଂ, ସ୍ନେହମୋଭ ମଲ୍ଲିକ, ଏମ୍. ଈଶ୍ୱର ରାଓ, କ୍ରିଷ୍ଣା ପୃଷ୍ଟି, ଡି. ଦେବଦତ୍ତ ମହାନ୍ତି, ଦିଶାନ୍ତ ପରିଡ଼ା, ମହମ୍ମଦ ଯୁନୁସ୍, କେ. କାର୍ତ୍ତିକ, ମହମ୍ମଦ ଆଖାର। ମହିଳା: ମୟୂରୀ ଚାଟାର୍ଜୀ, ପୌଷଳି ଘାତକ, ସାମର୍ଥ ପୃଷ୍ଟି, ଅଙ୍କିତା ସେନାପତି। କୋଚ୍- ରାଜ ଏସ୍. ସୁବ୍ରମଣ୍ୟମ, ମ୍ୟାନେଜର-କ୍ରିଷ୍ଣା କାନ୍ତ।

ଏଆଇଟିଏ ଚୟନ କମିଟିକୁ ଫେରିଲେ ଜିଶାନ

ପୁଣେ,୩।୧(ପି.ଟି.)

ଜାତୀୟ ଟେନିସ୍ ଫେଡେରେଶନ ନିଜ ନିଷ୍ପତ୍ତିରୁ ଓହରି ଯାଇଛି। ଡେଭିସ କପ୍‌ର ସିନିୟର ଚୟନ କମିଟିରେ ପୂର୍ବତନ କୋଚ୍ ଜିଶାନ ଅଲିଙ୍କୁ ସାମିଲ କରିଛି। ପୂର୍ବ ଚୟନ କମିଟିର କୌଣସି ସଦସ୍ୟ ବିଦେଶ ଗସ୍ତରେ ଥିବା ଖେଳାଳିଙ୍କ ସହ ସିଧାସଳଖ ସମ୍ପର୍କରେ ନ ଥିବାରୁ ସର୍ବଭାରତୀୟ ଟେନିସ୍ ଆସୋସିଏଶନ(ଏଆଇଟିଏ)କୁ ଏଭଳି ନିଷ୍ପତ୍ତି ନେବାକୁ ପଡ଼ିଛି। ଏଥିଯୋଗୁ ଭିଶାଲ ଉପାଲଙ୍କୁ ବିଦା କରାଯାଇଛି। ନିକଟରେ ଗୁରୁଗ୍ରାମଠାରେ ଅନୁଷ୍ଠିତ ଏଆଇଟିଏର କାର୍ଯ୍ୟକାରୀ ବୈଠକରେ ଜିଶାନଙ୍କ ସମେତ ଏସ୍.ପି. ମିଶ୍ରାଙ୍କୁ ଚୟନ କମିଟିରୁ ବିଦା କରାଯାଇଥିଲା। ଏମାନଙ୍କ ବଦଳରେ ଭିଶାଲ ଓ ଅଙ୍କିତା ଭାମ୍ରିଙ୍କୁ ଦାୟିତ୍ୱ ଦିଆଯାଇଥିଲା। କମିଟିରେ ପୂର୍ବରୁ ଥିବା ରୋହିତ ରାଜପାଲଙ୍କୁ ନୂଆ ମୁଖିଆ ଘୋଷଣା କରାଯାଇଛି। ନନ୍ଦନ ବଲ ଓ ବଲରାମ ସିଂ ସ୍ଥାନ ବଜାୟ ରଖିଛନ୍ତି। ଜିଶାନ ସର୍ବଦା ଖେଳାଳିଙ୍କ ଯୋଗାଯୋଗରେ ରୁହନ୍ତି। ତେଣୁ ତାଙ୍କ ଉପସ୍ଥିତି ନିହାତି ଦରକାର ବୋଲି ରାଜପାଲ କହିଛନ୍ତି।

ଇଣ୍ଡିଆ ବ୍ଲୁ'କୁ ଜିତାଇଲେ ରୀମାଲକ୍ଷ୍ମୀ

କଟକ ଅଫିସ,୩।୧

ଓଡ଼ିଶା ମହିଳା କ୍ରିକେଟ୍‌ର ପ୍ରତିଭାବାନ୍ ଖେଳାଳି ରୀମାଲକ୍ଷ୍ମୀ ଏକ୍କାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଇଣ୍ଡିଆ ବ୍ଲୁ ଦଳ ୧ ଉଇକେଟରେ ଇଣ୍ଡିଆ ରେଡ୍‌କୁ ପରାସ୍ତ କରିଛି। ଆନ୍ଧ୍ରପ୍ରଦେଶର ବିଜୟୱାଡାସ୍ଥିତ ମୁଲାପଦୁ କ୍ରିକେଟ ଷ୍ଟାଡିୟମ୍‌ରେ ଗୁରୁବାର ସିନିୟର ମହିଳା ଚ୍ୟାଲେଞ୍ଜର ଟ୍ରଫି ଏକଦିବସୀୟ ଲିଗ୍ ଆରମ୍ଭ ହୋଇଛି। ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ ରୋମାଞ୍ଚକର ପରିସ୍ଥିତିରେ ଶେଷ ହୋଇଥିବା ବେଳେ ବ୍ଲୁ ଦଳର ବିଜୟ ପଛରେ ରୀମାଲକ୍ଷ୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଓଡ଼ିଶାର ଏହି ପେସ୍ ବୋଲର ୨ଟି ଉଇକେଟ ଦଖଲ କରିବା ସହ ୨୯ ରନ୍‌ର ମ୍ୟାଚ୍ ବିଜୟୀ ଇନିଂସ୍ ମଧ୍ୟ ଖେଳିଥିଲେ। ଶିଖା ପାଣ୍ଡେଙ୍କ ନେତୃତ୍ୱାଧୀନ ଇଣ୍ଡିଆ ରେଡ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ବେଦ କ୍ରିଷ୍ଣମୂର୍ତ୍ତିଙ୍କ ୨୭, ହରଲିନ ଦେଓଲଙ୍କ ୨୦, ରାଧା ଯାଦବଙ୍କ ୨୧ ଏବଂ ଏନ୍. ଅନୁଷାଙ୍କ ୧୮ରନ୍ ସହାୟତାରେ ଦଳ ୧୨୯ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ବ୍ଲୁ ପକ୍ଷରୁ ୭ ଓଭର ବୋଲିଂ କରିଥିବା ରୀମାଲକ୍ଷ୍ମୀ ୨୬ ରନ୍ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଏହା ମଧ୍ୟରେ ଓପ୍‌ନର ଅନୁଷା ଓ ୩ନଂ ବ୍ୟାଟିଂ କ୍ରମର ଖେଳାଳି ହରଲିନଙ୍କ ଉଇକେଟ ଅନ୍ତର୍ଭୁକ୍ତ ଥିଲା। ଏହାଛଡ଼ା ତନୁଜା କନ୍‌ୱର ମଧ୍ୟ ୨ଟି ଉଇକେଟ ଅକ୍ତିଆର କରିଥିଲେ। ବିଜୟ ଲକ୍ଷ୍ୟ ୧୩୦ ରନ୍ ଥିଲେ ମଧ୍ୟ ୨୪ ରନ୍‌ରେ ପୁନମ ରାଉତଙ୍କ ନେତୃତ୍ୱାଧୀନ ବ୍ଲୁ ଦଳ ୮ଟି ଉଇକେଟ ହରାଇ ନିଶ୍ଚିତ ପରାଜୟ ଦିଗରେ ଅଗ୍ରସର ହେଉଥିଲା। ମାତ୍ର ଏମ୍. ଦକ୍ଷିଣୀଙ୍କ ଅପରାଜିତ ୪୯ ଓ ୧୦ନଂ ବ୍ୟାଟିଂ କ୍ରମରେ କ୍ରିଜ୍‌କୁ ଆସିଥିବା ରୀମାଲକ୍ଷ୍ମୀଙ୍କ ୨୯ ରନ୍ ବଳରେ ବ୍ଲୁ ଏହି ମ୍ୟାଚ୍‌କୁ ଜିତିଥିଲା। ରୀମାଲକ୍ଷ୍ମୀ ୪୩ଟି ବଲରୁ ୩ଟି ଚୌକା ଓ ଗୋଟିଏ ଛକା ସହାୟତାରେ ଏହି ଇନିଂସ ଖେଳିଥିଲେ। ସୂଚନାଥାଉ କି, ଏହି ଟୁର୍ନାମେଣ୍ଟରେ ଓଡ଼ିଶାର ୨ ଖେଳାଳି ସାମିଲ ହୋଇଛନ୍ତି। ଇଣ୍ଡିଆ ବ୍ଲୁ ପକ୍ଷରୁ ରୀମାଲକ୍ଷ୍ମୀ ଏକ୍କା ଓ ଇଣ୍ଡିଆ ଗ୍ରୀନ୍ ପକ୍ଷରୁ ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରତିନିଧିତ୍ୱ କରୁଛନ୍ତି।

DISTRICT RURAL DEVELOPMENT AGENCY, BALASORE
Odisha Livelihoods Mission, DMMU
Letter No.04/19 File No.V-03 Date: 03.01.2019
QUOTATION CALL NOTICE
Sealed quotations are invited from the registered Printing Press / Printing Agencies for printing of SHG transaction based MIS format under OLM, Balasore. The last date for submission of quotation is 5.00 PM on **18.01.2019**. Quotation / tender documents and other details can be downloaded from **www.baleswar.nic.in**.
Sd./- Project Director DRDA, Balasore

GOVERNMENT OF ODISHA
Office of the Executive Engineer, Berhampur Irrigation Division, Berhampur
Phone/FAX No. 0680-2281983, Email: eebam_irr@yahoo.com
e-Procurement Notice No. e-BEID-3/2018-19 1045-A
1. Name of the Scheme : Flood Restoration works and Canal, Flood, Saline Embankment & road works for the year 2019-20.
2. Total No. of Works : 62 (Sixty Two) Nos. of individual works.
3. Estimated Cost : Varies from Rs.6.24 Lakhs to Rs. 26.76 Lakhs
4. Period of Completion : Two to Three months
5. Other details as follows :

Sl. No.	Procurement Officer	Bid Identification No.	Period of availability of Bids online	Period of submission of Bids online	Date and Place of opening of Bids online
1	2	3	4	5	6
1 to 62	Executive Engineer, Berhampur Irrigation Division, Berhampur	e-BEID-39 /2018-19 to e-BEID-100 /2018-19	From 09.01.2019 (10.00AM) to 18.01.2019 (5.00PM)	From 09.01.2019 (10.00AM) to 18.01.2019 (5.00PM)	19.01.2019 (11.30AM) in the Office of the Executive Engineer, Berhampur Irrigation Division

Bidders are to participate in online bidding only. Further details can be seen from the Govt. of Odisha e-Procurement website www.tendersorissa.gov.in. Any addendum / corrigendum / cancellation of the tender can be seen in the above website only.
32025/11/0005/1819 *Executive Engineer, Berhampur Irrigation Division*

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଜୁରିପଡ଼ା - ୭୬୨୦୧୨
ପଞ୍ଚାୟତିରାଜ ବିଭାଗ, ଓଡ଼ିଶା ସରକାର
PANCHAYAT SAMITI OFFICE, KHAJURIPADA
Tel. (06842) 251527, E-mail: ori-khajuripada@nic.in
PANCHAYATIRAJ AND DRINKING WATER DEPARTMENT
GOVERNMENT OF ODISHA
No.29 Date: 02.01.19
CORRIGENDUM
In partial modification of this office Tender Call Notice No.5429 dated 21.12.2018, the project namely Construction of culvert on road from Danga to Sikadi, GP Billabadi under the scheme BKGY for the year 2012-13, the 1% EMD in Rs. at column No.5 may be read as Rs.13201.00 instead of Rs.1321.00.
Sd./- Block Development Officer, Khajuripada

GOVERNMENT OF ODISHA
OFFICE OF THE SUPERINTENDING ENGINEER SOUTHERN (R&B) CIRCLE, BERHAMPUR
Phone : 0680-2281582, e-mail : sescpwd@yahoo.co.in
INVITATIONS FOR BIDS (IFB) [e-Procurement]
Bid Identification No. S.E, S.C (R&B)-BAM-18/2018-19
No. 4754 Dated : 31.12.2018 No.1092-B
1) The Superintending Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Building work as detailed in the table below.
2) Nature of work : Building work
3) No. of work : 01 No.
4) Tender Cost : Rs.10,000/- (online)
5) Class of Contractor : "B" & "A" Class
6) Availability of Bid document in the website : From 10.1.2019, 10.00 AM to 24.1.2019, 4.00 PM
7) Date of Opening of Bid : 25.01.2019, at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9) Any addendum / corrigendum / cancellation of tender can also be seen in the said website only.
Sd./- Superintending Engineer Southern (R&B) Circle, Berhampur
34103/11/0047/1819

GOVERNMENT OF ODISHA
OFFICE OF THE EXECUTIVE ENGINEER, GANJAM [R&B] DIVISION NO.I, BERHAMPUR
Phone/Fax : (0680) 2233683, e-mail : eernb1_bam@yahoo.com
INVITATIONS FOR BIDS (IFB) [e-Procurement]
Bid Identification No. E.E. (R&B)-BAM- 71/2018-19
No. 14124 **Dated : 28.12.2018**
No.1088-B: The Executive Engineer, Ganjam (R&B) Division No. I, Berhampur on behalf of Governor of Odisha invites percentage rate bid in double cover system in ONLINE MODE for construction of works detailed below from eligible contractors.
1. Nature of work : Building Work
2. No. of works : 1 (One) No.
3. Tender Cost : 10,000/-
4. Class of Contractor : "B" Class and "A" Class
5. Date & Time of sale & receipt of Bids : From 08.01.2019, 10.00 AM to 18.01.2019 up to 4.00 PM
6. Date of opening of bid : 19.01.2019 at 11.30 A.M.
7. The Bidders have to participate in ONLINE bidding only. Further details can be seen from the website **http://tendersodisha.gov.in**.
Sd./- Executive Engineer Ganjam(R&B) Division No.I, Berhampur
34109/11/0027/1819

BERHAMPUR MUNICIPAL CORPORATION, GANJAM No.400-C
INVITATIONS FOR BIDS (IFB)
L. No. 20201 **Date : 28.12.2018**
National Competetive Bidding Through e-Procurement
Bid Identification No. BMC (BAM) 185/2018-19

1.	The Municipal Commissioner, Berhampur, invites percentage rate bids in ONLINE MODE only as per annexure "A"		
2.	Nature of Work	:	Civil, Tank, Building, Entrance gate Works.
3.	No. of Work	:	1 No.
4.	Bid Cost.	:	The Bidders shall remit online the cost of bid document for amount through the process as mentioned in the DTCN as per Annexure "A"
5.	EMD	:	The bidder shall remit online the Earnest Money Deposit / Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A"
6.	Classs of Contractor	:	As per the Annexure "A"
7.	Availability of Bid Documents in the website	:	From 15.05 hrs of Dt. 04.01.2019 to 17.00 hrs of 25.01.2019
8.	Date & Time of Opening of Technical Bids	:	11.30 hrs. onwards on Dt. 28.01.2019
9	Date & time of opening of financial bids	:	Shall be intimated to the responsive Technically qualified bidder after evolution of Technical bids
10	Mode of submission of tender	:	Tender should be submitted on line in www.tendersorissa.gov.in
11	The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.		

Sd./- Commissioner, Berhampur Municipal Corporation, Berhampur, Odisha
13035/11/0182/1819

BERHAMPUR MUNICIPAL CORPORATION, GANJAM No.398-C
INVITATIONS FOR BIDS (IFB)
No. 22/XVIII. E6.12/18 **Date : 02.01.2019**
Invitation for Bids
Bid Identification No. BMC (BAM) 186/2018-19

1.	The Municipal Commissioner, Berhampur, invites percentage rate bids in ONLINE MODE only as per annexure "A"		
2.	Nature of Work	:	Electrical Works.
3.	No. of Work	:	4 Nos
4.	Bid Cost.	:	The Bidders shall remit online the cost of bid document for amount through the process as mentioned in the DTCN as per Annexure "A"
5.	EMD	:	The bidder shall remit online the Earnest Money Deposit / Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A"
6.	Classs of Contractor	:	As per the Annexure "A"
7.	Availability of Bid Documents in the website	:	From 15.00 hrs of Dt. 04.01.2019 to 17.00 hrs of 18.01.2019
8.	Date of Opening of Bid	:	11.30 hrs. onwards on Dt. 19.01.2019
9	Mode of submission of tender	:	Tender should be submitted on line in www.tendersorissa.gov.in
	The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.		

Sd./- Commissioner, Berhampur Municipal Corporation, Berhampur, Odisha
13035/11/0181/

ସଂକ୍ଷେପରେ

ଡବଲ ଫାଇନାଲରେ ଅଂଶୁ କୁମାର

ଭୁବନେଶ୍ୱର, ୩।୧(କ୍ରୀଡ଼ା ପ୍ରତିନିଧି): ମେଣ୍ଢାଶାଳସ୍ଥିତ ଗୁରୁକୁଳ ଟେନିସ୍ କମ୍ପ୍ଲେକ୍ସରେ ଚାଲିଥିବା ଏଆଇଟିଏ-ଓଟିଏ ପୁରୁଷ ୫୦କେ ର୍ୟାଙ୍କିଙ୍ଗ୍ ଟେନିସ୍ ଟୁର୍ନାମେଣ୍ଟର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଅଂଶୁ କୁମାର ଭୂୟାଁ। ଗୁରୁବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ସିଙ୍ଗଲ୍ସ ସେମିଫାଇନାଲରେ ଦ୍ୱିତୀୟ ସିଡ୍ ଅଂଶୁ ପଶ୍ଚିମବଙ୍ଗର ଆଦିତ୍ୟ ବର୍ଦ୍ଧନ ଆର୍. ଚୌଧୁରୀଙ୍କୁ ୨-୬, ୬-୨, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟ ଏକ ସେମିରେ ପଶ୍ଚିମବଙ୍ଗର ଅନୁରାଗ ଅଗ୍ରୱାଲ ଦିଲ୍ଲୀର ରିଦ୍‌ଭିକ୍ କାଶ୍ୟପଙ୍କୁ ସିଧାସଳଖ ୬-୧, ୬-୨ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଅଂଶୁ ଓ ଅନୁରାଗଙ୍କ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଡବଲ୍ସ ସେମିଫାଇନାଲରେ ଅଂଶୁ-ଚିନ୍ମୟ ପ୍ରଧାନ ଅନ୍ୟତମ ଓଡ଼ିଶା ଯୋଡ଼ି ଆଶୁତୋଷ ଦାସ ଓ ସତାର୍ଥ ପଟ୍ଟନାୟକ ଯୋଡ଼ିକୁ ୬-୪, ୬-୭(୭), ୧୦-୮ ସେଟ୍‌ରେ ପରାସ୍ତ କରିଛନ୍ତି। ଫାଇନାଲରେ ଅଂଶୁ-ଚିନ୍ମୟଙ୍କ ମୁକାବିଲା ପଶ୍ଚିମବଙ୍ଗ ଯୋଡ଼ି ଆଦିତ୍ୟ ବର୍ଦ୍ଧନ ଆର୍. ଚୌଧୁରୀ ଓ ଅନୁରାଗ ଅଗ୍ରୱାଲଙ୍କ ସହିତ ହେବ। ଅନ୍ୟ ଏକ ସେମିଫାଇନାଲରେ ଆଦିତ୍ୟ-ଅନୁରାଗ ଯୋଡ଼ି ତେଲେଙ୍ଗାନାର ସାଇ କାର୍ତ୍ତିକ ଆର୍. ଗନ୍ତା ଓ ଗୁଜରାଟର ଧର୍ମିଲ ଶାହଙ୍କୁ ୭-୬(୩), ୬-୨ ସେଟ୍‌ରେ ହରାଇ ଫାଇନାଲରେ ପହଞ୍ଚିଥିଲେ।

ୟୁଏସ୍ ଓପନ ଜିତିବା ପରେ ଏକ କଷ୍ଟସାଧ୍ୟ ମ୍ୟାଚରେ ପଛୁଆ ଥାଇ ମଧ୍ୟ ବିଜୟ ହାସଲ କରିଥିବାରୁ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି ।

– ନାଓମି ଓସାକା, ଜାପାନର ଷ୍ଟାର ଟେନିସ ଖେଳାଳି



ଆଘାତଜନିତ ସମସ୍ୟାରେ ଥିବା ଟେନିସ୍ କିମ୍ବଦନ୍ତୀ ରାଫାଲ ନାଡାଲଙ୍କ ଖେଳକୁ ପୁନଃ ପ୍ରତ୍ୟାବର୍ତ୍ତନ ଆମେ ଚାହୁଁ।

– ନୋଭାକ ଜୋକୋଭିଚ୍, ସର୍ବୀୟ ଟେନିସ ଖେଳାଳି

ପୂଜାରା ୧୩୦*: ଭାରତ ୩୦୩/୪

ସିଡ୍‌ନୀ ଟେଷ୍ଟ

ସିଡ୍‌ନୀ, ୩।୧(ପି.ଟି.)

ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାର ଆରମ୍ଭ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଆଉ ଏକ ଚମତ୍କାର ଇନିଂସ ଖେଳିଛନ୍ତି ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା। ତାଙ୍କ ଆକର୍ଷଣୀୟ ଶତକ ସହାୟତାରେ ଭାରତ ଭଲ ଆରମ୍ଭ କରିଛି। ଓପ୍‌ନର ମୟଙ୍କ ଅଗ୍ରୱାଲ ମଧ୍ୟ ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି। ଫଳରେ ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ଭାରତ ୪ ଉଇକେଟ ହରାଇ ୩୦୩ ରନ୍ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ପୂଜାରା ୧୩୦ ଓ ହନୁମା ବିହାରୀ ୩୯ ରନ୍ କରି ଅପରାଜିତ ରହିଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି। ତେବେ ଇନିଂସ୍ ଆରମ୍ଭରେ ଭାରତକୁ ଝଟ୍‌କା ଲାଗିଥିଲା। ଖରାପ ଫର୍ମ ଦେଇ ଗତି କରୁଥିବା ଓପ୍‌ନର ଲୋକେଶ ରାହୁଲ ପୁଣିଥରେ ବିଫଳ ହୋଇଥିଲେ। ସେ ୬ଟି ବଲ୍ ଖେଳି ୨ ଚୌକା ସହ ଦ୍ରୁତଗତିରେ ବ୍ୟାଟିଂ ଆରମ୍ଭ କରିଥିଲେ ମଧ୍ୟ ୯ ରନ୍ କରିଥିବା ବେଳେ ଜୋଶ ହାଜେଲଉଡ୍‌ଙ୍କ ଅଫ୍ ଷ୍ଟମ୍ପ ବାହାରର ବଲ ଖେଳିବାକୁ ଯାଇଥିଲେ। ସେ ପ୍ରଥମ ସ୍ଲିପ୍‌ରେ ଶନ୍ ମାର୍ଶଙ୍କ ହାତରେ ଧରାପଡିଥିଲେ। ଏହାପରେ ବ୍ୟାଟିଂ କରିବାକୁ ଆସିଥିବା ପୂଜାରା ଧୈର୍ଯ୍ୟର ସହ ବ୍ୟାଟିଂ କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏଥିସହ ପୂଜାରା ଚଳିତ ସିରିଜରେ ତୃତୀୟ ଓ କ୍ୟାରିୟରର ୧୮ତମ ଟେଷ୍ଟ ଶତକ ଅର୍ଜନ କରିଥିଲେ। ପୂଜାରା ୨୫୦ଟି ବଲ୍ ଖେଳିବା ସହ ୧୬ଟି ଚୌକା ମାରି ଘରୋଇ ବୋଲରଙ୍କୁ ନିରାଶ କରିଥିଲେ। ମୟଙ୍କ କ୍ରିଜରେ ଜମି ରହି ୭୭ ରନ୍ କରିଥିବା ବେଳେ ସ୍ପିନର ନାଥନ ଲିୟନଙ୍କ ବଲ୍‌କୁ ଶଟ୍ ମାରିବାକୁ ଯାଇ ଲଙ୍ଗ-ଅନ୍‌ରେ ମିଚେଲ ଷ୍ଟାର୍କଙ୍କ ହାତରେ ଧରାପଡିଥିଲେ। ଅଧିନାୟକ କୋହଲି ଏଥର ଅଧିକ ସମୟ ତିଷ୍ଠିପାରି ନ ଥିଲେ। ସେ ୨୩ ରନ୍ କରିଥିବା ବେଳେ ହାଜେଲଉଡ୍‌ଙ୍କ ଲେଗ୍ ଷ୍ଟମ୍ପ ବାହାରର ଶର୍ଟ ବଲ୍ ଖେଳିବାକୁ ଯାଇ ଉଇକେଟକିପର ଟିମ୍ ପେନଙ୍କୁ ଏକ ସହଜ କ୍ୟାଚ୍ ନେଇଥିଲେ। ଏହାପରେ ଉପ-ଅଧିନାୟକ ଅଜିଙ୍କ୍ୟ ରାହାନେ ମାତ୍ର ୧୮ ରନ୍ କରି ଷ୍ଟାର୍କଙ୍କ ବଲ୍‌କୁ ଖେଳିବାକୁ ଯାଇ ପେନ୍‌ଙ୍କ ହାତରେ ଧରାପଡିଥିଲେ।

ଶତକ ହାସଲ ପରେ ଚେତେଶ୍ୱର ପୂଜାରା।

ଦ୍ୱିତୀୟ ଉଇକେଟ ଯୋଡିରେ ମୟଙ୍କ ଓ ପୂଜାରା ୧୧୬ ରନ୍ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ସେହିପରି କୋହଲି ଓ ପୂଜାରା ତୃତୀୟ ଉଇକେଟ ଯୋଡିରେ ୫୪, ପୂଜାରା ଓ ରାହାନେ ଚତୁର୍ଥ ଉଇକେଟ ଯୋଡିରେ ୪୮ ରନ୍ ସଂଗ୍ରହ କରିଥିଲେ। ତେବେ ପଞ୍ଚମ ଉଇକେଟରେ ବିହାରୀ ପୂଜାରାଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିଥିଲେ। ଦୁଇ ବ୍ୟାଟ୍ସମ୍ୟାନ ଅପରାଜିତ ୭୫ ରନ୍ ସଂଗ୍ରହ କରିବା ସହ ଦଳର ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ। ଅଷ୍ଟ୍ରେଲିଆ ତରଫରୁ ହାଜେଲଉଡ୍ ଦୁଇଟି, ଷ୍ଟାର୍କ ଓ ଲିୟନ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ସକାଳେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଫିଟ୍‌ନେସ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇ ନ ଥିଲେ। ଫଳରେ ସେ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରୁ ବାଦ୍ ପଡିଥିଲେ। ଭାରତୀୟ ଦଳରେ ଦୁଇଟି ପରିବର୍ତ୍ତନ କରାଯାଇଥିଲା। ଇଶାନ୍ତ ଶର୍ମା ଓ ରୋହିତ ଶର୍ମାଙ୍କ ବଦଳରେ ଲୋକେଶ ରାହୁଲ ଓ କୁଲଦୀପ ଯାଦବଙ୍କୁ ସାମିଲ କରାଯାଇଥିଲା। ଅଷ୍ଟ୍ରେଲିଆ ମଧ୍ୟ ଦଳରେ ଦୁଇଟି ପରିବର୍ତ୍ତନ କରିଥିଲା। ଆରୋନ ଫିଞ୍ଚ୍ ଓ ମିଚେଲ ମାର୍ଶଙ୍କ ବଦଳରେ ପିଟର ହ୍ୟାଣ୍ଡ୍ସକମ୍ବ ଓ ମାର୍ନସ ଲାବୁଶେନଙ୍କୁ ଦଳରେ ସାମିଲ କରାଯାଇଥିଲା।

ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ୍: ୩୦୩/୪ (ପୂଜାରା- ୧୩୦*, ବିହାରୀ- ୩୯*, ମୟଙ୍କ- ୭୭, କୋହଲି-୨୩, ରାହାନେ-୧୮, ହାଜେଲଉଡ୍-୨/୫୧, ଷ୍ଟାର୍କ-୧/୭୫, ଲିୟନ- ୧/୮୮)।

କଳା ଆର୍ମବ୍ୟାଣ୍ଡ ପିନ୍ଧିଲେ ଖେଳାଳି

ଭାରତୀୟ କ୍ରିକେଟରମାନେ କଳା ଆର୍ମବ୍ୟାଣ୍ଡ ପିନ୍ଧି ସଚିନ ତେନ୍ଦୁଲକରଙ୍କ କୋଚ୍ ରମାକାନ୍ତ ଆଚରେକରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବୁଧବାର ଆଚରେକରଙ୍କ ଦେହାନ୍ତ ହୋଇଥିଲା। ସଚିନ୍‌ଙ୍କୁ ବାଦ୍ ଦେଲେ ଆଚରେକର ବିନୋଦ କାମ୍ଳୀ, ପ୍ରବୀଣ ଆମ୍ରେ, ସମୀର ଦିଘେ ଓ ବଲବିନ୍ଦର ସିଂ ସାନ୍ଧୁଙ୍କ ଭଳି ବିଶ୍ୱସ୍ତରୀୟ କ୍ରିକେଟରଙ୍କ କ୍ୟାରିୟର ଗଢ଼ିତୋଳିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଆଚରେକର ଜଣେ ମହାନ୍ କୋଚ୍ ହିସାବରେ ସାରା ଭାରତରେ ଖ୍ୟାତି ଲାଭ କରିଥିଲେ। ଅଷ୍ଟ୍ରେଲୀୟ କ୍ରିକେଟରମାନେ ମଧ୍ୟ ନିଉ ସାଉଥ୍‌ୱେଲ୍ସ କ୍ରିକେଟର ବିଲ୍ ୱାଟ୍‌ସନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କଳା ଆର୍ମବ୍ୟାଣ୍ଡ ପିନ୍ଧିଥିଲେ। ୮୭ ବର୍ଷ ବୟସରେ ୱାଟ୍‌ସନ ଡିସେମ୍ବରରେ ମୃତ୍ୟୁବରଣ କରିଥିଲେ। ୱାଟ୍‌ସନ ୪ଟି ଟେଷ୍ଟ ଖେଳିଥିଲେ ହେଁ ଘରୋଇ କ୍ରିକେଟରେ ଅସାଧାରଣ ସଫଳତା ଅର୍ଜନ କରିଥିଲେ।

ଆଚରେକରଙ୍କ ଶେଷକୃତ୍ୟ ସମ୍ପନ୍ନ

ମୁମ୍ବାଇ,୩।୧(ପି.ଟି.)

ଶୋକାକୁଳ ପରିବେଶ ମଧ୍ୟରେ ବିଶିଷ୍ଟ କ୍ରିକେଟ କୋଚ୍ ରମାକାନ୍ତ ଆଚରେକରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଗୁରୁବାର ଶ୍ମଶାନ ଘାଟ ଉଦ୍ଦେଶ୍ୟରେ ତାଙ୍କ ପାର୍ଥିବ ଶରୀରର ଶୋଭାଯାତ୍ରାରେ ପ୍ରଧାନ ଶିଷ୍ୟ ତଥା ବ୍ୟାଟିଂ ଆଇକନ ସଚିନ ତେନ୍ଦୁଲକର ସାମିଲ ହୋଇଥିଲେ। ଏହାଛଡ଼ା ତାଙ୍କଠାରୁ କୋଚିଂ ନେଇଥିବା ବିନୋଦ କାମ୍ଳି, ବଲବିନ୍ଦର ସିଂ ସାନ୍ଧୁ ଏବଂ ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ଭଳି ଅନ୍ୟ ପୂର୍ବତନ କ୍ରିକେଟରମାନେ ମଧ୍ୟ ଯୋଗ ଦେଇଥିଲେ। ତେନ୍ଦୁଲକରଙ୍କ ବାଲ୍ୟ କୋଚ୍ ଆଚରେକରଙ୍କ ବୁଧବାର ସେଣ୍ଟ୍ରାଲ ମୁମ୍ବାଇର ଦାଦରସ୍ଥିତ ଶିବାଜୀ ପାର୍କ ବାସଭବନରେ ଦେହାନ୍ତ ଘଟିଛି। ତାଙ୍କୁ ୮୭ ବର୍ଷ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମରଶରୀରକୁ ଶ୍ମଶାନ ଉଦ୍ଦେଶ୍ୟରେ ନେବା ପୂର୍ବରୁ ପ୍ରଥମେ କିଛି ସମୟ ଶିବାଜୀ ପାର୍କରେ ରଖାଯାଇଥିଲା, ଯେଉଁଠାରେ ଆଶାୟୀ କ୍ରିକେଟରମାନଙ୍କୁ ଟ୍ରେନିଂ ଦେଉଥିଲେ। ପଡ଼ିଆ ଛାଡ଼ିବା ପୂର୍ବରୁ ସେଠାରେ ପ୍ରାକ୍ଟିସ କରୁଥିବା ଯୁବ ଖେଳାଳିମାନେ ଗାର୍ଡ ଅଫ୍ ଅନର ଦେବା ସହ 'ଅମର ରହେ' ବୋଲି ସ୍ଲୋଗାନ ଦେଇଥିଲେ। ପୂର୍ବରୁ ଅତୁଲ ରାନାଡେ, ଅମଲ ମଜୁମ୍‌ଦାର, ରମେଶ ପାୱାର, ପାରସ ମାହାମ୍ବ୍ରେ, ରଣଜୀ କୋଚ୍ ବିନାୟକ ସାମନ୍ତ, ନିଲେଶ କୁଲକର୍ଣ୍ଣି ଓ ବିନୋଦ ରାଘବନ ପ୍ରମୁଖ ମୁମ୍ବାଇ କ୍ରିକେଟରଗଣ ଏହି ଦ୍ରୋଣାଚାର୍ଯ୍ୟ ଏବଂ ପଦ୍ମଭୂଷଣ ବିଜେତାଙ୍କ ବାସଭବନକୁ ଯାଇ ତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ପୂର୍ବତନ ରାଜସ୍ଥାନ କୋଚ୍ ପ୍ରଦୀପ ସୁନ୍ଦରମ, ମୁମ୍ବାଇ କ୍ରିକେଟ ଆସୋସିଏଶନ କର୍ମକର୍ତ୍ତାଗଣ, ଭେଟେରାନ କ୍ରିକେଟ ପ୍ରଶାସକ ପ୍ରଫେସର ରତ୍ନାକର ଶେଟ୍ଟି ମଧ୍ୟ ଆଚରେକରଙ୍କ ପ୍ରତି ସେମାନଙ୍କ ଶେଷ ସମ୍ମାନ ଜଣାଇଥିଲେ। ଏହି ବିଶିଷ୍ଟ କୋଚ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିବା ରାଜନେତାଙ୍କ ମଧ୍ୟରେ ମହାରାଷ୍ଟ୍ର ନବନିର୍ମାଣ ସେନା ମୁଖ୍ୟ ରାଜ ଠାକ୍‌ରେ, ବିଧାୟକ ତଥା ଭାଜପା ନେତା ଆଶିଷ ସିଲାର ଓ ମେୟର ବିଶ୍ୱନାଥ ମହାଦେଶ୍ୱର ଅନ୍ୟତମ ଥିଲେ।

ଆଚରେକରଙ୍କ ପାର୍ଥିବ ଶରୀରର ଶୋଭାଯାତ୍ରାରେ ସାମିଲ ସଚିନ ତେନ୍ଦୁଲକର।

ନିଶାମ, ଗୁପ୍ଟିଲ ନ୍ୟୁଜିଲାଣ୍ଡକୁ ଜିତାଇଲେ

ମାଉଣ୍ଟ ମାଉଙ୍ଗାନୁଇ (ନ୍ୟୁଜିଲାଣ୍ଡ), ୩।୧

ବିସ୍ଫୋରକ ଓପ୍‌ନର ମାର୍ଟିନ ଗୁପ୍ଟିଲଙ୍କ ଶତକ ଏବଂ ଜିମ୍ମି ନିଶାମଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଗୁରୁବାର ଶ୍ରୀଲଙ୍କା ବିପକ୍ଷରେ ଏଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚ୍‌କୁ ଘରୋଇ ନ୍ୟୁଜିଲାଣ୍ଡ ଦଳ ୪୫ ରନ୍‌ରେ ଜିତିନେଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଓପ୍‌ନର କଲିନ୍ ମୁନ୍‌ରୋ (୧୩)ଙ୍କୁ ଆଉଟ୍ କରି ଅଧିନାୟକ ଲସିଥ୍ ମାଲିଙ୍ଗା ଶ୍ରୀଲଙ୍କାକୁ ପ୍ରାରମ୍ଭିକ ସଫଳତା ଦେଇଥିଲେ। ତେବେ ଏହାପରେ ଗୁପ୍ଟିଲଙ୍କ (୧୩୮ ରନ୍, ୧୩୯ ବଲ, ୧୧ ଚୌକା, ୫ ଛକା) ଶତକ ଏବଂ ଅଧିନାୟକ କେନ୍ ୱିଲିୟମସନ (୭୬ ରନ) ଓ ଭେଟେରାନ ରସ୍ ଟେଲର (୫୪ ରନ, ୩୭ ରନ, ୬ ଚୌକା, ୨ ଛକା)ଙ୍କ ଅର୍ଦ୍ଧଶତକ ବଳରେ ଘରୋଇ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ୍ ବିନିମୟରେ ୩୭୧ ରନ୍‌ର ବିଶାଳ ସ୍କୋର କରିଥିଲା। ୧୭ ମାସ ପରେ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିବା ବାମହାତୀ ବ୍ୟାଟ୍ସମ୍ୟାନ ନିଶାମ ୪୯ତମ ଓଭରରେ ଥିସାରା ପେରେରାଙ୍କ ଓଭରରୁ ୩୪ ରନ୍ ସଂଗ୍ରହ କରିବା ସହିତ ମୋଟ୍ ୧୩ ବଲରୁ ୪୭ ରନ୍ କରି ଅପରାଜିତ ରହିଥିଲେ। ଶ୍ରୀଲଙ୍କା ପକ୍ଷରୁ ଅଧିନାୟକ ମାଲିଙ୍ଗାଙ୍କ ସମେତ ପେରେରା ଓ ନୂଆନ ପ୍ରଦୀପ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଶ୍ରୀଲଙ୍କା କୁଶଳ ପେରେରା (୧୦୨ ରନ, ୮୬ ବଲ, ୧୩ ଚୌକା, ୧ ଛକା)ଙ୍କ ଦ୍ରୁତ ଶତକ ସତ୍ତ୍ୱେ ୪୯ ଓଭରରେ ୩୨୬ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓପନର୍ ନିରୋଶାନ ଡିକ୍‌ୱେଲା ୭୬, ଦନୁଷ୍କା ଗୁଣତିଲକ ୪୩ ରନ୍ କରିଥିଲେ। ବ୍ୟାଟିଂ ଭଳି ବୋଲିଂରେ ମଧ୍ୟ ନିଶାମ ୩ଟି ଉଇକେଟ୍ ନେଇଥିଲେ। ଶତକୀୟ ଇନିଂସ ପାଇଁ ଗୁପ୍ଟିଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ପାକିସ୍ତାନ ୧୭୭ରେ ସୀମିତ

କେପ୍‌ଟାଉନ୍, ୩।୧ (ଏ.ଏଫ୍.ପି.)

ନ୍ୟୁଲାଣ୍ଡଠାରେ ଗୁରୁବାର ଆରମ୍ଭ ହୋଇଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଦକ୍ଷିଣ ଆଫ୍ରିକାର ଫାଷ୍ଟ ବୋଲରମାନେ ପାକିସ୍ତାନ ଟପ୍ ଅର୍ଡରରେ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଫଳରେ ଭ୍ରମଣକାରୀ ଦଳର ପ୍ରଥମ ଇନିଂସ ୧୭୭ ରନରେ ସୀମିତ ହୋଇଯାଇଛି। ସର୍ଫରାଜ ଅହମ୍ମଦ-୫୬, ଶାନ୍ ମାସୁଦ-୪୪, ଆସାଦ ସାଫିକ୍ ୨୦ ରନ କରିଥିବା ବେଳେ ମହମ୍ମଦ ଆମିର ୨୨ରନ କରି ଅପରାଜିତ ରହିଥିଲେ। ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ସ୍କୋର କରିପାରି ନ ଥିଲେ। ଦକ୍ଷିଣ ଆଫ୍ରିକା ତରଫରୁ ଡୁଏନ୍ ଅଲିଭର ୪, ଡେଲ ଷ୍ଟେଇନ୍ ୩ ଓ କାଗିସୋ ରାବାଡା ୨ ଉଇକେଟ ଅକ୍ତିଆର କରିଥିଲେ। ପରେ ଘରୋଇ ଦଳ ବ୍ୟାଟିଂ କରିବାକୁ ଯାଇ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୨ଉଇକେଟ ବିନିମୟରେ ୧୨୩ ରନ କରିଛି। ଦଳର ଆହୁରି ୮ଟି ଉଇକେଟ ବାକି ରହିଥିବାବେଳେ ପାକିସ୍ତାନ ସ୍କୋରଠାରୁ ୫୪ ରନ ପଛରେ ରହିଛି।

CLASSIFIED DISPLAY



MORE SPACE • SAME PRICE

CLASSIFIED DISPLAY

(On Tuesday & Friday All Orissa Edition)

	SIZE	COLOR	B/W
For 15 insertions	6 × 8	40,000	35,000
8 insertions in a month	6 × 8	20,000	18,000
4 insertions in a month	6 × 8	11,000	10,000
Single day	6 × 8	2,800	2,500

For Booking Contact:

Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168

5% GST Applicable

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ଶ୍ରୀଲେ)
ମାଷ୍ଟର କ୍ୟାଣ୍ଟିନ୍, ଓଲ୍ଡ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଭାଇଁ କିମ୍ବା ବାହାରର କେହି ଲୋକ, ଶାଶ

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୪/୨୦୧୯ Bhubaneswar, Friday, January 4/2019

ସଂକ୍ଷେପରେ

ନବଜାତ ଶିଶୁପୁତ୍ରର ମୃତଦେହ ଜବତ

ଭୁବନେଶ୍ୱର, ୩।୧(ବ୍ୟୁରୋ): ନୟାପଲ୍ଲୀ ଥାନା ବେହେରାସାହି ନିକଟ କଳିଙ୍ଗ ଷ୍ଟାଡିୟମ ପଛପାର୍ଶ୍ୱରୁ ଗୁରୁବାର ଏକ ଅପରିପକ୍ୱ ନବଜାତ ଶିଶୁପୁତ୍ରର ମୃତଦେହକୁ ପୋଲିସ ଜବତ କରିଛି। ଅନୈତିକ ସମ୍ପର୍କ ଯୋଗୁ କେହି ଗର୍ଭପାତ କରାଇ ଶିଶୁପୁତ୍ରକୁ ଏଠାରେ ଫିଙ୍ଗି ଦେଇଥିବା ପୋଲିସ ସନ୍ଦେହ କରୁଛି। ସକାଳ ପ୍ରାୟ ୭ଟାରେ ଶିଶୁପୁତ୍ର ମୃତଦେହ ରାସ୍ତାକଡରେ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଏନେଇ ମଧ୍ୟ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରାର ଫୁଟେଜ ଆଧାରରେ ତଦନ୍ତ କରୁଛି। ସୂଚନାଯୋଗ୍ୟ, ନୂଆବର୍ଷ ଦିନ କ୍ୟାପିଟାଲ ହସ୍ପିଟାଲ ଛକ ନିକଟରୁ ମଧ୍ୟ ଏକ ଶିଶୁକନ୍ୟାର ମୃତଦେହ ଜବତ ହୋଇଥିଲା।

ଜଳିଗଲା ଲକ୍ଷାଧିକ ଟଙ୍କାର କାଠ, ଟ୍ରାକ୍ଟର

ପୁରୁଣା ଭୁବନେଶ୍ୱର/ପିପିଲି, ୩।୧(ଡି.ଏନ୍.ଏ.): ପିପିଲି ଥାନା ଅଧୀନ ଆରୁହା ଗ୍ରାମର ଶିବ ଉଦଣ୍ଡ ରାୟଙ୍କ ଘରେ କେହି ଦୁର୍ବୃତ୍ତ ବୁଧବାର ବିଳମ୍ବିତ ରାତିରେ ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଛି। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର କାଠ ସାମଗ୍ରୀ ସହ ପାଖରେ ଥିବା ଟ୍ରାକ୍ଟର ପୋଡିଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଉଦଣ୍ଡଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସହାୟତା ପ୍ରଦାନ ପାଇଁ ପ୍ରଶାସନ ନିକଟରେ ଦାବି ହୋଇଛି।

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ଆଜି

ଖୋଲିବ ଓଡ଼ିଆ ପିଜି ବିଭାଗ

ଭୁବନେଶ୍ୱର,୩।୧(ବ୍ୟୁରୋ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଶୁକ୍ରବାର ପାଳନ କରିବ ତା'ର ୨୦ତମ ପ୍ରତିଷ୍ଠା ଦିବସ। ବିଶ୍ୱବିଦ୍ୟାଳୟକୁ ଇତିମଧ୍ୟରେ ୧୯ବର୍ଷ ଅତିକ୍ରମ କରିସାରିଥିବା ବେଳେ ଶିକ୍ଷାର ମାନ ବୃଦ୍ଧି କରିବା ଲାଗି ପଦକ୍ଷେପ ନିଆଯାଇଛି। ୨୦୧୯-୨୦ ଶିକ୍ଷାବର୍ଷରୁ କେତେକ ନୂତନ ପାଠ୍ୟକ୍ରମକୁ ସାମିଲ କରିବାକୁ ଯୋଜନା ହୋଇଛି।

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିଚାଳନା ବୋର୍ଡ ପକ୍ଷରୁ ନିଷ୍ପତ୍ତି ହୋଇଛି ଯେ, ୨୦୧୯-୨୦ ଶିକ୍ଷାବର୍ଷରୁ ଓଡ଼ିଆ ଭାଷା ଓ ସାହିତ୍ୟ ସ୍ନାତକୋତ୍ତର ବିଭାଗ ଖୋଲିବ। ଏଥିରେ ନିୟମାନୁଯାୟୀ, ଅଧ୍ୟାପକମାନେ ନିଯୁକ୍ତ ହେବେ। କେତେ ସିଟ୍ ରହିବ, ସେ ନେଇ ଶିକ୍ଷାବର୍ଷ ଆରମ୍ଭରେ ନିଷ୍ପତ୍ତି ନିଆଯିବ। ଏହାସହ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠା ହୋଇଥିବା ଭଞ୍ଜ ଚେୟାରକୁ ଚଳିତବର୍ଷ କାର୍ଯ୍ୟକ୍ଷମ କରାଯିବ। ଚେୟାର ଅଧୀନରେ ଗବେଷଣା କାର୍ଯ୍ୟକୁ ଗୁରୁତ୍ୱ ଦିଆଯିବା ସହ ତ୍ୱରାନ୍ୱିତ କରାଯିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ କେତେକ ପ୍ରମୁଖ ସମସ୍ୟା ବିଶ୍ୱବିଦ୍ୟାଳୟ ବିକାଶରେ ପ୍ରତିବନ୍ଧକ ସାଜୁଛି। ସ୍ଥାୟୀ କ୍ୟାମ୍ପସ୍‌କୁ ସ୍ଥାନାନ୍ତର ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ କ୍ୟାମ୍ପସ୍ ହୋଇପାରି

୨୦୧୯-୨୦ ଶିକ୍ଷାବର୍ଷରୁ କାର୍ଯ୍ୟକ୍ଷମ ହେବ

ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସମସ୍ୟା ଉପୁଜୁଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଶ୍ୱବିଦ୍ୟାଳୟର ୫ଟି ଏକାଡେମିକ୍ ବ୍ଲକ ନିର୍ମାଣ କାର୍ଯ୍ୟ ସରୁନି। ଯେଉଁଠି ପ୍ରଶାସନିକ କାର୍ଯ୍ୟ ଚାଲିଛି, ସେଇଠି କ୍ଲାସ୍ ହେଉଛି। ଛାତ୍ରାବାସ ଭିତରେ ମଧ୍ୟ କ୍ଲାସ୍ ଚାଲୁଛି। ଦୁଇଟି ଏକାଡେମିକ୍ କୋଠା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ୍ୟ ଇଡ୍‌କୋ ପକ୍ଷରୁ ତାହାକୁ ଏ ପର୍ଯ୍ୟନ୍ତ ହସ୍ତାନ୍ତର କରାଯାଇନି, ଯେଉଁଥିପାଇଁ ବିଶେଷ ସମସ୍ୟା ସୃଷ୍ଟି ହେଉଛି। ସେହିଭଳି ୧୯ବର୍ଷ ବିତିଯାଇଥିଲେ ମଧ୍ୟ ଅନୁଦାନ ଆୟୋଗ(ୟୁଜିସି)ର ୧୨(ବି)ରେ ସାମିଲ ହୋଇପାରିନି ସଂସ୍କୃତି ବିଶ୍ୱବିଦ୍ୟାଳୟ। ଏଥିରେ ସାମିଲ ହେବା ପାଇଁ ୩୦ଜଣ ସ୍ଥାୟୀ ଅଧ୍ୟାପକଙ୍କ ଆବଶ୍ୟକତା ଥିବାବେଳେ ଏ ପର୍ଯ୍ୟନ୍ତ ତାହା ଅଟକି ରହିଛି। ଗତ ୭ମାସ ହେବ ସୁପ୍ରିମକୋର୍ଟଙ୍କ ପକ୍ଷରୁ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଥିବାରୁ ଅଧ୍ୟାପକ ନିଯୁକ୍ତ ହୋଇପାରୁ ନ ଥିବା ବିଶ୍ୱବିଦ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ସୋସିଆଲ ମିଡିଆ ଉପରେ ନଜର ରଖିବ ପୋଲିସ

ଭୁବନେଶ୍ୱର, ୩।୧(ବ୍ୟୁରୋ)

ସୋସିଆଲ ମିଡିଆରେ ଅନେକ ମିଥ୍ୟା ତଥ୍ୟର ପ୍ରଚାର କରାଯିବା ସହ ଗୁଜବ ସୃଷ୍ଟି କରାଯାଉଛି। ଏହା ମୋବାଇଲରୁ ମୋବାଇଲକୁ ଘୂରି ବୁଲିବା ଫଳରେ ସମାଜରେ ଅପ୍ରତିକର ପରିସ୍ଥିତି ଦେଖିବାକୁ ମିଳୁଛି। ନିକଟରେ ପିଲାଚୋରି ଗୁଜବ ଭାଇରାଲ ହେବା ଏହାର ଏକ ଜ୍ୱଳନ୍ତ ଉଦାହରଣ। ଏଭଳି ଭୁଲ ବାର୍ତ୍ତା ଯୋଗୁ ରାଜ୍ୟର ବିଭିନ୍ନ ଜିଲାରେ ଏପରି କି ଦେଶର ଅନେକ ସ୍ଥାନରେ ବହୁ ନିରୀହ ଲୋକ ସାଧାରଣ ଜନତାଙ୍କ ଆକ୍ରୋଶ ଏବଂ ଆକ୍ରମଣର ଶିକାର ହୋଇଛନ୍ତି। କେବଳ ଏହି ଘଟଣା ନୁହେଁ, ସୋସିଆଲ ମିଡିଆ ମାଧ୍ୟମରେ

ଖୁବ୍‌ଶୀଘ୍ର ଖୋଲିବ ମନିଟରିଂ ସେଲ୍: ଡିଜିପି

ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରାଯାଉଛି। ତେଣୁ ଏସବୁ ଉପରେ ରୋକ୍ ଲଗାଇବାକୁ ପୋଲିସ ଯୋଜନା କରିଛି ବୋଲି ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ସୂଚନା ଦେଇଛନ୍ତି।

ଶର୍ମା ଗୁରୁବାର ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଫିସରେ କହିଛନ୍ତି, ଏଣିକି ପ୍ରତିଦିନ ସୋସିଆଲ ମିଡିଆ ଉପରେ ପୋଲିସ ନଜର ରଖିବ। ବିଭିନ୍ନ ସୋସିଆଲ ମିଡିଆକୁ ଯାଞ୍ଚ କରାଯିବ। ଏଥିପାଇଁ ଖୁବ୍‌ଶୀଘ୍ର ସୋସିଆଲ ମିଡିଆ ମନିଟରିଂ ସେଲ୍ ଖୋଲାଯିବ। ଏହି ସେଲରେ ସାଇବର ଅପରାଧ ଓ ଟେକ୍ନିକାଲ ଜ୍ଞାନ ଥିବା ଅଫିସରମାନେ ରହିବେ। ସେମାନେ ସୋସିଆଲ ମିଡିଆରେ ଘୂରି ବୁଲୁଥିବା ପ୍ରତିଟି ତଥ୍ୟକୁ ଅନୁଧ୍ୟାନ କରିବେ। ଯେଉଁମାନେ ଗୁଜବ ସୃଷ୍ଟି କରିବେ ଏବଂ ତାହାକୁ ଭାଇରାଲ କରିବେ, ସେମାନଙ୍କୁ ଚିହ୍ନଟ କରାଯାଇ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କେବଳ ଗୁଜବ ନୁହେଁ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରାଯାଉଛି। ତାହାକୁ ମଧ୍ୟ ଏହି ସେଲ ରୋକିବ। ଏହାସହ ସୋସିଆଲ ମିଡିଆରେ ହେଉଥିବା ବିଭିନ୍ନ ପ୍ରକାର ଅପରାଧକୁ ସେଲ୍ ରୋକିବ ବୋଲି ପୋଲିସ ଡିଜି ସୂଚନା ଦେଇଛନ୍ତି।

ବାର୍‌ହା ଆକ୍ରମଣରେ ୨ ଗୁରୁତର

ବ୍ରହ୍ମଗିରି, ୩।୧(ଡି.ଏନ୍.ଏ.)

ବ୍ରହ୍ମଗିରି ରେଞ୍ଜ୍ ଅଧୀନ ହାସିନିପୁର ଗ୍ରାମ୍ୟ ଜଙ୍ଗଲରେ ଗୁରୁବାର ଏକ ବାର୍‌ହା ଆକ୍ରମଣରେ ୨ ଯୁବକ ଗୁରୁତର ହୋଇଛନ୍ତି। ବ୍ରହ୍ମଗିରି ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ହାସିନିପୁର ଗ୍ରାମର ଜିତେନ୍ଦ୍ର ମହାନ୍ତି ଓ ସରବା ଭୋଳ ଗୁରୁବାର ଅପରାହ୍ନ ସମୟରେ ଜଙ୍ଗଲକୁ ଯାଉଥିବା ସମୟରେ ହଠାତ୍ ଏକ ବାର୍‌ହା ସେମାନଙ୍କୁ ଆକ୍ରମଣ କରିଥିଲା। ଫଳରେ ଦୁଇ ଯୁବକ ଗୁରୁତର ହୋଇଥିଲେ। ଏମାନଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

ଅଲକେମିଷ୍ଟ ଠକେଇ ମାମଲା

ରି-ପିଟିଶନ କଲେ ଜମାକାରୀ

ଭୁବନେଶ୍ୱର, ୩।୧(ବ୍ୟୁରୋ)

ଅଲକେମିଷ୍ଟ ଚିଟ୍‌ଫଣ୍ଡ ସଂସ୍ଥା ଦ୍ୱାରା ଓଡିଶାର ଅନେକ ଲୋକ ଠକେଇର ଶିକାର ହୋଇଛନ୍ତି। ତେଣୁ ଜମାକାରୀମାନେ ନିଜର ଟଙ୍କା ଫେରସ୍ତ ପାଇବା ପାଇଁ ହାଇକୋର୍ଟରେ ଏକ ରି-ପିଟିଶନ କରିଛନ୍ତି। ଏ ନେଇ ଅଲକେମିଷ୍ଟ ଇନ୍‌ଭେଷ୍ଟର୍ସ ଆଣ୍ଡ ବ୍ରୋକର୍ସ ୱେଲ୍‌ଫେୟାର ଆସୋସିଏଶନ ପକ୍ଷରୁ ଗୁରୁବାର ଭୁବନେଶ୍ୱରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଖବରଦାତା ସମ୍ମିଳନୀରେ କୁହାଯାଇଛି ଯେ, ଏହି ସଂସ୍ଥାର ମୁଖ୍ୟ ଅଫିସ କୋଲକାତାରେ ଥିବାବେଳେ ଓଡିଶାରେ ଏହାର ୨୫୦ଟି ଅଫିସ ରହିଥିଲା। କମ୍ ଦିନରେ ଅଧିକ ସୁଧ ଏବଂ ଟଙ୍କା ଦୁଇଗୁଣିତ କରିବାର ଲୋଭ ଦେଖାଇ ସଂସ୍ଥା ଲୋକଙ୍କଠାରୁ କୋଟି କୋଟି ଟଙ୍କା ସଂଗ୍ରହ କରିଥିଲା। ୨୦୧୩ରେ ଜମାକାରୀଙ୍କ ଟଙ୍କାର ମ୍ୟାଚୁରିଟି ହୋଇଥିଲା। ହେଲେ ଏହି ସମୟ ମଧ୍ୟରେ ସଂସ୍ଥା ଟଙ୍କା ନ ଦେଇ କାର୍ଯ୍ୟାଳୟରେ ତାଲା ପକାଇ ଫେରାର ହୋଇଯାଇଥିଲା। ଏ ନେଇ ଜମାକାରୀ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। କିନ୍ତୁ କିଛି ଲାଭ ହୋଇ ନ ଥିଲା। ସେହିଭଳି କୋଲକାତାରେ ଠକେଇର ଶିକାର ହୋଇଥିବା ଜମାକାରୀ ସେଠାକାର ହାଇକୋର୍ଟରେ ୨୦୧୭ରେ ରି-ପିଟିଶନ କରିଥିଲେ। କୋର୍ଟ ଏହି ମାମଲାର ବିଚାର ପାଇଁ ଏସ୍‌ପି ତାଲୁକଦାର କମିଟି ଗଠନ କରିଥିଲେ। ଜମାକାରୀଙ୍କୁ ଟଙ୍କା ଫେରାଇବା ପାଇଁ ଏହି କମିଟି ୨୦୧୮ରେ ଅଲକେମିଷ୍ଟ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲା। ସଂସ୍ଥା ଜମାକାରୀଙ୍କ ଟଙ୍କା ଫେରାଇଥିଲା। ତେଣୁ ଓଡିଶାର ଜମାକାରୀ ନିଜର ଟଙ୍କା ଫେରି ପାଇବା ଆଶାରେ କୋର୍ଟରେ ରି-ପିଟିଶନ କରିଥିବା ଆସୋସିଏଶନ ପକ୍ଷରୁ କୁହାଯାଇଛି।

ଶ୍ରେୟା ଇନ୍‌ଫ୍ରାଷ୍ଟ୍ରକ୍‌ଚର ଏମ୍‌ଡି ଗିରଫ

ଭୁବନେଶ୍ୱର, ୩।୧(ବ୍ୟୁରୋ)

ଏକ ଠକେଇ ଅଭିଯୋଗରେ ପିପିଲି ପୋଲିସ ଶ୍ରେୟା ଇନ୍‌ଫ୍ରାଷ୍ଟ୍ରକ୍‌ଚର ସଂସ୍ଥାର ଏମ୍‌ଡି ହିମାଂଶୁ ଶେଖର ନାୟକଙ୍କୁ ଗିରଫ କରିଛି। ତାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବା ପରେ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ରିମାଣ୍ଡରେ ନେବ ବୋଲି ଜଣାପଡିଛି। ସଂସ୍ଥା ଆପାର୍ଟମେଣ୍ଟରେ ଘର ଦେବାକୁ କହି ୧୦ କୋଟି ଟଙ୍କା ଠକେଇ କରିଥିବା ନେଇ ୨୦୧୮ ଜୁଲାଇ ୨୪ରେ ଅଭିଯୋଗ ହୋଇଥିଲା। ଏହାପରେ ପୋଲିସ ଏକ ମାମଲା ରୁଜୁ କରି ହିମାଂଶୁଙ୍କୁ ଖୋଜୁଥିଲା। ହେଲେ ସେ ପୋଲିସକୁ ଚକମା ଦେଇ ଲୁଚି ବୁଲୁଥିଲେ। ଗୁରୁବାର ସେ ଶହୀଦନଗର ଯାଉଥିବା ସମୟରେ ଖବର ପାଇ ପିପିଲି ପୋଲିସ ତାଙ୍କୁ ଗିରଫ କରିଥିଲା। ପୂର୍ବରୁ

ରିମାଣ୍ଡରେ ନେବ କ୍ରାଇମବ୍ରାଞ୍ଚ

ଅନ୍ୟ ଏକ ମାମଲାରେ ସେ ଜାମିନ ପାଇଥିଲେ। ଉକ୍ତ ସଂସ୍ଥା ପୁରୀରେ କଳିଙ୍ଗ କୁଟୀର ସ୍କିମ୍ ନାଁରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଅଭିଯୋଗ ରହିଥିଲା। ଏନେଇ ମଧ୍ୟ ଇଓଡବ୍ଲ୍ୟୁରେ ଏକାଧିକ ଜମାକାରୀ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ଉକ୍ତ ଅଭିଯୋଗର ମଧ୍ୟ ତଦନ୍ତ କରୁଥିଲା। ପିପିଲି ଥାନା ଅଧିକାରୀ ଶରତ ସାହୁ କହିଛନ୍ତି, ୧୦କୋଟି ଟଙ୍କା ଠକେଇ ମାମଲାରେ ହିମାଂଶୁଙ୍କୁ ଗିରଫ କରାଯାଇଛି। ସେ ଗୁରୁବାର ପିପିଲି ଦେଇ ଶହୀଦନଗର ଯାଉଥିବା ବେଳେ ଆମେ ତାଙ୍କୁ ଗିରଫ କରିଛୁ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

କର୍ମଫଳକୁ କେହି ଏଡ଼ାଇ ପାରନ୍ତି ନାହିଁ। ତେବେ ଯଦି ସାଧନ ଭଜନ ଥାଏ, ଯେଉଁଠି ଖଣ୍ଡାରେ ଆଘାତ ହେବା କଥା, ସେଠାରେ ହୁଏତ କଣ୍ଟାଟିଏ ଫୁଟିଯାଇପାରେ।
- ମା' ସାରଦା ଦେବୀ

ସଂକ୍ଷେପରେ

ଖୁଣ୍ଟୁଣୀ ବନାଞ୍ଚଳରେ ପକ୍ଷୀ ଗଣନା

ଖୁଣ୍ଟୁଣୀ, ୩।୧(ଡି.ଏନ୍.ଏ.): ଖୁଣ୍ଟୁଣୀ ବନାଞ୍ଚଳରେ ଗୁରୁବାର ପକ୍ଷୀ ଗଣନା କରାଯାଇଥିଲା। ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅଶୋକ ପଟ୍ଟନାୟକ ଓ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ମାଗୁଣୀ ଚରଣ ବେହେରାଙ୍କ ତତ୍ତ୍ୱାବଧାନରେ କୃଷ୍ଣଶ୍ୟାମପୁର, ପାଟିଆ ଆର୍ଦ୍ରଭୂମି, କଁଅସର ପୋଖରୀ, ପାଇକେରାପୁର ପାଟ, କଖଡି ମହାନଦୀ ଶଯ୍ୟା, ଜାମୁଝର ପାଣିକୁଣ୍ଡ, ଭଗୁଆ ଜଳଉତ୍ସ ଭଳି ୧୬ଟି ୟୁନିଟ୍‌ରେ ଗଣନା କରାଯାଇ ୧୩ଟି ପ୍ରଜାତିର ମୋଟ୍ ୨୫୯୧ ପକ୍ଷୀ ଚିହ୍ନଟ ହୋଇଥିଲା। ସେଥିମଧ୍ୟରେ ଗାଇଆବଗ, ଗେଣ୍ଡାଳିଆ, ମାଛରଙ୍କା, ହଂସରାଳି, ଚକୁଆ-ଚକୋଇ, ଡାହୁକ, ଚା ଚଢେଇ, ଟେଁଣ୍ଟେଇ, ପାଣିକୁଆ ଓ କାଣ୍ଟିବଗ ଆଦି ପକ୍ଷୀ ଚିହ୍ନଟ କରାଯାଇଥିବା ବନାଞ୍ଚଳ ଅଧିକାରୀ ବେହେରା କହିଛନ୍ତି। ଜଙ୍ଗଲ, ଜଳ ଉତ୍ସ ସ୍ଥାନରେ କ୍ୟାମେରା ଓ ବାଇନାକୁଲାର ସାହାଯ୍ୟରେ ପକ୍ଷୀଗଣନା କରାଯାଇଥିବାବେଳେ ଏଥିରେ ମୋଟ୍ ୩୨ ଜଣ ଫରେଷ୍ଟର, ବନରକ୍ଷୀ ଓ ପାରାଷ୍ଟାଫଙ୍କୁ ନିୟୋଜିତ କରାଯାଇଥିଲା।

ପୋଖରୀରେ ବୁଡ଼ି ଜଣେ ମୃତ

କଟକ ସଦର, ୩।୧(ଡି.ଏନ୍.ଏ.): କିଶୋର ନଗର ଥାନା ଅଧୀନ ଶିର୍ଲୋ ଗ୍ରାମର ଏକ ପୋଖରୀରେ ବୁଡ଼ି ଗୁରୁବାର ଅପରାହ୍ନରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରଘୁନାଥପୁର ଥାନା ଅଧୀନ ସାଦେଇପୁର ଗ୍ରାମର ନିରଞ୍ଜନ ଦାସ। ପୋଲିସ ସୂତ୍ରରୁ ପ୍ରକାଶ, ନିରଞ୍ଜନ କାମ କରିବା ପାଇଁ ଶିର୍ଲୋ ଗ୍ରାମକୁ ଆସିଥିଲେ। ପରେ ସେ ପୋଖରୀରେ ଗାଧୋଉଥିବାବେଳେ ପାଣିରେ ବୁଡ଼ି ଯାଇଥିଲେ। ପାଣିରୁ ଉଦ୍ଧାର କରାଯାଇ ଚିକିତ୍ସା ଲାଗି ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ମଧୁବାବୁ ଆଇନ ସହାୟତା ସ୍କିମ୍‌ର ସମୀକ୍ଷା

ନିଶ୍ଚିନ୍ତକୋଇଲି, ୩।୧ (ସ୍ୱ.ପ୍ର./ଡି.ଏନ୍.ଏ.): ଗ୍ରାମାଞ୍ଚଳର ଗରିବ, ମହିଳା, ବରିଷ୍ଠ ନାଗରିକ ଓ ଆଦିବାସୀଙ୍କୁ ମାଗଣାରେ ଆଇନ ସହାୟତା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତରେ ମଧୁବାବୁ ଆଇନ ସହାୟତା ପ୍ରକୋଷ୍ଠ ଖୋଲାଯାଇଛି। ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଶ୍ଚିନ୍ତକୋଇଲି ବ୍ଲକର ୨୭ ପଞ୍ଚାୟତରେଆଇନ ସହାୟତା କେନ୍ଦ୍ର ଖୋଲଯାଇଛି। ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ ଗୁରୁବାର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଏହାର ସମୀକ୍ଷା କରିଛନ୍ତି। ଏଥିଲାଗି ଆୟୋଜିତ ବୈଠକରେ ଜନସାଧାରଣଙ୍କୁ କିପରି ଆଇନ ସହାୟତା ମିଳିପାରିବ ସେନେଇ ଆଲୋଚନା କରାଯାଇଥିଲା। ପଞ୍ଚାୟତରୁ ଲଜିଷ୍ଟିକ୍ ସହାୟତା ମିଳିବା ନେଇ ଆଇନଜୀବୀମାନେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମରେ ଜିପିଓ ବିଷ୍ଣୁ ଚରଣ ବେହେରାଙ୍କ ସମେତ ଅଶୋକ ଓଝା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବିରରେ ଆଇନଜୀବୀ ଚିତ୍ରଭାନୁ ମିଶ୍ର, ହରେକୃଷ୍ଣ ମଲିକ, ବିନୋଦ ବିହାରୀ ଚୌଧୁରୀ,ଭିକାରୀ ଚରଣ ସେଠୀ ଓ ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଇଭିଏମ୍, ଭିଭିପିଏଟିର ହେବ ବ୍ୟବହାରିକ ପ୍ରଦର୍ଶନ

କଟକ ଅଫିସ, ୩।୧

ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ହରିଶ ଚନ୍ଦ୍ର ନାୟକ ସୂଚନା ଦେଉଛନ୍ତି।

- ୩୫ ଟିମ୍ ୧୬୯୬ ଗାଁ ପରିକ୍ରମା କରିବ
- ଜିଲାର ୨୨୪୬ଟି ବୁଥ୍‌ରେ ହେବ ଭୋଟଗ୍ରହଣ

ନିର୍ବାଚନରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ବ୍ୟବହାର କରାଯାଉଛି। ଇଭିଏମ୍‌ର ସ୍ୱଚ୍ଛତା ରକ୍ଷା ନିମନ୍ତେ ଭିଭିପିଏଟି (ଭୋଟର ଭେରିଫାଏବ୍‌ଲ ପେପର ଅଡିଟ୍ ଟ୍ରେଲ୍) ମେଶିନର ବ୍ୟବହାର କରାଯିବ। ରାଜ୍ୟରେ ପ୍ରଥମଥର ପାଇଁ ବିଜେପୁର ଉପନିର୍ବାଚନରେ ଭିଭିପିଏଟି ମେଶିନର ବ୍ୟବହାର କରାଯାଇଥିଲା। ଏବେ ଆଗାମୀ ବିଧାନସଭା ନିର୍ବାଚନରେ ପ୍ରଥମଥର ପାଇଁ ଏହି ମେଶିନର ବ୍ୟବହାର କରାଯିବ। ଏଥିପାଇଁ କଟକ ଜିଲାରେ ଏହାର ବ୍ୟବହାର ସମ୍ପର୍କିତ ଜନସଚେତନତା ସୃଷ୍ଟି କରାଯିବ। ୩୫ଟି ଟିମ୍ ଜିଲାର ୧୬୯୬ଟି ଗାଁରେ ଇଭିଏମ୍ ଓ ଭିଭିପିଏଟିର ବ୍ୟବହାରିକ ପ୍ରଦର୍ଶନ କରିବେ। ଜାନୁୟାରୀ ୭ରୁ ୧୫ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ। ଗୁରୁବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀ ଅତିରିକ୍ତ ଜିଲାପାଳ ହରିଶ ଚନ୍ଦ୍ର ନାୟକ, ଜିଲା ନିର୍ବାଚନ ଅଧିକାରୀ ରଞ୍ଜିତା ସାହୁ ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ପ୍ରମୁଖ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ହାଇଦ୍ରାବାଦର ଇସିଆଇଏଲ୍ ଦ୍ୱାରା ପ୍ରସ୍ତୁତ ଇଭିଏମ୍ ଓ ଭିଭିପିଏଟି ମେଶିନ ମାଧ୍ୟମରେ ନିର୍ବାଚନ ପରିଚାଳନା କରାଯିବ। ଏହି ମେଶିନଗୁଡ଼ିକ ୬ଟି ରାଜ୍ୟ ଓ ଇସିଆଇଏଲ୍‌ରୁ ଅଣାଯାଇଛି। ମେଶିନଗୁଡ଼ିକର ବ୍ୟବହାର ଉପଯୋଗୀ ନିମନ୍ତେ ପ୍ରାଥମିକ ଯାଞ୍ଚ କାର୍ଯ୍ୟ ଜାରି ରହିଛି। କଟକ ଜିଲାର ୯ଟି ବିଧାନସଭା କ୍ଷେତ୍ର ପାଇଁ ୨୨୪୬ଟି ବୁଥ୍‌ରେ ଭୋଟଗ୍ରହଣ କରାଯିବ। ଏହି ବୁଥ୍‌ଗୁଡ଼ିକ ମଧ୍ୟରେ ମାହାଙ୍ଗାରେ ସର୍ବାଧିକ ୩୦୩ଟି ବୁଥ୍ ଥିବାବେଳେ ବଡ଼ମ୍ବାରେ ୧୯୦, ବାଙ୍କୀରେ ୨୩୫, ଆଠଗଡ଼ରେ ୨୫୪, ବାରବାଟୀ-କଟକରେ ୧୯୭, ଚୌଦ୍ୱାର-କଟକରେ ୨୧୧, ନିଆଳିରେ ୨୭୨, କଟକ ସଦରରେ ୨୩୩, ସାଲେପୁରରେ ୨୫୧ଟି ବୁଥ୍ ରହିଛି। ୨୦୧୯ ଡ୍ରାଫ୍ଟ ରୋଲ୍ ଅନୁଯାୟୀ ଜିଲାରେ ମୋଟ ୧୯୯୮୪୩୪ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଏମାନଙ୍କ ମଧ୍ୟରୁ ବଡ଼ମ୍ବାରେ ୨୨୫୧୧୬ ଭୋଟର ଥିବାବେଳେ ବାଙ୍କୀରେ ୨୦୧୩୫୩, ଆଠଗଡ଼ରେ ୧୯୫୯୦୫, ବାରବାଟୀ-କଟକରେ ୨୨୪୬୮୫, ଚୌଦ୍ୱାର-କଟକରେ ୨୨୩୬୧୨, ନିଆଳିରେ ୨୩୪୫୩୧, କଟକ ସଦରରେ ୨୧୩୦୭୪, ସାଲେପୁରରେ ୨୨୮୮୬୬ ଓ ମାହାଙ୍ଗାରେ ୨୫୧୯୨୯ ଭୋଟର ରହିଛନ୍ତି।

ବିଶ୍ୱନାଥ ପଣ୍ଡିତଙ୍କ ଜନ୍ମ ଶତବାର୍ଷିକୀ

କଟକ ଟାଉନ୍ ହଲ୍‌ଠାରେ ଅନୁଷ୍ଠିତ ସର୍ବଦଳୀୟ ସ୍ମୃତିସଭାରେ ଯୋଗଦେଇଥିବା ଅତିଥିବୃନ୍ଦ।

କଟକ ଅଫିସ, ୩।୧

ସମାଜବାଦୀ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର, ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତଙ୍କ ଜନ୍ମ ଶତବାର୍ଷିକୀ ଗୁରୁବାର ପାଳିତ ହୋଇଯାଇଛି। ବିଶ୍ୱନାଥ ପଣ୍ଡିତ ସ୍ମୃତି ପରିଷଦ କାର୍ଯ୍ୟାଳୟଠାରେ ଆୟୋଜିତ ସଭାରେ ଡା. ରବି ରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଭାତ ତ୍ରିପାଠୀ, ସିଏମ୍‌ସି ମେୟର ମିନାକ୍ଷୀ ବେହେରା, ସୌମେନ୍ଦ୍ର ଘୋଷ, ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂ, ପରିଷଦ ସଭାପତି ବୀରେନ୍ଦ୍ର ପ୍ରତାପ ସ୍ୱାଇଁ, ବିଦ୍ୟୁତ୍ ଲାଲା, ବୈଷ୍ଣବ ପରିଡ଼ା, ଧର୍ମେଶ ନାୟକ, ମଧୁସୂଦନ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେହିପରି କଟକ ଟାଉନ୍ ହଲ୍‌ଠାରେ ଏ ନେଇ ଏକ ସର୍ବଦଳୀୟ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଯୋଗେନ୍ଦ୍ର ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ପୂର୍ବତନ ମନ୍ତ୍ରୀ ସମୀର ଦେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ବୀଣାପାଣି ଦାସ, ଡ. ସତ୍ୟ ରାୟ, ରବି ମଲ୍ଲିକ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଯୁଗଳ ନାୟକ ସଂଯୋଜନା ଓ ଲକ୍ଷ୍ମୀପ୍ରିୟା ମହାନ୍ତି ଧନ୍ୟବାଦ ଦେଇଥିଲେ।

ସାରଳା ଭବନରେ ଦଶମ କଟକ ମହୋତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ସମବାୟ ବ୍ୟାଙ୍କ ନିର୍ଦ୍ଦେଶକଙ୍କୁ ଆକ୍ରମଣ, ଲୁଟ୍ ଅଭିଯୋଗ

ଆଠଗଡ, ୩।୧(ସ୍ୱ.ପ୍ର.)

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ବଟକିଶୋର ସେଠୀ ବୁଧବାର ଅପରାହ୍ନରେ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରିଛନ୍ତି। ତାଙ୍କଠାରୁ ସୁନାଚେନ୍, ଟଙ୍କା ଓ ମୋବାଇଲ ଫୋନ୍ ଲୁଟି ନେଇଛନ୍ତି। ଏନେଇ ସେ ଗୁରୁବାର ଆଠଗଡ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଅପରାହ୍ନରେ ସେ ବ୍ୟାଙ୍କର ଆଠଗଡ ଶାଖା ସମ୍ମୁଖରେ ଗାଡି ରଖି ବ୍ୟାଙ୍କକୁ ଯାଉଥିବା ବେଳେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରି ଗାଡିଭାଙ୍ଗି ଦେବା ସହ ଟଙ୍କା ଓ ସୁନା ଲୁଟି ନେଇଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଥାନାରେ ମାମଲା(ନଂ ୨/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ଆଲୋକ ରଞ୍ଜନ ରାୟ କହିଛନ୍ତି।

⌈ରେ ଭାଜପା କୃଷକ ମୋର୍ଚ୍ଚାର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ

ବାଙ୍କୀ, ୩।୧ (ସ୍ୱ.ପ୍ର.)

ଚାଷ ଓ ଚାଷୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ଥିବା ଅଭିଯୋଗ କରି ଆସନ୍ତା ⌈ରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଓ ସଚିବାଳୟ ଘେରାଉ କରିବାକୁ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ସ୍ଥିର କରାଯାଇଛି। ଏନେଇ ଗୁରୁବାର ବାଙ୍କୀ ଭାଜପା କାର୍ଯ୍ୟାଳୟରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଡକାଯାଇଥିଲା। ସମ୍ମିଳନୀରେ ରାଷ୍ଟ୍ରୀୟ ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକାରୀ କମିଟି ସଭ୍ୟ ଶୁଭ୍ରାଂଶୁ ମୋହନ ପାଢୀ, ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି କିଶୋର ମହାନ୍ତି ଓ ଜିଲା ଭାଜପା କୃଷକ ମୋର୍ଚ୍ଚା ପ୍ରଭାରୀ ଦିଲୀପ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ଦିନକୁ ଦିନ ଚାଷୀଙ୍କ ସମସ୍ୟା ଜଟିଳ ହେବାରେ ଲାଗିଛି ବୋଲି କହିଥିଲେ। ରାଜ୍ୟ ସରକାର କାଳିଆ ଯୋଜନା କରି ଚାଷୀଙ୍କୁ ଅନ୍ଧାରରେ ରଖୁଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ୧୦୦ଟଙ୍କା ବୋନସ୍ ଦେବାପାଇଁ ମୁଖ୍ୟମନ୍ତ୍ରୀ ବରଗଡ ଜିଲାର ସୋହଲା ଜନସଭାରେ ଘୋଷଣା କରିଛନ୍ତି। ମାତ୍ର ଏପର୍ଯ୍ୟନ୍ତ ଏହାକୁ ଦିଆଯାଉନାହିଁ ବୋଲି ମୋର୍ଚ୍ଚା ପକ୍ଷରୁ ଅଭିଯୋଗ ହୋଇଥିଲା। ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ଚାଷୀମାନେ ସେମାନଙ୍କ କଷ୍ଟଅର୍ଜିତ ଧାନକୁ ବ୍ୟବସାୟୀଙ୍କୁ କମ୍ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ରାଜ୍ୟ ସରକାରଙ୍କ ଚାଷୀଙ୍କ ପ୍ରତି ଏଭଳି ମନୋଭାବକୁ ବିରୋଧ କରାଯିବ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ସମ୍ମିଳନୀରେ ଜିଲା କୃଷକ ମୋର୍ଚ୍ଚା ଉପସଭାପତି ବିବେକାନନ୍ଦ ବେଉରା, ଜୟନ୍ତ ବେଉରା, ତ୍ରିଲୋଚନ ପାତ୍ର ଓ ଗୌତମ ରାୟ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

■ ସରକାରୀ ନିୟମକୁ ଭାଜପାର ଉଲ୍ଲଂଘନ

ପୋଲିସ ଅଜ୍ଞାତରେ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ନିଶ୍ଚିନ୍ତକୋଇଲି, ୩।୧ (ସ୍ୱ.ପ୍ର.)

କଟକ ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ପାଇଁ ୩୦ ପୋଲିସ ଆକ୍ଟ ଲାଗୁ ହୋଇଛି। ଏହି ନିୟମ ଅନୁଯାୟୀ ଯଦି କୌଣସି ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ୫ ଜଣରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୁଅନ୍ତି, ସେସମ୍ପର୍କରେ ପୋଲିସକୁ ଅବଗତ କରାଇବା ଜରୁରୀ। ଯଦି କୌଣସି ବ୍ୟକ୍ତି ବା ଅନୁଷ୍ଠାନ ଏହି ନିୟମକୁ ନ ମାନନ୍ତି ଆଇନ ଅନୁଯାୟୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ବ୍ୟବସ୍ଥା ରହିଛି। ତେବେ ଭାଜପା ପକ୍ଷରୁ ଏହି ନିୟମକୁ ଖୋଲା ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି । ପୋଲିସ ବିନା ଅନୁମତିରେ ବୁଧବାର ଜିଗ୍ନିପୁର ପଞ୍ଚାୟତ ବଳଦେବ ଜୀଉଙ୍କ ମନ୍ଦିର ସମ୍ମୁଖରେ ଭାଜପା କର୍ମୀମାନେ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। ଏନେଇ ଭାଜପା କର୍ମୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଟଣାଓଟରା ହୋଇଥିଲା। ଏନେଇ ନିଶ୍ଚିନ୍ତକୋଇଲି ଭାଜପା ମଣ୍ଡଳ ସମ୍ପାଦକ କଲ୍ୟାଣୀ ସେଠୀ ସ୍ଥାନୀୟ ଅଞ୍ଚଳର ୬ ଜଣଙ୍କ ବିରୋଧରେ ଗୁରୁବାର ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅପରପକ୍ଷରେ ସ୍ଥାନୀୟ ଅଞ୍ଚଳର ବିଦୁଲତା ବେହେରା ୬ ଜଣ ଭାଜପା କର୍ମୀଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ୨ଟି ପୃଥକ୍ ପୃଥକ୍ ମାମଲା(ନଂ (୧/୧୯ ଓ ୨/୧୯) ରୁଜୁ ହୋଇଛି ।

■ ବଳାତ୍କାର ମାମଲାର ଶୁଣାଣି

ଅଭିଯୁକ୍ତଙ୍କୁ ୭ବର୍ଷ ଜେଲ : ୧୦ହଜାର ଜରିମାନା

ସାଲେପୁର, ୩।୧ (ଡି.ଏନ୍.ଏ.)

ସାଲେପୁର କୋର୍ଟର ଅତିରିକ୍ତ ଜିଲା ଜଜ୍ ଶରତ କୁମାର ଦେହୁରୀ ଗୁରୁବାର ଏକ ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୭ବର୍ଷ ଜେଲ୍‌ଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ଜିଲା ଆଇନ ପ୍ରାଧିକରଣ ସଂସ୍ଥାରୁ ଆବଶ୍ୟକ କ୍ଷତିପୂରଣ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୯ ମେ ୨୦୧୬ରେ ସାଲେପୁର ଥାନା କେନ୍ଦୁପାଟଣା ପଞ୍ଚାୟତର ନୃସିଂହ ସାମଲ ବିଳମ୍ବିତ ରାତିରେ ଉକ୍ତ ଅଞ୍ଚଳରେ ଜଣେ ମହିଳାଙ୍କୁ ତାଙ୍କ ଘରେ ବଳାତ୍କାର କରିଥିଲେ। ଏନେଇ ପରଦିନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଥାନାରେ ମାମଲା (ନଂ୭୧/୧୬) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏନେଇ କୋର୍ଟରେ କେସ୍ (ନଂ ୩୩୭/୧୬)ରୁଜୁ କରାଯାଇ ଶୁଣାଣି ଆରମ୍ଭ ହୋଇଥିଲା। ଅଦାଲତରେ ୨୪ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିବା ପରେ ପୋଲିସ୍ ଦ୍ୱାରା ପ୍ରସ୍ତୁତ ସମସ୍ତ ଅଭିଯୋଗ ଫର୍ଦ୍ଦକୁ ଅନୁଧ୍ୟାନ କରି ମାମଲାର ଫଇସଲା ହୋଇଥିଲା।

ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ

ଛାତ୍ରୀଛାତ୍ରମାନେ ବାଗ୍ମୀ ବିଶ୍ୱନାଥ ସରକାରୀ ବିଦ୍ୟା ନିକେତନ ପରିସର ସଫା କରୁଛନ୍ତି।

ମାହାଙ୍ଗା, ୩।୧(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ବାଗ୍ମୀ ବିଶ୍ୱନାଥ ସରକାରୀ ବିଦ୍ୟା ନିକେତନ ପରିସରରେ ସ୍ୱଚ୍ଛତା ଅଭିଯାନ ଓ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ପରିବେଶ ଅନୁଶୀଳନୀ କେନ୍ଦ୍ର ଭୁବନେଶ୍ୱର ଆନୁକୂଲ୍ୟରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲଳିତଗିରି ବିଦ୍ୟାପୀଠ, ଆଚାର୍ଯ୍ୟ ପ୍ୟାରୀମୋହନ ବିଦ୍ୟା ନିକେତନ, ପଶୁଲୁଣ୍ଡା, ସୁନ୍ନୁପେଇ ବିଦ୍ୟାପୀଠ, ସିପୁରା ଓ ମୂଳବସନ୍ତ ବାଗ୍ମୀ ବିଦ୍ୟା ନିକେତନର ପ୍ରାୟ ୫୦୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ରାଜ୍ୟ ପରିବେଶ ଅନୁଶୀଳନୀ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଡ. ଆଶୁତୋଷ ଦେବତା ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତ ମୋହନ ଦାସ, ପ୍ରଶାନ୍ତ କୁମାର ନାୟକ, ଅର୍ଜୁନ କୁମାର ବିଶ୍ୱାଳ ଓ ହେମନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବିନ୍ଧାଣିମା ସେବା ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

ତିଗିରିଆ, ୩।୧ (ଡି.ଏନ୍.ଏ.)

ତିଗିରିଆ ବ୍ଲକ ବିନ୍ଧାଣିମା ସେବା ସମବାୟ ସମିତି କାର୍ଯ୍ୟାଳୟରେ ଚଳିତ ବର୍ଷର ଧାନମଣ୍ଡି ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ତିଗିରିଆ ଶାଖା ପରିଚାଳକ ଅକ୍ଷୟ କୁମାର ସାମଲ

କର୍ମଫଳକୁ କେହି ଏଡ଼ାଇ ପାରନ୍ତି ନାହିଁ। ତେବେ ଯଦି ସାଧନ ଭଜନ ଥାଏ, ଯେଉଁଠି ଖଣ୍ଡାରେ ଆଘାତ ହେବା କଥା, ସେଠାରେ ହୁଏତ କଣ୍ଟାଟିଏ ଫୁଟିଯାଇପାରେ।
- ମା' ସାରଦା ଦେବୀ

ସଂକ୍ଷେପରେ

ପଞ୍ଚମ ଦିବସରେ ଜଗନ୍ନାଥ ମହୋତ୍ସବ

ଖୋର୍ଦ୍ଧା ଅଫିସ,୩।୧: ଚିଲିକା ବ୍ଲକ କାଙ୍କଣଶିଖରାସ୍ଥିତ ଜଗନ୍ନାଥ ମହୋତ୍ସବରେ ପଞ୍ଚରାତ୍ର ମହାଯଜ୍ଞ ଓ ୫୦୦ ମିଟର ବ୍ୟବଧାନ ପ୍ରଦର୍ଶନୀ ପଡିଆରେ ଲୀଳାକ୍ଷେତ୍ର ମଣ୍ଡପ, ବେଶ ମଣ୍ଡପ, ନବକଳେବର ମଣ୍ଡପ ଓ ଶ୍ରୀଜାଉଙ୍କର ଛପନ ଭୋଗ ପ୍ରଦର୍ଶନୀ ଯୋଗୁ ନଇରା ଉତ୍ସବମୁଖର ହୋଇଛି। ଗୁରୁବାର ଭୁବନେଶ୍ୱର ଦିବ୍ୟ ଜୀବନ ସଂଘର ସ୍ୱାମୀ ଜଗନ୍ନାଥ ନନ୍ଦ ସରସ୍ୱତୀ ମହାରାଜ ପ୍ରସଙ୍ଗ ସ୍କନ୍ଦ ପୁରଣର ନୀଳାଦ୍ରି ମହୋଦୟ, ପ୍ରଭୁଙ୍କ ମୂର୍ତ୍ତି ଧାରଣ ଓ ଇନ୍ଦ୍ରଦ୍ୟୁମ୍ନଙ୍କସହ କଥପକଥନ ଓ ବରଲାଭ ଉପରେ ପ୍ରବଚନ ରଖିଥିଲେ। ସକାଳୁ ନଗରକୀର୍ତ୍ତନ, ଶ୍ରୀଜଗନ୍ନାଥ ଭକ୍ତି ସରିତାରେ ପ୍ରବଚନ ହୋଇଥିଲା। ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ କିଶୋର ମେଳା ଆୟୋଜନ ହେଉଛି। ଏହି ମେଳାରେ ଆଲୋଚନାର ପ୍ରସଙ୍ଗ ମୋ ଜୀବନରେ ଶ୍ରୀଜଗନ୍ନାଥ ସ୍ଥାନ ପାଇବ।

ଆଧାତ୍ମିକ ସଭା

ଖୋର୍ଦ୍ଧା ଅଫିସ,୩।୧: ପ୍ରଜାପତି ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଖୋର୍ଦ୍ଧାର ଗୋଡିପୋଖରିସ୍ଥିତ ଶାଖା ନିକଟରେ ଗୁରୁବାର ସୁବର୍ଣ୍ଣ ଯୁଗ ପାଇଁ ବିଶ୍ୱରେ ଜ୍ଞାନ ଉଦୟ ଶୀର୍ଷକ ଆଧାତ୍ମିକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତାଭାବେ ଅନୁଷ୍ଠାନର ରାଜ୍ୟ ମୁଖ୍ୟ ରାଜଯୋଗିନୀ କମଳେଶ ଯୋଗଦେଇ ମତବ୍ୟକ୍ତ ରଖିଥିଲେ। ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ, ମାସିକ ପତ୍ରିକା ଜ୍ଞାନ ଦର୍ପଣର ସମ୍ପାଦିକା ବ୍ରହ୍ମକୁମାରୀ ସୁଲୋଚନା, ବରିଷ୍ଠ ଖବରଦାତା ଅରୁଣ ପଣ୍ଡା, ବ୍ରହ୍ମକୁମାର ନଥମଲ ଓ ପତିତପାବନ ପ୍ରମୁଖ ଯୋଗଦେଇଥିଲେ। ଖୋର୍ଦ୍ଧା ଶାଖାର ସଞ୍ଚାଳିକା ବ୍ରହ୍ମକୁମାରୀ ଅନୁରାଧା ସ୍ୱାଗତ ଭାଷଣ ଦେଇଥିବା ବେଳେ ବ୍ରହ୍ମକୁମାର ଜୟ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ଆଧାତ୍ମିକ ସଭାରେ ମୁଖ୍ୟ ପ୍ରବକ୍ତାଭାବେ ବ୍ରହ୍ମାକୁମାରୀ ଜ୍ୟୋତି, ପ୍ରଫେସର ନାରାୟଣ ରାଓ ଯୋଗଦେଇ ବକ୍ତବ୍ୟ ରଖିଥିଲେ ।

୧୬ତମ ବାର୍ଷିକ ତ୍ରିନାଥ ମେଳା

ଯାଁଳା,୩।୧(ଡି.ଏନ୍.ଏ.): ଯାଁଳା ପଞ୍ଚାୟତ ମେଡିକାଲ ଛକ ମା' ମଙ୍ଗଳା ବଜାରରେ ଦୁଇ ଦିନ ଧରି ଚାଲିଥିବା ୧୬ତମ ବାର୍ଷିକ ତ୍ରିନାଥ ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ମେଳାରେ ଗାୟକଭାବେ ରମେଶ ବେହେରା, ବେଣୁଧର ଭୋଇ ଯୋଗଦେଇଥିଲେ। ବୁଧବାର ଅଧିବାସ, ଭଜନ ଜଣାଣ ଗାନ ହୋଇଥିବା ବେଳେ ଗୁରୁବାର ମେଳା ସମାପନ ସହ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା।

୧୯୯୪ ବ୍ୟାଚ୍‌ର ବନ୍ଧୁମିଳନ

ଖୋର୍ଦ୍ଧା ଅଫିସ,୩।୧: ଖୋର୍ଦ୍ଧା ପିଏନ୍ କଲେଜର ୧୯୯୪ ମସିହା ବ୍ୟାଚର ବନ୍ଧୁ ମିଳନ ଭୁବନେଶ୍ୱର ଉପକଣ୍ଠ ଧଉଳିଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଭୂୟାଁଙ୍କ ଆବାହକତ୍ୱ ଅନୁଷ୍ଠିତ ବନ୍ଧୁ ମିଳନରେ ୫୦ସହପାଠୀଙ୍କ ପରିବାର ସାମିଲ ହୋଇଥିଲେ। ଆତ୍ମାର ସଦଗତି ନିମନ୍ତେ ପ୍ରାରମ୍ଭରେ ପୁରାତନ ଛାତ୍ର ଶଙ୍କର ମୁଖାର୍ଜୀ ଓ ଅମୂଲ୍ୟ ମହାନ୍ତିଙ୍କ ଉଦ୍ଦେଶ୍ୟରେ ୧ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ପଠାଣି ପ୍ରଧାନ, ଜିତେନ୍ଦ୍ର ବାରିକ, ବରଦା ପାଇକରାୟ, ଜୟନ୍ତ ମଙ୍ଗରାଜ, ପ୍ରକାଶ ଭୂୟାଁ, ଦିପ୍ତି ମିଶ୍ର ଓ ସୌଭାଗିନି ମହାପାତ୍ରଙ୍କୁ ନେଇ ଆଲୁମୁନି ଗଠନ କରାଯାଇଛି । ଆଲୁମିନିର ପରାମର୍ଶଦାତା ଭାବେ ପ୍ରଫେସର ଜଗଦ୍ଧୀଶ ପଟ୍ଟନାୟକ ଓ ଯୁଧିଷ୍ଠିର ଖଟୁଆଙ୍କୁ ରଖାଯାଇଛି।

ରାଜ୍ୟସ୍ତରୀୟ ଫୁଟ୍‌ବଲ: ସେମିରେ ସ୍ପୋର୍ଟ୍ସ ହଷ୍ଟେଲ

ନିରାକାରପୁର, ୩।୧(ଡି.ଏନ.ଏ.)- ନିରାକାରପୁର ପଞ୍ଚାୟତସ୍ଥ କ୍ଷେତ୍ରବାସୀ ଡିଏଭି କଲେଜ ଖେଳପଡିଆଠାରେ ୨୭ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚ ସ୍ପୋର୍ଟ୍ସ ହଷ୍ଟେଲ୍(କଟକ) ଓ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ (ଭଦ୍ରକ) ମଧ୍ୟରେ ହୋଇଥିଲା। ଏଥିରେ ସ୍ପୋର୍ଟ୍ସ ହଷ୍ଟେଲ୍ ୨-୦ଗୋଲ୍‌ରେ ବିଜୟୀ ହୋଇ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ଦୁଇଟି ଯାକ ଗୋଲ ଖେଳର ପ୍ରଥମାର୍ଦ୍ଧରେ ସ୍କୋର ହୋଇଥିଲା। ପ୍ରଦୀପ କୁମାର ନାୟକ, ସୁଶାନ୍ତ କୁମାର ମିଶ୍ର, ରମେଶ ଚନ୍ଦ୍ର ପାଇକରାୟ ଓ ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ଗୋଲ୍‌କିପର ମନଜିତ୍ କିଷାନ୍ ଓ ଫଗ୍‌ରାମ ବାସ୍କେ ପୁରସ୍କୃତ ହୋଇଥିଲେ। ଆୟୋଜିତ ସଭାରେ ଆର୍ତ୍ତତ୍ରାଣ ସାହୁ ମୁଖ୍ୟଅତିଥଭାବେ ଯୋଗଦେଇଥିଲେ।

■ ଅଚିହ୍ନା ମୃତଦେହର ସୁରାକ ପାଉନି ପୋଲିସ

୭ ବର୍ଷରେ ୭୮ ମୃତଦେହ ଉଦ୍ଧାର

ପରିଚୟ ଜଣାପଡିବା ପରେ ବି ହତ୍ୟାକାରୀଙ୍କୁ ଗିରଫ କରୁନି ପୋଲିସ

ଖୋର୍ଦ୍ଧା ଅଫିସ,୩।୧

ଖୋର୍ଦ୍ଧା ପୋଲିସ ଜିଲାର ବିଭିନ୍ନ ଥାନା ଅଞ୍ଚଳରୁ ଅଚିହ୍ନା ମୃତଦେହ ବିଭିନ୍ନ ସମୟରେ ଉଦ୍ଧାର ହେଉଛି। ୭ ବର୍ଷ ଭିତରେ ୭୮ ମୃତଦେହ ଉଦ୍ଧାର କରାଯାଇଛି। ଅଧିକାଂଶ ସମୟରେ ହତ୍ୟା କରି ଏହି ଅଞ୍ଚଳରେ ଫୋପାଡି ଦିଆଯାଉଥିବା ନଜିର ବି ରହିଛି। କେତେଗୋଟି ମୃତଦେହ ଚିହ୍ନଟ ହୋଇଥିବାବେଳେ ଅଧିକାଂଶ ମୃତଦେହ ଚିହ୍ନଟ ହୋଇପାରୁନି। ମୃତଦେହଗୁଡିକର ଦାବିଦାର ନ ଥିବାରୁ ଚିହ୍ନଟ ହୋଇ ପାରୁ ନ ଥିବା ବିଭିନ୍ନ ସମୟରେ ପୋଲିସ ସଫେଇ ଦେଉଛି। ଅନ୍ୟପକ୍ଷେ ମୃତଦେହ ଉଦ୍ଧାର ପରେ ପରିଚୟ ଜାଣିବା ଉଦ୍ଦେଶ୍ୟରେ ଜିଲା କ୍ରାଇମବ୍ରାଞ୍ଚ ଜରିଆରେ ସିଆଇଜି ପବ୍ଲିକେଶନ ଓ ରାଜ୍ୟର ବିଭିନ୍ନ ଥାନାକୁ ଜଣାଇ ଦିଆଯାଏ। ତେବେ ଅଧିକାଂଶ କ୍ଷେତ୍ରରେ ପୋଲିସ ଠିକ୍ ଭାବେ ଦାୟିତ୍ୱ ନିଭାଉ ନ ଥିବା ଅଭିଯୋଗ ହେଉଛି। ପୁଣି ପୋଲିସର ଅନାଗ୍ରହ କାରଣରୁ ଅଚିହ୍ନା ମୃତଦେହର ସୁରାକ ମିଳୁନି ବୋଲି କୁହାଯାଉଛି। ବେଗୁନିଆ ଥାନା ଟିକାତାଳ ହତ୍ୟାକାଣ୍ଡରେ ମୃତକଙ୍କ ପରିଚୟ ଜଣାପଡିଥିବା ବେଳେ ହତ୍ୟାକାରୀଙ୍କୁ ପୋଲିସ ଗିରଫ କରୁନାହିଁ।

ଖୋର୍ଦ୍ଧା ପୋଲିସ ଜିଲାରେ ୨୦୧୨ରେ ୮, ୨୦୧୩ରେ ୧୪, ୨୦୧୪ରେ ୧୧, ୨୦୧୫ରେ ୧୯, ୨୦୧୬ରେ ୯, ୨୦୧୭ରେ ୯ ଓ ୨୦୧୮ରେ ୮ ଏପରି ୭୮ ଅଚିହ୍ନା ମୃତଦେହ ଉଦ୍ଧାର ହୋଇଛି। ମୃତଦେହ ଭିତରେ ନିରାକାରପୁର ଥାନାର ୨ ରହିଛି, ଯାହାକି ଉଦ୍ଧାରର ୨ ମାସ ପରେ ବି ଚିହ୍ନଟ ହୋଇପାରୁନି। ଅକ୍ଟୋବରରେ ୫ ଦିନ ମଧ୍ୟରେ ୨ ମହିଳା ଓ ଜଣେ ବୃଦ୍ଧଙ୍କ ମୃତଦେହ ବେଗୁନିଆ ଓ ନିରାକାରପୁର ଥାନା ଅଞ୍ଚଳରୁ ଉଦ୍ଧାର ହୋଇଥିଲା। ଏହି ୩ ମୃତଦେହ ରେଳଧାରଣା ପାଖ ଅଞ୍ଚଳରୁ ଉଦ୍ଧାର ହୋଇଥିଲା। ଏଥିରୁ ୨ ମହିଳାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ତେବେ ନିରାକାରପୁର ଥାନା ଅଞ୍ଚଳରୁ ଯେଉଁ ୨ ମୃତଦେହ ଉଦ୍ଧାର ହୋଇଥିଲା ତାହାର ବ୍ୟବଧାନ ପ୍ରାୟ ୩୦୦ ମିଟର ଥିଲା। ଚିତ୍ରକୂଟ ପାହାଡ ପାଦ ଦେଶର ରାଉଳହଜ ପଥର ଖଣି ଭିତରେ ମହିଳାଙ୍କୁ ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣି ପାରିଥିଲା। ସେହିପରି ଏଠାରୁ ୩୦୦ ମିଟର ଦୂରରେ କାଶିପୁର ଲେଭଲ କ୍ରସିଂ ପାଖରେ ଅନ୍ୟଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଅନୁଧ୍ୟାନ କଲେ ଏହା ହତ୍ୟା ପରି ଜଣାପଡୁଥିଲେ ହେଁ ସୁରାକ ମିଳି ନ ଥିଲା। ଏହି ୨ ହତ୍ୟାକାଣ୍ଡର ସୁରାକ ଏଯାବତ ପୋଲିସ ପାଇନାହିଁ। ଏପରି କି ମୃତବ୍ୟକ୍ତିଙ୍କର ପରିଚୟ ମଧ୍ୟ ଜାଣିବାରେ ପୋଲିସ ସଫଳ ହୋଇନାହିଁ। ବେଗୁନିଆ ଥାନାର ଟିକାତାଳ ହତ୍ୟାକାଣ୍ଡର ପରିଚୟ ଜଣାପଡିଛି। ହତ୍ୟାର ଶିକାର ହୋଇଥିବା ମହିଳା ଭୁବନେଶ୍ୱର କମିଶନରେଟ୍ ପୋଲିସର ଏୟାରଫିଲ୍ଡ ଥାନା ଭୋଇସାହିର ଦୀପ୍ତିମୟୀ ସେଠୀ(୩୮)ବୋଲି ଜଣାପଡିଥିଲା। ହେଲେ ହତ୍ୟାକାରୀଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇ ନ ଥିବାରୁ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅଗ୍ନିକାଣ୍ଡ: ୧୭ବଖରା ଭସ୍ମୀଭୂତ

ଜଳିଯାଇଥିବା ଘର ।

ଖୋର୍ଦ୍ଧା ଅଫିସ/ଟାଙ୍ଗୀ (ଖୋର୍ଦ୍ଧା) ୩।୧ (ଡି.ଏନ.ଏ.)

ଟାଙ୍ଗୀ ତହସିଲ ସରପାରି ଦଳିତ ସାହିରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟି ୬ ପରିବାରର ୧୭ ବଖରା ଭସ୍ମୀଭୂତ ହୋଇଯାଇଛି। ଏଥିରେ ପ୍ରାୟ ୫ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ, ସରପାରି ଦଳିତ ସାହିର ଅର୍ଜୁନ ନାୟକଙ୍କ ପରିବାର କୋଲକାତାରେ ରୁହନ୍ତି। ଘରେ ତାଲା ପଡିଥିବା ବେଳେ ହଠାତ ଘରେ ନିଆଁ ଲାଗିଯାଇଥିଲା। ଫଳରେ ଅର୍ଜୁନଙ୍କ ୩ବଖରା ଜଳିଯାଇଛି। ସେହିପରି କମଳିନୀ ନାୟକଙ୍କ ୪ବଖରା, ପଦ୍ମନାଭ ନାୟକଙ୍କ ୪ବଖରା, ଯୋଗୀନାଥ ନାୟକଙ୍କ ୨ବଖରା, ଅଜୟ ନାୟକଙ୍କ ୨ବଖରା ଓ ଟୁଟୁ ନାୟକଙ୍କ ୨ବଖରା ଜଳିଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ଟାଙ୍ଗୀରୁ ଦମକଳ କେନ୍ଦ୍ର ଗାଡି ଆସିଥିଲେ ମଧ୍ୟ କୌଣସି କାରଣରୁ ଦଳିତ ସାହିରେ ପହଞ୍ଚି ପାରି ନ ଥିଲା। ସେହିପରି ଖୋର୍ଦ୍ଧାରୁ ଦମକଳଗାଡି ପହଞ୍ଚିଲା ବେଳକୁ ନିଆଁ ଲିଭି ସାରିଥିଲା ବୋଲି ଗ୍ରାମବାସୀ କହିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ବିପନ୍ନ ପରିବାରଙ୍କୁ ପଲିଥିନ ଯୋଗାଇ ଦିଆଯାଇଥିବା ଜଣାପଡିଛି ।

ନୃତ୍ୟ ବିଳାସ ପକ୍ଷରୁ ଗୁରୁବାର ଭୁବନେଶ୍ୱର ସୂଚନାଭବନଠାରେ ଅନୁଷ୍ଠିତ ସଙ୍ଗୀତ ଉତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ବିନା ସଚେତନତାରେ କାଳିଆ ଯୋଜନା

ଖୋର୍ଦ୍ଧା ଅଫିସ,୩।୧:

କୃଷକଙ୍କ ଉନ୍ନତି ଲକ୍ଷ୍ୟ ନେଇ ରାଜ୍ୟ ସରକାର ଲାଗୁ କରିଛନ୍ତି 'କାଳିଆ' ଯୋଜନା। ସହାୟତା ପାଇବା ଲକ୍ଷ୍ୟରେ ଚାଷୀ, ଭାଗଚାଷୀ ଓ ଅଣଚାଷୀ ଗୁରୁବାର ପଞ୍ଚାୟତରେ ପହଞ୍ଚି ଫର୍ମ ନେବା ପାଇଁ ଆସିଥିଲେ। ଜିଲାର ପ୍ରାୟ ସବୁ ପଞ୍ଚାୟତରେ ଅଧିକାଂଶ ଚାଷୀ ଆବେଦନ ଫର୍ମ ନ ପାଇ ଫେରିଥିଲେ। କାଳିଆ ଯୋଜନାର ପ୍ରଚାର ଓ ପ୍ରସାର ପାଇଁ ପ୍ରତି ପଞ୍ଚାୟତ, ପଡା, ସାହି, ଗାଁରେ ପୋଷ୍ଟର ମାରିବାର ରହିଛି। ହେଲେ ଗୁରୁବାର ପୋଷ୍ଟର ବଣ୍ଟନ ହୋଇଥିବାରୁ ସଚେତନତା କରାଯାଇନାହିଁ। ବ୍ୟାନର ଓ ହୋର୍ଡିଂ ଏଯାବତ ମରାଯାଇନି। କାଳିଆ ଯୋଜନା ସମ୍ପର୍କରେ ପଞ୍ଚାୟତସ୍ତରର ଲୋକ ପ୍ରତିନିଧିମାନେ ସଚେତନ ନାହାନ୍ତି। ଗଣମାଧ୍ୟମରୁ ଚାଷୀ ସଚେତନତା ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଖବରଦାତାଙ୍କୁ କାଳିଆ ଯୋଜନା ବୈଠକକୁ ନିମନ୍ତ୍ରଣ ନାହିଁ । ସଭା ଶେଷ ହେଲେ କାମଚଳା ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କେବଳ ଜିଲାସ୍ତରରେ କିଛି ସୂଚନା ଦେଉଛି। ହେଲେ ଏହି ସୂଚନାରେ ଚାଷୀଙ୍କ ବୁଝିବା ପାଇଁ କିଛି ରହୁ ନଥିବା ଜଣାପଡିଛି।

ତାଲିମ ନାମରେ ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ବାଲୁଗାଁ,୩।୧(ଡ଼ି.ଏନ୍.ଏ.)

ବାଲୁଗାଁ ଅଞ୍ଚଳରେ ଏକ କମ୍ପାନୀ ବ୍ୟବସାୟିକ ତାଲିମ ନାମରେ ଛାତ୍ରୀଙ୍କୁ ନିର୍ଯାତନା ଦେଉଥିବା ଥାନାରେ ଅଭିଯୋଗ ହୋଇଛି। ପିପିଲିର ଅଞ୍ଚଳର ସମ୍ପୃକ୍ତ ଯୁବତୀଙ୍କ ପକ୍ଷରୁ ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଉକ୍ତ ସଂସ୍ଥାର ପ୍ରରୋଚନାରେ ପ୍ରଲୋଭିତ ହୋଇ ୧ମାସ ତଳେ୨୦ହଜାର ଟଙ୍କା ଜମାଦେଇ ବ୍ୟବସାୟିକ ତାଲିମ୍ ନେବା ନିମନ୍ତେ ଯୋଗ ଦେଇଥିଲେ। ପ୍ରଶିକ୍ଷଣ ନାମରେ ସେଠାରେ ଯେଉଁସବୁ କାର୍ଯ୍ୟରେ ଛାତ୍ରୀଛାତ୍ରଙ୍କୁ ନିୟୋଜିତ କରାଯାଉଥିଲା ତାହାକୁ ଯୁବତୀ ଜଣକ ବିରୋଧ କରିଥିଲେ। ଫଳରେ ଉକ୍ତ ସଂସ୍ଥାରେ କାର୍ଯ୍ୟରତ ପ୍ରଶିକ୍ଷକମାନେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନ ଦେବା ଆରମ୍ଭ କରିଥିଲେ। ଏହି କଥା କାହା ଆଗରେ ପ୍ରକାଶ କଲେ ଜୀବନରୁ ମାରିଦେବାର ଧମକ ମଧ୍ୟ ଦିଆଯାଉଥିଲା। ଏପରିସ୍ଥଳେ ଗତ ବୁଧବାର ତାଙ୍କ ଜେଜେ ବାପାଙ୍କ ମୃତ୍ୟୁ ଘଟିବାରୁ ଯୁବତୀ ଘରକୁ ଯିବାକୁ ଚାହିଁଥିଲେ। ହେଲେ ତାଙ୍କୁ ଯିବାକୁଦିଆ ନ ଯାଇ ଏକ କୋଠରିରେ ବନ୍ଦୀ କରି ରଖାଯାଇଥିଲା। କୌଣସି ପ୍ରକାରେ ଯୁବତୀ ଜଣକ ତାଙ୍କ ସମ୍ପର୍କୀୟ ଭାଇଙ୍କୁ ଏ ବିଷୟରେ ଜଣାଇଥିଲେ। ବୁଧବାର ଅପରାହ୍ନରେ ତାଙ୍କ ବାପା ଓ ଭାଇ ବାଲୁଗାଁରେ ପହଞ୍ଚି ପୋଲିସ ସହାୟତାରେ ଯୁବତୀଙ୍କୁ ଉଦ୍ଧାର କରିଥିଲେ। ଯୁବତୀଙ୍କ ବାପାଙ୍କ ଅଭିଯୋଗ ଆଧାରରେ ତଦନ୍ତ ପରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବାଲୁଗାଁ ଥାନା ଆଇଆଇସି ଶରତ ଚନ୍ଦ୍ର ପାତ୍ର ଜଣାଇଛନ୍ତି ।

ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଲା ପୋଲିସ

ପକେଟ୍‌ରୁ ମିଳିଲା ଆଧାର କାର୍ଡ

ଜଟଣୀ,୩।୧(ଡି.ଏନ.ଏ):

ରଥିପୁର ଲେଭଲକ୍ରସିଂ ନିକଟ ରେଳଧାରଣା ପାର୍ଶ୍ୱ ଏକ ଆମ୍ବଗଛରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରି ଗୁରୁବାର ବ୍ୟବଚ୍ଛେଦ ପାଇଁ ପଠାଇଛି । ପ୍ରକାଶ ଯେ, ବୁଧବାର ଅପରାହ୍ନରେ ଖୋର୍ଦ୍ଧାରୋଡ ରେଳଷ୍ଟେଶନଠାରୁ ପ୍ରାୟ ୫ କିଲୋମିଟର ଦୂର ଉକ୍ତ ଲେଭଲକ୍ରସିଂ ନିକଟ ରେଳଧାରଣା ନିକଟସ୍ଥ ଆମ୍ବଗଛରେ ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଥିବା ଜଣାପଡ଼ିଥିଲା। ପଥଚାରୀ ଓ ଡ୍ୟୁଟିରେ ଥିବା ଆର୍‌ପିଏଫ୍ ଯବାନଙ୍କଠାରୁ ଖବରପାଇ ସନ୍ଧ୍ୟାରେ ଖୋର୍ଦ୍ଧାରୋଡ ରେଲୱେ ପୋଲିସ(ଜିଆର୍‌ପି) ଘଟଣାସ୍ଥଳକୁ ଯାଇଥିଲେ । ତେବେ ମୃତଦେହ ଝୁଲୁଥିବା ସ୍ଥାନଟି ତାଙ୍କ ଥାନା ଅଧୀନରେ ଆସୁ ନ ଥିବାରୁ ଜଟଣୀ ପୋଲିସକୁ ଖବର ଦେଇଥିଲେ । ଜଟଣୀ ପୋଲିସ ଗୁରୁବାର ସକାଳେ ପହଞ୍ଚି ମୃତକଙ୍କ ପକେଟରୁ ଆଧାର କାର୍ଡ ଓ ଭୋଟର ପରିଚୟପତ୍ର ପାଇଥିଲେ। ସେଥିରେ ସୌମ୍ୟରଞ୍ଜନ ବେହେରା ଓ ନୟାଗଡ଼ ଜିଲାର ଚାନ୍ଦପୁର ଥାନା ଅନ୍ତର୍ଗତ ଜାରପଡ଼ା ଗ୍ରାମ ଠିକଣା ଉଲ୍ଲେଖ ରହିଥିଲା । ସମ୍ପୃକ୍ତ ଅଞ୍ଚଳର ଥାନା ମାଧ୍ୟମରେ ଉପରୋକ୍ତ ଠିକଣାରେ ଜଟଣୀ ପୋଲିସ ପକ୍ଷରୁ ଖବର ଦିଆଯିବା ସତ୍ତ୍ୱେ ୪ଟା ସୁଦ୍ଧା କେହି ପହଞ୍ଚି ନ ଥିଲେ। ଗ୍ରାମରକ୍ଷୀ ଆୟୁବ୍ ଖାନ୍‌ଙ୍କ ରିପୋର୍ଟ ଉପରେ ମୃତଦେହ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିବା ଏହାର ତଦନ୍ତ ଅଧିକାରୀ ବିନାୟକ ବିଧାର କହିଛନ୍ତି । ଏନେଇ ୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

କଣ୍ଟାବଜାରରେ ନଳକୂପ ଖନନ ଦାବି

ଖୋର୍ଦ୍ଧା ଅଫିସ,୩।୧:

ଖୋର୍ଦ୍ଧା ସହର କଣ୍ଟାବଜାରରେ ପାନୀୟ ଜଳ ସମସ୍ୟା ଦେଖା ଦେଇଛି। ଏଠାରେ ପେଟ୍ରୋଲ ପମ୍ପ ନିକଟରେ ଥିବା ନଳକୂପଟି ପରିତ୍ୟକ୍ତ ହୋଇ ବହୁ ବର୍ଷ ହେବ ପଡି ରହିଛି। ବିଭିନ୍ନ ସମୟରେ ମରାମତିର ଦାବି ହୋଇଥିଲେ ମଧ୍ୟ ଅଣଦେଖା କରାଯାଇଛି। ଏଠାରେ ଏକ ନଳକୂପ ଖନନ ପାଇଁ ବହୁ ଦିନରୁ ଦାବି ହୋଇଆସୁଛି। ଏନେଇ ସ୍ଥାନୀୟ ବାସିନ୍ଦା ଏକ ନଳକୂପ ଖନନ ପାଇଁ ଜିଲାପାଳଙ୍କୁ ଅବଗତ କରାଇଛନ୍ତି ।

ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍ୟାନ ଲୋକାର୍ପଣ ଉତ୍ସବ

ଲୋକାର୍ପଣ ଉତ୍ସବରେ ଏମ୍‌ପି ପ୍ରସନ୍ନ ପାଟଶାଣୀ ଓ ଅତିଥିମାନେ ।

ଖୋର୍ଦ୍ଧା ଅଫିସ,୩।୧:

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୨ତମ ଜୟନ୍ତୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟି ଟ୍ରଷ୍ଟ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ 'ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍ୟାନ'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ, ପୂର୍ବତନ ବିଧାୟକ ଜିତୁ ମିତ୍ର ଓ ଦିଲିପ ହରିଚନ୍ଦନ, ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତ

କର୍ମଫଳକୁ କେହି ଏଡ଼ାଇ ପାରନ୍ତି ନାହିଁ। ତେବେ ଯଦି ସାଧନ ଭଜନ ଥାଏ, ଯେଉଁଠି ଖଣ୍ଡାରେ ଆଘାତ ହେବା କଥା, ସେଠାରେ ହୁଏତ କଣ୍ଟାଟିଏ ଫୁଟିଯାଇପାରେ।
- ମା' ସାରଦା ଦେବୀ

ସଂକ୍ଷେପରେ

ଭଉଣୀଙ୍କୁ ହତ୍ୟା ଅଭିଯୋଗ

ବଳଙ୍ଗା,୩।୧(ଡି.ଏନ୍.ଏ.): ବଳଙ୍ଗା ଥାନା ହରିପୁର ଗ୍ରାମର ଭାଇ ମାଡରେ ଭଉଣୀର ମୃତ୍ୟୁ ହୋଇଥିବା ଗୁରୁବାର ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଗ୍ରାମର ବିଧବା ମହିଳା ରମା ବେହେରା ବୁଧବାର ଘରେ ନ ଥିବାବେଳେ ଭାଇ ନିଜ ଭଉଣୀ କୁନିଙ୍କୁ କୌଣସି କାରଣକୁ ନେଇ ମାଡ଼ ମାରିଥିଲେ। ସେ ଚେତାଶୂନ୍ୟ ହୋଇଯିବାରୁ ଏହାଦେଖି ଭାଇ କେଉଁଆଡେ ଚାଲିଯାଇଥିଲା। ମାଆ ଝିଅକୁ ଚିକିତ୍ସା ନିମନ୍ତେ ନେବାବେଳେ ବାଟରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମାଆ ମୃତଦେହକୁ ଗ୍ରାମକୁ ନ ଆଣି ପିପିଲି ଥାନା ଅଧୀନ ନୂଆଶାସନସ୍ଥିତ ନିଜ ଭାଇଘରକୁ ନେଇଯାଇଥିଲେ । ସେଠାରେ ଭାଇ ତ୍ରିନାଥ ବେହେରା ମୃତଦେହକୁ ଗ୍ରାମ ଶ୍ମଶାନରେ ଦାହ କରିଦେଇଥିଲେ। ଏ ନେଇ ମାଆ ଥାନାରେ ଅଭିଯୋଗ କରିବା ପରେ ଥାନାଧିକାରୀ ସୁଶାନ୍ତ କୁମାର ସାହୁ ପୁରୀ ସାଇଣ୍ଟିଫିକ୍ ଟିମସହ ଶ୍ମଶାନରେ ପହଞ୍ଚି ମୃତ କୁନିଙ୍କ ପାଉଁଶ ଓ ହାଡ ସଂଗ୍ରହ କରି ତଦନ୍ତ ଜାରି ରଖିବା ସହ ତାଙ୍କ ଭାଇଙ୍କୁ ଅଟକ ରଖିଛି ।

ମୁଖ୍ୟ ଡାକଘରେ ପାସପୋର୍ଟ ଅଫିସ ଖୋଲିବା ଦାବି

ପୁରୀ ଅଫିସ,୩।୧: ପୁରୀ ମୁଖ୍ୟ ଡାକଘର କାର୍ଯ୍ୟାଳୟରେ ପାସପୋର୍ଟ ଅଫିସ ଖୋଲିବା ଦାବିରେ ଶ୍ରୀଜଗନ୍ନାଥ ସେନା ଗୁରୁବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଭାଗୀୟ ମୁଖ୍ୟଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ଦାବି ପତ୍ରରେ ଦର୍ଶାଯାଇଛି ଯେ, ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳ। ଏଠାକୁ ସବୁ ସମୟରେ ବିଦେଶୀ ପର୍ଯ୍ୟଟକ ଆସୁଛନ୍ତି। ଏଠାରେ ପାସପୋର୍ଟ ଅଫିସ ନ ଥିବାରୁ ସ୍ଥାନୀୟ ଲୋକେ ମଧ୍ୟ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ପାସପୋର୍ଟ ଲାଗି ଭୁବନେଶ୍ୱର କାର୍ଯ୍ୟାଳୟ ଉପରେ ନିର୍ଭର କରୁଛନ୍ତି। ଏଥିଲାଗି ଦଲାଲଙ୍କ ହାବୁଡରେ ପଡି ଖର୍ଚ୍ଚାନ୍ତ ମଧ୍ୟ ହେଉଛନ୍ତି। ଡାକଘରେ ପାସପାର୍ଟ ଅଫିସ ବ୍ୟବସ୍ଥା କରାଗଲେ, ସ୍ଥାନୀୟ ଲୋକେ ଉପକୃତ ହେବେ ବୋଲି ଏଥିରେ ଉଲ୍ଲେଖ ରହିଛି। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ନେତୃତ୍ୱରେ ଆଇନଜୀବୀ ରାଜେଶ ମହାନ୍ତି ଓ ଏକାଧିକ କର୍ମୀ ଉପସ୍ଥିତ ଥିଲେ।

ଜାତୀୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ୧୫ ପଦକ ଜିତିଲେ ପିପିଲି ପ୍ରତିଯୋଗୀ

ପିପିଲି,୩।୧(ଡି.ଏନ୍.ଏ.):୩୩ତମ ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ପିପିଲି ଟାଏକୋଣ୍ଡୋ ଏକାଡେମୀର ପ୍ରତିଯୋଗୀମାନେ ମୋଟ ୧୫ଟି ପଦକ ହାସଲ କରିଛନ୍ତି। ସେଥିରୁ ୬ଟି ସ୍ୱର୍ଣ୍ଣ, ୫ଟି ବ୍ରୋଞ୍ଜ ଓ ୪ଟି ସିଲଭର ଥିବା ଜଣାପଡିଛି। ଏହି ପ୍ରତିଯୋଗିତା ବିଜୟୱାଡାର ଇନଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଥଲା। ଏଥିରେ ବିଭିନ୍ନ ରାଜ୍ୟରୁ ପ୍ରତିଯୋଗୀ ଭାଗ ନେଇଥିବାବେଳେ ପିପିଲି ଏକାଡେମୀର ୧୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏକାଡେମୀର ମ୍ୟାନେଜର ଚୌଧୁରୀ ଜ୍ୟୋତ୍ସ୍ନାରାଣୀ ସାହୁ, ପ୍ରଶିକ୍ଷକ ନୃସିଂହ ସିଂଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀମାନେ ବିଜୟୱାଡା ଯାଇଥିଲେ।

ସ୍କୁଟି ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ

ସାକ୍ଷୀଗୋପାଳ, ୩।୧ (ଡି.ଏନ୍.ଏ./ସ୍ୱ.ପ୍ର.): ଭୁବନେଶ୍ୱର-ପୁରୀ ୩୧୬ନଂ. ଜାତୀୟ ରାଜପଥର ସତ୍ୟବାଦୀ ବ୍ଲକ ଛକରେ ଏକ ସ୍କୁଟି ଧକ୍କାରେ ଜଣେ ପଥଚାରୀଙ୍କର ଗୁରୁବାର ସନ୍ଧ୍ୟାରେ ମୃତ୍ୟୁ ହୋଇଛି। ମୃତକ ହେଲେ ସପନା ଭୋଇ (୫୫)। ତାଙ୍କ ଘର ସତ୍ୟବାଦୀ ଥାନା ଦୁଗଲ ପଞ୍ଚାୟତର ଅଠେଇଶ ଗ୍ରାମରେ। ଦୁର୍ଘଟଣା ଘଟାଇଥିବା ସ୍କୁଟି ଚାଳକ ଗୁରୁତର ଅବସ୍ଥାରେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ସତ୍ୟବାଦୀ ଥନାରେ ୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ମୃତଦେହ ଏବଂ ସ୍କୁଟି ଜବତ କରିଛି।

ବନ୍ଧୁବାବାଙ୍କ ଶ୍ରାଦ୍ଧୋତ୍ସବ

ଗୋପ, ୩।୧(ଡି.ଏନ୍.ଏ.)- ଗୋପ ବ୍ଲକ ଅଧୀନ ବେଗୁନିଆ ନିକଟସ୍ଥ ଭକ୍ତକବି ବଳରାମ ଦାସଙ୍କ ସମାଧି ପୀଠରେ ମଠାଧୀଶ ବେଣୁଧର ଦାସଙ୍କ ତତ୍ତ୍ୱାବଧାନରେ ଗୁରୁବାର ସେଠାରେ ଥିବା ବନ୍ଧୁବାବାଙ୍କ ୩୮ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଭିନ୍ନ ଅଞ୍ଚଳର ସାଧୁସନ୍ତମାନେ ଯୋଗଦେଇଥିଲେ। ମଠରେ ସଂକୀର୍ତ୍ତନ, ଭଜନ ଆୟୋଜନ କରାଯାଇଥିଲା। ବଳରାମ ଦାସଙ୍କ ସମାଧି ପୀଠରେ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ସଂକୀର୍ତ୍ତନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

■ ଖୋଲୁନି ଧାନମଣ୍ଡି

ପ୍ରତିବାଦରେ ସମବାୟ ସମିତି ଆଗରେ ଚାଷୀଙ୍କ ଧାରଣା

ଗୋପ, ୩।୧(ଡି.ଏନ୍.ଏ.)

ବୀରତୁଙ୍ଗ ସେବା ସମବାୟ ସମିତି ସମ୍ମୁଖରେ ଗୁରୁବାର ଧାନ ମଣ୍ଡି ନ ଖୋଲିବା ଦାବିରେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଧାନ ରଖି ଧାରଣା ଦେଇଥିଲେ। ଏହି ଧାନ ମଣ୍ଡିରେ ଚାଷୀ ମାନେ ଧାନ ବିକ୍ରୟ ଲାଗି ନାମ ପଞ୍ଜୀକରଣ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେମାନଙ୍କୁ ଟୋକନ ମିଳୁନାହିଁ। ଖୁବ୍ ଶୀଘ୍ର ଏହି ମଣ୍ଡି ଖୋଲି ଚାଷୀମାନଙ୍କଠାରୁ ଧାନ ନେବା ଲାଗି ଧାରଣାରତ ଚାଷୀମାନେ ଦାବି କରିଛନ୍ତି।

ପ୍ରକାଶ ଯେ, ସରକାର ଚାଷୀମାନଙ୍କ ଲାଗି ବିଭିନ୍ନ ଯୋଜନା କରିବା ସହିତ କିଭଳି ଧାନ ଅମଳ ପରେ ଧାନ ବିକ୍ରୟ କରିବେ ସେଥିଲାଗି ଗୋପ ବ୍ଲକର କେତେକ ସ୍ଥାନରେ ମଣ୍ଡି ଖୋଲିଛନ୍ତି। ହେଲେ ବ୍ଲକର ବୀରତୁଙ୍ଗଠାରେ ଥିବା ବୀରତୁଙ୍ଗ ସେବା ସମବାୟ ସମିତି ଧାନ ମଣ୍ଡି ଏ ପର୍ଯ୍ୟନ୍ତ ଖୋଲି ନାହିଁ। ୧୫ଦିନ ଧରି ଚାଷୀମାନେ ଧାନ ଥଣ୍ଡା କାକରରେ ରଖିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେମାନଙ୍କ ଠାରୁ ଧାନ ନିଆଯାଇ ନାହିଁ। ଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିବା ଚାଷୀ କୁନାଲ ରାମକୃଷ୍ଣ ମହାନ୍ତି, ମାଧବାନନ୍ଦ ନାୟକ, ରମେଶ ଚନ୍ଦ୍ର ରାଉତ, ଧରଣୀଧର ବେହେରା ପ୍ରମୁଖ କହିଛନ୍ତି। ଯଦି ଶିଘ୍ର ଧାନମଣ୍ଡି ଖୋଲା ନ ଯାଇ ଆମଠାରୁ ଧାନ ନିଆ ନ ଯାଏ ଏକ ସପ୍ତାହ ମଧ୍ୟରେ ଗୋପ-କୋଣାର୍କ ମୁଖ୍ୟରାସ୍ତାର ବେଗୁନିଆଠାରେ ରାସ୍ତା ଅବରୋଧ କରିବୁ ବୋଲି ଧାରଣାରତ ଚାଷୀମାନେ କହିଛନ୍ତି। ଏ ନେଇ ଗୋପ ବ୍ଲକ ସେବା ସମବାୟ ଅଧିକାରୀ ଦୁର୍ଯ୍ୟୋଧନ ସାହୁଙ୍କୁ ପଚାରିବାରେ ଖୁବ୍ ଶୀଘ୍ର ମଣ୍ଡି ଖୋଲିବା ସହ ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହ କରାଯିବ ବୋଲି କହିଥିଲେ।

ବୀରତୁଙ୍ଗ ସେବା ସମବାୟ ସମିତି ସମ୍ମୁଖରେ ଚାଷୀମାନେ ଧାରଣା ଦେଇଛନ୍ତି ।

ଶୀତ କାକରରେ ଧାନ ଜଗିଛନ୍ତି ଚାଷୀ ।

ମିଲରଙ୍କ ମନମାନି: ଶୀତ କାକରରେ ଚାଷୀ

କଣାସ, ୩।୧(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ ବେରବୋଇ ଜାଡମଲ ସମବାୟ ସମିତି ପକ୍ଷରୁ ମେଳଣ ପଡିଆ ଧାନ ଖଳାରେ ଖୋଲା ଯାଇଥିବା ଧାନମଣ୍ଡିରେ ସୋମବାର ରାତିରୁ ୩୭ ଜଣ ଚାଷୀଙ୍କର ୨ହଜାର ବସ୍ତା ଧାନ ଜମା ହୋଇରହିଛି । ମଙ୍ଗଳବାର ଓ ଶନିବାର ଏଠାରେ ମଣ୍ଡି ଦିନ ଧାର୍ଯ୍ୟ ହୋଇଥିବାରୁ ଚାଷୀମାନେ ସୋମବାର ରାତିରୁ ଧାନ ଆଣି ମଣ୍ଡିରେ ଜମା କରିଥିଲେ। ମାତ୍ର ଦାୟିତ୍ୱରେ ଥିବା ମିଲର ବୁଧବାର ରାତ୍ର ୯ ଘଟିକାରେ ୧୦୦ବସ୍ତା ନେଇ ଆଉ ଆସି ନ ଥିଲେ। ବୁଧବାର ସକାଳ ଅଉ ୩୦୦ ବସ୍ତା ଧାନ ଉଠାଇ ନେଇଥିଲେ । ଅବଶିଷ୍ଟ ୧୬ଶହ ବସ୍ତା ଧାନ ଖଳାରେ ପଡି ରହିଛି। ଧାନକୁ ମଣ୍ଡିରେ ଶୀତ କାକର ରାତିରେ ଜଗି ରହିବାକୁ ବାଧ୍ୟ ହୋଇଥିବା ଚାଷୀ ଅରୁଣ କୁମାର ସ୍ୱାଇଁ, ତୁଷାର ଆଲୁକ, ନଚିକେତା ବିଶ୍ୱାଳ, ବଂଶୀଧର ବିଶ୍ୱାଳ ପ୍ରମୁଖ ଚାଷୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେହିପରି ମୁନିନ୍ଦାଠାରେ ଥିବା ବାଲୁଙ୍କେଶ୍ୱର ସମବାୟ ସମିତି ମଣ୍ଡିରେ ମଧ୍ୟ ୧ହଜାର ବସ୍ତାରୁ ଊର୍ଦ୍ଧ୍ୱ ଧାନ ଜମା ହୋଇରହିଛି। ମିଲର ନିୟମିତ ଭାବେ ଧାନ ଓଜନ କରି ପରିବହନ କରୁ ନ ଥିବାରୁ ଚାଷୀମାନେ ହୀନସ୍ତା ହେଉଛନ୍ତି। ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ନିୟୋଜିତ ମିଲରଙ୍କ କାର୍ଯ୍ୟଧାରାକୁ ପ୍ରତିଦିନ ଉଚ୍ଚ କର୍ତ୍ତୃପକ୍ଷ ସମୀକ୍ଷା କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

ସୁପ୍ରଜିତ ଖୁଣ୍ଟିଆ ହେଲେ ପୁରୀ ଶ୍ରୀ

ପୁରୀ ଅଫିସ, ୩।୧:

ସ୍ଥାନୀୟ ପୌର ସଦନଠାରେ ଗୁରୁବାର ପୁରୀ ଶ୍ରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୯୦କିଗ୍ରା ବର୍ଗରେ ଭାଗ ନେଇଥିବା ସୁପ୍ରଜିତ ଖୁଣ୍ଟିଆ ପୁରୀ ଶ୍ରୀ ବିବେଚିତ ହୋଇଥିଲେ। ଆନ୍ତର୍ଜାତିକ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର ନିୟମ ଅନୁସାରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ପୁରୀ ଜିଲାର ୬୦ ଜଣ ପ୍ରତିଯୋଗୀ ବିଭିନ୍ନ ଓଜନ ବର୍ଗରେ ଭାଗ ନେଇଥିଲେ। ଜାତୀୟସ୍ତରର ମାନ୍ୟତାପ୍ରାପ୍ତ ବିଚାରକମାନେ ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନା କରିଥିଲେ। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ରାଜ୍ୟ ସଂଘ ସଭାପତି ସୁମିତ୍ରା ତ୍ରିପାଠୀ, ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଭାପତି ସତ୍ୟନାରାୟଣ ମହାନ୍ତି, ସମ୍ପାଦକ ନାରାୟଣ ଚନ୍ଦ୍ର ବେହେରା, ଜାତୀୟ ବିଚାରକ ଡ. ଭାରତୀକୃଷ୍ଣ ବ୍ରହ୍ମା, ଅଜୟ ମହାପାତ୍ର ଯୋଗଦେଇଥିଲେ। ପ୍ରଫେସର ଡ.ଜ୍ୟୋତିପ୍ରକାଶ ମିଶ୍ର, ମହାବୀର ପ୍ରତିହାରୀ, ହରିହର ସିଂ, ଶ୍ୟାମସୁନ୍ଦର ମହାପାତ୍ର ପ୍ରତିଯୋଗିତା ପରିଚାଳନା କରିଥିଲେ।



ପୁରୀଶ୍ରୀ ସୁପ୍ରଜିତ ଖୁଣ୍ଟିଆ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି, ମଞ୍ଚରେ ଉପସ୍ଥିତ ଅନ୍ୟ ପ୍ରତିଯୋଗୀମାନେ ।

ସରକାରୀ ଡାଏରୀରେ ତ୍ରୁଟି ଉତ୍କଳମଣିଙ୍କ କାଳଜୟୀ ସାହିତ୍ୟକୁ ଅପମାନ

ପୁରୀ ଅଫିସ,୩।୧

ଚଳିତ ବର୍ଷ ନୂତନ ସରକାରୀ ଡାଏରୀରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଅପମାନିତ କରାଯାଇଛି। ଉତ୍କଳମଣିଙ୍କ 'ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ, କର୍ମେ ଜିଏ ନର କର୍ମ ଏକା ତା'ର ଜୀବନର ମାନଦଣ୍ଡ' ପ୍ରକାଶ ପାଇଥିବା ବେଳେ ଏହା କବିବର ରାଧାନାଥ ରାୟଙ୍କର ବୋଲି ଉଲ୍ଲେଖ କରାଯାଇଛି। ଓଡ଼ିଆ ଜାତିର ତ୍ରାଣକର୍ତ୍ତା, ସତ୍ୟବାଦୀର ସଙ୍କ, ମହାନ୍ ତ୍ୟାଗୀ ପୁରୁଷ ଉତ୍କଳମଣି ଗୋପବନ୍ଧୁଙ୍କ ରଚିତ ମାନବବାଦୀ ସାହିତ୍ୟ ଓ ଜାତିର ସ୍ପନ୍ଦନକୁ ବୁଝି ନ ପାରିବା ଦୁର୍ଭାଗ୍ୟଜନକ ବୋଲି ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ଓ ସଭାପତି ଲକ୍ଷ୍ମୀଧର ତ୍ରିପାଠୀ କ୍ଷୋଭ ପ୍ରକାଶ କରିଛନ୍ତି। ଏହାଦ୍ୱାରା ସରକାରୀ ପଦାଧିକାରୀମାନଙ୍କର ଗୋପବନ୍ଧୁଙ୍କ କାଳଜୟୀ ସାହିତ୍ୟ ସୃଷ୍ଟି ଓ ବରପୁତ୍ରଙ୍କ ପ୍ରତି ଏହା ଅସମ୍ମାନ ପ୍ରଦର୍ଶନର ନିଚ୍ଛକ ଚିତ୍ର। ସାମାନ୍ୟ ଭୁଲ୍ ପାଇଁ ଯେଉଁ ପଦାଧିକାରୀମାନେ ସାଧାରଣ ଜନତାଙ୍କୁ ଦଣ୍ଡବିଧାନ କରିଥାନ୍ତି ଏପରି ଅକ୍ଷମଣୀୟ ଅପରାଧ ଲାଗି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯାଉ । ଏଥିସହ ସରକାରୀ ଡାଏରୀ ନୂତନ ଭାବେ ଛପାଯିବା ନିମନ୍ତେ ସମସ୍ତ ଖର୍ଚ୍ଚ ସେମାନଙ୍କଠାରୁ ଅସୁଲ କରାଯାଉ ବୋଲି ଦାବି ହୋଇଛି।

■ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ରଜତ ଉତ୍ସବ ଉଦ୍‌ଘାଟିତ

ଓଡ଼ିଆ ଭାଗବତ ଓଡ଼ିଶାର ପରିଚୟ

ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଓ ଅନ୍ୟମାନେ ।

ପୁରୀ ଅଫିସ,୩।୧:

ଓଡ଼ିଆ ଭାଗବତ ହେଉଛି ଓଡ଼ିଶାର ପରିଚୟ। ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଦ୍ୱାରା ରଚିତ ଭାଗବତ ଓଡ଼ିଶାର ପୁରପଲ୍ଲୀର ଆଜି ବି ଉଜ୍ଜୀବିତ ହୋଇ ରହିଛି ବୋଲି ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ଆନୁକୂଲ୍ୟରେ ଶରଧାବାଲି ଠାରେ ଗୁରୁବାର ଆୟୋଜିତ ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ରଜତ ଉତ୍ସବର ଉଦ୍‌ଘାଟନୀ ଦିବସରେ ପ୍ରଫେସର ସଂଘମିତ୍ରା ମିଶ୍ର ଏହା କହିଛନ୍ତି। କମିଟି ସଭାପତି ଭାଷାବିତ୍ କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ମିଶ୍ର କହିଲେ, ପୁସ୍ତକ ହେଉଛି ଜ୍ଞାନର ଭଣ୍ଡାର। ଏହା ଆଗକୁ ବଢ଼ିବାରେ ବାଟ କଢ଼ାଇଥାଏ। ପୁସ୍ତକକୁ ଘରେ ସାଇତି ରଖିବା ପରିବର୍ତ୍ତେ ଏହାର ଲାଭ ଉଠାନ୍ତୁ। ଉତ୍ସବକୁ ଉଦ୍‌ଘାଟନ କରି ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଲେ, ଲେଖକ ଏବଂ ପ୍ରକାଶକମାନେ ପାଠକୀୟଙ୍କ ରୁଚି ପ୍ରତି ଗୁରୁତ୍ୱ ଦିଅନ୍ତୁ। କମିଟି ସମ୍ପାଦକ ଚକ୍ରଧର ମହାପାତ୍ର ବିବରଣୀ ପାଠ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନାମ ଚନ୍ଦ୍ର ସାହୁ, ରାଜକିଶୋର ମିଶ୍ର, ଜଟାଧାରୀ ମିଶ୍ର, ପ୍ରସନ୍ନ କୁମାର ମିଶ୍ର, ଡ. ରାଜେନ୍ଦ୍ର ନାରାୟଣ ଦାସ, କୁମାର ହାଲ୍‌ଦାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କମିଟିର ମୁଖପତ୍ର ଉନ୍ମୋଚନ କରାଯାଇଥିଲା। ଏଥିସହିତ ଚଳିତ ବର୍ଷ ସାରସ୍ୱତ ସମ୍ମାନରେ ଡ. ସଂଘମିତ୍ରା ମିଶ୍ର, ମୋହନ ଦାସ, ରତିକାନ୍ତ ଦାସ ଓ ଡ. ରାଜେନ୍ଦ୍ର ନାରାୟଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଲେଖକଙ୍କ ୧୨ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା।

■ ଜାତୀୟ ରାଜପଥ କଡ଼ରେ ଏଏସ୍‌ଆଇର ପ୍ରାଚୀର ନିର୍ମାଣକୁ ବିରୋଧ

କାର୍ଯ୍ୟ ବନ୍ଦ କଲେ ଏନ୍‌ଏସି କର୍ତ୍ତୃପକ୍ଷ

କୋଣାର୍କ, ୩।୧(ଡି.ଏନ୍.ଏ.)

କୋଣାର୍କ ଯାତ୍ରୀନିବାସ ସମ୍ମୁଖରେ ଥିବା ଏଏସ୍‌ଆଇ ଉଦ୍ୟାନର ଚତୁଃପାର୍ଶ୍ୱରେ ଏଏସ୍‌ଆଇ ଠିକାଦାରଙ୍କ ଦ୍ୱାରା ମନମୁଖି ପ୍ରାଚୀର ନିର୍ମାଣ କାର୍ଯ୍ୟକୁ ଗୁରୁବାର ପୂର୍ବାହ୍ନ ୧୦ଘଟିକା ସମୟରେ କୋଣାର୍କ ଏନ୍‌ଏସି କର୍ତ୍ତୃପକ୍ଷ ଓ କୋଣାର୍କ ରାଜସ୍ୱ ନିରୀକ୍ଷକ ବନ୍ଦ କରିଥିବା ଜଣାପଡିଛି। ଏଏସ୍‌ଆଇର ଉଦ୍ୟାନ ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ କରିବା ପାଇ କାର୍ଯ୍ୟାଦେଶ ପାଇଥିବା ଠିକାଦାର ସରକାରୀ ନିୟମର ଖୋଲା ଉଲ୍ଲଂଘନ କରି ଜାତୀୟ ରାଜପଥ କଡରେ ଡୋଜର ସାହାଯ୍ୟରେ ନିଅଁ ଖୋଳୁଥିଲେ। ରାଜପଥ କଡରେ ଏହି ବେଆଇନ କାର୍ଯ୍ୟ କରାଯାଉଥିବାରୁ କୋଣାର୍କ ଭ୍ରମଣରେ ଆସୁଥିବା ପର୍ଯ୍ୟଟକଙ୍କ ବସ୍ ଓ ଗାଡିଗୁଡିକ ଚଳାଚଳରେ ବାଧା ଉପୁଜିବା ସହ ଟ୍ରାଫିକ୍ ସମସ୍ୟା ଆଶଙ୍କା କରି କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ ଓ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଏପରି କାର୍ଯ୍ୟକୁ ବିରୋଧ କରିଥିଲେ। ପରେ ପରେ ଏହି ଘଟଣାକୁ ନେଇ ସେମାନେ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଓ କୋଣାର୍କ ରାଜସ୍ୱ ନିରୀକ୍ଷକଙ୍କୁ ଅବଗତ କରାଇଥିଲେ। କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସ ଓ ରାଜସ୍ୱ ନିରୀକ୍ଷକ ବାରିସ ହେମ୍ରମ ଘଟଣା ସ୍ଥଳରେ ପହଞ୍ଚି ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ କୋଣାର୍କ ଏଏସ୍‌ଆଇ ଅଧିକାରୀ ଚିତ୍ତରଞ୍ଜନ ଦାଶଙ୍କୁ ପଚାରିବାରେ ଘଟଣା ସମ୍ବନ୍ଧରେ ମୁଁ ଅବଗତ ଅଛି । ଏହାର ଅନୁଧ୍ୟାନ କରି ସର୍ବସାଧାରଣଙ୍କ ହିତ ଦୃଷ୍ଟିରୁ ସରକାରୀ ନିୟମ ଅନୁଯାୟୀ ଏହି କାର୍ଯ୍ୟ ସମାପନ କରାଯିବ ବୋଲି କହିଥିଲେ।

ଏନ୍‌ଏସି ଅଧିକାରୀମାନେ ଏଏସ୍‌ଆଇ କଣ୍ଟ୍ରାକ୍ଟରଙ୍କ ବେଆଇନ କାର୍ଯ୍ୟକୁ ବନ୍ଦ କରୁଛନ୍ତି ।

କଂଗ୍ରେସର କର୍ମୀ ସମାବେଶ

ସାକ୍ଷୀଗୋପାଳ, ୩।୧(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ମୂଳଅଳସା ପଞ୍ଚାୟତରେ ଗୁରୁବାର କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ସାଧାରଣ ନିର୍ବାଚନକୁ ଲକ୍ଷ୍ୟ ରଖି ସାଙ୍ଗଠନିକ ବୈଠକରେ ଉପସ୍ଥିତ କର୍ମୀମାନେ ଏକଜୁଟ ହୋଇ ଅଗ୍ରସର ହ